# ଧରିତ୍ରୀ
DHARITRI



ସମ୍ବଲପୁର, ବୁଧବାର, ଅକ୍ଟୋବର ୨/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, October 2 / 2019 ★★

୧୫ଶ ଭାଗ ୨୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ରିଲିଜ୍ ହେଲା 'ଦବଙ୍ଗ-୩'ର ପ୍ରମୋ**

ସଲମାନ୍ ଖାନ୍‌ଙ୍କ ମୋଷ୍ଟ ଆୱେଟେଡ୍ ଫିଲ୍ମ 'ଦବଙ୍ଗ-୩'ର ପ୍ରମୋ ରିଲିଜ୍ ହୋଇଛି। ନିଜେ ଚୁଲବୁଲ୍ ପାଣ୍ଡେ ଫିଲ୍ମର ପ୍ରମୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

୧୬

୧୯

**ଅମିତଙ୍କ ଗୋଲରେ ଭାରତ ବିଜୟୀ**

ଆଣ୍ଟ୍ୱର୍ପଠାରେ ଅନୁଷ୍ଠିତ ହକି ମ୍ୟାଚରେ ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ ଗୋଲ ଦେଇ ବେଲଜିୟମ ବିପକ୍ଷରେ ଭାରତକୁ ବିଜୟୀ କରାଇଛନ୍ତି।



# ଆଜିଠୁ 'ମୋ ସରକାର'

## ପ୍ରତିଦିନ ୧୦ ଲୋକଙ୍କ ମତାମତ ନେବେ ମୁଖ୍ୟମନ୍ତ୍ରୀ

**ପ୍ରଥମେ ଥାନା, ହସ୍ପିଟାଲ**
- ଶହୀଦନଗର ଥାନା, କ୍ୟାପିଟାଲ ହସ୍ପିଟାଲରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ
- ଭଲ ସେବା ଦେଲେ ଅଧିକାରୀଙ୍କୁ ମିଳିବ ପୁରସ୍କାର, ଖରାପ ସେବା ପାଇଁ ତିରସ୍କାର

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଏକ ମାସର ପ୍ରସ୍ତୁତି ପରେ ବୁଧବାରଠାରୁ ରାଜ୍ୟରେ ଆରମ୍ଭ ହେବ 'ମୋ ସରକାର' କାର୍ଯ୍ୟକ୍ରମ। ସରକାରୀ ସେବାକୁ ନେଇ ଜନତା ଦେବେ ମତ। ଭଲ ସେବା ଦେଲେ ଅଧିକାରୀ ଓ କର୍ମଚାରୀଙ୍କୁ ମିଳିବ ପୁରସ୍କାର, ଖରାପ ସେବା ପାଇଁ ହେବେ ତିରସ୍କାର। ପ୍ରାଥମିକ ପର୍ଯ୍ୟାୟରେ ଥାନା ଓ ହସ୍ପିଟାଲକୁ ଏଥିରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରର ଶହୀଦନଗର ଥାନା ଓ କ୍ୟାପିଟାଲ ହସ୍ପିଟାଲରୁ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେଠାରେ ମୁଖ୍ୟମନ୍ତ୍ରୀ ଅଭିଯୋଗକାରୀଙ୍କ ସହ ସିଧା ଫୋନ୍‌ରେ କଥାହେବେ। ଥାନାକୁ ଗଲେ କିଭଳି ବ୍ୟବହାର କରାଯାଉଛି, ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଲୋକଙ୍କୁ ପଚାରିବୁଝିବେ। ସେହିଭଳି ହସ୍ପିଟାଲରେ ଚିକିତ୍ସା ସେବାକୁ ଆହୁରି ବ୍ୟାପକ କରିବାକୁ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ରହିଛି। ଆଡ୍‌ମିଶନଠାରୁ ଡିସ୍‌ଚାର୍ଜ ପର୍ଯ୍ୟନ୍ତ ଟିକିନିଖି ସେବା ସଂକ୍ରାନ୍ତରେ ରୋଗୀଙ୍କଠାରୁ ମଧ ଫିଡ୍‌ବ୍ୟାକ୍ ନିଆଯିବ। ଲୋକେ ଭଲ କହିଲେ ଅଧିକାରୀଙ୍କୁ ପ୍ରଶଂସା ସାଙ୍ଗକୁ ପଦୋନ୍ନତି ମିଳିବ। କର୍ତ୍ତବ୍ୟରେ ଅବହେଳା ଜଣାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ '୫-ଟି'କୁ ଆଧାର କରି 'ମୋ ସରକାର' କାର୍ଯ୍ୟକ୍ରମ ବାସ୍ତବ ରୂପ ନେବ। ଏଥିପାଇଁ ପ୍ରତିଦିନ ଥାନା ଓ ହସ୍ପିଟାଲକୁ ଆସୁଥିବା ୧୦ଜଣ ଲୋକଙ୍କର ମତାମତ ନେବେ ମୁଖ୍ୟମନ୍ତ୍ରୀ। ହସ୍ପିଟାଲ ଓ ଥାନାର ସ୍ୱଚ୍ଛତା ସହ ବିଭିନ୍ନ ସେବା ସଂକ୍ରାନ୍ତରେ ଉଚ୍ଚପଦସ୍ଥ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀ ମଧ ଲୋକଙ୍କୁ ଫୋନ୍ କରି ପଚାରିବୁଝିବେ। ସେବାକୁ ନେଇ ଲୋକେ ମାର୍କ ନେବେ। ଏଥିପାଇଁ 'ମୋ ସରକାର' ନାମରେ ସ୍ୱତନ୍ତ୍ର ପୋର୍ଟାଲ କାର୍ଯ୍ୟ କରିବ। ଏଥିରେ ଅଭିଯୋଗକାରୀଙ୍କ ଫୋନ୍ ନମ୍ବର ପଞ୍ଜୀକରଣ କରାଯିବ। ଏଥିରେ ସଫଳତା ମିଳିଲେ ଅନ୍ୟ ବିଭାଗରେ ମଧ ଆରମ୍ଭ ହେବ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧୀମାନେ ସମାଲୋଚନା କରିଛନ୍ତି। ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଉପଯୁକ୍ତ ଭିତ୍ତିଭୂମି ନ ଥିବାବେଳେ ସରକାର ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଏହା କେବଳ ଲୋକଦେଖାଣିଆ। କିଛି ସୁଫଳ ମିଳିପାରିବ ନାହିଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଯାହା ହୋଇନାହିଁ ବାଲୁତ କାଳେ ତାହା କି ହେବ କାଳେ କାଳେ। ସରକାର ୨୦ ବର୍ଷରେ ଯାହା କରିପାରିଲେ ନାହିଁ, ଏବେ ବାହାରିଛନ୍ତି ତାହା କରିବା ପାଇଁ। ଏହା ମୋ ସରକାର କାର୍ଯ୍ୟକ୍ରମ ନୁହେଁ, ଆମ ସରକାର କାର୍ଯ୍ୟକ୍ରମ କରିଲେ ଭଲ ହେବ। ଯଦି ଲୋକେ ସୁବିଧା ପାଇବେ, ତାହାକୁ ଆମେ ସ୍ୱାଗତ କରିବୁ।




ମହାମାନବ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

## ବନ୍ଧକ ଦାଦନ ଶ୍ରମିକଙ୍କ ମୃତ୍ୟୁ

- ରାଜ୍ୟ ବାହାରକୁ ବେଆଇନ୍ ଚାଲାଣ ପାଇଁ ସର୍ଦ୍ଦାରଙ୍କ ଘରେ ଥିଲେ ଅଟକ
- ଗାଁରେ ମୃତଦେହ ଅନ୍ତିମ ସଂସ୍କାର କରାଯାଇଥିବା ସୂଚନା
- ଶ୍ରମ ବିଭାଗ, ପୋଲିସ ପାଖରେ ତଥ୍ୟ ନାହିଁ

ବଲାଙ୍ଗୀର ଅଫିସ, ୧।୧୦

ଦୁଇଦିନ ପୂର୍ବରୁ ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ରାଜ୍ୟ ବାହାରରୁ ବଲାଙ୍ଗୀର ଜିଲାକୁ ଫେରିଥିଲା। ଏବେ ବଲାଙ୍ଗୀର ସହର ନିକଟ ସିନ୍‌ଖମନ ଗାଁରେ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ ହେବାକୁ ଅଟକ ଥିବା ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ତେବେ ସମ୍ପୃକ୍ତ ଦାଦନ ଶ୍ରମିକଙ୍କ ମୃତଦେହକୁ ସର୍ଦ୍ଦାର ଜଣକ ଲୁଚାଇ କରି ତାଙ୍କ ଗାଁକୁ ପଠାଇ ଅନ୍ତିମ ସଂସ୍କାର କରିଦେଇଥିବା ଭଳି ସାଂଘାତିକ ଘଟଣା ଏବେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନ୍‌ଖମନ୍ ଗାଁରେ ସୋମବାର ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଦାଦନ ଶ୍ରମିକଙ୍କ ନାଁ କେନାଲୁ ବାରିକ ଓ ତାଙ୍କ ଘର ବରଗଡ ଜିଲା ବରପାଲି ଥାନା ଅନ୍ତର୍ଗତ ଭୁବନପାଲି ଗାଁରେ ବୋଲି ଜଣାପଡିଛି । ବଲାଙ୍ଗୀର ଜିଲା ବେଲପଡାର କ୍ଷମାନିଧି ନାମକ ଜଣେ ଦାଦନ ସର୍ଦ୍ଦାର ଭୁବନପାଲି ଗାଁରୁ କେନାଲୁଙ୍କ ସହ ଅନ୍ୟ କେତେଜଣ ଦାଦନ ଶ୍ରମିକଙ୍କୁ ଅଗ୍ରିମ ଦେଇ ସିନଖମନ ଗାଁକୁ ଆଣିଥିଲେ । ସହଯୋଗୀ ସର୍ଦ୍ଦାର ଲକ୍ଷ୍ମୀନ୍ଦ୍ର କୁମ୍ଭାରଙ୍କ ଘରେ ସମସ୍ତ ଦାଦନ ଶ୍ରମିକଙ୍କୁ ରଖିଥିଲେ । ରାଜ୍ୟ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ଏହି ଶ୍ରମିକଙ୍କୁ ସେହି ଘରେ ଅଟକ ରଖାଯାଇଥିଲା । ତେବେ କୌଣସି କାରଣରୁ ହଠାତ୍ କେନାଲୁ ଅସୁସ୍ଥ ହୋଇପଡିଥିଲେ । ମାତ୍ର ତାଙ୍କୁ ଡାକ୍ତରଖାନା ନିଆଯାଇ ନ ଥିଲା । ସେହି ଘରେ ଅଟକ ରଖାଯାଇଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । କେନାଲୁଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହକୁ ସିନ୍‌ଖମନ ଗାଁର ଏକ ଘରେ ଲୁଚାଇ ରଖାଯିବା ସହ ସୋମବାର ରାତିରେ ଭୁବନପାଳି ଗାଁକୁ ପଠାଇ ଦିଆଯାଇଥିଲା । ଏଭଳି ଏକ ସାଂଘାତିକ ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେବା ପରେ ବଲାଙ୍ଗୀର ଜିଲାର ଦାଦନ ଶ୍ରମିକଙ୍କ କରୁଣ କାହାଣୀ ଓ ଅସହାୟତା ପୁଣି ଥରେ ଲୋକଲୋଚନକୁ ଆସିଛି । ଘଟଣା ସମ୍ପର୍କରେ ସଦର ଥାନା ଆଇଆଇସି ତୋଫାନ୍ ବାଗଙ୍କୁ ପଚରାଯିବାରୁ ତାଙ୍କ ପାଖରେ ଏହି ଘଟଣା ସମ୍ପର୍କରେ କୌଣସି ତଥ୍ୟ ନ ଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଜିଲା ଶ୍ରମ ଅଧିକାରୀଙ୍କୁ ଫୋନ୍ କରିଥିଲେ ମଧ୍ୟ ତାଙ୍କର ଫୋନ୍ ରିଂ ହେବା ସତ୍ତ୍ୱେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ । ଦୀର୍ଘ ୪ ଦିନ ଧରି ସିନ୍‌ଖମନ ଗାଁରେ ୪ ଜଣ ଦାଦନ ଶ୍ରମିକ ଅଟକ ଥିଲେ ଓ ସେମାନଙ୍କ ମଧ୍ୟରୁ ଅସୁସ୍ଥ କେନାଲୁଙ୍କ ମୃତ୍ୟୁ ଘଟିଛି । ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଦାଦନ ଶ୍ରମିକ ସମସ୍ୟାର ସମାଧାନ କରାଯାଉଥିବା କୁହାଯାଉଛି । ମାତ୍ର ବାସ୍ତବ କ୍ଷେତ୍ରରେ ଜିଲାରେ ଦାଦନ ଶ୍ରମିକଙ୍କ କୌଣସି ସମସ୍ୟାର ସମାଧାନ ହେଉନଥିବା ଜଣାପଡିଛି ।

**ଆଜିର ସମ୍ପାଦକୀୟ**

## ଖାତିର ନା ବେଖାତିର

**କିଛି ତଥ୍ୟ**

ଚଳିତ ବର୍ଷ ଜୁଲାଇ-ସେପ୍ଟେମ୍ବର ଅବଧିରେ ଦେଶର ୭ ପ୍ରମୁଖ ସହରରେ ଘର ବିକ୍ରି ୧୮% ହ୍ରାସ ଘଟି ୫୫,୦୮୦ ୟୁନିଟକୁ ଖସିଛି।

– ଆନାରକ୍ ରିୟଲ ଇଷ୍ଟେଟ ସର୍ଭିସେସ୍

**ଆଜିର ମନ୍ତବ୍ୟ**

" ଚାଇନାର ଅଗ୍ରଗତିକୁ କୌଣସି ଶକ୍ତି ରୋକିପାରିବ ନାହିଁ।

–ଜି ଜିନ୍‌ପିଙ୍ଗ୍, ଚାଇନା ରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 01.10.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers





# ସତ୍ୟ ସର୍ବୋଚ୍ଚ ନୀତି, ଅହିଂସା ପରମ କର୍ତ୍ତବ୍ୟ

ଅହିଂସା ଶାନ୍ତିର ମାର୍ଗ। ଅହିଂସା ମାନବର ଶ୍ରେଷ୍ଠ ଗୁଣ। ସବୁ ଧର୍ମରେ ଏହାର ସ୍ଥାନ ସ୍ୱତନ୍ତ୍ର। ଜାତିର ପିତା ମହାତ୍ମା ଗାନ୍ଧୀ ଅହିଂସାର ପଥିକ ଥିଲେ। ତାଙ୍କ ଅନୁସାରେ- ଅହିଂସା ସେହି ମୁଖ୍ୟ ତତ୍ତ୍ୱ ଯାହା ପୂରା ମାନବଜାତି ମଧ୍ୟରେ ପ୍ରେମ ଓ ଆତ୍ମଶୁଦ୍ଧି ଆଣି କଠିନରୁ କଠିନତମ ସଙ୍କଟରେ ବି ସଫଳତା ପାଇବାର ସନ୍ଦେଶ ଦେଇଥାଏ। ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇ ନେଲ୍‌ସନ ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗ ମଧ୍ୟ ଅହିଂସା ମାର୍ଗକୁ ଆଦରି ନେଇଥିଲେ। ଗାନ୍ଧିଜୀଙ୍କ ସମ୍ମାନାର୍ଥେ ୨୦୦୭ ଜୁନ୍ ୧୫ ରେ ଜାତିସଂଘ ସାଧାରଣ ପରିଷଦରେ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଅକ୍ଟୋବର ୨କୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ପ୍ରସ୍ତାବ ଆସିଥିଲା। ପରିଷଦର ସମସ୍ତ ସଦସ୍ୟ ଏହି ଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବେ ପାଳନ କରିବାକୁ ସ୍ଥିର କରିଥିଲେ। ଜାତିସଂଘର ସବୁ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏହି ଦିବସ ପାଳନ କରାଯାଉଛି।

## ଆନ୍ତର୍ଜାତିକ ଅହିଂସା ଦିବସ

150 YEARS OF CELEBRATING THE MAHATMA

ଅହିଂସା ହିନ୍ଦୁ, ବୌଦ୍ଧ ଓ ଅନ୍ୟ ଧର୍ମର ମାନବୀୟ କାର୍ଯ୍ୟର ଆଧାର। ଅହିଂସାର ଶିକ୍ଷା ଭାରତୀୟ ସଂସ୍କୃତିର ପରିଚୟ। ଉପନିଷଦରେ ବି ଅହିଂସାର ବିଶେଷ ମହତ୍ତ୍ୱ ରହିଛି। ଜୈନ ଧର୍ମରେ ଅହିଂସା ପରମଧର୍ମ ବୋଲି କୁହାଯାଇଛି। କିନ୍ତୁ ଯେଉଁଭଳି ଅହିଂସାକୁ ଗାନ୍ଧିଜୀ ଆଗକୁ ବଢାଇଛନ୍ତି ଓ ତାହାକୁ ଜନମାନସର ବିଚାରଧାରା ମାଧ୍ୟମରେ ପ୍ରତିଫଳିତ କରିଛନ୍ତି ତାହା ବିଶ୍ୱକୁ ଏକ ଭିନ୍ନ ପଥ ଦେଖାଇଛି। ଗାନ୍ଧିଜୀ ଅହିଂସା ଶବ୍ଦକୁ ଏହାର ବ୍ୟାପକତାର ଆଧାରରେ ଏକ ସିଦ୍ଧାନ୍ତ ରୂପରେ ସ୍ପଷ୍ଟ କରିଛନ୍ତି। ଗାନ୍ଧିଜୀଙ୍କର ସମ୍ପୂର୍ଣ୍ଣ ଦର୍ଶନ ଅହିଂସା ସ୍ତମ୍ଭ ଉପରେ ରହିଛି। କାୟ, ମନ ଓ ବାକ୍ୟରେ ଯେଉଁମାନେ ଶକ୍ତିଶାଳୀ ସେମାନେ ହିଁ ଏହି ମାର୍ଗରେ ଚାଲିପାରିବେ। ଗାନ୍ଧିଜୀ ଅହିଂସାକୁ ସର୍ବୋଚ୍ଚ ନୈତିକ ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ବୋଲି ମାନିଛନ୍ତି। ଅହିଂସା କେବଳ ଏକ ଦର୍ଶନ ନୁହେଁ ବରଂ ଏହା କାର୍ଯ୍ୟ କରିବାର ଏକ ପଦ୍ଧତି। ଏହା ବି ହୃଦୟ ପରିବର୍ତ୍ତନର ଏକ ସାଧନ। ଗାନ୍ଧିଜୀ ଅହିଂସାର ଭାବନାକୁ ସାମାଜିକ, ଧର୍ମିକ, ଆର୍ଥିକ ନୀତି କ୍ଷେତ୍ରରେ ଏକ ଆବଶ୍ୟକ ତତ୍ତ୍ୱ ବୋଲି କହିଛନ୍ତି। ସତ୍ୟ ସର୍ବୋଚ୍ଚ ନୀତି ଓ ଅହିଂସା ପରମ କର୍ତ୍ତବ୍ୟ ବୋଲି ଗାନ୍ଧିଜୀ କହିଛନ୍ତି। ଅହିଂସାର ଶକ୍ତି ଅସୀମ ଯାହାକୁ ସାଧାରଣ ଭାଷାରେ ବୁଝି ହୋଇନାହିଁ। ଅହିଂସାର ଶକ୍ତି ଓ ଗାନ୍ଧିଜୀଙ୍କ ଉପରେ ୟୁରୋପିଆନ ଲେଖକ ରୋମେନ ରୋନାଲ୍ଡ ମଧ୍ୟ ତାଙ୍କ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ଗାନ୍ଧିଜୀଙ୍କୁ ଆଗାମୀ ପିଢି ପାଇଁ ପଥ ପ୍ରଦର୍ଶକ ବୋଲି କହିଥିଲେ।

ସତ୍ୟ, ପବିତ୍ରତା, ନିର୍ଭୀକତା, ଦୃଢତା, ଅପରିଗ୍ରହ,ପ୍ରେମ ଓ ଉପବାସ ଦ୍ୱାରା ଅହିଂସା ଆଚରଣ କରିବା ଉପରେ ଗାନ୍ଧିଜୀ ଗୁରୁତ୍ୱ ଦେଇଛନ୍ତି। ଅନ୍ୟାୟ ଅତ୍ୟାଚାର ମୁକାବିଲା ଅହିଂସା ଦ୍ୱାରା ହିଁ ସମ୍ଭବ ବୋଲି ତାଙ୍କର ବିଶ୍ୱାସ ଥିଲା। ଅହିଂସା ଏକ ଉପଦେଶ ନୁହେଁ, ଏହା ଜୀବନର କ୍ରିୟାତ୍ମକ ସିଦ୍ଧାନ୍ତ। ବିଶ୍ୱଶାନ୍ତି, ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତିଗତ ଜୀବନ ଲାଗି ଏହା ଏକ ବହ୍ମାସ୍ତ୍ର। ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତା ଉପଲବ୍ଧି କରିହେଉଛି ଓ ଆବଶ୍ୟକତା ମଧ୍ୟ ରହିଛି। ଅହିଂସାର ବାସ୍ତବିକ ଅର୍ଥ କୃତାର୍ଥ କରିବା ଅର୍ଥ ଦେଶ ପ୍ରେମ ପ୍ରଦର୍ଶନ କରିବା।










ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ
ରାଜ୍ୟସ୍ତରୀୟ ସମାରୋହ
୦୨ ଅକ୍ଟୋବର, ୨୦୧୯

ପ୍ରାତଃ ଘ.୪.୩୦ମି. – ରାମଧୂନ (ସହର ପରିକ୍ରମା)
ସକାଳ ୭.୦୦ ଘଟିକା – ସ୍ଥାନ : ଆଚାର୍ଯ୍ୟବିହାର ଠାରୁ ଏ.ଜି.ଛକ ମାନବ ଶୃଙ୍ଖଳ
ଓ ରାମଧୂନ ସଂକୀର୍ତ୍ତନ ପଦଯାତ୍ରା
ସକାଳ ୯.୦୦ ଘଟିକା – ସ୍ଥାନ : ଗୀତଗୋବିନ୍ଦ ସଦନ
ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଶିଳ୍ପୀ ଶିବିର
ସମୟ – ସକାଳ ଘ.୧୦.୧୦ମି.
ପ୍ରାର୍ଥନା ସଭା ସ୍ଥାନ : ଓଡ଼ିଶା ବିଧାନସଭା ପରିସର, ଭୁବନେଶ୍ୱର
ପ୍ରଫେସର ଗଣେଶୀ ଲାଲ, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
ଏବଂ ଜନପ୍ରତିନିଧି ଓ ଜନସାଧାରଣଙ୍କ ଆଗମନ

ପୂର୍ବାହ୍ନ ୧୧.୦୦ ଘଟିକା – ସ୍ଥାନ : ଜୟଦେବ ଭବନ
ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ ଓ ଗାନ୍ଧୀ କଥା
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ, କମିଶନର ତଥା ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ଅତିଥି ଭାବେ ଯୋଗ ଦେବେ ।
ଶ୍ରୀଯୁକ୍ତ ସତ୍ୟନାରାୟଣ ସାହୁ, ବିଶିଷ୍ଟ ଗାନ୍ଧୀବାଦୀ ବିଦ୍ୱାନ ବକ୍ତା ଭାବେ ଯୋଗଦାନ କରିବେ ।
ଅପରାହ୍ନ ୩.୦୦ ଘଟିକା – ସ୍ଥାନ : ଗୀତଗୋବିନ୍ଦ ସଦନ
ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ କବିତା ଆସର ଓ ମୁଶୟାରା
ସନ୍ଧ୍ୟା ଘ.୬.୩୦ ମି. – ସ୍ଥାନ : ଜୟଦେବ ଭବନ
ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ 'ବୈଷ୍ଣବ ଜନେ ତୋ' ସଙ୍ଗୀତରେ ଓଡ଼ିଶୀ ନୃତ୍ୟ ଏବଂ
ସୁର ଭାଇବ୍ରେସନର କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଏବଂ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

15001/13/0047/1920
DADLS-29



150 YEARS OF CELEBRATING THE MAHATMA



ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ
ଓଡିଶା ସରକାର

ରାଜ୍ୟସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ
ଭଞ୍ଜ କଳାମଣ୍ଡପ, ଭୁବନେଶ୍ୱର, ତାରିଖ : ୨ ଅକ୍ଟୋବର ୨୦୧୯, ୧୦ ଘଟିକା

ମୁଖ୍ୟ ଅତିଥି
କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର
ମାନ୍ୟବର ମନ୍ତ୍ରୀ, ଶକ୍ତି, ଗୃହ, ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡିଶା ସରକାର

ମୁଖ୍ୟ ବକ୍ତା
ଶ୍ରୀଯୁକ୍ତ ରଘୁନନ୍ଦନ ଦାସ
ମାନ୍ୟବର ମନ୍ତ୍ରୀ, ଜଳ ସମ୍ପଦ ଓ ସୂଚନା ଲୋକ ସମ୍ପର୍କ ବିଭାଗ,ଓଡିଶା ସରକାର

ସତନ୍ତ୍ର ଅତିଥି
ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ
ସାଧିନତା ସଂଗ୍ରାମୀ, ଓଡିଶା

ସମ୍ମାନୀତ ଅତିଥି
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ମଧ୍ୟ-ଭୁବନେଶ୍ୱର
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଉତ୍ତର-ଭୁବନେଶ୍ୱର
ଶ୍ରୀଯୁକ୍ତ ପ୍ରଣବଜ୍ୟୋତି ନାଥ (ଭା.ପ୍ର.ସେ)
ଶିଳ୍ପ ନିର୍ଦ୍ଦେଶକ, ଓଡିଶା

ପୌରହିତ୍ୟ କରିବେ
ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାଇକରାୟ
ସଭାପତି, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ



"ଖଦି" କେବଳ ବସ୍ତ୍ର ନୁହେଁ, ଏକ ବିଚାର

ଆପଣଙ୍କୁ ସାଦର ନିମନ୍ତ୍ରଣ ।
ନିବେଦକ
ଶ୍ରୀଯୁକ୍ତ ସରୋଜ କୁମାର ପଟେଲ (ଓ.ପ୍ର.ସେ)
ସଚିବ, ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ

DSPL-90
14002/13/0003/1920



ଆପଣ ଯାହା ଚିନ୍ତା କରନ୍ତି, ଯାହା କୁହନ୍ତି ଓ କରନ୍ତି,
ସେଥିରେ ସାମଞ୍ଜସ୍ୟ ରହିବା ହିଁ ଖୁସି।
- ମହାତ୍ମା ଗାନ୍ଧୀ






**ବିଜେପୁର ଉପନିର୍ବାଚନ**

# ୪ ପ୍ରାର୍ଥୀପତ୍ର କାଏମ

**ପଦ୍ମପୁର,୧।୧୦(ଡି.ଏନ୍.ଏ.)**

ବିଜେପୁର ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଯାଇଛି । ଏଥିରେ କଂଗ୍ରେସର ଦିଲୀପ କୁମାର ପଣ୍ଡା, ବିଜେଡିର ରୀତା ସାହୁ, ଭାଜପାର ସନତ୍ ଗଡତିଆ, ଅଖିଳ ଭାରତୀୟ ହିନ୍ଦୁ ମହାସଭାର ଅଶୋକ ମିତ୍ତଲ ଏବଂ ସ୍ୱାଧୀନ ଭାବେ ବୃନ୍ଦାବନ ପୁରୋହିତଙ୍କ ନାମାଙ୍କନ ପତ୍ର କାଏମ ରହିଛି। ସମାଜବାଦୀ ପାର୍ଟି ପ୍ରାର୍ଥୀ ଗଙ୍ଗାଧର ପୂଜାରୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଡୋଳାମଣୀ ବେହେରାଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଛି। ଉଭୟ ପ୍ରାର୍ଥୀ ଇଲେକ୍ଟୋରାଲ ରୋଲ ସାର୍ଟିଫାଇଡ୍ କପି ଦେଇ ନ ଥିବାରୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଥିବା ରିଟର୍ଣ୍ଣିଂ ଅଫିସର ତଥା ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୁଆନ ସୂଚନା ଦେଇଛନ୍ତି।

# ଆଜିଠୁ ସବୁ ଦଳର ପଦଯାତ୍ରା

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ରାଜ୍ୟରେ କ୍ଷମତାସୀନ ବିଜେଡି, ମୁଖ୍ୟ ବିରୋଧୀ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ପ୍ରତିବର୍ଷ ଭଳି ଚଳିତଥର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଟୋବର ୨ (ବୁଧବାର)ରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ସ୍ଥାନୀୟ ଭୁବନେଶ୍ୱର (ଏକାମ୍ର) ବିଧାନସଭା ନିର୍ବାଚନମଣ୍ଡଳୀ ୬୨ ନଂ ୱାର୍ଡ ତଥା କାରଗିଲ ରୋଡ୍ ନିକଟସ୍ଥ ପଡିଆରୁ ପୂର୍ବାହ୍ନ ୧୧ଟା ୪୦ରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ। ପ୍ରାଥମିକଭାବେ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଯାଏ ହେବାକୁ ଥିବା ଏହି ଯାତ୍ରାର ଅବଧି ଏକମାସ ବୃଦ୍ଧି କରାଯାଇଥିବା ଜଣାପଡିଛି। ଅନୁରୂପଭାବେ ଭାଜପା ପକ୍ଷରୁ ମଧ୍ୟ ଗାନ୍ଧୀ ସଂକଳ୍ପ ଯାତ୍ରା ଆରମ୍ଭ କରାଯାଉଛି। ରାଜ୍ୟର ସମସ୍ତ ସଂସଦୀୟ ଏବଂ ବିଧାନସଭା କ୍ଷେତ୍ରରେ ଏହା କରାଯିବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକ ଜିଲା ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତି ପୀଠରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେହିଭଳି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଜନତା ମଇଦାନରୁ କଂଗ୍ରେସ ଭବନ ଏକ ଶୋଭାଯାତ୍ରା ବାହାରିବ। ଏହାକୁ ପିସିସି ପ୍ରଭାରୀ ଜିତେନ୍ଦ୍ର ସିଂ ଉଦ୍‌ଘାଟନ କରିବେ। ସେହିପରି କଂଗ୍ରେସ ସେବାଦଳ ପକ୍ଷରୁ ବର୍ଷବ୍ୟାପୀ ବିଭିନ୍ନ ପଦଯାତ୍ରା କରାଯିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।






■ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବ ମୌସୁମୀ

# ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଆକ୍ଟୋବର ଦ୍ୱିତୀୟ ସପ୍ତାହ ଅର୍ଥାତ୍ ୧୫ ତାରିଖ ସୁଦ୍ଧା ମୌସୁମୀ ଓଡ଼ିଶାରୁ ଅପସରି ଯିବାର ସମ୍ଭାବନା ରହିଛି। ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୨ରୁ ୪ ତାରିଖ ଯାଏ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ୩ ତାରିଖରେ ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ଗଜପତି ଏବଂ ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ୪ ଓ ୫ ତାରିଖରେ ପାଗ ଶୁଖିଲା ରହିବ। କାଁ ଭାଁ କେଉଁଠି ଅସରାଏ କିମ୍ବା ଦି ଅସରା ବର୍ଷା ହୋଇପାରେ। ତେବେ ୬ରୁ ୮ ତାରିଖ ୩ ଦିନ ଉପକୂଳ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୧୦ ଦିନ ବିଳମ୍ବରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ ଓ ଜୁଲାଇରେ ସ୍ୱାଭାବିକ ବର୍ଷା ହୋଇ ନ ଥିଲା। ଜୁନ ମାସରେ ସ୍ୱାଭାବିକ ଠାରୁ ୩୧.୫ ପ୍ରତିଶତ କମ ବର୍ଷା ହୋଇଥିବାବେଳେ ଜୁଲାଇରେ ୯.୦ ପ୍ରତିଶତ କମ୍ ବର୍ଷା ହୋଇଥିଲା। ତେବେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷିଥିଲା। ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ୨୪.୫ ପ୍ରତିଶତ ବର୍ଷା ଅଧିକ ହୋଇଥିବାବେଳେ ସେପ୍ଟେମ୍ବରରେ ୫୩.୭ ପ୍ରତିଶତ ଅଧିକ ବର୍ଷା ହୋଇଛି।

# ଡ୍ୟାନ୍ସ ବାର୍‌କୁ ମିଳିଥିବା ଅଗ୍ନି ନିରାପତ୍ତା ଏନ୍‌ଓସି ରଦ୍ଦ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଡ୍ୟାନ୍ସ ବାର୍‌କୁ ମିଳିଥିବା ଅଗ୍ନି ନିରାପତ୍ତା ଏନ୍‌ଓସି (ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ)କୁ ମଙ୍ଗଳବାର ରଦ୍ଦ କରିଛନ୍ତି ଅଗ୍ନିଶମ ଡିଜି ବିଜୟ କୁମାର ଶର୍ମା। ତ୍ରୁଟିପୂର୍ଣ୍ଣଭାବେ ଅଗ୍ନି ନିରାପତ୍ତା ଏନ୍‌ଓସି ଦିଆଯାଇଥିବାରୁ ଏହାକୁ ରଦ୍ଦ କରାଯାଇଛି। ଡ୍ୟାନ୍ସ ବାର୍‌ଗୁଡ଼ିକ ପୁରୁଣା ଫର୍ମାଟରେ ଅଗ୍ନିନିରାପତ୍ତା ଏନ୍‌ଓସି ପାଉଥିବାରୁ ଏଥର ନିୟମରେ କେତେକ ପରିବର୍ତ୍ତନ କରାଯାଉଛି। ନୂଆ ନିୟମ ଅନୁଯାୟୀ, ଡ୍ୟାନ୍ସ ବାରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିଭଳି ରଖାଯିବ ସେନେଇ ମାଲିକଙ୍କୁ କୁହାଯିବ। ସେମାନେ ନୂଆ ଫର୍ମାଟରେ ଆବେଦନ କରିବା ପରେ ଅଗ୍ନିଶମ ବିଭାଗର ଟିମ୍ ଡ୍ୟାନ୍ସ ବାର୍‌କୁ ଯାଇ ଆବଶ୍ୟକ ଯାଞ୍ଚ କରିବେ। ନିୟମାନୁସାରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲେ ଲାଇସେନ୍ସ ମିଳିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ନିକଟରେ ୭ ଡ୍ୟାନ୍ସବାର୍‌କୁ ଅନୁମତି ଦିଆଯିବା ପରେ ସେମାନଙ୍କ ପାଇଁ କେତେକ ସର୍ତ୍ତ ରଖାଯାଇଛି। ସେଥିମଧ୍ୟରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନ୍ୟତମ। ନିଆଁଲିଭା ସିଲିଣ୍ଡର, ଫାୟାର ସେଫ୍ଟି ଆଲାର୍ମ, ଛାତ ଉପରେ ପାଣି ଟାଙ୍କି ଓ ବାଲି ଆଦି ରଖିବା ବ୍ୟବସ୍ଥା କରାଯିବ। ଏହାସହ ବାର୍ ଭିତରେ ଦହନଶୀଳ ପଦାର୍ଥ ନ ରଖିବା ଓ ଜରୁରୀକାଳୀନ ବାଟ ରଖିବା ଆଦି ନୂଆ ନିୟମରେ ରହିଛି।









ନୀରିହ ଲୋକ କେବେବି କ୍ଷମା ଦେଇ ପାରନ୍ତିନି, କ୍ଷମା ଦେବା ଶକ୍ତିଶାଳୀ ଲୋକଙ୍କ ବିଶେଷତା ଅଟେ।

- ମହାତ୍ମା ଗାନ୍ଧୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ: ......................................

ଜନ୍ମ ତାରିଖ: ..............................



ଆଶୁତୋଷ
ପରିବାରବର୍ଗ



ଆୟାଂଶ
ପରିବାରବର୍ଗ



ଆୟୁଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ବାଇକ୍ ପଛରେ ପିଟିଲା ଟ୍ରକ୍**

# ମା', ଝିଅ ମୃତ: ଉତ୍ତେଜନା

**ରୂପ୍‌ସା/ବସ୍ତା, ୧।୧୦(ଡି.ଏନ.ଏ./ସ୍ୱ.ପ୍ର.)**

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅନ୍ତର୍ଗତ ଜୁକନଣ୍ଡି ଛକଠାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍‌କୁ ପଛରେ ଏକ ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ମା' ଓ ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରୂପ୍‌ସା ଥାନା ଆଘିରିଆ ଗ୍ରାମର ରାଧାକୃଷ୍ଣ ପରିଡ଼ାଙ୍କ ସ୍ତ୍ରୀ ଅନୁପମା (୪୦) ଓ ଝିଅ ମୋନାଲିସା (୧୪)। ରାଧାକୃଷ୍ଣ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ ଖସି ପଳାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ରାସ୍ତାରେ ମୃତଦେହ ରଖି ବସି ରହିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଛକ ପାର୍ଶ୍ୱରେ ଥିବା ଦୋକାନ ଉଚ୍ଛେଦ ଲାଗି ଆନ୍ଦୋଳନକାରୀମାନେ ଦାବି କରିଥିଲେ। ରୂପ୍‌ସା ଥାନାଧିକାରୀ ସୁଚନ୍ଦ୍ର ମହାଲିକ, ବସ୍ତା ଆଇଆଇସି ଧନେଶ୍ୱର ସାହୁ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ରାଧାକୃଷ୍ଣ ବାଇକ୍‌ରେ ଅନୁପମା ଓ ମୋନାଲିସାଙ୍କୁ ନେଇ ବସ୍ତା ଅଭିମୁଖେ ଯାଉଥିଲେ। ଜୁକନଣ୍ଡି ଛକଠାରେ ସେମାନେ ଦୁର୍ଘଟଣାର ଶିକାର ହୋଇଥିଲେ। ମା'ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଝିଅ ମୋନାଲିସା ତାଙ୍କୁ ଛାତିରେ ଜାବୁଡ଼ି ଧରି ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ପଶ୍ଚିମବଙ୍ଗ ପଳାଉଥିବା ବେଳେ ସୁନାଖିଣିଆଠାରେ ଜଳେଶ୍ୱର ପୋଲିସ ଜବତ କରିଛି।





+୨ ନାମଲେଖାରେ ତ୍ରୁଟି

ଚିନ୍ତାରେ ଛାତ୍ରୀଛାତ୍ର

ଦେଖନ୍ତୁ ଭିଡିଓ

YouTube /dharitrilive


# ଆଜିଠୁ ସବୁ ସହରରେ ପଲିଥିନ ନିଷେଧ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ରାଜ୍ୟର ସମସ୍ତ ସହରକୁ ପଲିଥିନ ମୁକ୍ତ କରାଯିବ। ୧୦୯ ସହରାଞ୍ଚଳକୁ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନକୁ ବୁଧବାରଠାରୁ ସମ୍ପୂର୍ଣ୍ଣ ନିଷେଧ କରାଯିବ। ଅକ୍ଟୋବର ୨ ତାରିଖ ପରଠାରୁ କୌଣସି ସହରରେ ପଲିଥିନ ବ୍ୟବହାର କିମ୍ବା ବିକ୍ରି କରାଯାଇ ପାରିବ ନାହିଁ। ପଲିଥିନ ଓ ପ୍ଲାଷ୍ଟିକ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଦେଶକୁ ପଲିଥିନ ମୁକ୍ତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏହାର ଭୟାବହତାକୁ ଦେଖି ରାଜ୍ୟ ସରକାର ରାଜ୍ୟକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୦୧୮ ଅକ୍ଟୋବର ୨ ତାରିଖରୁ ୫ ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର)ରେ ପଲିଥିନ ଉପରେ କଟକଣା ଲଗାଯାଇଛି। ଅବଶିଷ୍ଟ ୧୦୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଏବଂ ମ୍ୟୁନିସିପାଲିଟିରେ ମଧ୍ୟ ପଲିଥିନ ଓ ପ୍ଲାଷ୍ଟିକ ଉପରେ କଟକଣା ଜାରି କରାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସମସ୍ତ ପୌର ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ଜଣାଇ ଦିଆଯାଇଛି। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୋଲ, ସାଜସଜ୍ଜା ପାଇଁ ବ୍ୟବହୃତ ଥର୍ମୋକୋଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଲିଥିନ ନିଷେଧକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ପୁଅ ସହ କ୍ଷୀରୋଦ ମଲ୍ଲିକଙ୍କୁ ଉଠାଇ ନେଲା ମୁମ୍ବାଇ କ୍ରାଇମବ୍ରାଞ୍ଚ

**ସମ୍ବଲପୁର, ୧।୧୦ (ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ସହଯୋଗରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ବିଶ୍ୱ ଅନୁଷ୍ଠାନର ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଭାଇ କ୍ଷିରୋଦ ମଲ୍ଲିକଙ୍କୁ ଉଠାଇ ନେଇଛି। କ୍ଷୀରୋଦଙ୍କ ପୁଅ ଦେବବ୍ରତ ମଲ୍ଲିକଙ୍କୁ ମଧ କ୍ରାଇମବ୍ରାଞ୍ଚ ଗିରଫ କରିଛି । ସୋମବାର ଅପରାହ୍ନରେ ଦାନିପାଲିସ୍ଥିତ କ୍ଷୀରୋଦଙ୍କ ବାସଭବନରେ ଚଢାଉ କରି ଉଭୟ ବାପ ପୁଅଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ନେଇଥିଲା । କ୍ଷୀରୋଦ ଓ ଓ ତାଙ୍କ ପୁଅ ଦେବବ୍ରତଙ୍କ ବିରୋଧରେ ମୁମ୍ବାଇ ଇଓଡବ୍ଲୁରେ ଏକ ମାମଲା (ନଂ. ୪୫/୧୨ରେ) ରହିଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚ ବାପ ଓ ପୁଅଙ୍କୁ ଅତୀତରେ ଥରେ ଗିରଫ କରିଥିଲା। ହେଲେ ଉଭୟ ଜାମିନରେ ଆସିଥିଲେ। ସୂଚନାଯୋଗ୍ୟ, କ୍ଷୀରୋଦ ଅନେକ ବ୍ୟାଙ୍କରୁ ଋଣ ଆଣିଛନ୍ତି। ଲୋକଙ୍କଠାରୁ ମଧ ଟଙ୍କା ନେଇ ଫେରାଇ ନାହାନ୍ତି। ଏହାକୁ ନେଇ ମଧ ପୂର୍ବରୁ ସେ ଜେଲ ଯାଇଛନ୍ତି । ଓଡିଶା କ୍ରାଇମ ବ୍ରାଞ୍ଚ ମଧ ତାଙ୍କୁ ପୂର୍ବରୁ ମଧ ଗିରଫ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଦିନଟି ରେ ବହୁତ ଭଲ କାମ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ସମ୍ମାନିତ ହେବେ। ଦ୍ୱିଜା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ସାହିତ୍ୟ, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**

କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ମଧ୍ୟାହ୍ନରେ ଟେନସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରି ଖୁସି ହୋଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ସୁଫଳ ମିଳିବ ଓ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ରର କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ ।

**ମିଥୁନ**

ସମସ୍ତ ପ୍ରକାରର ସୁବିଧା ଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ମନକଥା ମନରେ ରଖିପାରିବେ ନାହିଁ, ଫଳରେ ପାରିବାରିକ ସମସ୍ୟା ସୃଷ୍ଟି ହେବ। ପୁନର୍ବସୁର ସାମାଜିକକ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ**

ଅଭାବ ଅସୁବିଧା ନ ଥିଲେ ମଧ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ନେବାକୁ ପଡିପାରେ। ସଭାସମିତିରେ ସଫଳତା ହାସଲ କରିବେ କିନ୍ତୁ ପୁଷ୍ୟା ନକ୍ଷତ୍ର ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**

ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। ଅବଶ୍ୟ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ମଘା ନକ୍ଷତ୍ରର ଶେଷ ସମୟରେ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ ।

**କନ୍ୟା**

କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଚିତ୍ରା ନକ୍ଷତ୍ର ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେବ। ଅର୍ଥ ସଂକଟ ହେତୁ କାମଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା**

ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ସ୍ୱାତୀ ନକ୍ଷତ୍ର ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା**

ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଅନୁରାଧାର କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କିମାରିବ। ଅପେକ୍ଷା କରିଥିବା ବ୍ୟକ୍ତିଙ୍କ ଦେଖା ପାଇବେ ନାହିଁ।

**ଧନୁ**

ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ କିନ୍ତୁ ନିଜ ଲୋକମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ବିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର**

ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଦୁଶ୍ଚିନ୍ତା ବଢ଼ିପାଇପାରେ। ଅର୍ଥସାହାଯ୍ୟ ପାଇଁ ସହକର୍ମୀଙ୍କୁ ବିନୟପୂର୍ଣ୍ଣ କଥା କହିବେ। ଆଜି ଧନିଷ୍ଠା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଶେଷ ସମୟରେ ଆପଣଙ୍କ ପାଇଁ ବିଚାର ବଦଳି ଯାଇପାରେ। ଆପଣ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବେ।

**କୁମ୍ଭ**

ଆଜି ପୂର୍ବାହ୍ନରେ ମନ ବିଚଳିତ ରହିବ କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ କାମ ହାସଲ କରିବା ସକାଶେ ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିବେ। ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶତଭିଷା ନକ୍ଷତ୍ରର ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ**

ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୂରଭିସନ୍ଧି ରଖି ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି, ଯାହାକି ଆପଣଙ୍କ ସକାଶେ କ୍ଷତିକାରକ ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ, ଅକ୍ଟୋବର ୨ ତାରିଖ, ଅନ୍ତର୍ଜାତୀୟ ଅହିଂସା ଦିବସ, ବିଶ୍ୱବନ୍ୟପ୍ରାଣୀ ସପ୍ତାହ (ଅକ୍ଟୋବର ୨ରୁ ୮ ତାରିଖ), ଆଶ୍ୱିନ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ବୁଧବାର, ରାଶି ନକ୍ଷତ୍ର-ବିଶାଖା/ ବିଛା, କର୍କଟ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ନବାନ୍ନ ପାଇଁ ଶୁଭଦିନ। ଦିବା ଘ୭।୧୬ମି. ଗତେ ଘ୮।୦୩ମି. ମଧ୍ୟେ, ଘ୧୦।୨୩ମି. ଗତେ ଘ୧୨।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୫୪ମି. ମଧ୍ୟେ, ଘ୨।୫୬ମି. ଗତେ ଘ୪।୩୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302




**BRIDE WANTED**

Son age 30 B.Tech, M.Tech, IIT Kanpur, working in MNC Company at Bangalore, salary 35 lakhs, Khandayat 8144589551. D-14619

Son age 29 B.Tech, CET, working in Executive Engineer in ONGC Limited at Bangalore (Caste-no-bar) 7008986003. D-14621

Bhubaneswar ବାସିନ୍ଦା ଦରମା 15L/Annum ବୟସ 29 ଅବିବାହିତ ବାରିକ ପୁଅଙ୍କ ପାଇଁ qualified ଝିଅ ଦରକାର। 7381460017. D-67909

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68201

Now Matrimonial ads. only on Wednesday & Sunday Book 1 Get 1 FREE

Bengali Kayastha bride for our son, B.Tech, 28years, 5'2", PSU Bank PO. 8249983304, 8788231824. D-14560

ବ୍ରାହ୍ମଣ ଘର B.Com ପଢି gift corner, ଇନ୍ସ୍ୟୁରାନ୍ସ ବ୍ୟବସାୟ କରୁଥିବା, ୩୨ ବର୍ଷ ବୟସ, ପିତା ରିଟାୟାର୍ଡ଼ ଅଫିସର, ଭୁବନେଶ୍ୱରର ସ୍ଥାୟୀ ବାସିନ୍ଦାଙ୍କ ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7377701129. jadabanandamohapatra@gmail.com. D-14510

Karan boy widow 1974 Chartered Accountant Bhubaneswar (Caste-no-bar) "VAISNABI" 7008967858. D-66193

**GROOM WANTED**

Looking groom for girl age 28 B.Tech NIT M.Tech IIT, working in International Bank at Bangalore, salary 25 lakhs. 7008986005. D-14620

Central Pollution Control Boardରେ କାର୍ଯ୍ୟରତ ଥିବା "୪୬" ବର୍ଷର ଝିଅ ପାଇଁ ବରପାତ୍ର ଆବଶ୍ୟକ। 8895411143. D-63792

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଗଉଡ଼ ଘରର କନ୍ୟାପାତ୍ରୀ ପାଇଁ ବରପାତ୍ର ଆବଶ୍ୟକ। 7978736177. D-68202

Private ଚାକିରୀ, ବିଧବା, ଗୋଟିଏ ପୁତ୍ର ସନ୍ତାନ, Age-32, Brahmin ଝିଅଙ୍କ ପାଇଁ any caste ପୁଅ ଦରକାର। 7008080967. D-67908

Teli beautiful girl, 23, B.Sc, 5'2", 8/4 wanted suitable candidate settled near Bhubaneswar. 9861105099. D-60951

Beautiful Khandayat girl 1991, 5'5" MBBS serving Medical officer, Sunasansar: 9937512659. D-66792

Khandayat Bride JE 38, Engineer 40, Teacher 42 (Caste-no-bar) 7873374269. D-67078

For sale 2/3 beded flats in earthquake proof quality Apartment "Avantika" under construction on GGP, Pandara, Hi-Tech Road, next Gokul Residency. Contact: 9437396718 (08-11 A.M). No mediator please. D-68013

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115




2RK semifurnished flat at mainroad, Unit-8, Soubhagyanagar, 9000004523. D-67710

2500sqft. and 7000sqft. well furnished commercial space (AC), Bhubaneswar-Puri mainroad (Lewis Road) Bhubaneswar, rent @ 50/-sqft. Contact: 6371001523. D-67234

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

Monalisa Massage Club: All types body massage with hiprofile smart lady rooms service available-9708545108. D-14592

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Keralian herbal full body massage, smart trained lady therapist: 9437453813. D-68014




୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଳେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166




**SALE**

2150sqft. residential plot for sale at Garakana. Near Kendriya Vidyalaya, Bhubaneswar. Price-65lakh. 9861234908. D-68105

ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092. D-66794

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952. D-66774

Gharabari plot boundary near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/- . 9937044887, 8249240653. D-66790

Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172. D-66791

4BHK two storied building newly constructed having all facilities at Jagatpur, Cuttack. For immediate sale. Contact: 7008321705. D-14541

New duplex for sale near Patia Housing Board Colony. Land area of 1600sqft. & construction area of 2830sqft., price 95lakhs (Negotiable). Contact: 7978450312, 9937388797. D-67080

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Kajal ayurvedic massage club fully relaxed by smart lady, home service available. 9937637219. D-66971




India's No.1 Packers-Leo Packers & Movers since 1975, Nationwide Network-9438133699. D-14426

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ଓମ୍ ବିଘ୍ନେଶ ଆର୍ଯ୍ୟନ୍ (ଆୟୁଷ)**

ଡେଣୁଅଁ, ନିମାପଡ଼ା, ପୁରୀ
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋ'ର ପ୍ରତିଟି ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବାପା: ଅନ୍ତର୍ଯ୍ୟାମୀ, ମାମା: ରଶ୍ମୀ, ମାଆ, ଭାଇ, ମାମୁ, ଅଜା ଓ ଆଈ। ଧ-୧୪୫୮୯


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ଲଗାଇବା ଅବଧି ମାସେ ଘୁଞ୍ଚିଲା

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ନୂଆଗାଡ଼ିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନପ୍ଲେଟ(ଏଚ୍‌ଏସ୍‌ଆର୍‌ପି) ଯାଞ୍ଚ ଅବଧି ମାସେ ଘୁଞ୍ଚିଲା। ଆସନ୍ତା ନଭେମ୍ବର ପହିଲାରୁ ଯାଞ୍ଚ କଡ଼ାକଡ଼ି ହେବ। ଯାନବାହନ ନିର୍ମାତା ଏବଂ ଡିଲରଙ୍କ ସହ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସଟିଏ)କମିଶନର ସଞ୍ଜୀବ ପଣ୍ଡାଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ପାର୍ବଣ ଋତୁ ଚାଲିଥିବାରୁ ଲୋକମାନେ ନୂଆ ଯାନବାହନ କିଣିବେ। ଏହି ସମୟରେ ଧରପଗଡ଼ ହେଲେ ନୂଆ ଯାନବାହନ ବିକ୍ରିରେ ସମସ୍ୟା ଦେଖାଦେବ। ଏହା ମୋଟରଯାନ ବ୍ୟବସାୟ ଉପରେ ପ୍ରଭାବ ପକାଇବ। ଏହାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଏସ୍‌ଟିଏର ଜଣେ ଅଧିକାରୀ କହିଛନ୍ତି। ସେପ୍ଟେମ୍ବର ୩୦ରୁ ଏଚ୍‌ଏସ୍‌ଆର୍‌ପି ଯାଞ୍ଚକୁ କଡ଼ାକଡ଼ି କରିବାକୁ ଏସ୍‌ଟିଏ ପକ୍ଷରୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଥିଲା। ଗାଡି ନିର୍ମାତାମାନେ ଏଚ୍‌ଏସ୍‌ଆର୍‌ପି ଲଗାଇବାକୁ ରାଜ୍ୟରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିନାହାନ୍ତି। ଫଳରେ ଡିଲରମାନେ ଗ୍ରାହକଙ୍କୁ ନିର୍ଦ୍ଧାରିତ ସମୟ ବ୍ୟବଧାନରେ ଗାଡି ଯୋଗାଇ ଦେବା ନେଇ ସମସ୍ୟା ଦେଖାଦେଉଛି। ଗାଡି ନିର୍ମାତା, ବିକ୍ରେତା ଏବଂ ଗ୍ରାହକମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ଟିଏ ପକ୍ଷରୁ କୁହାଯାଇଛି। ଏଥିସହିତ ଏଚ୍‌ଏସ୍‌ଆର୍‌ପି ପାଇବାର ୩୦ ଦିନ ମଧ୍ୟରେ ଅଣଏଚ୍‌ଏସ୍‌ଆର୍‌ପି ନମ୍ବର ପ୍ଲେଟକୁ ବଦଳାଇବା ପାଇଁ ଡିଲରମାନେ ଏକ ଅଣ୍ଡରଟେକିଂ ଦେବାକୁ କୁହାଯାଇଛି। ଯଦି ଏହି ସମୟ ମଧ୍ୟରେ ଡିଲରମାନେ ଏଚ୍‌ଏସ୍‌ଆର୍‌ପି ପ୍ଲେଟ ଲଗାଇବାରେ ସମର୍ଥ ହେବେ ନାହିଁ ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ସେମାନଙ୍କର ଟ୍ରେଡ୍ ସାର୍ଟିଫିକେଟକୁ ରଦ୍ଦ କରି ଦିଆଯିବ ବୋଲି ଏସ୍‌ଟିଏ ପକ୍ଷରୁ ଡିଲରମାନଙ୍କୁ ଜଣାଇ ଦିଆଯାଇଛି।

# ପୂରଣ ହେବ ୬୦୬ ଅଧ୍ୟାପକ ପଦବୀ

ଭୁବନେଶ୍ୱର, ୧।୧୦(ବ୍ୟୁରୋ)- ରାଜ୍ୟରେ ଥିବା ସରକାରୀ ଡିଗ୍ରୀ କଲେଜଗୁଡ଼ିକରେ ଖାଲି ପଡ଼ିଥିବା ୬୦୬ ଅଧ୍ୟାପକ ପଦବୀ ପୂରଣ କରିବାକୁ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ(ଓପିଏସ୍‌ସି)କୁ ଚିଠି ଲେଖିଛି ଉଚ୍ଚଶିକ୍ଷା ବିଭାଗ। ପ୍ରାୟ ୨୦ ବିଭାଗରେ ଅଧ୍ୟାପକ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗର ଉପସଚିବ ସ୍ନିଗ୍ଧା ଚମ୍ପତିରାୟ ଓପିଏସ୍‌ସି ଅଧ୍ୟକ୍ଷଙ୍କୁ ମଙ୍ଗଳବାର ଚିଠି ଲେଖି ଜଣାଇଛନ୍ତି। ନିଯୁକ୍ତ ହେବାକୁ ଥିବା ସମସ୍ତ ଅଧ୍ୟାପକ ସ୍ଥାୟୀ ତଥା ନିୟମିତ ପଦବୀରେ ନିଯୁକ୍ତି ପାଇବେ। ଖୁବ୍‌ଶୀଘ୍ର ଏନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ଏହି ଚିଠିରେ ଉଲ୍ଲେଖ କରାଯାଇଛି।

# ତଥାପି ଠିଆ ହୋଇପାରୁନି ହାତୀ



କେନ୍ଦୁଝର, ୧।୧୦ (ସ୍ୱ.ପ୍ର.)-ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ଉପରସୁମଠ ଗ୍ରାମ ନିକଟ ଜଙ୍ଗଲରେ ଚିକିତ୍ସାଧୀନ ଥିବା ମାଈ ହାତୀର ରୋଗ ଚିହ୍ନଟ ହୋଇପାରୁନାହିଁ। ରକ୍ତ ନମୁନା ଯାଞ୍ଚ ପାଇଁ ଯାଇଥିଲେ ହେଁ ଅଦ୍ୟାବଧି ରିପୋର୍ଟ ଆସିନାହିଁ। ହାତୀଟି ଭଲ ଭାବେ ଖିଆପିଆ କରୁଛି। ଏଣୁ ହରପିସ୍ ସଂକ୍ରମିତ କାରଣ ନୁହେଁ ବୋଲି କେନ୍ଦୁଝର ବନଖଣ୍ଡ ଦାୟିତ୍ୱରେ ଥିବା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ଅଜିତ ଶତପଥୀ ସୂଚନା ଦେଇଛନ୍ତି। ତେବେ ୪ ଦିନ ହେଲା ଚିକିତ୍ସା ଚାଲିଥିଲେ ହେଁ ହାତୀଟି ଉଠି ଠିଆ ହୋଇପାରୁନାହିଁ। ସେଥିଲାଗି ବନ ବିଭାଗ କର୍ମଚାରୀ ଚିନ୍ତାରେ ଅଛନ୍ତି। ହାତୀକୁ କଦଳୀ, ବୋଇତାଳୁ, ଆଖୁ, ଗୁଡ ଆଦି ଖାଦ୍ୟ ଦିଆଯାଉଛି। ପଡ଼ିଯିବାରୁ ପଛ ଗୋଡରେ ଆଘାତ ଲାଗିଥିବା ଜଣାପଡ଼ିଛି। ହାତୀଟି ଠିଆ ନ ହେଲେ ଅଧିକ ରୋଗଗ୍ରସ୍ତ ହୋଇ ପଡିବ। ଏଣୁ ହାତୀଟିକୁ ଠିଆ କରାଇବା ପାଇଁ ବନ ବିଭାଗ ତଥା ବନ୍ୟ ପ୍ରାଣୀ ଚିକିତ୍ସକ ଦଳ ଜୋରଦାର ଉଦ୍ୟମ କରୁଛନ୍ତି।


**SKILL DEVELOPMENT TRAINING AT DIST-SAMBALPUR, ODISHA**

Sponsored by: NATIONAL SCHEDULED CASTES FINANCE AND DEVELOPMENT CORPORATION. MINISTRY OF SOCIAL JUSTICE AND EMPOWERMENT, GOVT. OF INDIA

**FREE TRAINING PROGRAMME**

Course Offered : Retail Sales Associate.
Qualification Required: 10th.
Last Date for Registration : 09-10-2019
Contact for Registration:
Plot no 733/1309, Unit 14, Danipal, Brundabhan Vihar, Sambalpur, Odisha. Mobile No:9348681211, 8826894375
Email Id : manish@niesbud.gov.in

Organized by: National Institute for Entrepreneurship & Small Business Development (Ministry of Skill Development & Entrepreneurship)





**KOSHAL ANM & GNM TRAINING SCHOOL**

Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar

**ADMISSION OPEN**

**A.N.M.** Duration 2 Years
Eligibility: +2 in any Stream or its equivalent
Age: 17 to 30 Years

**G.N.M.** Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years

Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414



**ଆନନ୍ଦମୟ ପୂଜା ଓ ପର୍ବପର୍ବାଣୀ ପାଇଁ ଆପଣଙ୍କ ଭକ୍ତି, ଏକତା ସହ କିଛି ସଚେତନତା**

DSPL-106

**ପୂଜା, ମେଳା, ସଭାସମିତି କିମ୍ବା ସେହିପରି କୌଣସି କାର୍ଯ୍ୟକ୍ରମ ମାନଙ୍କରେ ଅସ୍ଥାୟୀ ପେଣ୍ଡାଲ, ମଞ୍ଚ, ସାଜସଜ୍ଜା ଇତ୍ୟାଦି କରିବା ପୂର୍ବରୁ ନିମ୍ନଲିଖିତ ସତର୍କତା ଅବଲମ୍ବନ କରନ୍ତୁ-**

- ନିକଟରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଥିଲେ, ଅତିକମରେ ୧୦ ଫୁଟ ଦୂରତା ରଖି କାର୍ଯ୍ୟ କରନ୍ତୁ। ବିଦ୍ୟୁତ୍ ଖୁଣ୍ଟ, ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ । ବିଦ୍ୟୁତ୍ ତାର ତଳେ କୌଣସି ପେଣ୍ଡାଲ କିମ୍ବା ସାଜସଜ୍ଜା କାର୍ଯ୍ୟ କରନ୍ତୁ ନାହିଁ ।
- ଲାଇଟ, ପଙ୍ଖା ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ବ୍ୟବହୃତ ବିଦ୍ୟୁତ୍ ତାରରେ ଯଥା ସମ୍ଭବ କୌଣସି ପ୍ରକାର ଜଏଣ୍ଟ୍ ରଖନ୍ତୁ ନାହିଁ । ଆବଶ୍ୟକ ସ୍ଥଳେ ବିଦ୍ୟୁତ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ । ଜଏଣ୍ଟ୍ ରୁ ସ୍ପାର୍କ ହୋଇ ନିଆଁ ଲାଗିବା ଏବଂ ବିଦ୍ୟୁତ୍ ଆଘାତର ସମ୍ଭାବନା ଥାଏ ।
- ସମସ୍ତ ବିଦ୍ୟୁତ୍ ଉପକରଣ ଗୁଡିକୁ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରନ୍ତୁ ଏବଂ ଏହା ସଠିକ୍ ରୂପେ କାର୍ଯ୍ୟ କରୁଛି ବୋଲି ନିଶ୍ଚିତ ହୁଅନ୍ତୁ ।
- ଅସ୍ଥାୟୀ ସର୍ଭିସ୍ କନେକ୍ସନ୍ ନିମନ୍ତେ ଆବଶ୍ୟକ କ୍ଷମତା ବିଶିଷ୍ଟ ଏବଂ ସୁରକ୍ଷିତ ISI ମାର୍କା ତାର ବା କେବୁଲ୍ ବ୍ୟବହାର କରନ୍ତୁ ଏବଂ ଅଧିକ ଲୋଡ୍ କରନ୍ତୁ ନାହିଁ।
- ୧୦୦ କିମ୍ବା ତଦୁର୍ଦ୍ଧ ଜନ ସାଧାରଣଙ୍କର ସମାଗମ ହେବା ସ୍ଥାନରେ ବିଦ୍ୟୁତ୍ ବ୍ୟବହାର ହେବାକୁ ଥିଲେ ବିଦ୍ୟୁତ୍ ନିରୀକ୍ଷକଙ୍କ ଅନୁମତି ଅନିର୍ବାର୍ଯ୍ୟ ଅଟେ।



ବିଦ୍ୟୁତ ବ୍ୟବହାର ରେ ସହଜ ହୁଏ ଜୀବନ,
ଅସାବଧାନ ହେଲେ ନେଇ ଯାଏ ଜୀବନ।

- ଉପଯୁକ୍ତ କ୍ଷମତା ଏବଂ କେବଳ ISI ମାର୍କା ତାର, ସର୍କିଟ୍ ବ୍ରେକର୍/ଫିଉଜ୍, ମେନ୍ ସୁଇଚ୍, ଚେଞ୍ଜଓଭର୍ ଇତ୍ୟାଦି ବ୍ୟବହାର କରନ୍ତୁ।
- ଖୋଲାରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ IP65/IP66/IP55 ଇତ୍ୟାଦି ମାନକ ଥିବା ଉପକରଣ ବ୍ୟବହାର କରନ୍ତୁ।
- ପର୍ଯ୍ୟାପ୍ତ ସଂଖ୍ୟାର ଅଗ୍ନି ନିର୍ବାପକ ଉପକରଣ, ଶୁଖିଲା ବାଲି (ବାଲ୍ଟିରେ) ପ୍ରଭୃତି ଷ୍ଟେଜ୍ ନିକଟରେ ଏବଂ ମେନ୍ ସୁଇଚ୍ ପ୍ୟାନେଲ୍ ଥିବା ସ୍ଥାନରେ ରଖନ୍ତୁ। ଆବଶ୍ୟକ ସ୍ଥଳେ ଫାୟାର୍ ଡିଟେକ୍ସନ୍ ଆଣ୍ଡ୍ ଆଲାର୍ମ୍ ସିଷ୍ଟମ୍ ର ବ୍ୟବହାର କରନ୍ତୁ।
- ଅସ୍ଥାୟୀ ପେଣ୍ଡାଲ୍ କରିବା ପୂର୍ବରୁ ବିଦ୍ୟୁତ୍ ବିତରଣ ବିଭାଗ, ବିଦ୍ୟୁତ୍ ନୀରିକ୍ଷକ ଓ ଅଗ୍ନି ନିର୍ବାପକ ବିଭାଗ ଇତ୍ୟାଦିକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକୀୟ ଅନୁମତି ନିଅନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର୍ ସୁଇଚ୍ ରହିବା ଅନିର୍ବାଯ୍ୟ ଅଟେ।
- କେବଳ ଲାଇସେନ୍ସ ପ୍ରାପ୍ତ ସଂସ୍ଥା ଏବଂ କୁଶଳୀ କାରିଗରଙ୍କ ଦ୍ୱାରା ବୈଦ୍ୟୁତିକ କାର୍ଯ୍ୟ କରାନ୍ତୁ ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର

04004/13/0012/1920



UTKAL UNIVERSITY NAAC ACCREDIATED A+
150 YEARS OF CELEBRATING THE MAHATMA

*Remembering the Mahatma*

**UTKAL UNIVERSITY INVITES YOU ALL**

**2 October 2019 II 7.00 AM onwards**
**Utkal University Campus**

Join us to celebrate the life and works of the Mahatma and pay tribute to the Messenger of Peace

| | |
|---|---|
| 7.00AM - 8.00AM | • *Prabhat Pheri* and Campus Cleaning |
| 8.00AM - 9.00AM | • Fit India Movement & Plogging Run |
| 10.30AM - 11.30AM | • Unveiling of Gandhiji's Statue by the Chief Guest His Excellency **Prof. Ganeshi Lal** Hon'ble Governor of Odisha and Chancellor of Utkal University at *Ahimsa Sthal* in the gracious presence of distinguished Guest of Honour **Shri Madhusudan Padhi,** IAS Principal Secretary to the Hon'ble Governor |
| | • Launching of **Peace Studies Programme** |
| 4.00PM | • Inauguration of **International Conference** on Mahatma and his vision of rural development and social transformation |
| 6.00PM - 8.00PM | • **Cultural Programme** |

*In fond remembrance, 150 students will offer* ***floral tribute*** *in the morning and 150 students will* ***light candles*** *in the evening.*

**Prof Soumendra Mohan Patnaik**
Vice Chancellor

**Mr. Dayanidhi Nayak, OAS**
Registrar





# ଖାତିର ନା ବେଖାତିର

ଗୁଜରାଟରେ ୨୦୦୨ ମସିହା ଦଙ୍ଗାରେ ଗଣବଳାତ୍କାରର ଶିକାର ହୋଇଥିବା ବିଲ୍‌କିସ୍ ବାନୋଙ୍କୁ ୨ ସପ୍ତାହ ମଧ୍ୟରେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ଚାକିରି ଓ ଘର ଯୋଗାଇ ଦେବାକୁ ସୁପ୍ରିମକୋର୍ଟ ୩୦ ସେପ୍ଟେମ୍ବର ୨୦୧୯ରେ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିଭଳି ସମାନ ଆଦେଶ ଗତ ୨୩ ଏପ୍ରିଲ ୨୦୧୯ରେ ଦିଆଯାଇଥିଲା। ଇତିମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ବିଲ୍‌କିସ୍‌ଙ୍କୁ କୌଣସି ସୁବିଧା ମିଳିଲା ନାହିଁ। ଏଥିଲାଗି ତାଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ଗୁଜରାଟ ଦଙ୍ଗା ସମୟରେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର କରାଯାଇଥିବା ବେଳେ ତାଙ୍କ ପରିବାରର ୧୪ ଜଣଙ୍କୁ ହତ୍ୟା କରାଯାଇଥିଲା। ସବୁଠାରୁ ଯନ୍ତ୍ରଣାଦାୟକ ବିଷୟ ଥିଲା ଯେ ବିଲ୍‌କିସ୍ ଗଣବଳାତ୍କାରର ଶିକାର ବେଳେ ୫ ମାସର ଗର୍ଭବତୀ ଥିଲେ। ଏଭଳି ଅମାନୁଷିକ କାଣ୍ଡ ଆଧୁନିକ ଯୁଗରେ କ୍ୱଚିତ୍ ଦେଖାଦେଇଥିବ। ଅସହ୍ୟ ନିର୍ଯାତନା ସହିଥିବା ବିଲ୍‌କିସ୍ ଦନ୍ତ ଧରି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ର ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ପୋଲିସ ବିଲ୍‌କିସ୍‌ଙ୍କ ମାମଲାକୁ ପୂରା ବନ୍ଦ କରିଦେଇଥିଲା। କୋର୍ଟ ଉପରେ ଚାପ ପଡ଼ିବାର ଆଶଙ୍କା ସୃଷ୍ଟି ହେବା ପରେ ଗୁଜରାଟରୁ ମାମଲା ବମ୍ବେ ହାଇକୋର୍ଟ ଯାଇଥିଲା। ସେଠାରେ କେବଳ ୧୧ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ୧୧ ଜଣ ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତରେ ମୃତ୍ୟୁଦଣ୍ଡ ମିଳିବା ପରେ ସେମାନେ ଉଚ୍ଚ ନ୍ୟାୟାଳୟକୁ ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ନ୍ୟାୟ ଦେବାରେ ଅନିୟମିତତା ସନ୍ଦେହ କରି ସୁପ୍ରିମକୋର୍ଟ ଏହି ମାମଲାକୁ ଗୁଜରାଟ ହାଇକୋର୍ଟରୁ ବମ୍ବେ ହାଇକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ବମ୍ବେ ହାଇକୋର୍ଟ ବିଚାରପତି ଭାବେ ଭି. କେ. ତାହିଲରମଣି ଏହି ୧୧ ଜଣଙ୍କ ମୃତ୍ୟୁଦଣ୍ଡକୁ କାଏମ ରଖିଥିଲେ। ବିଚାରପତି ତାହିଲରମଣିଙ୍କ ସେହି ନିର୍ଦ୍ଦେଶ ଗୁଜରାଟ ଦଙ୍ଗା ରଚିଥିବା ରାଜନେତାମାନଙ୍କୁ ବିରକ୍ତ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବମ୍ବେ ହାଇକୋର୍ଟରୁ ବିଦା କରାଯାଇ ମାଡ୍ରାସ ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଅବସ୍ଥାପିତ କରାଯାଇଥିଲା। ଧୀରେ ସୁସ୍ଥେ ବିଚାରପତିଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇ ନିକଟରେ ତାଙ୍କୁ ମେଘାଳୟ ଭଳି ଏକ ଛୋଟିଆ ହାଇକୋର୍ଟକୁ ବଦଳି କରାଗଲା। ସେହି ବଦଳିର ପ୍ରତିବାଦ କରି ତାହିଲରମଣି ମୁଖ୍ୟ ବିଚାରପତି ପଦବୀରୁ ଇସ୍ତଫା ଦେବା ପରେ ୬ ସେପ୍ଟେମ୍ବର ୨୦୧୯ରେ ରାଷ୍ଟ୍ରପତି ତାହାକୁ ଗ୍ରହଣ କରିଥିଲେ। ପ୍ରତିଶୋଧର ସ୍ରୋତକୁ କାର୍ଯ୍ୟ କରାଇବାକୁ ଯାଇ ଏବେ ତାଙ୍କ ବିରୋଧରେ ସିବିଆଇ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ନିର୍ଦ୍ଦେଶ ପଛରେ ଉଦ୍ଦେଶ୍ୟ ହେଉଛି ଯେ 'ନୂଆ ଭାରତ'ରେ ଅନ୍ୟାୟ ବିରୋଧରେ ପ୍ରତିବାଦ କଲେ ଖୁବ୍‌ଶୀଘ୍ର ମୃତ୍ୟୁବରଣ କରିବାକୁ ବାଧ୍ୟ।

ବିଲ୍‌କିସ୍ ବାନୋଙ୍କ ମାମଲାରେ ୧୯ ଜଣ ବ୍ୟକ୍ତିଙ୍କ ସିଧାସଳଖ ସମ୍ପୃକ୍ତି ଥିବା ବେଳେ ୭ ଜଣ ପୋଲିସ ଓ ଡାକ୍ତରଙ୍କ ରିପୋର୍ଟକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ବିଲ୍‌କିସ୍‌ଙ୍କ କେସ୍ ସର୍ବୋଚ୍ଚ ଅଦାଲତରେ ପହଞ୍ଚିଥିଲା। ଅଦ୍ୟାବଧି ତାଙ୍କୁ ନ୍ୟାୟ ନ ମିଳିବା ଦୁଃଖର ବିଷୟ। ଏହି ପରିପ୍ରେକ୍ଷୀରେ ଆଉ ଏକ ଘଟଣା ଉପରେ ଦୃଷ୍ଟିପାତ କରାଯାଇପାରେ। ୨୦୧୭ରେ ରାଜସ୍ଥାନର ଜୟପୁରରୁ ଅଲୱାରଙ୍କୁ ଯୋଗାଯୋଗ କରୁଥିବା ରାସ୍ତା ଦେଇ ପେହେଲୁ ଖାନ୍ ତାଙ୍କ ଦୁଇ ପୁଅ ସହ ଗୋରୁ ନେଇ ଯାଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋରୁ ଚାଲାଣକାରୀ ସନ୍ଦେହରେ ନିସ୍ତୁକ ପିଟିଥିଲେ। ପରେ ପେହେଲୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଅଗଷ୍ଟ ୨୦୧୯ରେ ଅଲୱାର କୋର୍ଟ ଦୋଷମୁକ୍ତ କରିଦେଇଥିଲେ। ମାମଲାକୁ ବେନିଫିଟ୍ ଅଫ୍ ଡାଉଟ୍ ବା ସନ୍ଦେହରୁ ଫାଇଦା ଦର୍ଶାଯାଇ ଅଭିଯୁକ୍ତଙ୍କୁ ମୁକ୍ତ କରାଯିବା ପରେ ପେହେଲୁ ଖାନ୍ ପରିବାର ହତବାକ୍ ହୋଇଯାଇଥିଲେ।

ଭାରତୀୟ ଗଣତନ୍ତ୍ରର ୩ଟି ପ୍ରମୁଖ ସ୍ତମ୍ଭ ଯଥା ବ୍ୟବସ୍ଥାପିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକା ରହିଛି। ଉପରଲିଖିତ ଦୁଇଟି ଘଟଣାକୁ ତର୍ଜମା କଲେ ଉଭୟ (ବ୍ୟବସ୍ଥାପିକା ଓ ନ୍ୟାୟପାଳିକା)ରେ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକଙ୍କର କାର୍ଯ୍ୟ ପ୍ରତି ଉତ୍ତରଦାୟିତ୍ୱ ରହିବା ପରି ମନେ ହେଉନାହିଁ। ବିଲ୍‌କିସ୍ ଯେଉଁଭଳି ଭାବେ ୧୭ ବର୍ଷ ଧରି ଶାରୀରିକ ଓ ମାନସିକ ସ୍ତରରେ ଯନ୍ତ୍ରଣା ପାଇଚାଲୁଛନ୍ତି, ତାହାକୁ ବୁଝିବା ପାଇଁ ଗୁଜରାଟର ପ୍ରଶାସନିକ ଅଧିକାରୀମାନେ ସମ୍ଭବତଃ ଦୃଷ୍ଟି ପକାଇବାକୁ ଚାହୁଁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯିବା ଦିଗରେ ଦୁଇଟି କଥା ଶୁଣାଯାଉଛି। ଗୁଜରାଟ ପକ୍ଷରୁ ଯୁକ୍ତି ବାଢ଼ି ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ଯେ, ରାଜ୍ୟ ସରକାର ଏ ନେଇ ଏକ ରିଭ୍ୟୁ ପିଟିଶନ କରିଛନ୍ତି। ଏଥିସହିତ କୋର୍ଟ ଯେଉଁ କ୍ଷତିପୂରଣ ପ୍ୟାକେଜ ଦେବା ନେଇ ନିର୍ଦ୍ଦେଶ ଦେଇଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯିବା ଦରକାର, ଯଦ୍ୱାରା ଏହା ଅନ୍ୟ ମାମଲା ଲାଗି ଏକ ଦୃଷ୍ଟାନ୍ତ ସୃଷ୍ଟି କରିବ ନାହିଁ। କିନ୍ତୁ ସଲିସିଟର ଜେନେରାଲ ମେହେଟାଙ୍କ ଏହି ମତ କୌଣସି ସଚେତନ ସଭ୍ୟ ସମାଜରେ ଗ୍ରହଣୀୟ ହେବ ନାହିଁ। ଜଣେ ଗର୍ଭବତୀଙ୍କୁ ବଳାତ୍କାର ଘଟୁଥିବା ବେଳେ ଯଦି ପରିବାରର ୧୪ ଜଣଙ୍କୁ ହତ୍ୟା କରାଯାଏ, ତେବେ ୫୦ ଲକ୍ଷ ଟଙ୍କା କ'ଣ, କୌଣସି ପରିମାଣର କ୍ଷତିପୂରଣ ଯଥେଷ୍ଟ ହେବ ନାହିଁ। ସେଥିପାଇଁ ମେହେଟାଙ୍କ ଯୁକ୍ତି ଯେ ଏହି ରାୟକୁ ଅନ୍ୟତ୍ର ବ୍ୟବହାର କରାଯିବା ପ୍ରତି କଟକଣା ସ୍ପଷ୍ଟ କରାଯାଉ, ତେବେ ତାଙ୍କର ସେହି ମନ୍ତବ୍ୟ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଦୁଃଖର ବିଷୟ, ସର୍ବୋଚ୍ଚ ଅଦାଲତ ନିର୍ଦ୍ଦିଷ୍ଟ ମାମଲା ଲାଗି ଉଦ୍ଦିଷ୍ଟ ଥିବା ସର୍ତ୍ତରେ ରାଜି ହୋଇଛନ୍ତି। କିନ୍ତୁ ଖଣ୍ଡପୀଠ ଦୁଇ ସପ୍ତାହ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବେ ଶୀର୍ଷ କୋର୍ଟଙ୍କ ଆଦେଶ ପାଳନ ହେଉଛି ଆଗାମୀ ଦିନରେ ଜଣାପଡ଼ିବ।

ବିଲ୍‌କିସ୍‌ଙ୍କ ମାମଲାରେ କାର୍ଯ୍ୟପାଳିକାର ଦୋଷ ଦିଶିଯାଉଥିବା ବେଳେ ପେହେଲୁ ଖାନ୍‌ଙ୍କ କେସ୍‌ରେ ନ୍ୟାୟପାଳିକାର କେତେ ଜଣଙ୍କ ଭୂମିକା ସନ୍ଦେହ ଭିତରକୁ ଟାଣି ହୋଇଆସୁଛି। ଜଣେ ବ୍ୟକ୍ତିଙ୍କୁ ପିଟିପିଟି ମାରିଦିଆଗଲା ଓ ତାହାର ଭିଡିଓ ଥିବା ନେଇ ମିଡିଆରେ ଅନେକ ଚର୍ଚ୍ଚା ହେଲା, ତଥାପି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିଲା ନାହିଁ। ଭାରତୀୟ ଶାସନ ଓ ନ୍ୟାୟିକ ବ୍ୟବସ୍ଥାରେ ଏହି ଦୁଇଟି ଘଟଣା ବିରୋଧାଭାସ ସୃଷ୍ଟି କଲା ଭଳି ମନେହେଉଛି। ବିଲ୍‌କିସ୍ ମାମଲାରେ କାର୍ଯ୍ୟପାଳିକା ଓ ପେହେଲୁ ଘଟଣାରେ ନ୍ୟାୟପାଳିକାର କେତେକ ବ୍ୟକ୍ତିଙ୍କ କାର୍ଯ୍ୟଧାରା ଭାରତୀୟ ସମାଜର ସମ୍ମାନହାନି କରିଛି। ଏବେ ଦେଖିବାକୁ ବାକି ଅଛି, ସର୍ବୋଚ୍ଚ ନ୍ୟାୟାଳୟର ବିଲ୍‌କିସ୍‌ଙ୍କ ସମ୍ପର୍କରେ ଦିଆଯାଇଥିବା କ୍ଷତିପୂରଣ ରାୟକୁ ଗୁଜରାଟ ସରକାର କାର୍ଯ୍ୟକାରୀ କରାଉଛନ୍ତି ନା ବେଖାତିର ମନୋଭାବ ପୋଷଣ କରି ଏଡ଼ାଇ ଦେଉଛନ୍ତି।

# ଗାନ୍ଧିଜୀଙ୍କ ଦୃଷ୍ଟିରେ ସ୍ୱଚ୍ଛତା



ଜଗଦାନନ୍ଦ ଜେନା

୨୦୧୯ ଅକ୍ଟୋବର ୨ ତାରିଖରେ ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ଯାଉଛୁ। ଆମ ଜାତିକୁ କର୍ତ୍ତବ୍ୟପରାୟଣ, ସତ୍ୟନିଷ୍ଠ ଓ ସଂସ୍କାରୀ କରିବାକୁ ସେ ଅହରହ ସଂଗ୍ରାମ କରିଥିଲେ। ପରିଷ୍କାର ପରିଚ୍ଛନ୍ନତା ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। ଏପରି କି ସେ ଯେଉଁଠି ଅପରିଚ୍ଛନ୍ନତା ଦେଖୁଥିଲେ ଅନ୍ୟକୁ ଅପେକ୍ଷା ନ କରି ନିଜେ ସଫାକରି ଦେଉଥିଲେ। ସେ ଅପରିଚ୍ଛନ୍ନତାକୁ କେତେ ଘୃଣା କରୁଥିଲେ ଓ ସ୍ୱଚ୍ଛତାକୁ କେତେ ଭଲ ପାଉଥିଲେ ତାହା ତାଙ୍କ ଜୀବନର ଗୋଟିଏ ଘଟଣାରୁ ସହଜରେ ଉପଲବ୍ଧି କରିପାରିବା।

୧୯୦୧ ମସିହା କଥା। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିଥାନ୍ତି। କଲିକତାରେ କଂଗ୍ରେସ ଅଧିବେଶନ ବସିବାକୁ ଯାଉଥାଏ। ଗାନ୍ଧିଜୀ ସେହି ଅଧିବେଶନରେ ଯୋଗ ଦେବାକୁ ନିମନ୍ତ୍ରଣ ପାଇଥାନ୍ତି। ଉକ୍ତ କଂଗ୍ରେସ ସଭାରେ ଯୋଗଦେବା ତାହା ଥିଲା ତାଙ୍କର ପ୍ରଥମ ଅଭିଜ୍ଞତା। ଗାନ୍ଧିଜୀ ଅଧିବେଶନରେ ଯୋଗ ଦେବାକୁ ଟ୍ରେନ୍‌ରେ ବମ୍ବେରୁ କଲିକତା ବାହାରିଲେ। ସେହି ଟ୍ରେନ୍‌ରେ ଫିରୋଜ ସାହା ଓ କଂଗ୍ରେସ ଅଧିବେଶନର ସଭାପତି ଦୀନଶା ୱାଛା ବି ଯାଉଥିଲେ। ଟ୍ରେନ୍ ଭିତରେ ଗାନ୍ଧିଜୀ ଓ ଫିରୋଜ ଦେଶର ଦୁର୍ଦ୍ଦଶା, ଜାତିଆଣ ଭାବ, ଦାରିଦ୍ର୍ୟ ଆଦି ବିଭିନ୍ନ ବିଷୟରେ ଆଲୋଚନା କଲେ। ଫିରୋଜ କହିଲେ ମୋର ବିଶ୍ୱାସ ଯେ ପର୍ଯ୍ୟନ୍ତ ଇଂରେଜମାନେ ଏ ଦେଶ ଛାଡ଼ି ଯାଇନାହାନ୍ତି ଆମର ଅବସ୍ଥା କଦାପି ସୁଧୁରିବ ନାହିଁ। ସେତେବେଳେ ଟ୍ରେନ୍ କଲିକତାରେ ଲାଗିଲା। ଅଭ୍ୟର୍ଥନା ସମିତି ସଭ୍ୟମାନେ ଭାରି ଆଡ଼ମ୍ବରରେ ସଭାପତି ଦୀନଶାଙ୍କୁ ପାଛୋଟି ନେଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧିମାନଙ୍କୁ କେହି ପଚାରିଲେ ନାହିଁ। ଗାନ୍ଧିଜୀ ସେଇଠି ଅନୁଭବ କଲେ ଆନ୍ଦୋଳନ ପାଇଁ ଏକଜୁଟ ହୋଇଥିବା ଲୋକମାନଙ୍କ ଭିତରେ ଆନ୍ଦୋଳନ ଲାଗି ଯେତେ ଭୋକ ନାହିଁ, ଭୋକ ଅଛି କିପରି ବଡ଼ବଡ଼ିଆଙ୍କ ସାନ୍ନିଧ୍ୟ ଲାଭ କରିବା। ଜଣେ ସ୍ୱେଚ୍ଛାସେବକକୁ ଗାନ୍ଧିଜୀ ପଚାରିଲେ, କେଉଁଠି ଆମ ରହିବା ବ୍ୟବସ୍ଥା ହୋଇଛି। ସ୍ୱେଚ୍ଛାସେବକ ରିପନ କଲେଜ ଯିବା ପାଇଁ କହିଲେ। ସେଠାରେ ଲୋକମାନ୍ୟ ତିଳକ ରହୁଥିବା ଖବର ପାଇ ଗାନ୍ଧିଜୀଙ୍କ ମନ ବହୁତ ଖୁସି ହୋଇଗଲା। ସେତେବେଳେ ତିଳକ ଜଣେ ପ୍ରତିଷ୍ଠିତ ଓ ବିଶ୍ୱ ଦରବାରରେ ପରିଚିତ ବ୍ୟକ୍ତିତ୍ୱ ଥିଲେ। ସେଠି ରହିବା ଅବସରରେ ତାଙ୍କ ସହିତ ସାକ୍ଷାତ ହୋଇଯିବ ଓ ସେ କଂଗ୍ରେସ ସମ୍ପର୍କରେ ଅନେକ କଥା ଜାଣିପାରିବେ। କଲେଜରେ ପହଞ୍ଚିଲା ପରେ ଗାନ୍ଧିଜୀ ଦେଖିଲେ ଚାରୋଟି ହଲ୍‌ରେ ପ୍ରତିନିଧିମାନଙ୍କ ରହିବା ପାଇଁ ଜାଗା ଠିକ୍ କରାଯାଇଛି। ତଳେ ଦରି ପଡିଥିଲା। ନିଜ ନିଜ ବ୍ୟାଗ ରଖି ଯିଏ ଯେଖା ସ୍ଥାନ ଅଧିକାର କରିନେଲେ। ଗୋଟିଏ କୋଠରି ସ୍ୱେଚ୍ଛାସେବକମାନେ ରହିବା ପାଇଁ ଉଦ୍ଦିଷ୍ଟ ଥିଲା। ସ୍ୱେଚ୍ଛାସେବକମାନେ ଧଳା ହାଫ୍ ପ୍ୟାଣ୍ଟ, କୁରୁତା, ମୁଣ୍ଡରେ ପଟି ଓ ଛାତିରେ ବ୍ୟାଜ୍ ଲଗାଇଥିଲେ, ଯେଉଁଥିରୁ ସେମାନଙ୍କୁ ସ୍ୱେଚ୍ଛାସେବକ ବୋଲି ଜାଣିହେବ। ସେମାନଙ୍କ ଉପରେ ପ୍ରତିନିଧିମାନଙ୍କ ସୁବିଧା ଅସୁବିଧା ବୁଝିବା ଦାୟିତ୍ୱ ନ୍ୟସ୍ତ ଥିଲା। ଅଧଘଣ୍ଟା ଭିତରେ ଗାନ୍ଧିଜୀ ଯାହା ଦେଖିଲେ, ସେ ନିଜକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ। ସ୍ୱେଚ୍ଛାସେବକମାନେ ଆପଣା ଭିତରେ ଥେଣ୍ଟାଥେଣ୍ଟି ହେଉଥିଲେ। ଜଣକୁ କିଛି କାମ ବରାଦ କଲେ ସେ ଅନ୍ୟ ଜଣଙ୍କ ଉପରେ ପକାଇ ଦେଉଥିଲା। ସେ ଜଣକ ତୃତୀୟ ଜଣକ ଉପରେ ପକାଇଦେଇ ନିଜେ ମୁକ୍ତ ହୋଇଯାଉଥିଲା। କଥାଟା ଏହିପରି ଗଡି ଚାଲୁଥିଲା ଅଥଚ କାମ ହେଉ ନ ଥିଲା। ଏପରି ସ୍ଥଳେ ପ୍ରତିନିଧିମାନଙ୍କୁ ପଚାରେ କିଏ? ଗାନ୍ଧିଜୀ ଦେଖିଲେ ଯେଉଁ ପ୍ରତିନିଧିମାନେ ସେଠାକୁ ଆସିଥିଲେ ସେମାନେ ନିଜକୁ ସ୍ୱତନ୍ତ୍ର ଓ ସମ୍ମାନାସ୍ପଦ ବୋଲି ବିବେଚନା କରୁଥିଲେ। ନିଜ ହାତରେ କିଛି କରୁ ନ ଥିଲେ, ଖାଲି ଯାକୁ ତାକୁ ହୁକୁମ ଦେଉଥିଲେ। ଏଠାରେ ଅସ୍ପୃଶ୍ୟତା ଦେଶର ସାଧାରଣ ନାଗରିକମାନଙ୍କ ଅପେକ୍ଷା ବେଶି ଥିଲା। ଦ୍ରାବିଡ଼ ଲୋକଙ୍କ ରୋଷେଇ ଅଲଗା ହେଉଥିଲା। ସେମାନେ ଅନ୍ୟମାନଙ୍କ ସହ ଖିଆପିଆ କରୁ ନ ଥିଲେ। ଗାନ୍ଧିଜୀ ଅନୁଭବ କଲେ ଯଦି ମହାସଭାକୁ ଆସିଥିବା କଂଗ୍ରେସ ଲୋକ ଏତେ ଛୁଆଁ ଅଛୁଆଁ ବାଛୁଛନ୍ତି ତା' ହେଲେ ଅନ୍ୟ ଲୋକ କେତେ ବାଛୁ ନ ଥିବେ।



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ

ଗାନ୍ଧିଜୀଙ୍କୁ ସବୁଠାରୁ ଦୁଃଖ ଦେଉଥିଲା ଅପରିଷ୍କାର ଅପରିଚ୍ଛନ୍ନତା। ଚାରିଆଡ଼େ ମନ୍ଦା ମନ୍ଦା ପାଣି ଜମା ହୋଇଥିଲା। ସାମାନ୍ୟ କେତୋଟି ପାଇଖାନା, ସେଗୁଡିକର ଗନ୍ଧ କଥା କହିଲେ ନ ସରେ। ପାଇଖାନା ଗାତଗୁଡିକ ମଇଳାରେ ପୋତି ହୋଇଯାଇଥିଲା। ଗୋଡ଼ ଥୋଇବା ଜାଗାରେ ବି ଲୋକ ଝାଡ଼ା ଫେରି ଦେଇଥିଲେ। ଏସବୁ ଦେଖି ଗାନ୍ଧିଜୀ ସ୍ୱେଚ୍ଛାସେବକମାନଙ୍କୁ ଦେଖାକରି କହିଲେ- ସେମାନେ ସଫା ସଫା କହିଦେଲେ ଏହା ମେହେନ୍ତରଙ୍କ କାମ, ଆମ କାମ ନୁହେଁ। ଗାନ୍ଧିଜୀ କେତେଜଣ ପ୍ରତିନିଧି ବନ୍ଧୁଙ୍କୁ ପାଇଖାନା ସଫା କରିବା ପାଇଁ ପ୍ରସ୍ତାବ ଦେଲେ। ସେମାନେ ଗାନ୍ଧିଜୀଙ୍କ କଥାରେ ମୁହଁ ମୋଡି ବାଟ ଆଡେଇ ଚାଲିଗଲେ। ଗାନ୍ଧିଜୀ ଅନୁଭବ କଲେ କେବଳ କ୍ଷମତା, ଅର୍ଥ ଓ ନାମ କମାଇବା ପାଇଁ ଏମାନେ ଆସିଛନ୍ତି। ସେବା ଚିନ୍ତାଧାରା କାହାର ନାହିଁ। ଗାନ୍ଧିଜୀ ହାତରେ ଝାଡୁ ଓ ବାଲ୍‌ଟି ଧରି ପାଇଖାନା ସଫା କରିବା ଆରମ୍ଭ କରିଦେଲେ। ସେଗୁଡିକ ଏତେ ଅପରିଷ୍କାର ହୋଇଥିଲା ଯେ, ଗୋଟିଏ ଗୋଟିଏ ପାଇଖାନା ସଫା କରିବାକୁ ଘଣ୍ଟାକରୁ ଊର୍ଦ୍ଧ୍ୱ ସମୟ ଲାଗିଗଲା। ସବୁ ପାଇଖାନା ସଫା କରିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। ଯେଉଁ ପାଞ୍ଚଟି ପାଇଖାନା ଅତି ସୁନ୍ଦର ଭାବରେ ସେ ସଫା କରିଦେଇଥିଲେ, ସେଥିରେ ପାଇଖାନା ଯିବାକୁ ପ୍ରତିନିଧିମାନଙ୍କ ଲମ୍ବାଧାଡି ଲାଗିଯାଇଥିଲା। ଅଥଚ ଅନ୍ୟ ପାଇଖାନାଗୁଡିକ ସଫା କରିବା ପାଇଁ କେହି ମନ ଦେଇ ନ ଥିଲେ। ପାଇଖାନା ଅପରିଷ୍କାର ଯେତିକି ଗାନ୍ଧିଜୀଙ୍କୁ ମର୍ମାହତ କରି ନ ଥିଲା, ତା'ଠୁ ଅଧିକ ମର୍ମାହତ କରିଥିଲା ଅନେକ ପ୍ରତିନିଧିଙ୍କ ଆଚରଣ। ଅନେକ ପ୍ରତିନିଧି ରାତିରେ ନିଜ ନିଜ ରହିବା ଘରର ବାରଣ୍ଡାରେ ମଧ୍ୟ ଝାଡା ଫେରିବାକୁ ସଂକୋଚ କରୁ ନ ଥିଲେ। ସେ ସ୍ଥାନ ଏତେ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇଯାଇଥିଲା ଯେ, ଘରେ ରହିବା ସମ୍ଭବ ହେଉ ନ ଥିଲା। ଗାନ୍ଧିଜୀ ସ୍ୱେଚ୍ଛାସେବକମାନଙ୍କୁ ଏହା ଦେଖାଇଲେ ଓ ତାଙ୍କ ସହ ମିଶି ସଫା କରିବାକୁ କହିଲେ, କିନ୍ତୁ କେହି ଜଣେ ହେଲେ ବି ବାହାରିଲେ ନାହିଁ। ଶେଷକୁ ଗାନ୍ଧିଜୀ ନିଜେ ହିଁ ସେ ସବୁକୁ ସଫା କଲେ। ଗାନ୍ଧିଜୀଙ୍କର ମନେହେଲା ଏ ଅଧିବେଶନ ଯଦି ତିନିଦିନ ପାଇଁ ନ ହୋଇ ବେଶି ଦିନ ବସିଥାନ୍ତା ତେବେ ସେଠାରେ ମହାମାରୀ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଯାଇଥାନ୍ତା।

ଏହି ପ୍ରଥମ ଅଧିବେଶନ ହିଁ ଗାନ୍ଧିଜୀଙ୍କ ଚିନ୍ତା ଓ ଚରିତ୍ରରେ ଘୋର ପରିବର୍ତ୍ତନ ଆଣିଥିଲା। ସେ ଦକ୍ଷିଣ ଆଫ୍ରିକା ଆଉ ନ ଫେରିବାକୁ ଶପଥ କଲେ। ଭାରତରେ ରହି ପ୍ରଥମେ ଲୋକମାନଙ୍କ ମନରେ ବସା ବାନ୍ଧିଥିବା ଛୁଆଁ ଅଛୁଆଁ, ଉଚ୍ଚନୀଚ, ଅନ୍ୟ ଉପରେ ନିର୍ଭର ମନୋଭାବ ଦୂର କରିବା ପାଇଁ ଦୃଢ଼ ସଂକଳ୍ପ ନେଲେ। କାରଣ ସେ ଜାଣିଥିଲେ ଭାରତକୁ ସ୍ୱାଧୀନ କରିବାକୁ ହେଲେ ଉଚ୍ଚନୀଚ ଭେଦଭାବ ଦୂରୀକରଣ, ସ୍ୱାବଲମ୍ବନଶୀଳତା, କର୍ତ୍ତବ୍ୟପରାୟଣତା ସହିତ ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକ ଚେତନା ଦରକାର। ଆଜି ୧୫୦ତମ ଜୟନ୍ତୀ ଅବସରରେ ସେହି ମହାନ୍ ଜାତିରପିତା ଗାନ୍ଧିଜୀଙ୍କ କାର୍ଯ୍ୟକଳାପ ମନେପକାଇବାର ସମୟ ଆସିଛି। ଆଧୁନିକ ଯନ୍ତ୍ର-ସଭ୍ୟତାର ବଶବର୍ତ୍ତୀ ହୋଇ ଆମେ ପର ଉପରେ ଘରେ, ବାହାରେ ଯେପରି ସବୁବେଳେ ନିର୍ଭରଶୀଳ ହୋଇଚାଲିଛନ୍ତି ତାହା ଶୁଭ ଲକ୍ଷଣ ନୁହେଁ। ଏହା ପରିତ୍ୟାଗ ନ କଲେ ଆମର ଉନ୍ନତି ହୋଇପାରିବ ନାହିଁ। ଘର ଓଳାଇବା, ପାଇଖାନା ସଫା କରିବା, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖିବା, କୌଣସି କାର୍ଯ୍ୟକୁ ସଂକୋଚ ନ କରି ଆଗଭର ହୋଇ କରିବା, କଠିନ ପରିଶ୍ରମ କରି ନିଜ ଉତ୍ପାଦନରେ ବଞ୍ଚିବା ଓ ସରଳ ଜୀବନଯାପନ କରିବା ମନୋଭାବ ସୃଷ୍ଟି ହେଲେ ଆମ ଦେଶରୁ ଦୁର୍ନୀତି, ରୋଗ ଓ ଶୋକକୁ ଦୂର କରିପାରିବା।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସିମିଳିପଡ଼ା, ଅନୁଗୋଳ, ମୋ-୯୯୩୭୫୯୬୧୩୯

# ଅଭିଭାବକଙ୍କ ଦାୟିତ୍ୱ



ଡ. ଚିନ୍ତାମଣି ପଣ୍ଡା

ନିଜର ଦୋଷତ୍ରୁଟିକୁ ଆଖିବୁଜି ଦେଇ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ବୋଧହୁଏ ଏବେକାର ତଥାକଥିତ ସଭ୍ୟସମାଜର ଏକ ସହଜାତ ପ୍ରବୃତ୍ତି। ସେହି ନ୍ୟାୟରେ ଆମେ ସର୍ବଦା ଗୋଟିଏ ବିଦ୍ୟାର୍ଥୀର ଅକୃତକାର୍ଯ୍ୟତା ପାଇଁ ସେ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନ କିମ୍ବା ଶିକ୍ଷକମାନଙ୍କ ଉପରେ ଦୋଷ ଲଦିଥାଉ। ପୁରାକାଳର ଗୁରୁକୁଳୀୟ ଶିକ୍ଷା ବ୍ୟବସ୍ଥାର ବିଦ୍ୟାର୍ଥୀମାନେ ସମ୍ପୂର୍ଣ୍ଣ ଭାବରେ ଗୃହତ୍ୟାଗ କରି ଗୁରୁଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶ୍ରମରେ ରହି ବିଦ୍ୟାର୍ଜନ କରୁଥିଲେ। ସେତେବେଳେ ବିଦ୍ୟାର୍ଥୀଙ୍କ ପାଇଁ ପାଞ୍ଚଟି ଅନୁସରଣୀୟ ନିୟମ ଥିଲା, ଯାହାକୁ ବିଦ୍ୟାର୍ଥୀଙ୍କର ପଞ୍ଚଲକ୍ଷଣ ବୋଲି କୁହାଯାଉଥିଲା- ''କାକସ୍ନାନଂ ବକଧ୍ୟାନଂ ଶ୍ୱାନନିଦ୍ରା ତଥୈବ ଚ। ଅଳ୍ପାହାରୀ ଗୃହତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍।।''

ଆଜିର ବିଦ୍ୟାର୍ଥୀ କିନ୍ତୁ ଗୃହତ୍ୟାଗୀ ନୁହନ୍ତି କିମ୍ବା ଆଜିର ଗୁରୁ ବୈରାଗୀ ନୁହନ୍ତି। ଅତଏବ ଏ ଯୁଗରେ ଥାଇ ସେ ଯୁଗର ଫଳକୁ ଆଶା କରିବା ହାସ୍ୟାସ୍ପଦ। ଗ୍ରାମାଞ୍ଚଳରେ ବାଳୁତ ଶିଶୁଟିକୁ ମାତାପିତା ବୁଝାଇ ବିଦ୍ୟାଳୟରେ ଦାଖଲ କରେଇଦେବା ପରେ ଦାୟିତ୍ୱମୁକ୍ତ ହୋଇଗଲା ପରି ଅନୁଭବ କରନ୍ତି। ବେଳେବେଳେ ଅଧ୍ୟୟନରୁ ବିରତ କରାଇ ତାକୁ ଛୋଟମୋଟ ଗୃହକାର୍ଯ୍ୟରେ ଲିପ୍ତ କରାନ୍ତି। ବିଦ୍ୟାଳୟରେ ତା'ର ଉପସ୍ଥାନ କିମ୍ବା ପ୍ରଗତି ବିଷୟକୁ ଅଣଦେଖା କରନ୍ତି। କିନ୍ତୁ ସହରାଞ୍ଚଳର ଚିତ୍ର ଟିକେ ଅଲଗା। ସେଠିକାର ଅଭିଭାବକମାନେ ଅନ୍ତତଃ ଗାଡି ଚଳାଇ ଶିଖିବା ପର୍ଯ୍ୟନ୍ତ ତାକୁ ବିଦ୍ୟାଳୟକୁ ନେବାଆଣିବା ଦାୟିତ୍ୱ ନେଇଥାନ୍ତି। ତା'ର ଘରୋଇ ଟ୍ୟୁଶନର ବ୍ୟବସ୍ଥା କରନ୍ତି। ଆଉ ପ୍ରଗତିପତ୍ରକୁ ଶିଶୁଟିର ବିକାଶର ମାପଦଣ୍ଡ ହିସାବରେ ଧରିନେଉଥିବାରୁ ତା'ର ବ୍ୟକ୍ତିତ୍ୱର ଉନ୍ନତି, ଚାରିତ୍ରିକ ଉନ୍ନତି, ଅନ୍ତର୍ନିହିତ ଗୁଣାବଳୀର ବିକାଶ ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ଦିଅନ୍ତି ନାହିଁ। କିନ୍ତୁ ଶିଶୁଟିର ସାମୂହିକ ଉନ୍ନତିରେ ଅଭିଭାବକମାନଙ୍କର ନିର୍ଦ୍ଦିଷ୍ଟ ଭୂମିକା ଥାଏ। ବିଶିଷ୍ଟ ଗବେଷକ ଡ. ରେନାଲ୍ଡ ଫରୁଗୁସନଙ୍କ ମତରେ ଶିଶୁଟିର ଶୈକ୍ଷିକ ପ୍ରଗତିର ଅର୍ଦ୍ଧାଧିକ ଭାଗ ବିଦ୍ୟାଳୟର ବାହ୍ୟ ପରିବେଶ ଉପରେ ନିର୍ଭରଶୀଳ। ଯେମିତି ତା'ର ମାତାପିତାଙ୍କର ସହାନୁଭୂତି, ଅଧ୍ୟୟନ ଦିଗରେ ଗୁରୁତ୍ୱ, ଗୃହର ବାତାବରଣ, ସାଙ୍ଗସାଥୀଙ୍କ ବ୍ୟବହାର ଇତ୍ୟାଦି। ମାତାପିତା ବିଦ୍ୟାଳୟରେ ଶିଶୁଟିର ନିୟମିତ ଉପସ୍ଥିତିକୁ ନିଶ୍ଚିତ କରାଇ ଶିକ୍ଷା ପ୍ରତି ତା' ମନରେ ପ୍ରଥମରୁ ଆଗ୍ରହ ସୃଷ୍ଟି କରାଇବା ଉଚିତ। ତା' ସମ୍ମୁଖରେ ବିଦ୍ୟାଳୟର କୁସ୍ତାରଟନା କିମ୍ବା ଶିକ୍ଷକମାନଙ୍କ ଚରିତ୍ର ସଂହାର କଲେ ଶିଶୁଟି ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବ ଏବଂ ସେ ଶିକ୍ଷା ପ୍ରତି ବିମୁଖ ହେବ। ନିଜ ମାତାପିତାଙ୍କର ଚରିତ୍ର ତଥା ବ୍ୟକ୍ତିତ୍ୱକୁ ଶିଶୁଟି ଆଦର୍ଶ ଭାବରେ ଗ୍ରହଣ କରିଥାଏ। ତେଣୁ ରାମଚନ୍ଦ୍ରଙ୍କ ପରି ପୁତ୍ରଟିଏ ଗଢିବାକୁ ଚାହିଁଲେ ଆମକୁ ଦଶରଥଙ୍କର ଭୂମିକା ନିର୍ବାହ କରିବାକୁ ହେବ। ଶିକ୍ଷାଦାନ ପ୍ରଣାଳୀରେ ଅଭିଭାବକମାନଙ୍କ ସମ୍ପୃକ୍ତି ଯେତେ ଅଧିକ ହେବ ଶିଶୁଟି ଶିକ୍ଷା ପ୍ରତି ସେତେ ଯତ୍ନଶୀଳ ହେବ। ଗୃହ ମଧ୍ୟରେ ମଧ୍ୟ ଅଧ୍ୟୟନର ବାତାବରଣ ସୃଷ୍ଟି କରିବାକୁ ଯାଇ ଅଭିଭାବକମାନେ ବିଦ୍ୟାର୍ଥୀ ସହିତ ବହି ଖଣ୍ଡିଏ ଧରି ପଢିବା ଉଚିତ। ଗୃହପାଠ୍ୟ ସାରିଦେଲେ ତାକୁ ଟିକେ ସ୍ନେହ କରିବା ସହିତ ପ୍ରଶଂସା ମଧ୍ୟ କରିବେ। ଅଧ୍ୟୟନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସାରଣୀ ରଖି ସେତେବେଳେ ଟିଭିଦେଖା ଆଦି ବନ୍ଦ କରିବା ଦରକାର। ମଝିରେ ମଝିରେ ଛୁଟିଦିନମାନଙ୍କରେ ଶିଶୁଟିକୁ ବିଭିନ୍ନ ଶିକ୍ଷଣୀୟ ସ୍ଥାନ ତଥା ସଂଗ୍ରହାଳୟ ଇତ୍ୟାଦି ବୁଲାଇ ନେଇ ମନୋରଞ୍ଜନର ବ୍ୟବସ୍ଥା କରିବେ। ଅଧୁନା ବିଦ୍ୟାଳୟ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ଅଭିଭାବକମାନେ ଯେତିକି ଦାୟିତ୍ୱବାନ ହେଉଛନ୍ତି ମହାବିଦ୍ୟାଳୟ ଶିକ୍ଷାବେଳେ ତାହା କମିଯାଉଛି। କେବେ କୌଣସି ଅଧ୍ୟାପକ, ଅଧ୍ୟକ୍ଷଙ୍କ ସହିତ ବାଳକଟିର ଶୈକ୍ଷିକ ପ୍ରଗତି ଉପରେ ବିଚାର ଆଲୋଚନା ନ କରିବାରୁ ତଥା ପ୍ରତ୍ୟକ୍ଷ ସମ୍ପର୍କ ନ ରଖିବାରୁ ଏଇ ମଉକାରେ ଶୃଙ୍ଖଳିତ ବାଳକଟି ମଧ୍ୟ କୁସଙ୍ଗରେ ପଡି ବିପଥଗାମୀ ହୋଇଯାଉଛି। ମାସକୁ ମାସ ପୁଳାପୁଳା ଟଙ୍କା, ଗାଡି, ମୋବାଇଲ ଯୋଗାଇ ଆମେ ତା'ର ହିସାବ ନ ରଖିବା ଦ୍ୱାରା ନିଆଁରେ ଘିଅ ଢାଳିଲା ପରି ସମସ୍ୟା ବଢୁଛି। ତେଣୁ ତା'ର ଚାରିତ୍ରିକ ସ୍ଖଳନ ଘଟି କେତେବେଳେ ସେ ଛିନ୍‌ତାଇ, ରାହାଜାନିରେ ମାତୁଛି ତ ପୁଣି କେତେବେଳେ ନିଶା ବେପାର କରୁଛି, ଯାହା ଆମେ ସବୁଦିନ ଖବରକାଗଜରେ ଜାଣିବାକୁ ପାଉଛୁ। ଏପରି ଛାତ୍ରମାନଙ୍କ ଶିକ୍ଷାନୁଷ୍ଠାନ ସହିତ ଅଭିଭାବକଙ୍କ ସମ୍ପର୍କ କ୍ଷୀଣ। ଚତୁର ଛାତ୍ରଟି ମହାବିଦ୍ୟାଳୟରେ ଅଭିଭାବକଙ୍କ ଦସ୍ତଖତକୁ ନିଜେ ନକଲ କରି ନିଜର ଅନ୍ୟ ଏକ ବ୍ୟକ୍ତିଗତ ଫୋନ ନମ୍ବରକୁ ଦାଖଲ କରୁଛି ଯହିଁରେ ଫୋନ୍ କିମ୍ବା କୌଣସି ମେସେଜ୍ ଗଲେ ଅଭିଭାବକମାନେ ଜାଣିବାର ଲେଶମାତ୍ର ଅବକାଶ ନାହିଁ। ଦେଶର ନାମକରା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଳମ୍ବିତ ରାତିରେ ଚାଲୁଥିବା ର୍ୟାଗିଂ, ହଷ୍ଟେଲଗୁଡ଼ିକରୁ ଜବତ ହେଉଥିବା ନିଶାଦ୍ରବ୍ୟ, ଆପତ୍ତିଜନକ ସାମଗ୍ରୀ, ବୋମା, ଛୁରି ପରି ମାରଣାସ୍ତ୍ର ଆଦି କତିପୟ ବିପଥଗାମୀ ଛାତ୍ରୀଛାତ୍ରଙ୍କ କାରନାମାର ପ୍ରମାଣ ଦିଏ।

କୌଣସି ବଡ଼ ଅଘଟଣରେ ଏହା ରୂପାନ୍ତରିତ ହେଲେ ଯାଇ ଅଭିଭାବକଙ୍କ ଦର୍ଶନ ମିଳେ, ତାହା ପୁଣି ଶିକ୍ଷାନୁଷ୍ଠାନ ବିରୋଧରେ ଫର୍ଦ୍ଦ ଫର୍ଦ୍ଦ ଅଭିଯୋଗ ସହିତ। ସତେଯେମିତି ତାଙ୍କ ପିଲାଟି ଶୁଦ୍ଧସୁବର୍ଣ୍ଣ। ତେଣୁ ଆମ ମତରେ କେବଳ ବିଦ୍ୟାଳୟ ସ୍ତରରେ ନୁହେଁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ଅଭିଭାବକ ସମ୍ମିଳନୀ ଅନ୍ତତଃ ପକ୍ଷେ ବର୍ଷକୁ ଦୁଇଥର କରାଯିବା ଆବଶ୍ୟକ। ଏହାଦ୍ୱାରା ଭାରତୀୟ ଶିକ୍ଷା ବ୍ୟବସ୍ଥାର ମାନବୃଦ୍ଧି ହୋଇପାରିବ।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର, ମୋ-୯୪୩୭୧୮୫୧୭୫

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ହାତୀ-ମଣିଷ ଲଢେଇ ଚାଲିଥିବାବେଳେ ହାତୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ହାତୀ ଓ ସିଂହ ମୂର୍ତ୍ତି ପୂଜା କରିବା ଘଟଣା ସାମନାକୁ ଆସିଛି ଛତିଶଗଡ଼ରେ। ରାଜ୍ୟର ମହାମସୁନ୍ଦ ଜିଲାର ଗାଁ ଗାଁରେ ଧନଜୀବନ ରକ୍ଷାକରିବା ଲାଗି ହାତୀମିତ୍ର ଦଳ ଗଢ଼ା ଯାଇଥିଲେ ମଧ୍ୟ ଜିଲାର ଗୁଡରୁଡିହ ଓ କୁକୁରାଡିହ ଗାଁର ଲୋକମାନେ ଆସ୍ଥାର ରାସ୍ତା ଧରିଛନ୍ତି। ସେମାନେ ହାତୀ ସହ ଲଢେଇ ନ କରି ପୂରା ଦିନ କାମ ବନ୍ଦ କରି ହାତୀ ପର୍ବ ପାଳନ କରୁଛନ୍ତି। ଗାଁରେ ସେମାନେ ହାତୀ ମୂର୍ତ୍ତି ସ୍ଥାପନ କରିଛନ୍ତି। ଏହି ମୂର୍ତ୍ତି ନିର୍ମାଣ କରିବା ପାଇଁ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଗାଁର ସମସ୍ତେ ହାତୀ ମୂର୍ତ୍ତିକୁ ପୂଜା କରିବା ସହ ଜଙ୍ଗଲି ହାତୀ ଆକ୍ରମଣରୁ ରକ୍ଷା ପାଇବା ଲାଗି ପ୍ରାର୍ଥନା କରୁଛନ୍ତି। କେବଳ ହାତୀ ନୁହେଁ ମହାମସୁନ୍ଦ ଜିଲାର ଗୁଡରୁଡିହ, ଫୁସେରାଡିହ, ଲହଙ୍ଗର, ମୋହକମ୍ ଓ ସେନକପାଟ ଗାଁର ଛକରେ ଦୁଇଟି ସିଂହ ମୂର୍ତ୍ତି ସ୍ଥାପନ କରାଯାଇଛି। ଗାଁ ଲୋକମାନେ ଏକାଠି ହୋଇ ସିଂହ ମୂର୍ତ୍ତିକୁ ମଧ୍ୟ ପୂଜା କରୁଛନ୍ତି। ହାତୀ ଓ ସିଂହ ମୂର୍ତ୍ତିକୁ ଭକ୍ତିର ସହ ପୂଜା କଲେ ଜଙ୍ଗଲି ହାତୀ କବଳରୁ ମୁକ୍ତି ମିଳିବ ବୋଲି ସେମାନେ ବିଶ୍ୱାସ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଅକ୍ଟୋବର ୧୯୯୪**

- ସୌଦି ଆରବ ସମେତ ତୈଳ ଉତ୍ପାଦନକାରୀ ଆରବ ରାଷ୍ଟ୍ରମାନଙ୍କ ପକ୍ଷରୁ ଇସ୍ରାଏଲ ଉପରେ ଯେଉଁ ବାସନ୍ଦ ଲାଗୁ କରାଯାଇଥିଲା ତାହାକୁ ପ୍ରତ୍ୟାହାର କରିନେବା ପାଇଁ ରାଷ୍ଟ୍ରମାନେ ରାଜି ହୋଇଛନ୍ତି।
- ବାଲେଶ୍ୱରର ବସ୍ତା ନିକଟବର୍ତ୍ତୀ ପେଜଗୋଳଠାରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦ ଫୁଟ ନାଳ ମଧ୍ୟକୁ ଖସିପଡିବା ଫଳରେ ୫୦ ଯାତ୍ରୀଙ୍କର ମୃତ୍ୟୁ ଘଟିଛି।

## ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା-ନଭେ।
(ଜୀବନର ସ୍ୱର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | 2 | | | | 7 | 3 | E | | | | |
| 5 | 2 | | | | | 9 | | A | B | | 7 | E | | C |
| | | | 5 | 9 | 7 | | 2 | B | | | 0 | 4 | A | |
| | | C | 3 | | 8 | 6 | | | | | | B | | 2 |
| | | | | | | | | | | 9 | 8 | 1 | | |
| | | E | 1 | | | B | | | 9 | C | | | 0 | |
| | 5 | D | | 7 | 6 | | | | 1 | | | | 8 | E |
| | | 0 | | B | | 4 | | 6 | | 8 | | | | |
| | | 6 | 4 | | | | | | | 0 | | | | |
| | | | A | 8 | | | | 0 | 7 | B | | 9 | C | |
| D | 3 | | | C | | | | 9 | | | | A | | |
| | | | | | | 1 | | 3 | | | 2 | 8 | | |
| 6 | B | | | D | | | | 8 | | | 9 | C | 1 | |
| 7 | | 8 | B | 5 | | | | | | 3 | | | | |
| 1 | | 2 | | | | 7 | 0 | E | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 8 | 5 | E | A | 1 | C | 3 | 7 | 2 | 0 | D | 6 | 4 |
| D | A | C | 0 | 3 | 2 | 9 | 6 | 8 | 4 | E | 1 | B | 7 | 5 |
| 7 | 2 | E | 8 | D | 6 | A | 4 | B | 5 | 3 | C | 0 | 1 | 9 |
| 5 | 0 | 1 | 9 | 4 | B | 7 | 2 | E | D | 8 | 6 | A | 3 | C |
| 6 | 3 | 4 | 1 | C | 7 | D | 5 | 0 | 9 | B | A | E | 2 | 8 |
| 0 | D | 5 | 4 | 6 | C | E | A | 2 | 8 | 9 | 3 | 1 | B | 7 |
| C | E | 2 | B | A | 1 | 6 | 8 | 9 | 0 | 4 | 7 | 3 | 5 | D |
| A | 1 | 7 | 3 | 2 | 0 | C | B | 4 | 6 | D | 5 | 8 | 9 | E |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅବସର ପରେ

ମହାଶୟ,

ଭାରତୀୟ ଷ୍ଟେଟବ୍ୟାଙ୍କରୁ ମୁଖ୍ୟ ପ୍ରବନ୍ଧକ ପଦବୀରୁ ଗତ ଜାନୁୟାରୀରେ ଅବସର ନେଇଥିବା ଅଭିନ୍ନ ମୋହନ ନନ୍ଦ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ପାଇବା ଖବର ପ୍ରକାଶ ପାଇଛି। ବାସ୍ତବରେ ଶିକ୍ଷାଲାଭ ଓ ଜ୍ଞାନ ପିପାସାର ଅନ୍ତ ନାହିଁ। ତେବେ ନନ୍ଦ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢ଼ି ପିଏଚ୍‌ଡି କରିବା ଲକ୍ଷ୍ୟରେ ଗବେଷଣାରେ ମନୋନିବେଶ କରି କୃତକାର୍ଯ୍ୟ ହେବା ତାଙ୍କର ଅନନ୍ୟ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି ଅବସର ସମୟରେ ତାଙ୍କର ମାନସିକ ତଥା ଶାରୀରିକ ସାମର୍ଥ୍ୟ ଥାଏ ତେବେ ଆହରଣ କରିଥିବା ଗବେଷଣାଲବ୍ଧ ଜ୍ଞାନକୁ ବିନା ବେତନରେ ଅତିଥି ଅଧ୍ୟାପକ ଭାବେ ଛାତ୍ରୀଛାତ୍ରମାନଙ୍କୁ ବିତରଣ କଲେ ଜୀବନ ସାର୍ଥକ ହେବ ବୋଲି ମନେ ହୁଏ। ଅଧ୍ୟାପନାରେ ବ୍ରତୀ ଥିବା ଶିକ୍ଷାବିତ୍‌ମାନଙ୍କୁ ଏହା ପ୍ରେରଣା ଦେବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆତ୍ମନିଯୁକ୍ତିରେ ବ୍ୟାଙ୍କଗୁଡ଼ିକର ଅସହଯୋଗ

ଲୋକମାନଙ୍କ ଆର୍ଥିକ ବିକାଶ ଏବଂ ଆତ୍ମନିର୍ଭରଶୀଳତା ବିନା ଦେଶର ବିକାଶ କଥା ଚିନ୍ତା କରାଯାଇ ନ ପାରେ। କିନ୍ତୁ ବ୍ୟାଙ୍କଗୁଡିକର ମନମୁଖି କାର୍ଯ୍ୟ ପାଇଁ ବିଭିନ୍ନ ଉଦ୍ୟୋଗ ଏବଂ ଶିଳ୍ପ ଜରିଆରେ ଆତ୍ମନିଯୁକ୍ତିର ଯେତେ ଯୋଜନା ସେସବୁ କେବଳ ପ୍ରଚାରସର୍ବସ୍ୱ ହେଉଛି। ଲଘୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଜରିଆରେ ଆତ୍ମନିଯୁକ୍ତି ପ୍ରଦାନ ପାଇଁ ଜିଲା ଶିଳ୍ପକେନ୍ଦ୍ରରୁ ଆସୁଥିବା ପ୍ରସ୍ତାବଗୁଡ଼ିକୁ ବ୍ୟାଙ୍କଗୁଡ଼ିକ ଡଷ୍ଟବିନକୁ ଫିଙ୍ଗି ଦେଉଛନ୍ତି। ଏଥିପାଇଁ ସରକାର ପ୍ରତ୍ୟେକ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ଟାର୍ଗେଟ ଦେବା ଦରକାର। ସେ ଟାର୍ଗେଟରେ ବ୍ୟାଙ୍କ କିପରି ପହଞ୍ଚିବ ଏହା ଉକ୍ତ ବ୍ୟାଙ୍କର ଦାୟିତ୍ୱ ହେଉ। ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତା'ହେଲେ ସରକାରଙ୍କ ଯୋଜନା ସଫଳ ହୋଇପାରିବ।

ସତୀଶ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯଦି ପୁରା ଦୁନିଆକୁ ବଦଳାଇବାକୁ ଚାହୁଁଛନ୍ତି
ତେବେ ନିଜକୁ ପ୍ରଥମେ ବଦଳାନ୍ତୁ।
- ମହାତ୍ମା ଗାନ୍ଧୀ



■ବାପାର ଚିକିତ୍ସା ଲାଗି ଦାଦନ ଯିବାର ଝି'କେ ମହଂଗା ପଡ଼ଲା

# ସରପଁଚ୍, ମେମର ଦଖଲ ଦେଲାରୁ ଶବ ଉଠ୍‌ଲା

ପର୍ଲା,୧।୧୦(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଁଚେତ୍ ଅଧୀନ ବାରିକପଡ଼ା ଗାଁରେ ଗୁଟେ ଦୁଖଦ୍ ଘଟନା ଦେଖ୍‌ବାକେ ମିଲିଛେ। ସୂଚନା ଅନ୍‌ସାରେ ଗାଁର ଲକ୍ଷ୍ମୀଧର ବାରିକ(୫୫)କଁର ମଙ୍ଗଲବାର ସଖାଲେ ମୁରତୁ ହେଇଥିଲା। ହେଲେ ଶବକେ ଖଁଦ୍ ଦେବାର ଲାଗି ଗାଁରେ କେହି ନାଇଁ ବାହାରଲେ। ଏନ୍‌ତାଥି ଶବ ବହୁତ୍ ବେଲତକ ପଡ଼ି ରହିଥିଲା। ଥାନୀୟ ୱାର୍ଡ ମେମର ଆର ସରପଁଚ୍ ଦଖଲ ଦେଲାରୁ ଶବ ଉଠିଥିଲା। ଗାଁର ଲୁକ୍‌କର କହେବାର ହିସାବେ ଲକ୍ଷ୍ମୀଧର ଯକ୍ଷ୍ମା ଆର ମଧୁମେହ ରୋଗ୍‌ରେ ପୀଡ଼ିତ ଥିଲେ। ସେ ଦାଦନ ଯିବାର ଲାଗି ହାଇଦ୍ରାବାଦର ଏସଭିସି କମ୍ପାନୀରନୁ ୩୦ ହଜାର ବଏନା ଆନିଥିଲେ। ସେ ଟଁକାରେ ସେ ଚିକିତ୍ସା କରେଇଥିଲେ, ହେଲେ କିଛି ଲାଭ ନାଇଁହେଲା। ଇଆଡ଼େ ବଏନା ଟଁକା ସୁଝବାକେ ତାକର ବଡ଼ ଝି' ସୁନିତା(୧୯) ଅଁଟାଭିଡ଼ି ଦାଦନ ଶ୍ରମିକ ହିସାବେ ହାଇଦ୍ରାବାଦ ଯାଇଥିଲେ। ସେଠାନେ ୬ ମାସ କାମ୍ କରି ଟଁକା ସୁଝଲା ଉତାରୁ ବିଜୟୱାଡାରେ ଗୁଟେ ସୂତାକଲେ ରହି କାମ କରୁଥିଲେ। ବାପାର ଦିହିପା ଖରାପ ଥିବାର ଖବର ପାଇ ସେ ଗାଁକେ ଆସିଥିଲେ। ହେଲେ କେହେନ୍‌ସି କାରନରୁ ଗାଁର ଲୋକ୍ ସାମାଜିକ ବାସଁଦ୍ ଭଏରେ ଲକ୍ଷ୍ମୀଧରକଁର ଶବକେ ଖଁଦ୍‌ଦେବାକେ ନାଇଁ ଆସି ବଲି ମେମର ଗୌତମ ବାରିକ ଆର ସରପଁଚ୍ ରମଣି ଦୂରିଆ କହିଛନ୍। ଘଟନାରେ ଦୁଇଝନ ଦଖଲ ଦେଲାରୁ ଲକ୍ଷ୍ମୀଧରକଁର ବଡ଼ଁଶର ଲୋକ୍ ଖଁଦ୍ ଦେବାର ସଂଗେ ଶବ ସତ୍‌କାର କରିଥିଲେ। ଇଆଡ଼େ ଦୁଇ ବଛର ତଲେ ଜମିବାଡ଼ି ବାବ୍‌ଦେ ଗାଲିଗୁଲରେ ମା' ମରିଥିଲାବେଲେ ମଙ୍ଗଲବାର ବାପର ମୁରତୁରେ ସୁନିତା ଭାଂଗି ପଡ଼ିଛନ୍। ଏହେଦେ ପରିବାର କହେଲେ ବହେନ୍ ବିନତା (୧୬) ଆର ଭାଇ ତୁଷାର (୧୨)। ମା'ବାପ୍ ଛେଉଁଡ଼୍ ଭାଇ ବହେନ୍‌କର ବୋଝ୍ ଏହେଦେ ସୁନିତା ଉପରେ ରହିଛେ। ଏନ୍‌ତା ଅଭାବ ଅନାଟନ, ଅସହଯୋଗ ପରିସ୍ଥିତିରେ ସୁନିତା କେନ୍‌ଥେଇ ବାପାର ଦଶା କାୟ୍ କରବେ ସେ ଚିନ୍‌ତାରେ ଘାରି ହେଉଛନ୍। ଇ ପରିସ୍ଥିତିରେ ଥାନୀୟ ସରପଁଚ୍ ମାନବିକତା ଦୃଷ୍ଟିରୁ ନିଜେ ୨ ହଜାର ଟଁକା ଆର ଶୁଧି କାୟ୍ ଲାଗି ସବୁପରକାର ସହାୟ୍ ଦେବାର ଲାଗି କଥା ଦେଇଛନ୍। ଜିଲା ପରଶାସନ ଇ ମା'ବାପ୍ ଛେଉଁଡ଼୍ ଭାଇ ବହେନ୍‌କୁ ଦୃଷ୍ଟି ଦେଇ ତାକର ଥଇଥାନ ସଂଗେ ସବୁ ପରକାର ସରକାରୀ ସାହାୟ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

# ହଜାରେ କୋଟିର କ୍ୟୁନେଟ୍ ଚିଟ୍‌ଫଣ୍ଡ ଠକେଇ

## ସଂସ୍ଥାର ୩ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ରାଜ୍ୟରେ ଆଉ ଏକ ବଡ଼ ଠକେଇ। ହଜାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ପାର୍ ହୋଇଛି କ୍ୟୁ-ନେଟ୍ ଓ ବିହାନ ଚିଟ୍‌ଫଣ୍ଡ ସଂସ୍ଥା। ବୁଧବାର ସଂସ୍ଥାର ୩ଜଣ କର୍ମଚାରୀଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖ (ଇଓଡବ୍ଲ୍ୟୁ)। ସେମାନେ ହେଲେ ଭୁବନେଶ୍ୱର ବ୍ରହ୍ମେଶ୍ୱରପାଟଣାର ଶରତ କୁମାର ପରିଡା, ଚନ୍ଦ୍ରଶେଖରପୁରର ଦେବବ୍ରତ ହରିଚନ୍ଦନ ଓ ଜଗନ୍ନାଥ ବିହାରର ଚନ୍ଦନ କୁମାର ମଲ୍ଲିକ। ଚଢ଼ାଉବେଳେ ସେମାନଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମନି ରିସିଦ୍, କମ୍ପାନୀ ଆଇକାର୍ଡ, ଆଇଫୋନ୍, ଲାପ୍‌ଟପ ଓ ଜମାକାରୀଙ୍କ ତାଲିକା ଜବତ କରିଛି। ଦଫା ୪୦୬, ୪୨୦, ୪୬୭, ୪୬୮, ୪୭୧,୧୨୦(ବି)ରେ ମାମଲା (ନଂ.୧୭/୧୯) ରୁଜୁ କରି ଇଓଡବ୍ଲ୍ୟୁ ସେମାନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି।

ସୂଚନା ଅନୁଯାୟୀ, କ୍ୟୁ-ନେଟ ଲିମିଟେଡ୍ ଓ ବିହାନ ଚିଟ୍‌ଫଣ୍ଡ ସଂସ୍ଥା ପାର୍ଟନରସିପ୍‌ରେ ଭୁବନେଶ୍ୱରରେ ଅଫିସ ଖୋଲି ଏଜେଣ୍ଟ ନିୟୋଜିତ କରିଥିଲା। ଏହି ଦୁଇ ସଂସ୍ଥା ଜମାକାରୀଙ୍କୁ ପ୍ରଲୋଭିତ କରିବା ପାଇଁ ବଡ଼ ସ୍କିମ ଆଣି ଏଜେଣ୍ଟ ଓ ବିଜ୍ଞାପନ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରିଥିଲା। ୫ଲକ୍ଷ ଜମା କଲେ ୫ ବର୍ଷରେ ୫୦ କୋଟି ଟଙ୍କା ମିଳିବ ବୋଲି କୁହାଯାଉଥିଲା। ଏପରି ଜମାକାରୀଙ୍କଠାରୁ ହଜାର ହଜାର କୋଟି ଠକିନେବା ପରେ ସଂସ୍ଥା ହଠାତ୍ ଉଭାନ ହୋଇଯାଇଥିଲା। ଗିରଫ ହୋଇଥିବା ଉକ୍ତ ସଂସ୍ଥାର ୩ କର୍ମଚାରୀ ଶରତ, ଦେବବ୍ରତ ଓ ଚନ୍ଦନ ଜମାକାରୀ ଯୋଗାଡ଼ କରି କମିଶନ ପାଉଥିଲେ। ଠକେଇର ଶିକାର ଜମାକାରୀ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏକ ମାମଲା କରି ତଦନ୍ତ କରୁଥିଲା। ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଚାଲିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

# ୩୩ ଜିଲା ପାଇଁ ବଛାଯିବେ ପ୍ରେରକ

**କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ**

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ରାଜ୍ୟ ପ୍ରଶିକ୍ଷଣ ସଂଯୋଜକ ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୩ଟି ସାଂଗଠନିକ ଜିଲା ପାଇଁ ୩୩ ଜଣ ପ୍ରେରକ ବଛାଯିବା ଉପରେ ଆଲୋଚନା କରାଯାଇଛି। ଏଥିପାଇଁ ଶତାଧିକ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟତଃ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ୬ ବର୍ଷର ବିଫଳତା ସମ୍ପର୍କରେ ଆଲୋଚନା କରାଯାଇଥିବା ଜଣାପଡିଛି। ଜିତେନ୍ଦ୍ର କହିଛନ୍ତି, କେନ୍ଦ୍ରରେ ମୋଦି ସରକାରଙ୍କ ଶାସନ ମଧ୍ୟରେ ଦେଶର ସାମ୍ପ୍ରତିକ ରାଜନୀତି, ସାମାଜିକ, ଅର୍ଥନୈତିକ ପରିସ୍ଥିତି ଦିନକୁ ଦିନ ଜଟିଳ ଓ ଦୁର୍ବିଷହ ହେବାରେ ଲାଗିଛି। ବଜାର ଦର ଆକାଶଛୁଆଁ ହୋଇଚାଲିଛି। ଅଚ୍ଛେ ଦିନର ସ୍ଲୋଗାନ ସମ୍ପୂର୍ଣ୍ଣ ବୁରା ଦିନରେ ପରିଣତ ହେଲାଣି। ଏପରି ସ୍ଥଳେ ଦେଶବାସୀଙ୍କ ନିକଟରେ ସକ୍ରିୟ ବିରୋଧୀ ଦଳଭାବେ କଂଗ୍ରେସ ପ୍ରତି ଜିଲାରେ ବ୍ୟାପକ ପ୍ରଶିକ୍ଷଣ ମାଧ୍ୟମରେ ପ୍ରେରକମାନଙ୍କୁ ଚୟନ କରି କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରେରକମାନଙ୍କ ଗୁରୁଦାୟିତ୍ୱ ରହିଛି। ଏଆଇସିସି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଅଭିନବ କାର୍ଯ୍ୟଶୈଳୀ ମାଧ୍ୟମରେ ବଛାବଛା ପ୍ରେରକମାନଙ୍କ ଦ୍ୱାରା ତୃଣମୂଳସ୍ତରରେ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି କରିବା, ନୂତନ ପିଢ଼ିର ଛାତ୍ର ଓ ଯୁବନେତାଙ୍କୁ ଖୋଜି ବାହାର କରିବା, କଂଗ୍ରେସ ନୀତି, ଆଦର୍ଶ ଓ ଦେଶପ୍ରୀତି ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣିବା ପ୍ରେରକମାନଙ୍କ ମୁଖ୍ୟ ଭୂମିକା ରହିବ। ଯେଉଁମାନେ ଗାନ୍ଧୀ ଓ ନେହେରୁଙ୍କ ଉପରେ ଦୋଷାରୋପ କରୁଛନ୍ତି ସେମାନେ କେବେ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ନାହାନ୍ତି କିମ୍ବା ସ୍ୱାଧୀନତା ଉପରେ ଟିପ୍ପଣୀ ଦେବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ୫୦ ବର୍ଷରୁ କମ୍ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯାଇ ପ୍ରେରକମାନଙ୍କ ମାନବୃଦ୍ଧି କରିବା ପାଇଁ ଆବାହକ ଶୁଭେନ୍ଦୁ ମହାନ୍ତି ପିସିସି ସଭାପତି ଏବଂ ପ୍ରଭାରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ପ୍ରମୁଖ ପ୍ରେରକ ପ୍ରଶିକ୍ଷଣ ଶିବିର ଉପରେ ମତବ୍ୟକ୍ତ କରିଛନ୍ତି।

ସ୍ୱଚ୍ଛ ଭାରତ
ସ୍ୱଚ୍ଛତା ଆଡ଼କୁ ପାଦେ

**ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକ ଉପଲକ୍ଷେ ଜିଲ୍ଲା ଜଳ ପରିମଳ ମିଶନ ଆପଣଙ୍କୁ ଅଭିନନ୍ଦନ ଜଣାଉଛି**

**ଜିଲ୍ଲାକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ିବା ପାଇଁ ଆପଣମାନଙ୍କୁ ବିଶେଷ ଅନୁରୋଧ**

୧) ବାହ୍ୟ ମଳତ୍ୟାଗ ବର୍ଜନ କରନ୍ତୁ।
୨) ପଲିଥିନ୍ ବ୍ୟବହାରକୁ ନିଷେଧ କରନ୍ତୁ।
୩) ପ୍ରତ୍ୟେକ ଘରର ଆବର୍ଜନାକୁ ଏକତ୍ରିତ କରି ଏହାକୁ ସୁରକ୍ଷିତ ଭାବେ ନିଜ ଅଗଣାରେ ଅଳିଆ ଖାତରେ ସଂରକ୍ଷିତ ରଖନ୍ତୁ।
୪) ଆପଣଙ୍କ ଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ସୁନ୍ଦର ରଖି ଏକ ଅଗ୍ରଣୀ ଗ୍ରାମର ସମ୍ମାନର ଅଧିକାରୀ ହୁଅନ୍ତୁ।

**ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଓଡ଼ିଶା ସରକାର** | **ଜିଲ୍ଲା ଜଳ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ନିମନ୍ତେ ବର୍ଷ ୨୦୧୯-୨୦ ପାଇଁ ଦରଖାସ୍ତ ଆହ୍ୱାନ।**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଅଧୀନରେ ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ପାଇଁ ବର୍ଷ ୨୦୧୯-୨୦ ନିମନ୍ତେ ବେରୋଜଗାର ପ୍ରାର୍ଥୀଙ୍କଠାରୁ କେବଳ Online ମାଧ୍ୟମରେ ଆବେଦନପତ୍ର ଗ୍ରହଣ କରାଯାଉଅଛି।

**ଆବେଦନ କରିବାର ପ୍ରମୁଖ ନିୟମାବଳୀ**

(୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଊର୍ଦ୍ଧ୍ୱ ହେବା ଆବଶ୍ୟକ।
(୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG)।
(୩) ପଞ୍ଜୀକୃତ ଅନୁଷ୍ଠାନ, ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି।
(୪) ଗ୍ରାମାଞ୍ଚଳ ପାଇଁ ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ମାର୍ଜିନ ରାଶି ସବ୍‌ସିଡି ଉପଲବ୍ଧ।
(୫) ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ଟ.୧୦.୦୦ ଲକ୍ଷ ପର୍ଯ୍ୟନ୍ତ ଅନୁମତିଯୋଗ୍ୟ ସର୍ବାଧିକ ମୂଲ୍ୟର ପ୍ରକଳ୍ପ ରାଶି (Project Cost) ଧାର୍ଯ୍ୟ କରାଯାଇଅଛି।
(୬) ନକାରାତ୍ମକ ସୂଚୀ (Negative List) ଅନ୍ତର୍ଭୁକ୍ତ ଉଦ୍ୟୋଗ ପାଇଁ ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।
(୭) ଉତ୍ପାଦନଭିତ୍ତିକ ଶିଳ୍ପ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଶିଳ୍ପ ଟ.୫.୦୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଆବେଦନକାରୀ ଅନ୍ୟୁନ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ।
(୮) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
(୯) ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନଟି ମନୋନୀତ କରିଥିବା ବ୍ୟାଙ୍କ ଶାଖାଟିର ସର୍ଭିସ ଏରିଆ ମଧ୍ୟରେ ହୋଇଥିବା ଆବଶ୍ୟକ।
(୧୦) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର / ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି / ମାର୍ଜିନ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ବିବେଚିତ ହେବେ ନାହିଁ।
(୧୧) ଆବେଦନକାରୀଙ୍କର ଆଧାର କାର୍ଡ (Aadhaar Card) କିମ୍ବା ପ୍ୟାନ୍ କାର୍ଡ (PAN Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ:**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportalରେ registration ଏବଂ login କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର Offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ।

**ସ୍ୱା. ରାଜ୍ୟ ନିର୍ଦ୍ଦେଶକ, ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଭୁବନେଶ୍ୱର**

DSPL-99



**ଶ୍ରୀ ବିକ୍ରମ କେଶରୀ ଆରୁଖ**
ମନ୍ତ୍ରୀ,
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର, ଓଡ଼ିଶା

**୬୫ତମ ବନ୍ୟପ୍ରାଣୀ ସପ୍ତାହ, ୨୦୧୯ ପାଳନ ଉପଲକ୍ଷେ ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା**

ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ତଥା ସେମାନଙ୍କର ଜୀବନ ଓ ଆବାସସ୍ଥଳୀକୁ ସୁରକ୍ଷିତ ରଖିବା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ୧୯୫୨ ମସିହାରୁ ପ୍ରତିବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଆସୁଅଛି। ସତ୍ୟ ଏବଂ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ସମଗ୍ର ଦେଶରେ ଏହି ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଏ।

ଘନ ଅରଣ୍ୟ, ଦିଗନ୍ତ ବିସ୍ତାରୀ ପର୍ବତମାଳା, ନଦନଦୀ, ହ୍ରଦ ଭଳି ବିବିଧ ପ୍ରାକୃତିକ ସମ୍ପଦ ସହ ବିରଳ ବନ୍ୟପ୍ରାଣୀ ଏବଂ ଜୈବ ବିବିଧତାରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ବିସ୍ତୀର୍ଣ୍ଣ ହେନ୍ତାଳ ବନ, ଅଗଣିତ ବିଦେଶାଗତ ପକ୍ଷୀ ଏବଂ ଅଣ୍ଡାଦେବା ପାଇଁ ସାମୁଦ୍ରିକ ବେଳାଭୂମିକୁ ସୁଦୂର ପ୍ରଶାନ୍ତ ମହାସାଗରରୁ ଆସୁଥିବା ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସମାଗମ କେବଳ ଆମ ରାଜ୍ୟରେ ହିଁ ଦେଖିବାକୁ ମିଳିଥାଏ।

ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଗୋଟିଏ ଜାତୀୟ ଉଦ୍ୟାନ, ୨ଟି ବ୍ୟାଘ୍ର ପ୍ରକଳ୍ପ, ଗୋଟିଏ ଜୈବମଣ୍ଡଳ ଓ ୩ଟି ହସ୍ତୀ ପ୍ରକଳ୍ପ ଗଠନ କରାଯାଇଛି। ବିଦେଶାଗତ ପକ୍ଷୀ, ସାମୁଦ୍ରିକ କଇଁଛ, କୃଷ୍ଣସାର ମୃଗ, କୁମ୍ଭୀର ତଥା ବିରଳ ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ବନ୍ୟପ୍ରାଣୀ ଓ ମନୁଷ୍ୟ ପରସ୍ପର ପରିପୂରକ। ଜୀବଜଗତର ସନ୍ତୁଳନ ରକ୍ଷା ପାଇଁ ବନ୍ୟପ୍ରାଣୀମାନଙ୍କ ସ୍ଥିତି, ସୁରକ୍ଷା, ସଂରକ୍ଷଣ ଓ ସମୃଦ୍ଧି ଏକାନ୍ତ ଆବଶ୍ୟକ। ବନ୍ୟଜନ୍ତୁଙ୍କ ସଂରକ୍ଷଣ ଓ ପରିଚାଳନା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏବଂ ସମ୍ପୃକ୍ତି ଏକାନ୍ତ କାମ୍ୟ।

୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ବିଭିନ୍ନ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ମୁଁ ଜନସାଧାରଣ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକର ଆନ୍ତରିକ ସହଯୋଗ କାମନା କରୁଛି।

(ବିକ୍ରମ କେଶରୀ ଆରୁଖ)

08006/13/0009/1920

DSPL-99



**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ରାଜ୍ୟ ସଚିବାଳୟ**
**ଭୁବନେଶ୍ୱର**

**୬୫ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଉପଲକ୍ଷେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ୬୫ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ସାରା ଦେଶରେ ପାଳନ କରାଯାଉଥିବା ଆନନ୍ଦର କଥା। ଚଳିତ ବର୍ଷ ମଧ୍ୟ ଆମେ ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରୁଅଛୁ।

'ଜୀବେଦୟା' ହେଉଛି ଭାରତୀୟ ସଂସ୍କୃତିର ଆପ୍ତବାକ୍ୟ। ଏ ଜଗତରେ ସବୁ ପ୍ରାଣୀର ବଞ୍ଚିବାର ଅଧିକାର ରହିଛି। ପରିବେଶ ସନ୍ତୁଳନ ନିମନ୍ତେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ସେହିପରି ବିଲୁପ୍ତପ୍ରାୟ ଜୀବଜନ୍ତୁଙ୍କ ସଂରକ୍ଷଣ ଆମର ପ୍ରାଥମିକତା।

ଜୈବ ବିବିଧତା ଦୃଷ୍ଟିରୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ। ଆମ ରାଜ୍ୟର ପାହାଡ଼ ପର୍ବତ, ନଦୀ, ହ୍ରଦ ଓ ଜଙ୍ଗଲ ଆଦି ବିଭିନ୍ନ ପ୍ରକାରର ପଶୁ, ପକ୍ଷୀ ଓ ବୃକ୍ଷରାଜିର ଗନ୍ତାଘର। ଏହି ବିଶାଳ ଜୈବମଣ୍ଡଳର ଉପଯୁକ୍ତ ସୁରକ୍ଷା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ଦରକାର। ଏ ଦିଗରେ ଥିବା ଆଇନକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବାରେ ସମସ୍ତଙ୍କ ସହଯୋଗ ଦରକାର।

ବନ୍ୟପ୍ରାଣୀ ଆମ ପରିବେଶର ଅନନ୍ୟ ଅଙ୍ଗ। ଆମ ପରିବେଶର ସୁରକ୍ଷା ଓ ଭବିଷ୍ୟତ ବଂଶଧରମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ପାଇଁ ସରକାର ନେଇଥିବା ପଦକ୍ଷେପର ସଫଳତା ପାଇଁ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

08006/13/0009/1920



ଯେକୌଣସି ଦେଶର ସଂସ୍କୃତି ତାର ସାଧାରଣ ଜନତାଙ୍କ ହୃଦୟ ଓ ଆତ୍ମାରେ ବାସ କରିଥାଏ ।
- ମହାତ୍ମା ଗାନ୍ଧୀ

## ଆଜି କ'ଣ କେଉଁଠି

**ଉଲୁଣ୍ଡା**
■୫୪ତମ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା, ସୋଲାର ପ୍ଲାଣ୍ଟ ଖେଳ ପଡିଆ ବଡମାଲ, ପୂର୍ବାହ୍ନ ୯ଟାରୁ ଆରମ୍ଭ।

**ଟିଟିଲାଗଡ**
■ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସମାରୋହ, କଲ୍ୟାଣ ମଣ୍ଡପ, ସକାଳ ୭।୩୦।
■ଛାତ୍ରୀଛାତ୍ରଙ୍କ ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ଭାରତ ଶପଥ ଗ୍ରହଣ, ମିନି ଷ୍ଟାଡିୟମ, ପୂର୍ବାହ୍ନ ୯।୨୫।

**ଭେଡେନ**
■କବିତା ପାଠୋତ୍ସବ-କବିର କଲମରେ ଗାଁ ଓ ଗାନ୍ଧୀ, କୁବେଡଗା ପଞ୍ଚାୟତ ଅଫିସ, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
■ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ, ଟାଉନ ହଲ, ପୂର୍ବାହ୍ନ ସାଢେ ୯ଟା।

**ଭଟଲି**
■୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ, ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସକାଳ ୮ଟା।

**ଟିକ୍ରାପଡା**
■ମିନି ମାରାଥନ, ଟିକ୍ରାପଡା ଫାଣ୍ଡ ଛକରୁ ଖର୍ସେଲବାଞ୍ଜି, ସକାଳ ୭ଟା।

ଅମରପାଲି
■ଅମରପାଲି ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ, ହାଇସ୍କୁଲ ପରିସର, ଅପରାହ୍ନ ୧ଟା।

**ବରଗଡ଼**
■ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ପ୍ରଭାତଫେରୀ, ଗାନ୍ଧୀଭବନ ବରଗଡ଼, ସକାଳ ସାଢ଼େ ୫ଟା।
■ସମଲେଶ୍ୱରୀଙ୍କ କୁଷ୍ମାଣ୍ଡା, ସ୍କନ୍ଦମାତା ବେଶ, ସମଲେଶ୍ୱରୀ ମନ୍ଦିର ତଳିପଡ଼ା ବରଗଡ଼, ସକାଳ ୫ଟା
■ବରପୁତ୍ରଙ୍କୁ ପୁଷ୍ପ ମାଲ୍ୟାର୍ପଣ, ଗାନ୍ଧୀଛକ ବରଗଡ଼, ସକାଳ ୬ଟା।
■ଷ୍ଟେଟବ୍ୟାଙ୍କ ସମୂହର ସ୍ୱଚ୍ଛତା ଅଭିଯାନ, ଆଞ୍ଚଳିକ କାର୍ଯ୍ୟାଳୟ ବରଗଡ଼, ସକାଳ ସାଢ଼େ ୬ଟା।
■ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
■ଛାତ୍ରୀଛାତ୍ରଙ୍କ ସୌର ପ୍ରଦୀପ ପ୍ରସ୍ତୁତି କର୍ମଶାଳା, ଇମ୍ପେରିଏଲ କଲେଜ ଚଢ଼େଇଗାଁ, ପୂର୍ବାହ୍ନ ୧୦ଟା।
■ଗାନ୍ଧୀ ଦର୍ଶନ ଆଲୋଚନା ସଭା, ବିଜୁ ପଟ୍ଟନାୟକ ଟାଉନ ହଲ ବରଗଡ଼, ସନ୍ଧ୍ୟା ସାଢ଼େ ୬ଟା।
■ତ୍ରିରଙ୍ଗା କପ୍ ଫୁଟବଲର ଫାଇନାଲ ମ୍ୟାଚ୍, ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୩ଟା।
■ପୋଲିସ ଟ୍ରାଫିକ ସଚେତନତା ଶୋଭାଯାତ୍ରା, ଜିଲା ପୋଲିସ ମୁଖ୍ୟାଳୟ ବରଗଡ଼, ସକାଳ ୯ଟା।

**ବଲାଙ୍ଗୀର**
■ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ, ଗାନ୍ଧୀନଗରପଡା, ସକାଳ ୮ଟା ।
■ଗାନ୍ଧୀ ଜୟନ୍ତୀ ଅବସରରେ ଲୋକକଳା ଗ୍ରାମ ପଦାର୍ପଣ ଉତ୍ସବ, ପୁଇଁତଲା ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା ।

**ସମ୍ବଲପୁର**
■ଜିଲା ପ୍ରଶାସନ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀରେ ପଦଯାତ୍ରା, ଧନୁପାଲି ପେଟ୍ରୋଲ ପମ୍ପରୁ ଭତରା ଗାନ୍ଧୀ ମନ୍ଦିର, ସକାଳ ୮ଟା ।
■ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା, ଶାନ୍ତିନଗର ଉଡାନ ସ୍କୁଲ, ସକାଳ ୮ଟା ।
■ଗାନ୍ଧୀ ଓ ଶାସ୍ତ୍ରୀ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗୀତା, କମଳିବଜାର ଗାୟତ୍ରୀ ମନ୍ଦିର, ସକାଳ ୮ଟା ।
■ଫିଟ୍ ଇଣ୍ଡିଆ ପ୍ଲଗିଂ କାର୍ଯ୍ୟକ୍ରମ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟଫାଟକ, ସକାଳ ୮ଟା ।
■୧୯୨୮ ମସିହା ମହାତ୍ମାଗାନ୍ଧୀଙ୍କ ସମ୍ବଲପୁର ଗସ୍ତ ସ୍ମୃତି ଫଳକ ଉନ୍ମୋଚନ କାର୍ଯ୍ୟକ୍ରମ, ମହାନ୍ତିପଡା, ପୂର୍ବାହ୍ନ ୯ଟା ।
■ଗାନ୍ଧୀ ସଂକଳ୍ପ ପଦଯାତ୍ରା, ଜେଲ ଛକ, ପୂର୍ବାହ୍ନ ୯ଟା ।
■ସାମୂହିକ ବୈଷ୍ଣବ ଜନ ସଂଗୀତ ଗାନ, ନେଲସନ ମଣ୍ଡେଲା ଛକ, ପୂର୍ବାହ୍ନ ୯ଟା ୩୫ ମିନିଟ ।
■ଗୁପ୍ତେଶ୍ୱରୀଙ୍କ କୁଷ୍ମାଣ୍ଡା ବେଶ, ଲମ୍ବଡୁଙ୍ଗୁରି ପାହାଡ ସ୍ଥିତ ମନ୍ଦିର, ପୂର୍ବାହ୍ନ ୧୦ଟା ।
■ସର୍ବଧର୍ମ ପ୍ରାର୍ଥନା ଓ ଭଜନ ସମାରୋହ, ତପସ୍ୱିନୀ ପ୍ରେକ୍ଷାଳୟ, ଅପରାହ୍ନ ୫ଟା ।

**ଦେବଗଡ଼**
■ଜାତିରଜନକ ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜୟନ୍ତୀ ସମାରୋହ, ଟାଉନ ହଲ, ପୂର୍ବାହ୍ନ ୧୦ଟା।
■ଫିଟ୍ ଇଣ୍ଡିଆର ରାଲି ଓ ରକ୍ତଦାନ ଶିବିର, ଝରାକଣ୍ଡଲ, ବାରକୋଟ, ସକାଳ ୮ଟା।
■ଜାତିରଜନକ ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜୟନ୍ତୀ ଅବସରରେ ସରକାରୀ ପଲିଟେକ୍ନିକ ମହାବିଦ୍ୟାଳୟ ଛକରେ ମହାତ୍ମା ଗାନ୍ଧି ମାର୍ଗର ଫଳକ ଉନ୍ମୋଚନ ଏବଂ ପଦଯାତ୍ରା ଟାଉନ ହଲ ପର୍ଯ୍ୟନ୍ତ, ପୂର୍ବାହ୍ନ ୯ଟା।

**ନୂଆପଡା**
■ଜିଲାସ୍ତରୀୟ ଗାନ୍ଧି ଜୟନ୍ତୀ ଉତ୍ସବ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ।
■ଗାନ୍ଧୀ ଜୟନ୍ତୀରେ କଂଗ୍ରେସର ଗଣ ପଦଯାତ୍ରା, କୋମନା, ସକାଳ ୮ଟା

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ହୃଷିକେଶ



ଶ୍ରୀକାନ୍ତ



ସଂଗ୍ରାମ



ସୁଦାମ



ଟିକୁନ୍



ଗୁନା



ସୁଶାନ୍ତ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହାର କାନ ଅଛି,**
**ତାହାର ସୁନା ନାହିଁ;**
**ଯାହାର ସୁନା ଅଛି,**
**ତାହାର କାନ ନାହିଁ ।**

ସମସ୍ତଙ୍କର ସବୁଜିନିଷ ପରିପୂର୍ଣ୍ଣ ହୋଇ ନ ଥାଏ। କାହାର ବହୁକୁଟୁମ୍ବୀ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ନିଃସନ୍ତାନ, ଅର୍ଥାତ୍ ଭୋଗ କରିବାକୁ ଲୋକ ନାହାନ୍ତି। ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ନାହିଁ। ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯାହା ନାହିଁ ଭାରତେ**
**ତାହା ନାହିଁ ଭାରତେ ।**

ମହାଭାରତ ଗ୍ରନ୍ଥରେ ଭାରତର ସଭ୍ୟତା, ସଂସ୍କୃତି ଓ ରୀତିନୀତି ବର୍ଣ୍ଣିତ। ମହାଭାରତରେ ସମଗ୍ର ଭାରତବର୍ଷର ପ୍ରତିଫଳନ ଦେଖିବାକୁ ମିଳିଥାଏ। ମହାଭାରତରେ ଯାହା ବର୍ଣ୍ଣନା କରା ନ ଯାଇଛି ତାହା ଭାରତବର୍ଷରେ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ସରକାରୀ କମ୍ପାନୀ କ୍ଷେତ୍ରରେ ରହିଥିବା ଖଣି ନିୟମରେ ସଂଶୋଧନ

# ଅବଧି ଶେଷର ବର୍ଷକ ପୂର୍ବରୁ ଆବେଦନ କଲେ ଅଧିକ ୨୦ ବର୍ଷ

ଭୁବନେଶ୍ୱର,୧।୧୦(ବ୍ୟୁରୋ)

ଭାରତୀୟ ଇସ୍ପାତ୍ କ୍ଷେତ୍ରରେ କଞ୍ଚାମାଲର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସରକାରୀ କମ୍ପାନୀ ଦ୍ୱାରା ଖଣି କାର୍ଯ୍ୟ ନେଇ ରହିଥିବା ନିୟମରେ ବର୍ତ୍ତମାନ ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ ଧରଣର ସଂଶୋଧନ କରାଯାଇଛି। ସଂଶୋଧିତ ନିୟମାନୁସାରେ ସରକାରୀ କମ୍ପାନୀଗୁଡିକୁ ଖଣି ଲିଜ୍‌ରେ ଦିଆଯାଉଛି। ଯଦି ଏହି ଖଣି କମ୍ପାନୀଗୁଡିକ ସେମାନଙ୍କ ସମୟ ଅବଧି ଶେଷ ହେବାର ବର୍ଷେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଏନେଇ ଲିଖିତ ଆବେଦନ କରନ୍ତି, ତେବେ ସେମାନଙ୍କ କ୍ଷେତ୍ରରେ ବିଶେଷ ନିଷ୍ପତ୍ତି ନିଆଯିବ। ସମୟ ଅବଧି ଶେଷ ହେବାର ବର୍ଷକ ଆଗରୁ ଯେଉଁ କମ୍ପାନୀଗୁଡିକ ଆବେଦନ କରିବେ ସେମାନଙ୍କୁ ସରକାର ଅଧିକ ୨୦ ବର୍ଷ ଲିଜ୍ ପାଇଁ ସମୟ ଦେଇପାରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ପ୍ରସଙ୍ଗରେ ପ୍ରଥମେ ହସ୍ତକ୍ଷେପ କରିଥିଲେ। ଧର୍ମେନ୍ଦ୍ର ବର୍ତ୍ତମାନ ଭାରତୀୟ ଇସ୍ପାତ୍ କ୍ଷେତ୍ରର କଞ୍ଚାମାଲର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ନିକଟରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜ ଉତ୍ପାଦିତ ଲୁହାପଥରର ୨୫ ପ୍ରତିଶତ ଘରୋଇ ବଜାରରେ ପ୍ରଦାନ କରିବା ପାଇଁ ଖଣି ମନ୍ତ୍ରଣାଳୟକୁ ଅନୁମତି ଦେଇଛି। ଖଣି ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ଦେଶର ଇସ୍ପାତ ଶିଳ୍ପର ବିକାଶ ପାଇଁ ଏକ ବଡ ପଦକ୍ଷେପ। ଉଲ୍ଲେଖଯୋଗ୍ୟ ଯେ ଏମ୍‌ଏମ୍‌ଡିଆର୍ ଆକ୍ଟ ୧୯୫୭ ଅନୁସାରେ ମାର୍ଚ୍ଚ ୨୦୨୦ ସୁଦ୍ଧା ୩୧ଟି କାର୍ଯ୍ୟକ୍ଷମ ଖଣି ଲିଜ୍ ଅବଧି ଶେଷହେବ। ନିକଟରେ ଖଣି ମନ୍ତ୍ରଣାଳୟ ଦ୍ୱାରା ପାରିତ କରାଯାଇଥିବା ଆଦେଶ ଭାରତୀୟ ଇସ୍ପାତ ଉଦ୍ୟୋଗର କଞ୍ଚାମାଲ ସୁରକ୍ଷାକୁ ସୁନିଶ୍ଚିତ କରିବ। ଏହାସହ ଏହି ନିଷ୍ପତ୍ତି ବଜାରରେ କଞ୍ଚାମାଲର ମୂଲ୍ୟକୁ ସ୍ଥିର ରଖିବା ସହ ସେକେଣ୍ଡାରୀ ଇସ୍ପାତ୍ କ୍ଷେତ୍ରରେ ସୁପ୍ରଭାବ ପକାଇବ ବୋଲି ଜଣାପଡିଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଦ୍ୱାରା ଏହା ସମ୍ଭବ ହୋଇଥିବା ସୂଚନା ମିଳିଛି।

# ହୀରାକୁଦ ଡ୍ୟାମ୍‌ର ୨୦ଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, ୧।୧୦ (ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ଉପର ଓ ତଳମୁଣ୍ଡରେ ବର୍ଷା ହେତୁ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ପାଇଛି। ଏଣୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୬୮ ହଜାର ୫୩୯ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ଡ୍ୟାମରୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୪ ହଜାର ୭୭୭ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ତେବେ ୨୦ ଟି ସ୍ଲୁଇସ୍ ଗେଟ ଦେଇ ୩ ଲକ୍ଷ ୨୮ହଜାର ୭୭୭ କ୍ୟୁସେକ, ପାୱାର ଚ୍ୟାନେଲରେ ୧୨ହଜାର ୮୭୨ କ୍ୟୁସେକ, ବିଭିନ୍ନ କେନାଲରେ ୩ହଜାର ୨୧୫କ୍ୟୁସେକ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡା ଯାଉଛି। ବେଲଗାଁରେ ୮ ହଜାର ୮ ଶହ, ପର୍ଥେଲାରେ ୫୧ ହଜାର ୫୭୨, ବଡମୂଳରେ ୫ ଲକ୍ଷ ୩୧ ହଜାର ୭୫୦, ଖଇରମାଲରେ ୫ ଲକ୍ଷ ୨୦ ହଜାର ଓ ମୁଣ୍ଡଳିରେ ୫ ଲକ୍ଷ ୧୭ ହଜାର ୭୧୫ କ୍ୟୁସେକ ଜଳ ପ୍ରବାହିତ ହେଉଛି। ମଙ୍ଗଳବାର ଡ୍ୟାମର ଜଳସ୍ତର ୬୨୯.୭୭ ଫୁଟ ରହିଥିବା ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଛୁଆହାତୀର ଗଳିତ ମୃତଦେହ ଉଦ୍ଧାର

ବାରିପଦା ଅଫିସ,୧।୧୦

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ଭାଲୁଘେରା ଜଙ୍ଗଲରୁ ମଙ୍ଗଳବାର ଏକ ହାତୀ ଶାବକର ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ଏହି ହାତୀ ଶାବକର ମୃତ୍ୟୁ ସାଧାରଣ ଅଥବା ପରସ୍ପର ମଧ୍ୟରେ ଲଢେଇ କାରଣରୁ ହୋଇଥାଇ ପାରେ ବୋଲି ବାରିପଦା ଡିଏଫଓ ସୟମ ମଲ୍ଲିକ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ରାସଗୋବିନ୍ଦପୁର ରେଞ୍ଜ ମୋରଡା ବ୍ଲକ ଅଞ୍ଚଳକୁ ଗତ ସେପ୍ଟେମ୍ବର ୨୭ ତାରିଖରେ ଝାଡଖଣ୍ଡ ଦଲମା ଜଙ୍ଗଲରୁ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ହାତୀ ପଶ୍ଚିମବଙ୍ଗ ପଟେ ଆସିଥିଲେ। ୫୦ଟି ହାତୀ ବେତନଟୀ ରେଞ୍ଜ ଅଞ୍ଚଳକୁ ଚାଲିଯାଇଥିବା ବେଳେ ୧୦ଟି ହାତୀ ଭାଲୁଘେରା ଜଙ୍ଗଲରେ ରହିଯାଇଥିଲେ। ସୋମବାର ରାତିରେ ଉକ୍ତ ହାତୀ ପଲ ବେତନଟୀ ରେଞ୍ଜ ଅଭିମୁଖେ ଚାଲିଯାଇଥିଲା ବେଳେ ମଙ୍ଗଳବାର ହାତୀ ଶାବକର ମୃତଦେହ ମିଳିଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ
3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
NATIONAL FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 50% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
095283-08829
ADDRESS: T-51, GAUTAMPURI, DELHI

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

DHARITRI Career appointment Every Wednesday and Saturday

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

HINDUSTAN TOWER
ନାମ ନୁହେଁ କାମ କହିଥାଏ ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

**ବେତନଟୀ,୧।୧୦ (ଡି.ଏନ୍.ଏ.):** ବେତନଟୀ ବନାଞ୍ଚଳ ଅଧୀନ ଜାମୁଗଧା ଗ୍ରାମରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗଜେନ୍ଦ୍ର ମହାନ୍ତ (୭୦)। ସକାଳେ ସେ ବିଲକୁ ଯାଉଥିବା ବେଳେ ଗାଁ ପାଖ ପଡ଼ିଆରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଓ ବେତନଟୀ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ ଘଟଣା
### ୨ କନ୍‌ଷ୍ଟେବଲ ନିଲମ୍ବିତ

**ବାରିପଦା ଅଫିସ,୧।୧୦:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତ ରବିବାର ଚମ୍ପଟ ମାରିଥିଲେ। ଏହି ଘଟଣାରେ ଦାୟିତ୍ୱରେ ଅବହେଳା ପାଇଁ ୨ କନ୍‌ଷ୍ଟେବଲଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ପରମାର ସ୍ମିଥ ପୁରୁଷୋତ୍ତମଦାସ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଡିଓ ନଂ.୨୦୨୭(୩୦।୯।୨୦୧୯)ରେ ଏସ୍‌ପି ଏହି ନିର୍ଦ୍ଦେଶ ଦେଇଛନ୍ତି। ନିଲମ୍ବିତ କନ୍‌ଷ୍ଟେବଲ ଦ୍ୱୟ ହେଲେ ଚିନ୍ମୟ ସାହୁ ଓ ମନ୍ଦାକିନୀ ବେହେରା। ସୂଚନା ଅନୁଯାୟୀ,ବାରିପଦା ଟାଉନ ଥାନା ମାମଲା (ନଂ.୨୪୦/୧୯) ରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖିଥିଲା। ତେବେ ସବୁବେଳେ ଗହଳି ଲାଗି ରହୁଥିବା ଥାନାର କର୍ମଚାରୀ ଓ ଅଧିକାରୀଙ୍କୁ ଚକମା ଦେଖାଇ ରବିବାର ଅପରାହ୍ନ ୨ ଟା ବେଳେ ସମ୍ପୃକ୍ତ ଅଭିଯୁକ୍ତ ଜଣକ ପୋଲିସ ହେପାଜତରୁ ଖସି ପଳାଇଥିଲେ। କଡ଼ାସୁରକ୍ଷା ବଳୟରେ ତାଙ୍କୁ ଅଟକ ରଖାଯାଇଥିଲେ ମଧ କିପରି ସେ ଖସିଗଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବରଦାନ ସାବ୍ୟସ୍ତ ହେବ ପ୍ଲାଷ୍ଟିକ ନିଷେଧ

## ରାଜ୍ୟରେ କେନ୍ଦୁ, ଶାଳପତ୍ରଭିତ୍ତିକ ଶିଳ୍ପ ଦ୍ରୁତ ବିକାଶ ନେଇ ଆଶାବାଦୀ

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ସାରା ରାଜ୍ୟରେ ବୁଧବାରଠାରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଉଛି। ଏଥିପାଇଁ ରାଜ୍ୟ ପ୍ରଶାସନର ସମସ୍ତ ବିଭାଗ ତତ୍ପରତା ପ୍ରକାଶ କରିଛନ୍ତି। ହେଲେ ଏହା କେତେ ଫଳପ୍ରଦ ହେବ, ତାହା ଭବିଷ୍ୟତରେ ଜଣାପଡ଼ିବ। ଅପରପକ୍ଷରେ ପ୍ଲାଷ୍ଟିକ ନିଷେଧ ଫଳରେ ରାଜ୍ୟରେ କେନ୍ଦୁ ଏବଂ ଶାଳପତ୍ର ଶିଳ୍ପ ବହୁଳଭାବେ ଫାଇଦା ଆଣିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସମୟରେ ବାହାଘର, ଜନ୍ମଦିନ,ପର୍ବପର୍ବାଣି ଇତ୍ୟାଦି କାର୍ଯ୍ୟରେ ପ୍ଲାଷ୍ଟିକ ପ୍ଲେଟ ଏବଂ ଆନୁଷଙ୍ଗିକ ଦ୍ରବ୍ୟ ବ୍ୟବହାର ହୋଇଥାଏ। ଏଣିକି ସମସ୍ତେ ପ୍ଲାଷ୍ଟିକର ବିକଳ୍ପ ଚିନ୍ତାକଲେଣି। ରାଜ୍ୟରେ କେନ୍ଦୁପତ୍ର ଏବଂ ଶାଳପତ୍ର ଉତ୍ପାଦନ ଓ ପ୍ରକ୍ରିୟାକରଣ ବ୍ୟବସ୍ଥାର ଚାହିଦା ରହିଛି। ତେଣୁ ପ୍ଲାଷ୍ଟିକ ନିଷେଧ ଏହି ଶିଳ୍ପ ପାଇଁ ବରଦାନ ସଦୃଶ ହେବ ।

ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ରାଜ୍ୟରେ ପ୍ରାୟ ୫ ଲକ୍ଷ ଲୋକ କେନ୍ଦୁ ଏବଂ ଶାଳପତ୍ର ଆଦିରୁ ପ୍ଲେଟ ଏବଂ ଆନୁଷଙ୍ଗିକ ନିର୍ମାଣ ଶିଳ୍ପରେ ନିୟୋଜିତ ଅଛନ୍ତି। ପତ୍ରରୁ ପ୍ରସ୍ତୁତ ହେଉଥିବା ପ୍ଲେଟ ଏବଂ କପ୍ ବଜାର ବାର୍ଷିକ ୧୫୦୦ କୋଟି ଟଙ୍କାର ବ୍ୟବସାୟ ଦେବାର କ୍ଷମତା ରଖୁଛି। ରାଜ୍ୟରେ ଅଢ଼େଇ ଲକ୍ଷ ବ୍ୟକ୍ତିବିଶେଷ ସିଧାସଳଖ କେନ୍ଦୁ ଏବଂ ଶାଳପତ୍ର ତୋଳିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କେନ୍ଦୁପତ୍ର ଶିଳ୍ପର ଚାହିଦା କେନ୍ଦୁଝର ଏବଂ ମୟୂରଭଞ୍ଜରେ ବହୁଳଭାବେ ଦେଖିବାକୁ ମିଳିଥାଏ। ଶ୍ରମିକମାନେ ଷ୍ଟିଚିଂ ମେଶିନ୍ ଏବଂ ହାତ ସିଲେଇ ଦ୍ୱାରା ପତ୍ରପ୍ଲେଟ ପ୍ରସ୍ତୁତ କରୁଛନ୍ତି। ଯଦି ଜର୍ମାନୀ ପ୍ରଭୃତି ଦେଶରେ ବ୍ୟବହୃତ ଟେକ୍ନୋଲୋଜିକୁ ବ୍ୟବହାର କରାଯାଇପାରିବ, ତେବେ ଏ ଶିଳ୍ପର ଅଧିକ ବିକାଶ ହୋଇପାରିବ ବୋଲି ଆଶା କରାଯାଉଛି। ଏହି ଶିଳ୍ପରେ ରୁଚି ରଖୁଥିବା ବିଶେଷଜ୍ଞ ଚିତ୍ତରଞ୍ଜନ ପାଣି କୁହନ୍ତି ଯେ, ପ୍ଲାଷ୍ଟିକ ନିଷେଧ ପରେ କେନ୍ଦୁ, ଶାଳପତ୍ର ବ୍ୟବସାୟ ପାଇଁ ଏକ ବଡ଼ଧରଣର ସୁଯୋଗ ସୃଷ୍ଟି ହୋଇଛି। ହେଲେ ଏହି ସୁଯୋଗକୁ ଉପଯୁକ୍ତ ବ୍ୟବସ୍ଥାଗତ ଢଙ୍ଗରେ ପରିଚାଳନା କରିବାର ଆବଶ୍ୟକତା ରହିଛି। ନିକଟରେ ଏହି ଶିଳ୍ପ ଉପରେ ଥିବା ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି। ଅନୁରୂପଭାବେ ରାଜ୍ୟ ସରକାର କୁଇଣ୍ଟାଲ ପିଛା ୮୬ ଟଙ୍କା ରୟାଲଟି ନେଉ ନାହାନ୍ତି। କେନ୍ଦ୍ର ସରକାର ବନଧନ ନାମକ ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ଯଦି ଉପଯୁକ୍ତଭାବେ ପରିଚାଳନା କରାଯାଏ, ତେବେ ରାଜ୍ୟରେ ଏହା ଅଧିକ ଲାଭଜନକ ଶିଳ୍ପ ହୋଇପାରିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ବନଧନ ଯୋଜନାରେ ଆଦିବାସୀବହୁଳ ଜିଲାଗୁଡିକ ଜଙ୍ଗଲଜାତ ଦ୍ରବ୍ୟର ତାଲିକା ପ୍ରସ୍ତୁତ କରିଛନ୍ତି। ଏହାର ଉତ୍ପାଦନ ସହ ପ୍ରକ୍ରିୟାକରଣରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସାମିଲ କରାଯିବ। ସରକାର ଯେଉଁଭଳି ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ସଚେତନତା ଜାରି କରିଛନ୍ତି, ଅନୁରୂପଭାବେ ପତ୍ରଜାତ ଦ୍ରବ୍ୟର ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବାର ଆବଶ୍ୟକ ରହିଛି। କେନ୍ଦୁଝର ଜିଲା ପିଏ, ଆଇଟିଡିଏ ନାରାୟଣ ମୁର୍ମୁ କୁହନ୍ତି ଯେ, କେବଳ ବ୍ୟବସାୟରୁ ଲାଭ ଅର୍ଜନ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। କେନ୍ଦୁ,ଶାଳପତ୍ର ତୋଳାଳି,ବନ୍ଧାଣୀ ଇତ୍ୟାଦି କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ନିୟୋଜିତ ଥିବା ବ୍ୟକ୍ତିବିଶେଷଙ୍କ ଜୀବନଧାରଣର ମାନ ଉନ୍ନତ କରିବା ମଧ ସରକାରଙ୍କ ଲକ୍ଷ୍ୟ। ପୂର୍ବାପେକ୍ଷା ଏହି ଶିଳ୍ପର ଚାହିଦା ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ନୂତନ ଜ୍ଞାନକୌଶଳ ବିନିଯୋଗ କରି ଅଧିକ ଦ୍ରବ୍ୟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ।




ଗାନ୍ଧୀଙ୍କ ବିଷୟରେ କେତେ ଜାଣିଛନ୍ତି
ଦେଖନ୍ତୁ ଭିଡିଓ
YouTube /dharitrilive

### ଭାଜପାର ଦେଶବ୍ୟାପୀ ଜନସମ୍ପର୍କ ଓ ଜନ ଜାଗରଣ ଅଭିଯାନ ସମାପ୍ତ
## ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଅଭୂତପୂର୍ବ ସମର୍ଥନ ମିଳିଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧।୧୦(ବ୍ୟୁରୋ)**

ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ଦେଶର ସମସ୍ତ ଲୋକଙ୍କୁ ଅବଗତ ଓ ସଚେତନ କରିବାକୁ ଭାଜପା ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୧ରୁ ୩୦ ପର୍ଯ୍ୟନ୍ତ ଦେଶବ୍ୟାପୀ ଆରମ୍ଭ କରାଯାଇଥିବା ଜନସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଶେଷ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶର ସବୁ ବର୍ଗର ଲୋକମାନେ ମୋଦି ସରକାରଙ୍କ ଦ୍ୱାରା ନିଆଯାଇଥିବା ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଅପୂର୍ବ ସମର୍ଥନ ଏବଂ ଆଶୀର୍ବାଦ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ଏହି ଐତିହାସିକ ନିଷ୍ପତ୍ତି ପାଇଁ ଦେଶବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ


ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଦିଲ୍ଲୀରୁ ଏହି ସମ୍ପର୍କ ଅଭିଯାନ ଶୁଭାରମ୍ଭ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ଦେଶର ପ୍ରାୟ ୬ ଶହରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଳର ୫ ଲକ୍ଷରୁ ଅଧିକ ନେତା ଓ କାର୍ଯ୍ୟକର୍ତ୍ତା ପ୍ରତିଷ୍ଠିତ ଲୋକ ଏବଂ ଓପିନିୟନ ମେକର୍ସଙ୍କୁ ଭେଟି ୩୭୦ ଧାରା ଐତିହାସିକ ଭୁଲର ସୁଧାର ପାଇଁ ନିଆଯାଇଥିବା ଐତିହାସିକ ନିର୍ଣ୍ଣୟର ବିସ୍ତୃତ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଧାରା ୩୭୦ର ଉଚ୍ଛେଦ ଏବଂ ଏହାଦ୍ୱାରା ଜମ୍ମୁ-କଶ୍ମୀର ଏବଂ ଲଦାଖରେ ସାଧାରଣ ଜନତାଙ୍କ ସହିତ ହେଉଥିବା ଭେଦଭାବର ପ୍ରସଙ୍ଗଗୁଡିକ ବିଶ୍ୱ ଦରବାରରେ ମଧ ଉଠାଇଛନ୍ତି । ଭାରତର ଏହି ନିଷ୍ପତ୍ତିକୁ ସାରା ବିଶ୍ୱ ସମର୍ଥନ କରିଛି। ୩୭୦ ଧାରା ଉଚ୍ଛେଦ ଉପରେ କରାଯାଉଥିବା ଅପପ୍ରଚାରର ଏହା ଏକ ବଡ ବିଜୟ ବୋଲି ଧର୍ମେନ୍ଦ୍ର କହିଛନ୍ତି । ସେହିପରି ଅନୁଚ୍ଛେଦ ୩୭୦ ଉଚ୍ଛେଦ କୌଣସି ଧର୍ମ ସମ୍ବନ୍ଧୀୟ ପ୍ରସଙ୍ଗ ନୁହେଁ ବରଂ ଘାଟିରେ ବିକାଶ ଏବଂ ସୁଶାସନକୁ ପ୍ରତିଷ୍ଠା କରିବାର ବିଷୟ। ପଡୋଶୀ ଦେଶ ପାକିସ୍ତାନ ଦ୍ୱାରା କରାଯାଉଥିବା ଅପପ୍ରଚାର ଉପରେ ଓଆଇସି ମଧ ଏହି ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ମାମଲା କହି ଭାରତକୁ ସମର୍ଥନ କରିଛି । ମୁସଲିମ ରାଷ୍ଟ୍ର ସାଉଦି ଆରବ, ୟୁଏଇ ଏବଂ କତାରର ମନ୍ତ୍ରୀ ଓ ରାଜପରିବାର ସଦସ୍ୟଙ୍କୁ ଭେଟିବା ଅବସରରେ ସେମାନେ ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଧାର୍ମିକ ପ୍ରସଙ୍ଗ ନ ମାନିବା ସହିତ ଭାରତକୁ ସମର୍ଥନ କରିଥିବା ମତବ୍ୟକ୍ତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### କଟକ ସିରିଏଲ୍ ହତ୍ୟା ଘଟଣା
## ପିଏନ୍‌ବି କର୍ତ୍ତୃପକ୍ଷଙ୍କୁ ହାଜର ପାଇଁ ନୋଟିସ୍

**କଟକ ଅଫିସ, ୧।୧୦**

କଟକ ସିରିଏଲ୍ ହତ୍ୟା ମାମଲାର ଶୁଣାଣି କରି ମଙ୍ଗଳବାର ହାଇକୋର୍ଟ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଭୁବନେଶ୍ୱର ସାଲିଆସାହି ସ୍ଥିତ ସ୍ୱାଇଁ ୱାଇନ୍ ସପ୍ ଓ ନୟାଗଡ଼ ସୁନାମହିଁ ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) କର୍ତ୍ତୃପକ୍ଷ ହାଜର ହେବା ପାଇଁ ନୋଟିସ୍ ଜାରି କରିଛନ୍ତି। ପୂଜା ଛୁଟି ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ହାଜର ହୋଇ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ଦୁଇ ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୨୪ରେ କଟକରେ ତିନି ଜଣଙ୍କୁ ଗଳା କାଟି ହତ୍ୟା କରିଯାଇଥିଲା। ପରେ ପୋଲିସ ନୟାଗଡ଼ ସୁନାମୁହିଁର ନାରାୟଣ ସାହୁଙ୍କୁ ଓଏମ୍‌ପି ଅଞ୍ଚଳରେ ଘଟିଥିବା ଦୁଇଟି ହତ୍ୟା ଘଟଣାରେ ଗିରଫ କରିଥିଲା। ତେବେ ନାରାୟଣଙ୍କୁ ନିର୍ଦ୍ଦୋଶ ଦର୍ଶାଇବା ପାଇଁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ଗୀତାଞ୍ଜଳିଙ୍କ ପକ୍ଷରୁ ସିସିଟିଭି ଫୁଟେଜ ଜବତ ପାଇଁ ଆବେଦନ କରାଯାଇଥିଲା। ଓଏମ୍‌ପି ଛକରେ ଘଟିଥିବା ହତ୍ୟାକାଣ୍ଡ ପଛରେ ନାରାୟଣ ସଂପୃକ୍ତି ଥିବା ଡିସିପି ସ୍ପଷ୍ଟ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ଓଏମ୍‌ପି ଛକ ହତ୍ୟାକାଣ୍ଡ ଘଟଣାସ୍ଥଳକୁ ଯାଇ ଏକ ଅଳିଆ ଗଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଓ ଦୁଇଟି ଗାମୁଛା ଜବତ କରିଥିଲା। ହାଇକୋର୍ଟରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ଦାରିଙ୍ଗିବାଡ଼ି ବ୍ଲକ ଅଧ୍ୟକ୍ଷାଙ୍କ ସଭ୍ୟାପଦ ରଦ୍ଦ

**ଫୁଲବାଣୀ ଅଫିସ/ଦାରିଙ୍ଗବାଡି,୧।୧୦**

କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନଙ୍କ ସଭ୍ୟାପଦ ମଙ୍ଗଳବାର ରଦ୍ଦ ହୋଇଛି। ୨ରୁ ଅଧିକ ସନ୍ତାନ ଥିବା ଆଗତ ଏକ ମାମଲାର ବିଚାର କରି ଜିଲା ଦୌରାଜଜ୍ ଗୌତମ ଶର୍ମା ଏହି ରାୟ ଶୁଣାଇଛନ୍ତି। ସଭ୍ୟାପଦ ରଦ୍ଦ ହୋଇଥିବାରୁ ସୁବେନ୍ତୀ ଆଉ ବ୍ଲକ ଅଧ୍ୟକ୍ଷା ରହି ପାରିବେ ନାହିଁ।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶ୍ରାନିକେତା ପଞ୍ଚାୟତରୁ ସମିତିସଭ୍ୟା ଭାବେ ସୁବେନ୍ତୀ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଦାରିଙ୍ଗିବାଡି ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସୁବେନ୍ତୀଙ୍କର ୬ଟି ସନ୍ତାନ ଥିବା ଦର୍ଶାଇ ବ୍ଲକ ଅଧ୍ୟକ୍ଷା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତାଜୁଙ୍ଗିଆ ସମିତି ସଭ୍ୟା ରୁଦା ମଲ୍ଲିକ ୨୦୧୭ ଜୁଲାଇରେ ଜିଲା କୋର୍ଟରେ ଏକ ନିର୍ବାଚନୀ ମାମଲା ଦାୟର କରିଥିଲେ। ପଞ୍ଚାୟତ ଆଇନ ଅନୁଯାୟୀ ୨ ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ଲଢ଼ି ପାରିବେ ନାହିଁ। ତେଣୁ ସୁବେନ୍ତୀଙ୍କ ସମିତିସଭ୍ୟା ପଦବୀକୁ ଅବୈଧ ଘୋଷଣା କରିବାକୁ ରୁଦା ତାଙ୍କ ପିଟିଶନ୍‌ରେ ଉଲ୍ଲେଖ କରିଥିଲେ। ଏହି ମାମଲାକୁ ବିରୋଧ କରି ଅଧ୍ୟକ୍ଷା ପ୍ରଧାନ ହାଇକୋର୍ଟରେ ଅପିଲ କରି ରହିତାଦେଶ ଆଣିଥିଲେ। ଦୁଇ ମାସ ତଳେ ହାଇକୋର୍ଟ ରହିତାଦେଶକୁ ଉଠାଇ ଦେଇଥିଲେ ଏବଂ ମାମଲାର ବିଚାର କରି ଫଏସଲା କରିବାକୁ ଜିଲା ଅଦାଲତକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ୧୯୯୫ ମସିହାରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ନିୟମ କରିଥିଲେ। ସୁବେନ୍ତୀଙ୍କର ୧୯୯୬ ମସିହାରେ ଷଷ୍ଠ ସନ୍ତାନ ଜନ୍ମ ହୋଇଛି। ତେଣୁ ଆଇନ ଅନୁଯାୟୀ ତାଙ୍କ ସମିତି ପଦ ଅବୈଧ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ରୁଦା ମଲ୍ଲିକଙ୍କ ପକ୍ଷରୁ ଆଇନଜୀବୀ ସିଦ୍ଧେଶ୍ୱର ଦାସ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସ୍ତ୍ରୀ ହେଉଛନ୍ତି ସୁବେନ୍ତୀ।

## ଜିଏସ୍‌ଟି ସଂଗ୍ରହ ୯୧,୯୧୬ କୋଟି ଟଙ୍କାକୁ ହ୍ରାସ

**ନୂଆଦିଲ୍ଲୀ,୧।୧୦**

- ୧୯ ମାସର ସର୍ବନିମ୍ନ ସ୍ତରରେ ପରୋକ୍ଷ ଟିକସ ଆଦାୟ
- ଗତ ବର୍ଷ ସମାନ ସମୟ ତୁଳନାରେ ୨.୬୭% ହ୍ରାସ
- ଅଗଷ୍ଟ ମାସରେ ୯୮,୨୦୨ କୋଟି ଟଙ୍କା ଥିଲା

ସେପ୍ଟେମ୍ବରରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହ ପରିମାଣ ୯୧,୯୧୬ କୋଟି ଟଙ୍କାକୁ ହ୍ରାସ ଘଟିଛି। ଜିଏସ୍‌ଟି ସଂଗ୍ରହ ୧୯ ମାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଏହା ଅଗଷ୍ଟ ମାସରେ ୯୮,୨୦୨ କୋଟି ଟଙ୍କା ରହିଥିବା ସରକାର ମଙ୍ଗଳବାର ଦେଇଥିବା ତଥ୍ୟରୁ ଜଣାପଡିଛି। ଗତ ବର୍ଷ ସେପ୍ଟେମ୍ବରରେ ଜିଏସ୍‌ଟି ସଂଗ୍ରହ ୯୪,୪୪୨ କୋଟି ଟଙ୍କା ରହିଥିଲା। ସଂଗ୍ରହ ହୋଇଥିବା ମୋଟ ୯୧,୯୧୬ କୋଟି ଟଙ୍କା ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି ଅଂଶ ୧୬,୬୩୦ କୋଟି, ରାଜ୍ୟ ଜିଏସ୍‌ଟି ବାବଦ ୨୨,୫୯୮ କୋଟି, ସମନ୍ୱିତ ଜିଏସ୍‌ଟି ବାବଦ ୪୫,୦୬୯ କୋଟି ଏବଂ ସେସ୍ ବା ଉପକର ବାବଦକୁ ୭୬୨୦ କୋଟି ଟଙ୍କା ରହିଥିବା ଅର୍ଥମନ୍ତ୍ରଣାଳୟ ପ୍ରକାଶ କରିଛି। ସେପ୍ଟେମ୍ବର ୩୦ ସୁଦ୍ଧା ଅଗଷ୍ଟ ମାସ ଲାଗି ୭୫.୯୪ ଲକ୍ଷ ଜିଏସ୍‌ଟିଆର୍-୩ବି ରିଟର୍ନ ଫାଇଲ କରାଯାଇଛି। ଗତ ବର୍ଷ ସମାନ ମାସ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରରେ ରାଜସ୍ୱ ସଂଗ୍ରହ ୨.୬୭% କମିଛି।

ସମନ୍ୱିତ ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ଯଥାକ୍ରମେ ୨୧,୧୩୧ କୋଟି ଏବଂ ୧୫,୧୨୧ କୋଟି ଟଙ୍କା ସମାଧାନ କରାଯାଇଛି। ସେପ୍ଟେମ୍ବର ମାସ ଲାଗି ନିୟମିତ ଜିଏସ୍‌ଟି ସମାଧାନ ପରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଯଥାକ୍ରମେ କେନ୍ଦ୍ର ଜିଏସ୍‌ଟି ବାବଦକୁ ୩୭,୭୬୧ କୋଟି ଏବଂ ରାଜ୍ୟ ଜିଏସ୍‌ଟି ବାବଦକୁ ୩୭,୭୧୯ କୋଟି ଟଙ୍କାର ରାଜସ୍ୱ ହାସଲ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟ ମଧ୍ୟରେ ଦେଶ ମଧ୍ୟରୁ ପରୋକ୍ଷ ଟିକସ ସଂଗ୍ରହ ୭.୮୨% ବଢିଛି। ଆମଦାନୀରୁ ଜିଏସ୍‌ଟି ସଂଗ୍ରହ ନକରାତ୍ମକ ରହି ୪.୯୦%କୁ ଖସି ଆସିଥିବା ଅର୍ଥ ମନ୍ତ୍ରଣାଳୟ ପ୍ରକାଶ କରିଛି।

### ଓସ୍କାର ଚିଟ୍‌ଫଣ୍ଡ ମାମଲା
## ଅତିରିକ୍ତ ନିର୍ଦ୍ଦେଶକଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ,୧।୧୦**

ଓସ୍କାର କୋ-ଅପରେଟିଭ ଲିମିଟେଡ ଚିଟ୍‌ଫଣ୍ଡ ସଂସ୍ଥାର ଅତିରିକ୍ତ ନିର୍ଦ୍ଦେଶକ କୀର୍ତ୍ତି ରଞ୍ଜନ ବସ୍ତିଆଙ୍କ ଜାମିନ ଆବେଦନକୁ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ମଙ୍ଗଳବାର ଖାରଜ କରି ଦେଇଛନ୍ତି। ଓସ୍କାର ଚିଟ୍‌ଫଣ୍ଡ ସଂସ୍ଥା ମହାରାଷ୍ଟ୍ର, ଗୁଜରାଟ, ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ୫୦ରୁ ଅଧିକ ଶାଖା କାର୍ଯ୍ୟାଳୟ ଖୋଲି ୨୩୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଗୁଜରାଟରେ ଏହା ୫ଟି ଶାଖା କାର୍ଯ୍ୟାଳୟ ଖୋଲି କାରବାର କରୁଥିଲା । ଓଡ଼ିଶାରେ ଜମାକାରୀଙ୍କ ଅଭିଯୋଗ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏକାଧିକ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ପୋଲିସ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ପ୍ରଭାସ ରାଉତ, ଅନ୍ୟତମ ସଦସ୍ୟ ମୁନା ପାତ୍ର, କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ଅବନୀକାନ୍ତ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ, କୀର୍ତ୍ତି ରଞ୍ଜନ ବସ୍ତିଆ ଓ ତାରାପ୍ରସାଦ ହୋତାଙ୍କୁ ୨୦୧୬ ଜୁଲାଇ ୧୫ରେ ଗିରଫ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଏହି ମାମଲାକୁ ସୁବ୍ରତ କୁମାର ମହାନ୍ତି ପରିଚାଳନା କରୁଛନ୍ତି।

## ଏଟିଏମ୍ ଭାଙ୍ଗି ଲୁଟି ନେଲେ ୨୫.୨୭ଲକ୍ଷ

**ଯାଜପୁର ଟାଉନ,୧।୧୦(ଡି.ଏନ୍.ଏ.)**

ଯାଜପୁର ସହରର ଜନଗହଳିପୂର୍ଣ୍ଣ ଅମ୍ବିକାଇ ଛକ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଏଟିଏମ୍‌ରେ ସୋମବାର ବିଳମ୍ବିତ ରାତିରେ ଲୁଟ ହୋଇଛି। ଦୁର୍ବୃତ୍ତମାନେ ଏଟିଏମ୍‌କୁ ଗ୍ୟାସ କଟରରେ ଭାଙ୍ଗି ୨୫ ଲକ୍ଷ ୨୭ ହଜାର ୬୦୦ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳୁ ଏଟିଏମ୍ ତଡ଼ା ଯାଇଥିବା ନେଇ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍‌ବିଆଇ ଏଟିଏମ୍‌ର ଫ୍ରାଞ୍ଚାଇଜ ନେଇଥିବା ଟିଏସ୍‌ଆଇ କମ୍ପାନୀର ଜଣେ ଅଧିକାରୀ ଅବିନାଶ ତ୍ରିପାଠୀ ଯାଜପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ଏସ୍‌ପି ଚରଣ ସିଂ ମୀନା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ଜେନା, ଥାନାଧିକାରୀ ଆଶିଷ ସାହୁ ସମେତ ଘଟଣାସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ଏସ୍‌ପି ମୀନା ଏନେଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ସନ୍ଧାନୀ କୁକୁର, ଫୋରେନସିକ ଟିମ୍ ଓ ରାଜ୍ୟ ପୋଲିସ ପ୍ରଶାସନର ସୂଚନା ତଥା ବୈଷୟିକ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛନ୍ତି। ସବୁଠାରୁ ମୁଖ୍ୟ କଥା ହେଲା ଉକ୍ତ ଏଟିଏମ୍‌ରେ କେହି ସୁରକ୍ଷା କର୍ମୀ ନିୟୋଜିତ ନ ଥିବାବେଳେ ସେଠାକାର ସିସି କ୍ୟାମେରା ମଧ ଠିକ୍ ଭାବେ କାର୍ଯ୍ୟ କରୁ ନାହିଁ। ଘଟଣା ରାତିରେ ଉକ୍ତ ଏଟିଏମ୍‌ରେ ଟଙ୍କା ଲୋଡ କରାଯାଇଥିଲା। ତେଣୁ ଏହି ଲୁଟ ଘଟଣାରେ ଟଙ୍କା ଲୋଡ କରିଥିବା କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।


ଭଙ୍ଗାଯାଇଥିବା ଏଟିଏମ୍।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଧରିତ୍ରୀ ସାହୁ


ବିଶ୍ୱଭୂଷଣ ଘଡ଼େଇ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ବେଆଇନ ନର୍ସିଂହୋମ୍ ମାମଲା
## ୧୬ ଜିଲାପାଳଙ୍କ ସତ୍ୟପାଠ ଦାଖଲ କଲେ ସ୍ୱାସ୍ଥ୍ୟ ସଚିବ

**କଟକ ଅଫିସ,୧।୧୦:** ବେଆଇନ ନର୍ସିଂହୋମ୍‌କୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କ ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଧା ମଙ୍ଗଳବାର ପୁନର୍ବାର ବ୍ୟକ୍ତିଗତ ହାଜର ହୋଇ ବାକି ୧୬ ଜିଲାପାଳଙ୍କ ସତ୍ୟପାଠ ଦାଖଲ କରିଛନ୍ତି। ତେବେ ରାଜ୍ୟରେ କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଆକ୍ଟର କାର୍ଯ୍ୟକାରିତା ସମ୍ପର୍କରେ ଯାଞ୍ଚ କରିବା ପାଇଁ ସରକାର କିଭଳି ପଦକ୍ଷେପ ନେବେ ସେ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ମେହେର୍ଦ୍ଧାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, କ୍ଲିନିକାଲ ଆକ୍ଟ ପ୍ରଚଳନ ଓ ତଦାରଖ ପାଇଁ ପ୍ରତି ଜିଲାର ଜିଲାପାଳ ଏହାର ମୁଖ୍ୟ ରଖାଯାଇଛି। ଜିଲାପାଳମାନେ ସତ୍ୟପାଠ ଦାଖଲ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ୧୪ ଜିଲାପାଳ ସତ୍ୟପାଠ ଦାଖଲ କରିଥିବା ବେଳେ ମଙ୍ଗଳବାର ଆଉ ୧୬ ଜିଲାର ଜିଲାପାଳ ସେମାନଙ୍କ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଜରିଆରେ ଏହି ସତ୍ୟାପାଠ ଦାଖଲ କରିଥିଲେ। ଏହା ସହିତ ରାଜ୍ୟରେ ପ୍ରି ନାଟାଲ ଡାଇଗ୍ନୋଷ୍ଟିକ୍ ଟେକ୍ନିକ୍ସ(ପିଏନ୍‌ଡିଟି) ଆକ୍ଟ କିଭଳି କାର୍ଯ୍ୟ କରାଯାଉଛି ସେ ସମ୍ପର୍କରେ ରିପୋର୍ଟ ଦେବାକୁ ମଧ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ରାଜ୍ୟରେ ଚାଲିଥିବା ବେଆଇନ ନର୍ସିଂହୋମକୁ ବିରୋଧ କରି ଓଡ଼ିଶା ଉପଭୋକ୍ତା ଫୋରମ ପକ୍ଷରୁ ୧୯୯୫ରେ ମାମଲା ରୁଜୁ ହୋଇଥିଲା। ୨୦୧୭ ସେପ୍ଟେମ୍ବର ୧୮ରେ ରାଜ୍ୟ ସରକାର ଜବାବ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟରେ ହାଜର ହୋଇ ନ ଥିଲେ। ଯେଉଁଥିପାଇଁ ହାଇକୋର୍ଟ ମେହେର୍ଦ୍ଧାଙ୍କୁ ବ୍ୟକ୍ତିଗତ ହାଜର ହୋଇ ସମସ୍ତ ଜିଲାର ଜିଲାପାଳଙ୍କ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ୧୧୬୯ ଅଣପଞ୍ଜିକୃତ ନର୍ସିଂହୋମ ଚାଲୁଛି। ଖୁବ୍‌ଶୀଘ୍ର ରାଜ୍ୟରେ ଉପରୋକ୍ତ ଆଇନ ଲାଗୁ କରାଯିବା ସହ ଅଣପଞ୍ଜିକୃତ ନର୍ସିଂହୋମଗୁଡ଼ିକୁ ବନ୍ଦ କରାଯିବା ପାଇଁ ପ୍ରତ୍ୟେକ ଜିଲାରେ ଟାସ୍କଫୋର୍ସ ଗଠନ କରାଯିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲ୍ଲୀପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



ସୁନା ରୁପା ପ୍ରକୃତ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସମ୍ପଦ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ରେଙ୍ଗାଲି ବିଜେଡିର ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ

ରେଙ୍ଗାଲି, ୧।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବିଜେଡି ପକ୍ଷରୁ ୩ ତାରିଖ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରା ଏବଂ ସଦସ୍ୟତା ସଂଗ୍ରହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସ୍ଥାନୀୟ ହରିହର ଧର୍ମଶାଳାଠାରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ଗୁଡିକୁ ପ୍ରତି ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଇବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ । ତୃଣମୂଳସ୍ତରରୁ ସଂଗଠନକୁ ମଜବୁତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନଳିନୀ ପ୍ରଧାନ, ମୋତିଲାଲ ତନ୍ତି, ମହେନ୍ଦ୍ର ଓରାମ, ଏସବି ସତ୍ୟନ, ଶଶି ସାହୁ, ବିଶ୍ୱକେଶନ ବିଶ୍ୱାଳ, କବିରାଜ ବଡ଼େଇ, ଜୟରଥ ବିଶ୍ୱାଳ, ନାରାୟଣ ଶର୍ମା, ପ୍ରଦୀପ ସାହୁ, ମୁକୁନ୍ଦ ବେହେରା ଏବଂ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି ଦାବି

ସମ୍ବଲପୁର, ୧।୧୦ (ବ୍ୟୁରୋ)

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ମଙ୍ଗଳବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି । ଉତ୍ସବ ପରେ ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବାର୍ଦ୍ଧକ୍ୟ ଭତ୍ତା ସର୍ବନିମ୍ନ ୨ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ନିବେଦନ କରାଯାଇଛି । ଅନ୍ୟ ରାଜ୍ୟରେ ଏହି ହାରରେ ବାର୍ଦ୍ଧକ୍ୟ ଭତ୍ତା ଦିଆଯାଉଛି ବୋଲି ଏମାନେ କହିଛନ୍ତି। ତେବେ ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ କୁମାର ପଣ୍ଡା, ନାରାୟଣ ନାୟକ, ନିର୍ମଳ କୁମାର ମାଇତି, ସୁରେନ୍ଦ୍ର ମୋହନ ସାହୁ, ଭକ୍ତବନ୍ଧୁ ପ୍ରଧାନ, କୈଳାସ ଚନ୍ଦ୍ର ମିସ୍ତ୍ରୀ, ଯୋଗେଶ ପ୍ରସାଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବାଞ୍ଚଳ ବୀମା କର୍ମଚାରୀ ସମ୍ମିଳନୀ ଉଦ୍‌ଯାପିତ

ସମ୍ବଲପୁର, ୧।୧୦ (ବ୍ୟୁରୋ)

ପୂର୍ବାଞ୍ଚଳ ବୀମା କର୍ମଚାରୀ ସଂଘର ୩ ଦିନିଆ ସମ୍ମିଳନୀ ମଙ୍ଗଳବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ, ବିହାର ଏବଂ ଓଡିଶାର ୬ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ । ସର୍ବ ଭାରତୀୟ ସଭାପତି ଅମାନୁଲ୍ଲା ଖାନ୍ କର୍ମଚାରୀଙ୍କ ନାର୍ଯ୍ୟ ଦାବି ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସଂଗଠନ ସମ୍ପାଦକ ଭାବେ ତ୍ରିନାଥ ଦୋରା, ସଭାପତି ପ୍ରଦୀପ ମୁଖାର୍ଜୀ, କୋଷାଧ୍ୟକ୍ଷ ସାଧନ କୁମାର ମିଶ୍ରଙ୍କୁ ନିର୍ବାଚିତ କରାଯାଇଥିଲା । ମୀନରଞ୍ଜନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଇଡି କଲେଜରେ ପ୍ରବେଶ ଉତ୍ସବ

ସମ୍ବଲପୁର, ୧।୧୦ (ବ୍ୟୁରୋ)

ଡା. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି କଲେଜ)ରେ ମଙ୍ଗଳବାର ନୂତନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ଡ. କରୁଣାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ନୀତି ନିୟମ ଓ ପାଠ୍ୟ ଖସଡା ଉପରେ ସୂଚନା ଦିଆଯାଇଥିଲା । ସେହିପରି କଲେଜର ଦମୟନ୍ତୀ ଦୁର୍ଗା ଓ ଟେକଧର ବାରିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କଳା ଅଧାପକ ନୃସିଂହ ନାୟକ ସୂଚନା ପ୍ରଦାନ କରିଥିଲେ ।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ





ରେଢ଼ାଖୋଲରେ ଆୟୋଜିତ ବରିଷ୍ଠ ନାଗରିକ ଦିବସରେ ଅତିଥିମାନେ ।



ରେଙ୍ଗାଲିରେ ବରିଷ୍ଠ ନାଗରିକମାନେ ଏକତ୍ରିତ ହୋଇଛନ୍ତି ।





ବାମରାରେ ଆୟୋଜିତ ବରିଷ୍ଠ ନାଗରିକ ଦିବସରେ ଅତିଥିମାନେ ।

ସମ୍ବଲପୁର, ୧।୧୦ (ବ୍ୟୁରୋ)

ସମ୍ବଲପୁର ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲ ପରିସରରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ଉଜାଗର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡ. ପ୍ରଫୁଲ୍ଲ କୁମାର ହୋତା, ଡ. ପ୍ରସନ୍ନ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ। ତେଣୁ ବରିଷ୍ଠ ନାଗରିକମାନଙ୍କୁ ସବୁ ସ୍ତରରେ ସମ୍ମାନ ପ୍ରଦର୍ଶନ କରିବା ଉଚିତ ବୋଲି ଉତ୍ସବରେ ମତପ୍ରକାଶ ପାଇଛି। ତାରାବତୀ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୈଳବାଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଦୁର୍ଗାପାଲିସ୍ଥିତ ଦୟାମଣି ବୃଦ୍ଧାଶ୍ରମଠାରେ ମଙ୍ଗଳବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ପ୍ରଫେସର ଶଙ୍କର ପ୍ରସାଦ ପତି, ଗୋପରଞ୍ଜନ ଦୁବେ, ମିନାକ୍ଷୀ ପୂଜାରୀ, ପ୍ରଫେସର ସୁରୁବାବୁ ମେହେର, ଇଞ୍ଜିନିୟର ଶ୍ରୀକାନ୍ତ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସଭାନେତ୍ରୀ ପ୍ରମିଳା ବହିଦାର ସଭାପତିତ୍ୱ କରି ବରିଷ୍ଠ ନାଗରିକମାନଙ୍କର ସମ୍ମାନ ଓ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ । ଅଶୋକ କୁମାର ସେନାପତି, ଡ. ଜ୍ଞାନରଞ୍ଜନ ଦାଶ, ପାର୍ଥସାରଥୀ ଦାନୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଡା. ସୁରେଶଚନ୍ଦ୍ର ଦାନୀ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଡ. ଲକ୍ଷ୍ମୀନାରାୟଣ ରଥ ନୈତିକ ଶିକ୍ଷା ତଥା ସ୍ୱାମୀ ବିବେକାନନ୍ଦଙ୍କର ଚିକାଗୋ ସମ୍ମିଳନୀର ସୂଚନା ଦେଇ ସମ୍ବଲପୁର ସହରରେ ଡେ କେୟାର ସେଣ୍ଟର ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ବୃଦ୍ଧାଶ୍ରମର ସଭ୍ୟା କଲ୍ୟାଣୀ ମିଶ୍ର ସମଲେଶ୍ୱରୀଙ୍କ ଭଜନ ଗାନ କରିଥିଲେ । ସେହିପରି ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀମାନେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଆର୍ତ୍ତତ୍ରାଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ବାମରାରେ ଆୟୋଜିତ ବରିଷ୍ଠ ନାଗରିକ ଦିବସରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ।





ପଡିଆବାହାଲରେ ଆୟୋଜିତ ବରିଷ୍ଠ ନାଗରିକ ଦିବସରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏକାଠି ହୋଇଛନ୍ତି ।

**ରେଢାଖୋଲ,(ଡି.ଏନ.ଏ)**–ବରିଷ୍ଠ ନାଗରିକମାନେ ସମାଜ ଗଠନରେ ସହାୟକ ହୁଅନ୍ତୁ। ନିଜ ନିଜର କର୍ମମୟ ଜିବନର ଉପଲବ୍ଧିକୁ ଛାତ୍ରୀଛାତ୍ର, ଯୁବକ ଓ ସର୍ବୋପରି ଦେଶ ପାଇଁ ବିନିଯୋଗ କରି ଏକ ଉତ୍ତମ ରାଷ୍ଟ୍ର ଗଢି ତୋଳିବାକୁ ଉଦ୍ୟମ କରିବା ଆବଶ୍ୟକ। ରେଢାଖୋଲ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ୍ ଅପୂର୍ବା ଚୌଧୁରୀ ଏଥିରେ ସଭାପତିତ୍ୱ କରିଥିଲେ। ଏସ୍‌ଡିଜେଏମ୍ ଅଞ୍ଜଳି ମାଛଖଣ୍ଡ, ଉପଜିଲାପାଳ ବିଶିକେସନ ଦେହୁରୀ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ରିଟେନର ଉମାକାନ୍ତ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନଗତ ସାହାଯ୍ୟ ସଂକ୍ରାନ୍ତରେ ସବ୍‌ଜଜ୍ କହିଥିଲେ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପେନସନ, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମ୍ପର୍କରେ ଉପଜିଲାପାଳ ସୂଚନା ଦେଇଥିଲେ। ନିଜକୁ ଅବହେଳିତ ନ ଭାବି ଜୀବନର ଅବଶିଷ୍ଟ ସମୟକୁ ବିଭିନ୍ନ ଦିଗରେ ବିନିଯୋଗ କରି ଉତ୍ସାହିତ ହେବାକୁ ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ ପରାମର୍ଶ ଦେଇଥିଲେ। ଆଇନଜୀବୀ ତଥା ରିଟେନର ଉମାକାନ୍ତ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ସମିତିର ବିଜୟ କୁମାର ମହାନ୍ତି, ବଦ୍ରୀନାରାୟଣ ପ୍ରଧାନ, ଲଳିତ ମୋହନ ପ୍ରଧାନ, ଲୋକନାଥ ଅମାତ, ବଳଭଦ୍ର ପ୍ରଧାନ, ରଘୁନାଥ ମିଶ୍ର, କରୁଣାକର ପ୍ରଧାନ, ପ୍ରମୋଦ ପ୍ରଧାନ, ଭୁବନେଶ୍ୱର ପ୍ରଧାନଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇ ଥିଲେ।

**ବାମରା,(ଡି.ଏନ.ଏ.)**–ବାମରା ବ୍ଲକ ସଭାଗୃହରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବାମରା ବିଡିଓ ସୁଶୀଲ କୁମାର କୁଜୁର ସଭାପତିତ୍ୱ କରିଥିବାବେଳେ ସତ୍ୟବ୍ରତ ପାଢ଼ୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ଉମେଶ ଚନ୍ଦ୍ର ନାଏକ, ସମ୍ପାଦକ ସରୋଜ କୁମାର ସିହ୍ନା, ଉପସଭାପତି ପ୍ରଦୀପ କୁମାର ପଟେଲ, ଜୟପାଲ ନାଏକ, ଉଦୟନାଥ ନାୟକ, ବାମରା ଅଞ୍ଚଳର ବରିଷ୍ଠ ନାଗରିକ ପ୍ରଶାନ୍ତ କୁମାର ଶତପଥୀ, ଶଶିଭୂଷଣ ସେଠୀ, ମନମୋହନ ସାହୁ, ଗୁଣନିଧି ସରାଫ, ସୁରେନ୍ଦ୍ର ଗୌନ୍ତିଆ, ବିଷ୍ଣୁଦେବ ଶର୍ମା, ମହେଶ ଚୌଧୁରୀ, ଉପେନ୍ଦ୍ର ସାହୁ ପ୍ରମୁଖ ପ୍ରାୟ ୮୦ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହା ସହିତ ସୂଚନା ଓ ସମ୍ପର୍କର ଅଭାବ, ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା ବ୍ୟବସ୍ଥା ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଅନ୍ୟପକ୍ଷେ ବାମରା ବସଷ୍ଟାଣ୍ଡଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ କଡରେ ଥିବା ଗଛରୁ ଡାଳ ଭାଙ୍ଗି ଲୋକେ ଖଣ୍ଡିଆଖାବରା ହେଉଥିବା ନେଇ ଅବସରପ୍ରାପ୍ତ ରେଞ୍ଜର ପ୍ରଶାନ୍ତ ଶତପଥୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଗୋବିନ୍ଦପୁର ଥାନା ଏଏସ୍‌ଆଇ ଯୋଗେଶ୍ୱର କିସାନ, ସରପଞ୍ଚ ମିନାକ୍ଷୀ ମାଝୀ, ଯୋଗବିହାରୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

**ରେଙ୍ଗାଲି,(ଡି.ଏନ.ଏ.)**–ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଙ୍ଗଳବାର ରେଙ୍ଗାଲି ଡାକ୍ତରଖାନା ପରିସରରେ ଏହି ଦିବସ ପାଳନ କରାଯାଇଥିଲା। ବରିଷ୍ଠମାନଙ୍କର ପରାମର୍ଶ ଏବଂ ଉପଦେଶ ପରିବାର ଏବଂ ସମାଜରେ ଅନେକ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇଥାଏ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପରିଷଦର ସଭାପତି ବସନ୍ତ କୁମାର ନାଏକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଶଶିଭୂଷଣ ସାହୁ, ଉଦୟଚନ୍ଦ୍ର ସାହୁ, ଲକ୍ଷ୍ମୀ ନାରାୟଣ ସାହୁ, ଦିବ୍ୟଶଙ୍କର ବେହେରା, ସାଲେଗ୍ରାମ ସାହୁ, ବେଣୁଧର ମେହେର, ସୁବାଷ ସିଂ, କିଶୋର କୁମାର ସାହୁ, ବାଳକୃଷ୍ଣ ସାହୁ, ସନ୍ତୋଷ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ସୁବନ ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ପଡିଆବାହାଲ,(ଡି.ଏନ.ଏ.)**–ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ବଡତୁରାଙ୍ଗ ଗ୍ରାମ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ସହଯୋଗରେ ରାଧାକୃଷ୍ଣ ସ୍ପୋର୍ଟିଂ କ୍ଲବ ତରଫରୁ ଏହି ଦିବସ ପାଳିତ ହୋଇଯାଇଛି । କ୍ଲବ ସଭାପତି ସୁନୀଲ କୁମାର ଭୋଇ ସଭାପତିତ୍ୱ କରିଥିଲେ। ପ୍ରଦ୍ୟୁମ୍ନ ବିଶି, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମିଶ୍ର, ସମିତି ସଭ୍ୟା ରିନା ଝାଙ୍କର ମଞ୍ଚାସୀନ ଥିଲେ । ଶେଷରେ ନିତିନ ରଣା ଧନ୍ୟବାଦ ଅର୍ପଣ କରି କରିଥିଲେ।

## ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ବିଶାଳ ରକ୍ତଦାନ ଶିବିର



ହିଣ୍ଡାଲ୍‌କୋ କଲୋନୀସ୍ଥିତ କମ୍ୟୁନିଟି ହଲ୍‌ରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

ହୀରାକୁଦ, ୧।୧୦ (ଡି.ଏନ.ଏ.)

ହିଣ୍ଡାଲ୍‌କୋ କଲୋନୀସ୍ଥିତ କମ୍ୟୁନିଟି ହଲ୍‌ରେ ଏକ ବିଶାଳ ରକ୍ତଦାନ ଶିବିର ମଙ୍ଗଳବାର ଆୟୋଜିତ ହୋଇ ଯାଇଛି। ଏହି ଶିବିରରେ ୩୧୬ ଜଣ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ହେଡ୍ ରାଜେଶ କୁମାର ଗୁପ୍ତା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ସିଏସଆର ଓ ଲାଇଜନିଂର ସମ୍ବଲପୁର କ୍ଲଷ୍ଟର ହେଡ୍ ଏ. ସତ୍ୟନାରାୟଣ, ହୀରାକୁଦ ପାୱାର ହେଡ୍ ଅରୁଣ ପୋଦାର ଏବଂ ଏଫଆରପି ହେଡ୍ ସୁମିତ ମୁଖାର୍ଜୀ ରକ୍ତଦାନ କରିଥିଲେ। ସେହିଭଳି ହୀରାକୁଦ ଅଞ୍ଚଳର ସାଧାରଣ ନାଗରିକ, କୃଷକ, ମହିଳା, ଛାତ୍ର, ଶ୍ରମିକ, ଯୁବତୀ, ଯୁବକ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ରକ୍ତଦାନ କରିଥିଲେ। ମହିଳା ସମିତି, ଶ୍ରମିକ ସଂଗଠନ, ଯୁବ କର୍ମଚାରୀ, ବ୍ଲଡ ବ୍ୟାଙ୍କ କର୍ମଚାରୀ, ଠିକା ଶ୍ରମିକ ସଂଗଠନ, ଆଡମିନ୍‌ଷ୍ଟ୍ରେସନ୍ ବିଭାଗ, ମେଡିକାଲ ବିଭାଗ, ସିଏସଆର ବିଭାଗ ଓ ଏଚଆର ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

## କର୍ତ୍ତବ୍ୟନିଷ୍ଠା ପାଇଁ ଆରପିଏଫ୍ କନଷ୍ଟେବଲ ସମ୍ମାନିତ



ରେଢାଖୋଲ,୧।୧୦(ଡି.ଏନ.ଏ.)

ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟରେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ୩୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଛି। ଏଥିରେ ରେଢାଖୋଲ ଆରପିଏଫ କନଷ୍ଟେବଲ ସୁଶୀଲ କୁମାର ପ୍ରଧାନଙ୍କୁ ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସମ୍ମାନିତ କରାଯାଇଛି। ସୁଶୀଲଙ୍କ ଘର ରେଢାଖୋଲ ଉପଖଣ୍ଡର ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁରେ।

## ୧୪ ଲକ୍ଷ ୨୭ ହଜାର ଟଙ୍କା ଠକି ବୃଦ୍ଧ ଗିରଫ

### ଆଦିତ୍ୟ ଆଲୁମିନିୟମରେ ଚାକିରି କରାଇ ଦେବାକୁ କହିଥିଲେ

ରେଙ୍ଗାଲି, ୧।୧୦ (ଡି.ଏନ.ଏ)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନାରେ ଚାକିରି କରାଇ ଦେବାକୁ କହି ଲପଙ୍ଗାର ଜନାର୍ଦ୍ଦନ ସାହୁ (୭୧) ସମୀର ଡୁଙ୍ଗଡୁଙ୍ଗ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦୧୫ ମାର୍ଚ୍ଚ ୧୪ରୁ ଚଳିତ ମାସ ପର୍ଯ୍ୟନ୍ତ ୧୪ ଲକ୍ଷ ୨୭ ହଜାର ୭ଶହ ଟଙ୍କା ନେଇଛନ୍ତି। କିନ୍ତୁ ସମୀର ଚାକିରି ନ ପାଇବାରୁ ଶେଷରେ ଗତ ୨୦ ତାରିଖ ଠେଲକଲୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।



ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ମଙ୍ଗଳବାର ଅଭିଯୁକ୍ତ ଜନାର୍ଦ୍ଦନଙ୍କୁ ଗିରଫ କରିଛି।

## ସତର୍କ, ସଚେତନ ହେଲେ ଦୁର୍ଘଟଣାରୁ ରକ୍ଷା ମିଳିବ

ନାକଟିଦେଉଳ,୧।୧୦(ଡି.ଏନ.ଏ.)

ନାକଟିଦେଉଳ କଲେଜ ପରିସରରେ ଆନ୍ତଃ ଜିଲା ମହାବିଦ୍ୟାଳୟସ୍ତରୀୟ ରେଡ଼କ୍ରସ ତାଲିମ ଶିବିର ଚାଲିଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ଦୈନନ୍ଦିନ ଜୀବନରେ ଘଟୁଥିବା ବିଭିନ୍ନ ଘଟଣା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଟ୍ରାଫିକ ନିୟମ, ପ୍ରାକୃତିକ ବିପର୍ଯ୍ୟୟ, ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇ ପରାମର୍ଶ ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ନୂଆ ଟ୍ରାଫିକ ନିୟମ ଉପରେ ଆଲୋଚନା କରିବା ସହ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସତର୍କ ଓ ସଚେତନ





ନାକଟିଦେଉଳ କଲେଜରେ ଆୟୋଜିତ ତାଲିମ ଶିବିରରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ।

ହେଲେ ହିଁ ଦୁର୍ଘଟଣାରୁ ରକ୍ଷା ମିଳିପାରିବ ବୋଲି କହିଛନ୍ତି। ସେହିପରି ସ୍ଥାନୀୟ ଅଗ୍ନିଶମ ବିଭାଗ ଅଧିକାରୀ ପାସକାଲ କୁଲୁ ଯୋଗଦେଇ ବାତ୍ୟା, ବନ୍ୟା, ଅଗ୍ନିକାଣ୍ଡ ପରି ପ୍ରାକୃତିକ ଦୁର୍ବିପାକରୁ ନିଜକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ କର୍ମଚାରୀ କଲେଜ ପରିସରରେ ଦୁର୍ବିପାକରୁ ରକ୍ଷା ପାଇଁ ମକଡ୍ରିଲ କରି ବୁଝାଇଥିଲେ । ସେହିପରି ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମୂଲ୍ୟରତ୍ନ ମହନ୍ତ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଆଲୋକପାତ କରି ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଗୋବର୍ଦ୍ଧନ ସାହୁ ଯୋଗଦେଇ ଦେଶ ସୁରକ୍ଷାରେ ସେନାର ଭୂମିକା ଉପରେ ଆଲୋଚନା କରିଥିଲେ। ଏ ଦିଗରେ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯୁଥ ରେଡ଼କ୍ରସର ସମ୍ବଲପୁର ଜିଲା ସଂଯୋଜକ ଅଧ୍ୟାପକ ଖଗେଶ୍ୱର ଦାଶ, ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ଯୁକ୍ତ ଦୁଇର ଅଧ୍ୟକ୍ଷ କନ୍ଦର୍ପ ରାଉଳ, ରେଡ଼କ୍ରସ ଉପଦେଷ୍ଟା ଅଧ୍ୟାପକ ଦେବେଶ ବିଶ୍ୱାଳ, ଲଳିତ ମୋହନ ପଣ୍ଡା, ଅଞ୍ଜନ କୁମାର ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ରେଢାଖୋଲରେ ଖୋଲିଲା ଆରଟିଓଙ୍କ କ୍ୟାମ୍ପ ଅଫିସ

## ବ୍ୟାପକ ଅବ୍ୟବସ୍ଥା, ଲୋକେ ହଇରାଣ

**ରେଢାଖୋଲ,୧।୧୦(ଡି.ଏନ.ଏ.)**

ରେଢାଖୋଲ ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ସମ୍ବଲପୁର ଆରଟିଓଙ୍କ କ୍ୟାମ୍ପ ଅଫିସ ଖୋଲିଛି। ହେଲେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡିଛି। ଗତ ୨୩ ତାରିଖ ସମ୍ବଲପୁର ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଦିଆ ଯିବା ପରେ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଏଣୁ ମଙ୍ଗଳବାର ଉପଖଣ୍ଡର ବିଭିନ୍ନ ଅଞ୍ଚଳରୁ ଶହ ଶହ ଲୋକ ଦିନ ୧୦ଟା ବେଳକୁ ତହସିଲ କାର୍ଯ୍ୟାଳୟରେ ଭିଡ ଜମାଇଥିଲେ। ହେଲେ ଆରଟିଓ କାର୍ଯ୍ୟାଳୟର କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସ୍ଥାନୀୟ ଉପଜିଲାପାଳଙ୍କ ଦୃଷ୍ଟିକୁ ଏହା ଅଣାଯିବା ପରେ ସେ ଫୋନ୍ ଯୋଗେ ଆରଟିଓଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ଏହାପରେ ଯାଇ ଦିନ ସାଢେ ୧୨ଟାବେଳେ କର୍ମଚାରୀମାନେ ରେଢାଖୋଲରେ ପହଞ୍ଚି ଥିଲେ। ପୂର୍ବରୁ ଡ୍ରାଇଭିଂ ଲାଇସନ୍ସ ପାଇଁ କେଉଁ କେଉଁ କାଗଜପତ୍ର ଆବଶ୍ୟକ କିମ୍ବା ଅନଲାଇନରେ ପଞ୍ଜୀକରଣ କରାଯିବାକୁ କୌଣସି ସୂଚନା ଦିଆଯାଇ ନ ଥିବା ଯୋଗୁ ଜନସାଧାରଣ ଜାଣିପାରି ନ ଥିଲେ। କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟକୁ ପହଞ୍ଚିବା ପରେ ଲୋକଙ୍କ ନାହିଁ ନ ଥିବା ଭିଡ ଦେଖି ପ୍ରଥମେ ଅନଲାଇନରେ ପଞ୍ଜୀକରଣ କରି ପ୍ରାପ୍ତି ସ୍ୱୀକାର ପତ୍ର ଆଣିବାକୁ କହିବାରୁ ଜନସାଧାରଣଙ୍କ ମଧ୍ୟରେ ଭାଳେଣି ପଡିଥିଲା। ଫଳରେ ଲୋକେ କମ୍ପ୍ୟୁଟର ସେଣ୍ଟରକୁ ଧାଇଁ ଥିଲେ। ଏଥିପାଇଁ କମ୍ପ୍ୟୁଟର ସେଣ୍ଟର ଗୁଡିକରେ ଭିଡ ଲାଗି ରହିଥିଲା। ଅଳ୍ପସଂଖ୍ୟକ ଲୋକେ ଯେଉଁମାନେ ଅନଲାଇନରେ ପଞ୍ଜୀକରଣ କରି ପ୍ରାପ୍ତି ସ୍ୱୀକାର ପତ୍ର ନେଇଥିଲେ କେବଳ ସେହିମାନଙ୍କ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ତେବେ ବୁଧବାରଠାରୁ ସ୍ୱାଭାବିକ ଭାବେ କ୍ୟାମ୍ପ ଚାଲିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ରେଢାଖୋଲ ତହସିଲ କାଯ୍ୟାଳୟରେ ୪ ତାରିଖ ପର୍ଯ୍ୟନ୍ତ ଲାଇସନ୍ସ ପାଇଁ ଜନସାଧାରଣ ଆବେଦନ କରିପାରିବେ ବୋଲି ପୂର୍ବରୁ ସୂଚନା ଦିଆଯାଇଛି।



ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଟ୍ରେନରେ କଟି ଦାଦନ ଶ୍ରମିକ ମୃତ

ବରଗଡ଼ ଅଫିସ୍,୧।୧୦: ତାମିଲନାଡ଼ୁକୁ କର୍ମ ଅନ୍ୱେଷଣ ତଥା ଦାଦନ ଖଟିବା ପାଇଁ ଯିବା ବାଟରେ ସୋମବାର ବିଶାଖାପାଟଣା ନିକଟରେ ଟ୍ରେନରେ କଟି ବରଗଡ଼ ଜିଲାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିଚାଡିହି ଗ୍ରାମର ପିଣ୍ଟୁ ମିର୍ଦ୍ଧା(୨୫)। ସୂଚନା ଅନୁଯାୟୀ, ପିଣ୍ଟୁ ଅଞ୍ଚଳର ଅନ୍ୟ ୬ଜଣଙ୍କ ସହିତ ତାମିଲନାଡ଼ୁକୁ କର୍ମ ଅନ୍ୱେଷଣରେ ରବିବାର ବାହାରିଥିଲେ। ସେମାନେ ସାଥୀ ହୋଇ ଟ୍ରେନରେ ଯାତ୍ରା କରୁଥିବାବେଳେ ବାଟରେ ପିଣ୍ଟୁଙ୍କୁ ବାନ୍ତି ହୋଇଥିଲା। ଫଳରେ ସେ ଟ୍ରେନ ଦ୍ୱାର ପାଖକୁ ଆସି ବାନ୍ତି କରୁଥିଲେ। ସେତିକିବେଳେ ସେ ଟ୍ରେନରୁ ପଡିଯାଇଥିଲେ। ଫଳରେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ଚର୍ଦାପାଲିକୁ ତାଙ୍କ ମୃତଦେହ ପହଞ୍ଚିବ ବୋଲି ଗ୍ରାମବାସୀ କହିଛନ୍ତି।

■ଭଣ୍ଡାରିମାଲରେ ଡବଲ ମର୍ଡର ଘଟଣା

# ଏସ୍‌ପିଙ୍କୁ ଭେଟିଲେ ଗାଁ ଲୋକେ

■ଗାଁରେ ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବି କଲେ

■ପୂରା ଘଟଣା ପାଇଁ ପୋଲିସର ଅବହେଳାକୁ ଦାୟୀ କଲେ

■ଶାନ୍ତି, ଶୃଙ୍ଖଳା ରକ୍ଷା ପ୍ରତି ପୋଲିସ ଗୁରୁତ୍ୱ ଦେବ ବୋଲି ଏସ୍‌ପିଙ୍କ ପ୍ରତିଶ୍ରୁତି

ସମ୍ବଲପୁର/ପଡିଆବାହାଲ, ୧।୧୦ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ଭଣ୍ଡାରିମାଲରେ ଗତ ୨୩ ତାରିଖ ଘଟିଥିବା ଡବଲ ମର୍ଡର ଘଟଣାରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ଗାଁ ଲୋକେ ଏସ୍‌ପି କନୱର ବିଶ୍ୱାଲ ସିଂଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ମୁଖ୍ୟତଃ ଗାଁରେ ଏକ ଫାଣ୍ଡି ପ୍ରତିଷ୍ଠା କରିବାକୁ ଲୋକେ ଦାବି କରିବା ସହ ଯୁଯୁମୁରା ଥାନା ପୋଲିସ ବିରୋଧରେ ଅଭିଯୋଗ କରିଛନ୍ତି। ତେବେ ଆଇନ ଅନୁସାରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଆଗକୁ ଗାଁରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପ୍ରତି ପୋଲିସ ଗୁରୁତ୍ୱ ଦେବ ବୋଲି ଏସ୍‌ପି ସେମାନଙ୍କୁ କଥା ଦେଇଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ହତ୍ୟାକାଣ୍ଡ ଘଟିବା ପାଇଁ ପୋଲିସର ଅବହେଳା ହିଁ ଦାୟୀ। ୨୦୧୬ରୁ ନିୟମିତ ଭାବେ ଗ୍ରାମର ଡିଲେଶ୍ୱର ଭୋଇ ମହିଳାମାନଙ୍କୁ ଅସଦାଚରଣ କରୁଥିଲେ। ଗାଁର ଝିଅବୋହୂଙ୍କୁ ସେ ରାସ୍ତାଘାଟରେ ଯିବା ଆସିବା କରାଇ ଦେଉ ନ ଥିଲେ।



ସମ୍ବଲପୁର ଏସ୍‌ପିଙ୍କ ଭେଟିବାକୁ ଆସିଥିବା ଭଣ୍ଡରିମାଲ ଗ୍ରାମବାସୀ ।

ଲୋକଙ୍କ ଘରେ ପଶି ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏ ନେଇ ଯୁଯୁମୁରା ଥାନାରେ ମହିଳାମାନେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କୁ ଥାନାକୁ ନେଇ ପରେ ଛାଡି ଦେଇଥିଲା। ତେଣୁ ଡିଲେଶ୍ୱରଙ୍କ ସାହସ ବଢିଯାଇଥିଲା। ଗତ ପୁଅଜୁଉଁତିଆ ସମୟରେ ମହିଳାମାନଙ୍କୁ ସେ ଗାଳିଗୁଲଜ କରିଥିଲେ। ବିଦ୍ୟାଧର ଭୋଇଙ୍କ ଘରକୁ ପଶି ମହିଳାମାନଙ୍କୁ ଦୁର୍ବ୍ବ୍ୟବହାର କରିଥିଲେ। ଫଳରେ ମାଡପିଟ ପର୍ଯ୍ୟନ୍ତ କଥା ଯାଇଥିଲା । ବିଦ୍ୟାଧରଙ୍କ ପରିବାରକୁ ହତ୍ୟା କରିବା ପାଇଁ ସେ ଶକ୍ତି କୁମୁରା, ବିଭୂତି କୁମୁରା, ଜିତୁ କୁମୁରା, ନନ୍ଦ ଲାଲ ଭୋଇଙ୍କ ସହ ଆହୁରି ଅନେକ ଲୋକଙ୍କୁ ନେଇ ଆସିଥିଲା । ଘଟଣାସ୍ଥଳରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ସେଥିରେ ଶକ୍ତି ଓ ଜିତୁଙ୍କ ମୃତ୍ୟୁ ଘଟିଥିଲା। ବିଭୂତିଙ୍କୁ ଗୋଟିଏ ଗୋଡ ହରାଇବାକୁ ପଡିଲା । ଡିଲେଶ୍ୱର ଘଟଣାର ମୁଖ୍ୟ ଖଳନାୟକ। ହେଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଘଟଣାସ୍ଥଳରୁ ପୋଲିସ ଏକ ମୋବାଇଲ ଫୋନ୍ ଜବତ କରିଥିଲା । ମୋବାଇଲ ନମ୍ବରରୁ କଲ୍ ଡିଟେଲ ଭଲ ଭାବରେ ଯାଞ୍ଚ କରାଯାଉ । ଏହାଦ୍ୱାରା ଅଭିଯୁକ୍ତମାନେ ଆସିବା ପୂର୍ବରୁ କାହା ସାଥିରେ କଥା ହୋଇଥିଲେ, କିଏ ସେମାନଙ୍କୁ ପ୍ରଶୟ ଦେଇଥିଲା ତାହା ଜଣା ପଡିବ ବୋଲି ଗାଁ ଲୋକେ ଏସ୍‌ପିଙ୍କୁ ଆପତ୍ତି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହି ଗ୍ରାମ ସହିତ ଅଞ୍ଚଳର ଅପରାଧିକ ମାମଲା ବଢିବାରେ ଲାଗିଛି । ନିଶା କାରବାର ମଧ୍ୟ ବୃଦ୍ଧି ପାଇଛି । ଯୁଯୁମୁରା ଥାନାଠାରୁ ଦୂରରେ ରହିଛି ଏହି ଗାଁ। ତେଣୁ ଗାଁ ନିକଟରେ ଏକ ଫାଣ୍ଡି ନିର୍ମାଣ କରିବାକୁ ଏମାନେ ଏସପିଙ୍କଠାରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ଡବଲ ମର୍ଡର ଘଟଣାରେ ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ୨ଟି ପୃଥକ ପୃଥକ ମାମଲା (ନଂ.୧୩୨/୧୯ ଓ ୧୩୩ /୧୯) ରୁଜୁ କରିଛି। ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ୭ ଜଣଙ୍କ ଭିତରୁ ବିଦ୍ୟାଧର ଭୋଇ, ସୌଦାଗର ଭୋଇ, ବୀରେନ୍ଦ୍ର ଭୋଇ, ସୁରେନ୍ଦ୍ର ଭୋଇ, କ୍ଷିରୋଦ ସାହୁଙ୍କ ନାମରେ ହତ୍ୟା ମମାଲା ରୁଜୁ କରିଛି। ସେହିପରି ଅନ୍ୟ ୨ ଜଣ ଡିଲେଶ୍ୱର ଓ ମିଳନ ଭୋଇଙ୍କ ବିରୋଧରେ ମହିଳାମାନଙ୍କୁ ଅସଦାଚରଣ କରିବା ଓ ଗ୍ରାମରେ ଅଶାନ୍ତି ସୃଷ୍ଟି କରିବା ନେଇ ମାମଲା ରୁଜୁ ହୋଇଛି।

## ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ



ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ।

ବରଗଡ଼ ଅଫିସ୍,୧।୧୦

ଶାରଦୀୟ ନବରାତ୍ର ପୂଜନୋତ୍ସବରେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିର ଉତ୍ସବମୁଖର ହୋଇପଡ଼ିଛି। ପୂଜନୋତ୍ସବର ତୃତୀୟ ଦିବସ ମଙ୍ଗଳବାରରେ ମା' ସମଲେଶ୍ୱରୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ। ଦେବୀ ସମଲେଶ୍ୱରୀଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ କଲେ ପ୍ରେତବାଧାଦିରୁ ମୁକ୍ତି ମିଳେ ତଥା ଇହଲୋକ ପରଲୋକରେ କଲ୍ୟାଣ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ଦେବୀଙ୍କୁ ଦର୍ଶନ ପାଇଁ ସକାଳୁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ହୋଇଥିଲା।

## ସରକାରୀ ଯୋଜନା, ଅଧିନିୟମ ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ସଚେତନତା କାର୍ଯ୍ୟକ୍ରମ ।

ସମ୍ବଲପୁର,୧।୧୦(ବ୍ୟୁରୋ)

ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ଓଡିଶା ଲୋକସେବା ଅଧିକାର ଆଇନ ଅଧିନିୟମ ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ସଦର ତହସିଲଦାର ଲକ୍ଷ୍ମଣ ଅମାତ ସ୍ୱାଗତ ଭାଷଣ ଦେଇଥିଲେ । ରାଜ୍ୟ ସାଧାରଣ ବିଭାଗ ଅଧିକାରୀ ଜି.ବି. ନନ୍ଦ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ । ଲୋକମାନଙ୍କ ପାଖରେ କିଭଳି ସମସ୍ତ ସୁବିଧା ପହଞ୍ଚିବ ପାରିବ, ଲୋକେ ନିଜର ଅଧିକାର ବିଷୟରେ ଜାଣି ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୁରଲିଧର ବେହେରା, ଶଭଶ୍ରୀ ଦାସ, ଦୀପିକା ମହାପାତ୍ର, ଅମୂଲ୍ୟ କୁମାର ଭୋଇ, ସମ୍ବିତ କୁମାର ବିଶି, ଡାକ୍ତର ହାଡିବନ୍ଧୁ ଧର, ଡାକ୍ତର ରାଜକୁମାର ଦାସ, ଡାକ୍ତର ମହେଶ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

ପଦ୍ମପୁର,୧।୧୦(ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବୋଡେନ ଥାନା ଅଧୀନ ଦହିତା ପଞ୍ଚାୟତ ଡଙ୍ଗାଛଁଆ ଗ୍ରାମରେ ସୋମବାର ରାତିରେ ଏକ ଘର କାନ୍ଥ ଭାଙ୍ଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କମଳା ବାଗ(୫୫)। ସୂଚନା ଯୋଗ୍ୟ, ସୋମବାର ବିଳମ୍ବିତ ରାତିରେ ଡଙ୍ଗାଛଁଆ ଗ୍ରାମରେ ପ୍ରବଳ ବର୍ଷା ହୋଇଥିଲା। ଏନେଇ କମଳାଙ୍କ ଘର କାନ୍ଥ ଭାଙ୍ଗି ପଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବୋଡେନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବୋଡେନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ପ୍ରତିଯୋଗିତା

ସମ୍ବଲପୁର, ୧।୧୦ (ବ୍ୟୁରୋ)

ବୁଢ଼ାରଜା ସରକାରୀ ହାଇସ୍କୁଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଧନକଉଡା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବୁଢ଼ାରଜା ସରକାରୀ ହାଇସ୍କୁଲର ଶ୍ରେୟା ନନ୍ଦ ପ୍ରଥମ, ବୁର୍ଲା ସରକାରୀ ଗାର୍ଲ୍ସ ହାଇସ୍କୁଲର କୁସୁମ ଦାଶ ଦ୍ୱିତୀୟ ଓ ଚିପିଲିମା ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ମଧୁସ୍ମିତା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଚାରକ ଭାବେ ଅଦୃଶ୍ୟ ଜ୍ୟୋତି ପଟ୍ଟନାୟକ, ଭାସ୍କର ପ୍ରଧାନ ଓ ସଞ୍ଜିବ ଦାଶ ଯୋଗ ଦେଇଥିଲେ । ଧନକଉଡା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପଦ୍ମିନୀ ନାୟକଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା । ବିଜ୍ଞାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଶିକ୍ଷକ ହରିନାରାୟଣ ପଣ୍ଡା, ଘନେଶ୍ୱର କର ଓ ଅସିମ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଧନକଉଡା ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମଙ୍ଗଳବାର ପୁରସ୍କୃତ କରାଯାଉଛି ।

## ଶିଶୁ ଝୁଲଣ କେନ୍ଦ୍ର ଉଦ୍‌ଘାଟିତ



ସମ୍ବଲପୁର ଜିଲା ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଶିଶୁ ଝୁଲଣ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର, ୧।୧୦ (ବ୍ୟୁରୋ)

ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପରିତ୍ୟକ୍ତ ଶିଶୁଙ୍କ ଉଦ୍ଧାର ସକାଶେ ଶିଶୁ ଝୁଲଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଡିସିପିଓ ସୁଚିସ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ ପୌଷ୍ୟ ସନ୍ତାନ ଗ୍ରହଣ ଓ ଶିଶୁ ଝୁଲଣ କେନ୍ଦ୍ରକୁ ନେଇ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା । ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ରାଜାରାମ ଦାଶ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗର ବବିତା କର, ଉତ୍ତମ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୌଣସି ଅବାଞ୍ଛିତ ଶିଶୁକୁ ପରିତ୍ୟକ୍ତ ଅବସ୍ଥାରେ କେହି ଛାଡି ନ ଦେଇ ନିସଙ୍କୋଚ ଓ ନିର୍ଭୟରେ ଝୁଲଣ କେନ୍ଦ୍ରଠାରେ ଛାଡିପାରିବେ। ଏହାଦ୍ୱାରା ଶିଶୁଟିର ଜୀବନ ରକ୍ଷା ହୋଇପାରିବ । ଅପରପକ୍ଷେ ସେହି ଶିଶୁଙ୍କୁ ଅନ୍ୟ କେହି ପୌଷ ସନ୍ତାନ ଭାବେ ଗ୍ରହଣ କରିବେ ବୋଲି ଉତ୍ସବରେ ମତପ୍ରକାଶ ପାଇଥିଲା । ଡିସିପିଓ ବିଶ୍ୱଜିତ ସାହୁ, ପୁଷ୍ପାଞ୍ଜଳି ମିଶ୍ର, ରୁନି ପଟ୍ଟନାୟକ, ରୁଦ୍ରତୋରଣ ପାତ୍ର, ଶୁଶିଲ କୁମାର ବିଶ୍ୱାଲ, ବିଭୂଦତ୍ତ ଦାଶ ପ୍ରମୁଖ କାଯର୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାଯର୍ୟକ୍ରମରେ ଅଙ୍ଗନୱାଡି ଓ ଆଶାକର୍ମୀମାନେ ଯୋଗ ଦେଥିଲେ ।

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

## ହିନ୍ଦ୍ କ୍ଲବକୁ ହରାଇ ୟୁନିୟନ ସ୍ପୋର୍ଟିଂ ବିଜୟୀ




ମଙ୍ଗଳବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର, ୧।୧୦ (ବ୍ୟୁରୋ)

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇ ପରିବର୍ତ୍ତି ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ୟୁନିୟନ ସ୍ପୋର୍ଟିଂ ବନାମ ହିନ୍ଦ କ୍ଲବ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ୟୁନିୟନ ସ୍ପୋର୍ଟିଂର ଜର୍ସି ନମ୍ବର ୧୧ ଜିତେନ୍ଦ୍ର ଦର୍ଶନୀୟ ଗୋଲସ୍କୋର କରିଥିଲେ । ଯଦ୍ୱାରା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । କର୍ଣ୍ଣ ବେହେରା, ରାଜାରାମ ଓରାମ, ପଦ୍ମ ନାୟକ, ବଳରାମ ମଟାରୀ ମ୍ୟାଚ ପରିଚାଳନା କରିଥିଲେ । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ବରଗଡ ଜିଲା କ୍ରୀଡା ସଂଘ ଉପସଭାପତି ଯୁଗଳ କିଶୋର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିତେନ୍ଦ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।

## ଫଟୋରେ ଖବର








ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଓଡିଶା ଲୋକସେବା ଅଧିକାରୀ ଅଧିନିୟମ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରତିନିଧିମାନେ (ବାମ)। ସେଲ୍ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ ପକ୍ଷରୁ ବିଭିନ୍ନ ଦାବି ନେଇ ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି (ମଝି)। ରେଙ୍ଗାଲି ତହସିଲ ଅଧୀନ ଖତୁପଡାବାସୀ ମଙ୍ଗଳବାର ଜିଲା ପ୍ରଶାସନକୁ ସେମାନଙ୍କ ଅଭିଯୋଗ ଜଣାଇବାକୁ ଆସିଛନ୍ତି।

ସୁନା ରୁପା ପ୍ରକୃତ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସମ୍ପଦ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ନୂଆଁଖାଇ ଭେଟଘାଟରେ ସମ୍ମାନ ପ୍ରଦାନ

**ଗୁଡଭେଲା,୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଟାଉନହଲ୍‌ରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ ତୁଷୁରା ଯୁବା ମଞ୍ଚର ଅଧକ୍ଷ ମନୋଜ ଜୈନଙ୍କୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପିତ କରିବା ସହ ପ୍ରବଳ ଗ୍ରୀଷ୍ମ ଦିନରେ ଅମୃତଧାରା ମାଧମରେ ଲୋକଙ୍କୁ ଥଣ୍ଡା ଜଳ ଯୋଗାଇ ଦେବା ଆଦି ପାଇଁ ସେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା, ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରୁଷୁଡା ସରପଞ୍ଚ ସବିତା ବେହେରା ଓ ସମାଜସେବୀ ବୁଦ୍ଧଦେବ ନାଗଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।



### ଜିଲା ମୁଖ୍ୟ ଚିକିତ୍ସାଳୟରୁ ୩ ଦଲାଲ ଗିରଫ

ଦେବଗଡ,୧।୧୦(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଦଲାଲମାନଙ୍କୁ ଗିରଫ କରାଯାଉଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଥାନା ପୋଲିସ କିଛିଦିନ ପୂର୍ବେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଦଲାଲଙ୍କୁ ଗିରଫ କରିଥିବା ବେଳେ ପୁଣି ଆଉ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଦେବଗଡ ପୌରାଞ୍ଚଳର ଅଖିଳ ଚନ୍ଦ୍ର ବେହେରା (୬୫), ହାଡିବନ୍ଧୁ ମାଝିଆରୀ (୩୬) ଓ ବିଭୁତି ଭୂଷଣ ଭଞ୍ଜ(୨୮)। ଦେବଗଡ ଥାନା ପୋଲିସ ୩ ଜଣଙ୍କୁ ଦଫା ୪୨୦, ୩୮୪ ଓ ୧୨୦(ବି) ଆଇପିସିରେ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

---

କମେଣ୍ଟ ମାରୁଥିବା ଯୁବକଙ୍କୁ କାବୁ କରି ପୋଲିସ ଜିମାଦେବା ଘଟଣା

# ଶର୍ମିଷ୍ଠାଙ୍କୁ ସମ୍ମାନିତ କଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୧।୧୦**

ହାଇସ୍କୁଲରେ ପଢୁଥିବା ଦୁଇ ସାନ ଭଉଣୀ ଓ ତାଙ୍କ ସହାପାଠିନୀଙ୍କୁ ବାରମ୍ବାର କମେଣ୍ଟ ମାରି ହଇରାଣ କରୁଥିବା ଜଣେ ଉଦ୍ଧତ ଯୁବକଙ୍କୁ ବିଚ୍ ରାସ୍ତାରେ କାବୁ କରି ଟାଉନ୍ ଥାନାରେ ଜିମା ଦେଇଥିଲେ ସାହସୀ ଯୁକ୍ତତିନି କଲେଜ ଛାତ୍ରୀ ଶର୍ମିଷ୍ଠା ମିଶ୍ର। ମଙ୍ଗଳବାର ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ତାଙ୍କୁ ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ କଲାବେଳେ ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର, ଅତିରିକ୍ତ ଏସ୍‌ପି ସୁବାସ ଜମାଦାର, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ ଶର୍ମିଷ୍ଠା ଏଭଳି ସାହସିକ ଓ ଉତ୍ତମ କାର୍ଯ୍ୟ ଜାରି ରଖିବେ ବୋଲି ଏସ୍‌ପି ମାଡକର ଆଶାପୋଷଣ କରିଥିଲେ। ସମ୍ମାନିତ ହେବା ପରେ ଶର୍ମିଷ୍ଠା ଖୁସି ପ୍ରକାଶ କରିବା ସହ ଏହା ତାଙ୍କୁ ଆହୁରି ଅଧିକ ସାହସ ପ୍ରଦାନ କରିଛି ବୋଲି କହିଛନ୍ତି।

ବଲାଙ୍ଗୀର ସାଲେପାଲି ନିବାସୀ ସୁଶୀଳ ମିଶ୍ରଙ୍କ ତିନି ଝିଅ ଭିତରୁ ବଡ ଝିଅ ହେଉଛନ୍ତି ଶର୍ମିଷ୍ଠା ମିଶ୍ର। ସେ ଦେଓଗାଁ ପଞ୍ଚାୟତ ସମିତି କଲେଜରେ ଯୁକ୍ତତିନି ଶେଷବର୍ଷ ଛାତ୍ରୀ ଭାବେ ପଢୁଛନ୍ତି। ତାଙ୍କର ଦୁଇ ସାନ ଭଉଣୀ ଲିଚିଷ୍ଠା ଓ ଶ୍ରୁତିଷ୍ଠା ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲରେ ଅଧ୍ୟୟନରତ। ଦୁଇ ସାନ ଭଉଣୀ ତାଙ୍କ ସହପାଠିନୀଙ୍କ ସହ ସ୍କୁଲକୁ ପଢ଼ିବାକୁ ଗଲାବେଳେ ନିୟମିତ ଭାବେ ରାଜୀନଗରପଡାର ରଘୁନାଥ ଠାକୁର ଓ ତାଙ୍କ ଅନ୍ୟ ଦୁଇ ସାଙ୍ଗ ସେମାନଙ୍କୁ କମେଣ୍ଟ ମାରିବା ସହ ହଇରାଣ ହରକତ କରିଆସୁଥିଲେ। ଏନେଇ ଦୁଇ ସାନ ଭଉଣୀ ଘରେ ତାଙ୍କ ବାପାଙ୍କୁ ଅଭିଯୋଗ କରିଥିଲେ। ଫଳରେ କିଛିଦିନ ଧରି ଦୁଇ ସାନ ଝିଅ ସ୍କୁଲ ଯିବା ଆସିବା ବେଳେ ବାପା ସୁଶୀଳ ମିଶ୍ର ସେମାନଙ୍କ ସୁରକ୍ଷା ପାଇଁ ଯିବା ଆସିବା କରୁଥିଲେ। ତେବେ ଯେଉଁଦିନ ସୁଶୀଳ ଛାତ୍ରୀମାନଙ୍କ ସହ ଯାଇପାରୁ ନ ଥିଲେ ସେହିଦିନ ସେମାନଙ୍କ ସ୍କୁଲ ଯିବା ପ୍ରାୟ ବନ୍ଦ ହୋଇଯାଉଥିଲା। ଏହିପରି ଭାବେ ସେମାନଙ୍କ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେଲା। ଗତ ୨୬ ତାରିଖ ଦିନ ସ୍କୁଲ ଛୁଟିରୁ ଫେରୁଥିବା ଦୁଇ ସାନଭଉଣୀଙ୍କ ସହ ଅନ୍ୟ ସହାପାଠିନୀଙ୍କୁ ରଘୁନାଥ ଓ ତାଙ୍କ ସାଙ୍ଗ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ପରେ ଶର୍ମିଷ୍ଠା ସମ୍ପୃକ୍ତ ଉଦ୍ଧତ ଯୁବକଙ୍କୁ ପାନେ ଦେବେ ବୋଲି ସାହସ ବାନ୍ଧିଥିଲେ। ୨୭ ତାରିଖ ଦିନ ଛାତ୍ରୀମାନେ ସ୍କୁଲରୁ ଫେରୁଥିବାବେଳେ ସର୍କିଟ ହାଉସ ରାସ୍ତାର ବାଣିଜ୍ୟକର ଅଫିସ ଛକରେ ସମ୍ପୃକ୍ତ ତିନି ଯୁବକ ପୁଣି ଥରେ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବାବେଳେ ପଛରେ ଆସୁଥିବା ଶର୍ମିଷ୍ଠା ଦୌଡି ଯାଇ ଦୁର୍ବ୍ୟବହାରକାରୀ ରଘୁନାଥ ଠାକୁରଙ୍କୁ ଉତ୍ତମ ମଧ୍ୟମ ଦେଇ କାବୁ କରି ନେଇଥିଲେ। ଏହା ଦେଖି ତାଙ୍କର ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ ଜମି ଯାଇଥିଲା। ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ କାବୁ କରିଥିବା ରଘୁନାଥଙ୍କୁ ଧରି ଶର୍ମିଷ୍ଠା ମୁଖ୍ୟ ରାସ୍ତାରେ ଚଲାଇ ନେଇ ଟାଉନ୍ ଥାନାରେ ପୋଲିସ ଜିମା ଦେଇଥିଲେ। ଏହି ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ତାଙ୍କ ସାହସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।



ଏସ୍‌ପି ସନ୍ଦୀପ ମାଡକର ସାହସୀ ଶର୍ମିଷ୍ଠା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

---

## ନବରାତ୍ର ପୂଜା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବେଲପାହାଡ଼,୧।୧୦ (ଡି.ଏନ୍.ଏ.)**

ମା' ଜଗତଜନୀଙ୍କ ନବରାତ୍ର ପୂଜା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବାଟମଙ୍ଗଳା ଓ ନବଦୁର୍ଗା ମନ୍ଦିରରେ ସକାଳୁ ରାତି ଯାଏ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ସନ୍ଧ୍ୟା ଆଳତି ସମୟରେ ଶ୍ରଦ୍ଧାଳୁଙ୍କ ବେଶି ଭିଡ଼ ଜମୁଛି। ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପୂର୍ବକ ମନ୍ଦିର ବେଢ଼ାରେ ଦୀପ ଜଳାଉଛନ୍ତି। ଗତ ରବିବାର ନବଦୁର୍ଗା ଓ ବାଟମଙ୍ଗଳା ମନ୍ଦିରରେ ମା' ଶୈଳପୁତ୍ରୀଙ୍କ ପୂଜା ଏବଂ ସୋମବାର ମା' ବ୍ରହ୍ମଚାରିଣୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା ସମ୍ପନ୍ନ ହୋଇଛି। ପୂର୍ବବର୍ଷ ଭଳି ବାଟମଙ୍ଗଳା ମନ୍ଦିରରେ ସମ୍ପୁଟ ଚଣ୍ଡୀଯଜ୍ଞ ସହିତ ନବାରାତ୍ର ପୂଜା ଚାଲିଛି। ଏଥିରେ ମୁଖ୍ୟ ପୂଜକ ପଣ୍ଡିତ ପ୍ରଦୀପ ମିଶ୍ରଙ୍କ ସମେତ ୨୧ ଜଣ ପଣ୍ଡିତ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବୁଲୁ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

## କମଳା ଚାଷ ତାଲିମ ଶିବିର

ଦେବଗଡ଼,୧।୧୦(ଡ଼ି.ଏନ.ଏ)

ଦେବଗଡ ଜିଲା ରିଆମାଳ ବ୍ଲକ କୁଣେଡଇଗୋଳା ସେବା ସମବାୟ ସମିତି କାର୍ଯ୍ୟାଳୟରେ କମଳା ଚାଷ ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ମାର୍କେଟିଂ କନ୍‌ସଲଟାଣ୍ଟ ଚୌଧୁରୀ ବରଦା ପ୍ରଶ୍ନ ଦାଶ, ଇଂ– କୁଟୀରର ପ୍ରମୁଖ ପରାମର୍ଶଦାତା ଡ଼ ପତାଞ୍ଜଳି ତ୍ରିପାଠୀ, ଦେବଗଡ଼ ଏସ୍‌ଆରସିଏସ୍ ନିମେଇଁ ଚରଣ ନାୟକ, ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିମିଟେଡ଼୍‌ର ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ, କୁଣ୍ଡେଇଗୋଳା ସେବା ସମବାୟ ସମିତି ସଭାପତି ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସମ୍ପୃକ୍ତ ଅଞ୍ଚଳରେ ଚାଷ କରାଯାଉଥିବା କମଳା ଗଛରେ ଜୈବିକ ସାର ବ୍ୟବହାରକୁ ଗୁରୁତ୍ୱ ଦେଲେ ଉନ୍ନତମାନର କମଳା ଉତ୍ପାଦନ ହୋଇପାରିବ ଏବଂ ବାହାରକୁ ରପ୍ତାନୀ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ଏହି କର୍ମଶାଳରେ ବହୁ କମଳା ଚାଷୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କମଳା ଚାଷ ସମ୍ପର୍କିତ ଏକ ସଚେତନତା ଶିବିରରେ ଅଧିକାରୀମାନେ।

---

ବେଣ୍ଟଶୁଳା ପୋଲ ରାସ୍ତା ନିର୍ମାଣ କାମ ଆରମ୍ଭ

# ରାସ୍ତାରୋକୋ ଆନ୍ଦୋଳନ ସ୍ଥଗିତ

**ଦେବଗଡ,୧।୧୦(ଡି.ଏନ.ଏ.)**

ତିଲଇବେଣି ବ୍ଲକ ବଣିଆଁକିଲିଣ୍ଡା ପଞ୍ଚାୟତ ବେଣ୍ଟଶୁଳା ନାଳ ନିକଟସ୍ଥ ୪୯ ନଂ. ଜାତୀୟ ରାଜପଥ ମରାମତି ନିର୍ମାଣ ଦାବିରେ ବଣିଆଁକିଲିଣ୍ଡା ବିକାଶ ମଞ୍ଚ ପକ୍ଷରୁ ଦିଆଯାଇଥିବା ରାସ୍ତାରୋକୋ ଆନ୍ଦୋଳନ ଡାକରା ସ୍ଥଗିତ କରାଯାଇଛି। ଅନ୍ୟପକ୍ଷରେ ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ ପାତ୍ର, ନିର୍ମାଣକାରୀ ସଂସ୍ଥା ଅଧିକାରୀ ବଣିଆଁକିଲିଣ୍ଡା ବିକାଶ ମଞ୍ଚ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ନବକିଶୋର ବେହେରାଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ବିକାଶ ମଞ୍ଚର ଦାବି ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ୭ ଦିନ ମଧରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ମାଣକାରୀ ସଂସ୍ଥା ସମୟ ମାଗିବା ସହ ମଙ୍ଗଳବାରଠାରୁ ମରାମତି କାର୍ଯ୍ୟ ଆରମ୍ଭ କରିଥିଲା। ଫଳରେ ବୁଧବାର ହେବାକୁ ଥିବା ରାସ୍ତାରୋକୋ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ବଣିଆଁକିଲିଣ୍ଡା ବିକାଶ ମଞ୍ଚ ସମ୍ପାଦକ ଯୋଗେଶ ଚନ୍ଦ୍ର ଦଳବେହେରା ସୂଚନା ଦେଇଛନ୍ତି। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ବେଣ୍ଟଶୁଳା ପୋଲ ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିବାକୁ ବିକାଶ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯିବା ସହ ବନ୍ଦ ଡାକରା ଦିଆଯାଇଥିଲା। ମଙ୍ଗଳବାର ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲ ସୁପର ଷ୍ଟ୍ରକଚରାଲ କନଷ୍ଟ୍ରକ୍ସନ କମ୍ପାନୀ ପକ୍ଷରୁ ବେଣ୍ଟଶୁଳା ନାଳ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥର ମରାମତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି।



ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରୁଛି।

## ଖବରଦାତା ସଂଘର ବୈଠକ

**ଦେବଗଡ,୧।୧୦(ଡି.ଏନ.ଏ)**

ସ୍ଥାନୀୟ ବସନ୍ତ ନିବାସ ଡାକବଙ୍ଗଳାଠାରେ ଦେବଗଡ ଜିଲା ଖବରଦାତା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଗଣମାଧମର ବ୍ଲକସ୍ତରୀୟ ପ୍ରତିନିଧିମାନଙ୍କୁ ସଂଘର ସଦସ୍ୟଭାବେ ଗ୍ରହଣ, ସ୍ଥାୟୀ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ, ସଂଘର ବାର୍ଷିକ ଉତ୍ସବ ପାଳନ ସମେତ ବିଭିନ୍ନ ପ୍ରସଙ୍ଗରେ ସଂଘ ସଦସ୍ୟମାନେ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଏହି ବୈଠକରେ ସଂଘର ବରିଷ୍ଠ ସଦସ୍ୟ ମିତ୍ରଭାନୁ ମହାପାତ୍ର, ସିଦ୍ଧାର୍ଥ ଗୁରୁ, ତରୁଣ କୁମାର ସାହୁ, ସୁଶୀଳ କୁମାର ଦାଶ, ଶଶାଙ୍କ ଶେଖର ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ତାଳଚେର କନ୍ଧବେରିଣୀ ଗ୍ରାମବାସୀଙ୍କ ପାଇଁ ଏମ୍‌ସିଏଲ୍‌ର ୨.୫ କୋଟି ଟଙ୍କା କ୍ଷତି

**ସମ୍ବଲପୁର, ୧।୧୦ (ବ୍ୟୁରୋ)**

ତାଳଚେର କନ୍ଧବେରିଣୀ ଗ୍ରାମବାସୀ ମହାନଦୀ କୋଇଲା କମ୍ପାନୀ ଅନନ୍ତ ଖୋଲା ମୁହଁ ଖଣିର ରେଲୱେ ସାଇଡିଂ ୫ ଓ ୬ ନମ୍ବରକୁ ବନ୍ଦ କରି ଦେଇଛନ୍ତି। କନ୍ଧବେରିଣୀ ଗ୍ରାମର ବାବୁଲା ସାହୁଙ୍କୁ ଉକ୍ତ ରେଲୱେ ସାଇଡିଂରେ ଖଣି କାର୍ଯ୍ୟ ଲାଗି ନିୟୋଜିତ ହୋଇଥିବା ବେସରକାରୀ ସଂସ୍ଥାରେ ସୁପରଭାଇଜର କାର୍ଯ୍ୟରେ ନିଯୁକ୍ତି ଦେବାକୁ ଲୋକେ ଦାବି କରି ମଙ୍ଗଳବାର ଅପରାହ୍ନ ୩ଟାରୁ ଜବରଦସ୍ତ କାମ ବନ୍ଦ କରିଥିଲେ। ଫଳରେ ଏମସିଏଲର ୨.୫ କୋଟି ଟଙ୍କା କ୍ଷତି ହୋଇଛି। ଅନନ୍ତ ରେଲୱେ ସାଇଡିଂ ୫ ଓ ୬ରୁ ପାୱାର ପ୍ଲାଣ୍ଟକୁ ଦୈନିକ ପ୍ରାୟ ୧୨ଟି ର୍‌ୟାକ୍ ଦ୍ୱାରା ୫୨ ହଜାର ଟନ୍ କୋଇଲା ପରିବହନ କାର୍ଯ୍ୟକୁ ସଂପୂର୍ଣ୍ଣ ଭାବେ ବନ୍ଦ କରି ଦେବା ନେଇ ଥାନାରେ ମାମଲା ରୁଜୁ କରାଯାଇଛି। ତାଳଚେର କୋଇଲା ଖଣି ଅଞ୍ଚଳରେ ବିଭିନ୍ନ ସମୟରେ ଗ୍ରାମବାସୀଙ୍କ ଦ୍ୱାରା ଖଣି କାର୍ଯ୍ୟ ବନ୍ଦ କରାଯାଉଛି। ଏହାଦ୍ୱାରା କମ୍ପାନୀ କ୍ଷତିଗ୍ରସ୍ତ ହେଉଛି। ଏମ୍‌ସିଏଲ୍ ଓଡିଶା ରାଜକୋଷକୁ ସର୍ବାଧିକ ରାଜସ୍ୱ ଦେଉଛି। ଗତ ୨୦୧୮–୧୯ ଆର୍ଥିକ ବର୍ଷରେ ଅନୁଗୋଳ, ଝାରସୁଗୁଡା ଓ ସମ୍ବଲପୁର ଜିଲାର ବିକାଶ କାର୍ଯ୍ୟ ଲାଗି ପ୍ରାୟ ୬ଶହ କୋଟି ଟଙ୍କା ପ୍ରଦାନ କରିଛି। ମଙ୍ଗଳବାର ଏମ୍‌ସିଏଲ୍ ଜନସମ୍ପର୍କ ଅଫିସ ପକ୍ଷରୁ ଏହା କୁହା ଯାଇଛି।

---

## ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**ଦେବଗଡ,୧।୧୦(ଡି.ଏନ.ଏ.)**

ତିଲେଇବଣି ବ୍ଲକସ୍ଥିତ ତିଲେଇବଣି ହାଇସ୍କୁଲ ପରିସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟଟନ ଦିବସ ଉପଲକ୍ଷେ ମଙ୍ଗଳବାର ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି କ୍ଲଷ୍ଟର ସିଆର୍‌ସିସି ଝସକେତନ ନାହାକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ତିଲେଇବଣି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ତରଣୀ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ନାରାୟଣ ସିଂ ସାମାଡ, ପ୍ରଦୀପ କୁମାର ଚୌଧୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଆକର୍ଷଣ ଓ ମହତ୍ୱ ବିଷୟବସ୍ତୁ ଉପରେ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ତିଲେଇବଣି ବ୍ଲକର ସମସ୍ତ ହାଇସ୍କୁଲ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ତିଲେଇବଣିସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପ୍ରଧାନ ପ୍ରଥମ, ଶ୍ୱେତାପଦ୍ମା ଦେହୁରୀ ଦ୍ୱିତୀୟ ଏବଂ ପାରପୋଶି ଉନ୍ନୀତ ଉଚ୍ଚବିଦ୍ୟାଳୟର ଛାତ୍ର ରଞ୍ଜନ କାଲୋ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଦୁଧିଆନାଳୀ କ୍ଲଷ୍ଟର ସିଆର୍‌ସିସି ଫକୀର ମୋହନ ପ୍ରଧାନ, ଶିକ୍ଷକ ଟିକେଶ୍ୱର ବେହେରା, କାଦମ୍ବିନୀ ମିଶ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀମାନେ ଆୟୋଜିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ସୂଚନା ମିଳିଛି।

## ୧୮୦ ବୃଦ୍ଧାବୃଦ୍ଧଙ୍କୁ ମିଳିବ ମଧୁବାବୁ ପେନସନ

**ରିଆମାଳ,୧।୧୦(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ କଲ୍ୟାଣ ମଣ୍ଡପରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ ତାଙ୍କ ସଭାପତୀୟ ଅଭିଭାଷଣରେ ବୟୋଜେଷ୍ଠ ନାଗରିକ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୋଷ୍ଠୀଉନ୍ନୟନ ଅଧିକାରୀ ବିମଳା ବିରୁଲି ସ୍ୱାଗତ ଭାଷଣ ଦେଇଥିବାବେଳେ କନିଷ୍ଠ ଯନ୍ତ୍ରୀ ଟି.ଜି.କେସରାବ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରିଆମାଳ ସରପଞ୍ଚ ତରଣୀସେନ ପ୍ରଧାନ, ସମିତିସଭ୍ୟ ଗାନ୍ଧୀ ଚରଣ ନାଏକ, ଆଇନଜୀବୀ ପ୍ରମୋଦ କୁମସର ନନ୍ଦ, ପୂର୍ବତନ ସରପଞ୍ଚ ରସାନନ୍ଦ ବିଶ୍ୱାଳ, ବରିଷ୍ଠ ନାଗରିକ ରମେଶ ପ୍ରଧାନ, ନବୀନ ସାହୁ ପ୍ରମୂଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥଇଲେ। ୧୮୦ ବୃଦ୍ଧାବୃଦ୍ଧଙ୍କୁ ଆଗାମୀ ଦିନରେ ମଧୁବାବୁ ପେନସନ୍ ଯୋଜନାରେ ସାମିଲ କରାଯିବ ବୋଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ କୁମାର ସାହୁ ଏହି ଅବସରରେ ପ୍ରକାଶ କରିଥିଲେ।

# ବରିଷ୍ଠ ନାଗରିକମାନେ ସମାଜର ଦିଗ୍‌ଦର୍ଶକ

**ଦେବଗଡ,୧।୧୦(ଡି.ଏନ.ଏ.)**

ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ବିଭାଗ ଓ ଦେବଗଡ ପୌର ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଜିତ କୁମାର ନଈ ସଭାପତିତ୍ୱ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ ମିଶ୍ରଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅତୁଲ୍ୟ କୁମାର ପୂଝାରୀ, ଡି.ଏସ୍.ପି. ରବୀନ୍ଦ୍ର ରାଉତ, ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ଭଗ୍ନୀ ବ୍ରହ୍ମା କୁମାରୀ ରଶ୍ମିତା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ସହ ବରିଷ୍ଠମାନେ ସମାଜର ଦିଗଦର୍ଶକ ଏବଂ ମୂଲ୍ୟବାନ ସୁନା ସହିତ ସମାନ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠମାନଙ୍କ ମନୋରଞ୍ଜନ ପାଇଁ ପାଲା, ନୃତ୍ୟ ଏବଂ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲେ। ଏଥିସହ ବରିଷ୍ଠ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ କୌତୁକ ଏବଂ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।। ଏଥିସହ ସେମାନଙ୍କ ପାଇଁ ଢେଙ୍କାନାଳ ସ୍ଥିତ 'ସାଇଟ ସେଭର'ସହାୟତାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର କରାଯାଇ ଔଷଧ ଏବଂ ଚଷମା ବିତରଣ କରାଯାଇଥିଲ। ଏଥିସହ ସଭା ପ୍ରାରମ୍ଭରେ ମୃଣାଳ ଶର୍ମାଙ୍କ ବାଦ୍ୟ ସହଯୋଗିତାରେ ଜଣଶୁଣା କଣ୍ଠଶିଳ୍ପୀ ରୂପେନ୍ଦ୍ର କୁମାର ଗୁମାନସିଂ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ ପୌରାଞ୍ଚଳର ଶତାଧିକ ବରିଷ୍ଠ ବ୍ୟକ୍ତି ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା।

## ଗାଁ ଉନ୍ନତିରେ ବରିଷ୍ଠ ନାଗରିକ ଆଗକୁ ଆସନ୍ତୁ

**ବାରକୋଟ,୧।୧୦(ଡି.ଏନ.ଏ.)**

ବାରକୋଟ ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଡିଓ ଟୁନୁ ମେହେରଙ୍କ ଅଧକ୍ଷତାରେ ଅର୍ନ୍ତଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳନ ହୋଇଯାଇଛି। ଏଥିରେ ଅଧକ୍ଷା ସୁବାଶିନୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧକ୍ଷ ହରମୋହନ ପାଣି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସହଯୋଗରେ ଗାଁର ଉନ୍ନତି ହୋଇପାରିବ ବୋଲି କହିଥିଲେ। ବ୍ଲକର ବିଭିନ୍ନ ଗାଁରୁ ଉପସ୍ଥିତ ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ମଧ୍ୟରୁ ଗିରିଧାରୀ ସାହୁ, ଈଶ୍ୱରୀପ୍ରସାଦ ଦ୍ୱିବେଦୀ, ଦୁର୍ଯ୍ୟୋଧନ ଧଳ, ଭୋଳେଶ୍ୱର ନାୟକ ପ୍ରମୁଖ ଗାଁର ବିକାଶରେ ନିଜର ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଯୋଗଗୁରୁ ସନ୍ତୋଷ ନାୟକ, ଆଶୁ କବି ପ୍ରଦୀନ ଜେନା, ଆଧାତ୍ମିକ ପ୍ରବକ୍ତା ସ୍ୱପ୍ନେଶ୍ୱର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ସାମାଜିକ କର୍ମୀ କୁମୁଦ ଚନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଲୁନ ଫୁଙ୍କା ଖେଳରେ ଗିରିଧାରୀ ସାହୁ ଓ ଦୁଖନୁ ସାମଲ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। ସରସ୍ୱତୀ ଦେବୀଙ୍କ ପାଲା ଦଳ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମାଜିକ ସମ୍ପ୍ରସାରଣ ଅଧିକାରୀ ଭୂପେନ୍ଦ୍ର ପ୍ରଧାନ, ସ୍ୱଚ୍ଛ ଭାରତ ମିଶନ ବ୍ଲକ ସଂଯୋଜକ ସୁଶିଲ ପ୍ରଧାନ, ଝସକେତନ ବିଶ୍ୱାଳ, ରୋମାଲିନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅର୍ନ୍ତଜାତୀୟ ବୟୋଜ୍ୟଷ୍ଠ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।



ମୁଖ୍ୟଅତିଥି ତହସିଲଦାର ପଲ୍ଲବୀ ନାୟକ ପୁରସ୍କାର ପ୍ରଦାନ କରୁଛନ୍ତି।

## ବରିଷ୍ଠ ନାଗରିକ ଦିବସରେ ନାନାବିଧ କାର୍ଯ୍ୟକ୍ରମ

**ଦେବଗଡ଼,୧।୧୦(ଡ଼ି.ଏନ.ଏ.)**

ଦେବଗଡ ଜିଲା ତିଳେଇବଣୀ ବ୍ଲକ ପରିସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ଦଳପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବଗଡ ତହସିଲଦାର ପଲ୍ଲବୀ ନାୟକ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ କୁମାର ଗୁରୁ, କସମସ୍ ତୀର୍କୀ, ଉର୍ମିଳା ନାୟକ, କଳ୍ପନା ପ୍ରଧାନ, ଯାଜ୍ଞସିନୀ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ପରିବର୍ତ୍ତିତ ଜଳବାୟୁ ଲାଗି...

# ଏନ୍ ଆର୍ ଆର୍ ଆଇର ୩ ଧାନ କିସମ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ତିନୋଟି ଅଧିକ ଅମଳକ୍ଷମ ଧାନ କିସମ ଓଡ଼ିଶାର ଚାଷୀଭାଇଙ୍କ ପାଇଁ ଉଦ୍‌ଭାବିତ ହୋଇଛି। ଏହି ତିନି କିସମ ଧାନ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ବିକଶିତ କରାହୋଇଛି। ତନ୍ମଧ୍ୟରୁ ଗୋଟିଏ କିସମ ହେଲା- ସଚ୍ଛଭୀମ(ସିଆର୍‌ଧାନ ୧୦୨), ଯାହା କି ଅଧିକ ଅମଳକ୍ଷମ ଓ ମରୁଡ଼ି ସହଣୀ ଶକ୍ତିସମ୍ପନ୍ନ ସଅଳ ଧାନ କିସମ। ଏହି କିସମଟି ସଚ୍ଛ ଭୀମ ଭୋଇଙ୍କ ନାମରେ ନାମିତ କରାଯାଇଛି। ମରୁଡ଼ି ପ୍ରବଣ ଓ ଅତି ନିକୃଷ୍ଟ ଜମିରେ ମଧ୍ୟ ଏହି କିସମଟି ଅଧିକ ଅମଳ ଦେଇପାରିବ। ୧୧୦ଦିନ ମଧ୍ୟରେ ଅମଳ ହେଉଥିବା ଏହି କିସମର ବିଶେଷତ୍ୱ ହେଲା-ଫୁଲ ଆସିବା ତଥା ଗର୍ଭାବସ୍ଥା ସମୟରେ ଅନ୍ୟୂନ ୨୦ଦିନ ପର୍ଯ୍ୟନ୍ତ ବର୍ଷା ନ ହେଲେ ବି ଅମଳ ଉପରେ ପ୍ରଭାବ ପଡ଼େନାହିଁ। ଭଲ ପରିବେଶରେ ଏହି କିସମରୁ ହେକ୍ଟର ପିଛା ୭୦କୁଇଣ୍ଟାଲ ଅମଳ ମିଳିପାରେ। ଅଧିକ ମରୁଡ଼ି ପରିସ୍ଥିତିରେ ଏଥିରୁ ହେକ୍ଟର ପିଛା ୩୦ କୁଇଣ୍ଟାଲ ମଧ୍ୟ ଅମଳ କରିହେବ। ଏଥିରେ ଧାନର ମୁଖ୍ୟ ରୋଗ ପୋକ ସହଣି ଶକ୍ତି ମଧ୍ୟ ରହିଛି। ଅଳ୍ପ ବୃଷ୍ଟିପାତ ହେଉଥିବା ଜିଲା ଯଥା- କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ପ୍ରଭୃତି ଜିଲା ପାଇଁ ଏହି କିସମ ଉପଯୁକ୍ତ। ବିକଶିତ ହୋଇଥିବା ଅନ୍ୟ ଏକ କିସମ ହେଲା- ସରୁମିନା(ସିଆରଧାନ-୨୧୦)। ଅଳ୍ପ ପାଣିରେ କିପରି ଚାଷ କରି ହେବ ତାହାକୁ ଦୃଷ୍ଟିରେ ରଖି ଏହି କିସମଟିକୁ ଉଦ୍‌ଭାବନ କରାଯାଇଛି। ଅବଶ୍ୟ ଏହି କିସମର ଧାନ ଚାଷ କରି ଚାଷୀମାନେ ହାରାହାରି ୩୫ରୁ ୫୦ ପ୍ରତିଶତ ଜଳ ବଞ୍ଚାଇ ଅନ୍ୟ କାମରେ ଉପଯୋଗ କରିପାରିବେ। ସାଧାରଣତଃ ଏକ କେଜି ଧାନ ପାଇଁ ୫୦୦୦ଲିଟର ପାଣି ଦରକାର ହୋଇଥିବା ବେଳେ ସରୁମିନା କିସମ ପାଇଁ ୩୦୦୦ରୁ ୩୫୦୦ଲିଟର ପାଣି ଆବଶ୍ୟକ ହୋଇଥାଏ। ସରୁ ଲମ୍ବା ଚାଉଳ ଯୁକ୍ତ ଏହି କିସମ ୧୧୫ଦିନରେ ଅମଳ ହୁଏ। ଭଲ ପରିବେଶରେ ୬୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ କରିହେବ। ଏହା ଉଭୟ ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳ ପାଇଁ ଉପଯୁକ୍ତ। ତୃତୀୟ ଉଦ୍ଭାବିତ କିସମଟି ହେଲା-ମହାମଣି(ସିଆର୍ ଧାନ -୪୧୦)। ଉପକୂଳ ଜିଲାଗୁଡ଼ିକର ଖାଲୁଆ ଜମି ପାଇଁ ଏହାକୁ ବିକଶିତ କରାଯାଇଛି। ୧୪୦ ସେମି ଉଚ୍ଚଯୁକ୍ତ ଏହି କିସମ ୧୬୦ରୁ ୧୬୫ ଦିନରେ ଅମଳ ହୁଏ। ଏଥିରୁ ବାଲାମି ଚାଉଳ ପରି ସରୁ ଫାଇନ୍ ଚାଉଳ ମିଳିଥାଏ। ଦେଶୀ କିସମ ତୁଳନାରେ ଏହି କିସମର ସାର ବିନିଯୋଗ କ୍ଷମତା ଅଧିକ। ଏଥିରେ ମୁଖ୍ୟ ରୋଗପୋକ ଯଥା- କାଣ୍ଡବିନ୍ଧା, ପତ୍ରପୋଡ଼ା, ପତ୍ରଶଢ଼ା, ପତ୍ରଦାଗ ଆଦି ଲାଗି ସହଣି ଶକ୍ତି ରହିଛି। ଏହି କିସମଗୁଡ଼ିକ ୩ବର୍ଷ ପରୀକ୍ଷଣ ପରେ ବର୍ତ୍ତମାନ କଟକ ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ଦ୍ୱାରା ବିହନ ଉତ୍ପାଦିତ ହୋଇଛି। ଆଗାମୀ ଋତୁରେ ଚାଷୀମାନଙ୍କ ପାଇଁ ଏହି କିସମଗୁଡ଼ିକର କ୍ଷେତ୍ରପ୍ରଦର୍ଶନୀ କରାହେବ। ନିର୍ଦ୍ଦେଶକ ଡ. ହିମାଂଶୁ ପାଠକଙ୍କ ପ୍ରୋତ୍ସାହନ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ବୈଜ୍ଞାନିକ ଶରତ କୁମାର ପ୍ରଧାନ ସୂଚୀତ କରିଛନ୍ତି।


ସଚ୍ଛ ଭୀମ


ସରୁମିନା




ମହାମଣି

# ଏ ମାସର କୃଷିସୂଚନା

**ଧାନ** -ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ।

-ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

-ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ଭାବେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ।

-ଗନ୍ଧିପୋକ ଦମନ ପାଇଁ କିଆରିରେ ଡାଇକ୍ଲୋରୋଭସ୍ ୧ ମି.ଲି.କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ।

-କାଣ୍ଡବିନ୍ଧା ପୋକ ଦମନ ଲାଗି ଏକ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍‌କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।

-ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗ କଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ା ପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୨ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ।

## ଧାନରେ ମାଟିଆଗୁଣ୍ଡି ପୋକ ଦମନ

-ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିପାରିବେ।
-ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ।
-ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ।
-ନିମ୍ନଲିଖିତ କୀଟନାଶକକୁ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରି କୀଟକୁ ନିୟନ୍ତ୍ରଣ କରନ୍ତୁ।

| କ୍ର.ସଂ. | କୀଟନାଶକର ନାମ | ଏକର ପ୍ରତି ମାତ୍ରା | ଏକର ପ୍ରତି କୀଟନାଶକ ଦ୍ରବଣ ହସ୍ତଚାଳିତ ସିଞ୍ଚନ ଯନ୍ତ୍ର | ଏକର ପ୍ରତି କୀଟନାଶକ ଦ୍ରବଣ ଶକ୍ତିଚାଳିତ ସିଞ୍ଚନ ଯନ୍ତ୍ର |
|---|---|---|---|---|
| ୧. | ଡାଇକ୍ଲୋରୋଫସ୍ ୭୬% ଇ.ସି. | ୨୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୨. | ଫ୍ଲୋନିକାମାଇଡ୍ ୫୦% ଡବ୍ଲୁ.ଜି. | ୬୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୩. | ଡାଇନୋଟିଫ୍ୟୁରନ୍ ୨୦% ଏସ୍.ଜି. | ୮୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୪. | ପାଇମୋଟ୍ରୋଜିନ୍ ୫୦% ଡବ୍ଲୁ.ଜି. | ୧୨୦ ଗ୍ରାମ୍ | ୨୦୦ ଲିଟର | ୭୦ ଲିଟର |
| ୫. | ବୁପ୍ରୋଫେଜିନ୍ ୨୫% ଏସ୍.ସି. | ୩୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |
| ୬. | ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | ୨୦୦ ଲିଟର | ୭୦ ଲିଟର |

-କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ।
-ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ।
-ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରି କି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ।
-ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।
-କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ।





-**ତରଳ ଖତ** - ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ୍ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ। ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ସେଥିରେ ୯ ମଗ ପାଣି ମିଶାଇ ଗଛପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ।

-ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଏହି ମାସର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ। ଉନ୍ନତ ଗେଣ୍ଡୁଫୁଲ କିସମ ଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ୍ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି।

-ସେବତୀ - ଗତ ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ)। ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗି ଦିଅନ୍ତୁ।

-ଗୋଲାପ - ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।

-ଗ୍ଲାଡ଼ିଓଲସ୍ - ଏହାର କନ୍ଦା ବାଭିଷ୍ଟିନ୍ ଦ୍ରବଣରେ ୨ ଗ୍ରାମ୍ ୧ ଲିଟର ପାଣି ପ୍ରତି ବିଶୋଧନ କରି ପ୍ରସ୍ତୁତ ଜମିରେ ଗଜା କରି ଲଗାନ୍ତୁ।

-ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ସକାଶେ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ। ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ।

**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ୍, ଉଜ୍ଜ୍ୱଳା, ଶେଖର-୨, ସାରଳା।

-ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ।

-ଜମି କିସମ ଦେଖି ପ୍ରାକ୍‌ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଚଳିତ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ।

-ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ।

-ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ।

**ହରଡ଼**

-ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ଏକ ଲିଟର ପାଣିରେ ୨ ମି.ଲି. ଟ୍ରାଇଆଜୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ବୁଟ, ମସୁର, ମଟର**

*ଉନ୍ନତ କିସମ ବୁଟ* : ରାଧେ, ଆନେଗିରି-୧, ମୋତି।

*ଉନ୍ନତ କିସମ ମସୁର* : ବି-୭୭, ପୁଷା-୮, କେ-୭୬।

*ଉନ୍ନତ କିସମ ମଟର* : ରଚନା, ଟି-୧୬୩, ଇସି-୩୩୮୬, ସ୍ୱର୍ଣ୍ଣରେଖା, ଅର୍କେଲ୍ ଇତ୍ୟାଦି ବିହନ ସଂଗ୍ରହ କରନ୍ତୁ।

**କୋଳଥ:** ଉର୍ମି, ଡି.ଏସ୍. ୧-୨, ଡି.ଏସ୍.୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହ କରି ଚଳିତ ମାସ ୧୫ ତାରିଖ ସୁଦ୍ଧା ବୁଣାକାମ ଶେଷ କରନ୍ତୁ। ଜମି ପ୍ରସ୍ତୁତ କରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ।

**ତୈଳବୀଜ**

**ସୋରିଷ ସଅଳ କିସମ** (ତୋରିଆ)

- ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ।

- ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ଲାଗି ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ।

-ଏମାସ ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ। ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ।

**ଚିନାବାଦାମ:** ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଳ ହୋଇଯାଇ ଥିଲେ ଅମଳ କରି ତିନି ଚାରୋଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

-ନଦୀ ପଠାଜମିରେ ହେକ୍ଟର ପ୍ରତି ୧୮୭ କି.ଗ୍ରା. ଚିନାବାଦାମ ବିହନ ଅର୍ଥାତ୍ ୧୨୫ କି.ଗ୍ରା. ଚିନାବାଦାମ ମଞ୍ଜି ସହ ରାଇଜୋବିୟମ୍ ଜୀବାଣୁ କଲ୍‌ଚର ବ୍ୟବହାର କରି ଧାଡ଼ିକୁ ଧାଡ଼ି ୩୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ସ୍ମୃତି, ଦେବୀ, ଧରଣୀ, ଟି.ଜି.-୩୮ ଓ କାଦିରୀ-୬ ଦେବୀ କିସମ ବିହନ ବ୍ୟବହାର କରନ୍ତୁ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର*

## ପନିପରିବା ଚାଷ



-ଆଳୁ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କୁଇଣ୍ଟାଲ୍ ବିହନ ଦରକାର ହୁଏ। ୨-୩ ଟି ଆଖିଥିବା ୨୫ ଗ୍ରାମ୍‌ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍‌ରେ ବିଶୋଧନ କରି ଲଗାନ୍ତୁ। ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍‌ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ।

-ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ସକାଶେ ୨୫ ଗ୍ରାମ୍ ବ୍ଲାଇଟକ୍ସ-୫୦ ସହିତ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

-ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି.କୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

-ସହଳ କିସମ ଫୁଲକୋବିରେ ସଁବାଲୁଆ ଲାଗିଲେ ୪ ମି.ଲି. ନିମ ତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ।

-ଅତ୍ୟଧିକ ବର୍ଷା କିମ୍ବା ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଢିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ଶୀତଦିନିଆ ପନିପରିବା, ଶାଗ ଓ ଧନିଆପତ୍ର ଚାଷ କରନ୍ତୁ।

-ଜଳାଭାବ ସ୍ଥାନରେ ପ୍ରଚୁର ପରିମାଣରେ କୋଶଳା ଶାଗ ଚାଷ କଲେ ଅଧିକ ଲାଭ ମିଳିପାରିବ।

-ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଏଗ୍ରିଫାଉଣ୍ଡ୍ ଡାର୍କରେଡ୍, ଭୀମାସୁପର ଓ ଭୀମାଶକ୍ତି ବିହନ କିସମ ସଂଗ୍ରହ କରି ତଳି ପକାନ୍ତୁ।

# ମୂଷା ଉପଦ୍ରବର ନିରାକରଣ



ଡ. ବିଷ୍ଣୁ ଚରଣ ଜେନା

ମୂଷା ଏକ ମେରୁଦଣ୍ଡୀ ପ୍ରାଣୀ। ଏହା ଫସଲ କିଆରିରେ ଭିନ୍ନ ଭିନ୍ନ ଫସଲକୁ ନଷ୍ଟ କରିବା ସହିତ ଫସଲ ଅମଳ ପରେ ସେଗୁଡ଼ିକୁ ଭଣ୍ଡାର ଘରେ ସାଇତି ରଖିବା ସମୟରେ ଖାଦ୍ୟ ଶସ୍ୟକୁ ଖାଇ ନଷ୍ଟ କରେ। ପୃଥିବୀରେ ପ୍ରାୟ ୫୦୦ ପ୍ରଜାତିର ମୂଷା ରହିଛନ୍ତି। ଏମାନଙ୍କ ସଂଖ୍ୟା ପ୍ରାୟ ୨୬୦ କୋଟି। ଭାରତରେ ୧୦୦ ପ୍ରଜାତିର ମୂଷା ଦେଖାଯାଆନ୍ତି। ସେମାନଙ୍କ ମଧ୍ୟରେ ୧୪ ପ୍ରଜାତିର ମୂଷା ଜମିରେ ଫସଲକୁ ଆକ୍ରମଣ କରିବା ସହିତ ଭଣ୍ଡାର ଘରେ ଥିବା ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟକୁ ଖାଇ ନଷ୍ଟ କରନ୍ତି। କେତେକ ମୂଷା କୀଟ ପତଙ୍ଗମାନଙ୍କୁ ଖାଆନ୍ତି। ଆଉ କେତେକ ପ୍ରଜାତିର ମୂଷାଙ୍କୁ ସର୍ବଖିଆ କୁହାଯାଏ। ମୂଷାମାନେ ଖାଦ୍ୟଶସ୍ୟ ଓ ଖାଦ୍ୟଦ୍ରବ୍ୟକୁ ଖାଇବା ସହିତ ଅନେକ ପରିମାଣର ଖାଦ୍ୟଶସ୍ୟ ଓ ଖାଦ୍ୟ ଦ୍ରବ୍ୟକୁ ମୂଷା ଗାତରେ ସଞ୍ଚୟ କରି ରଖନ୍ତି। ମୂଷା ମଧ୍ୟ ଲୁଗାପଟା ଓ ଖାତା ବହିକୁ ଖାଆନ୍ତି। ଏହା ସହିତ ମୂଷାମାନେ କାଠ ନିର୍ମିତ ଆସବାବପତ୍ର, ରବର, ପ୍ଲାଷ୍ଟିକ, ନରମ ଧାତୁ, ବ୍ୟାଗ, କାଗଜ, ଚମଡ଼ା, ଧାନ, ଚାଉଳ, ମକା ମଞ୍ଜି, ମାଣ୍ଡିଆ, ଗହମ, ପନିପରିବା, ଧାନକେଣ୍ଡା, ଆଖୁ, ନଡ଼ିଆ, ଚିନାବାଦାମ, ବୁଟ, ମଟର, ବଗିଚାରେ ଥିବା ବିଭିନ୍ନ ଫଳ, ମୁଗ ଓ ବିରି ଆଦି ଖାଦ୍ୟଶସ୍ୟକୁ ଖାଆନ୍ତି।



**ମୂଷା ଆତଙ୍କର କେତେକ ଅନୁକୂଳ ପରିବେଶ:**

ଗୋଟିଏ ସ୍ତ୍ରୀ ମୂଷା ଥରକେ ୫ରୁ ୧୦ଟି ଛୁଆ ଜନ୍ମ କରେ। ବେଳେ ବେଳେ ୨୧ଟି ଛୁଆ ଜନ୍ମ କରିବାର ଦୃଷ୍ଟାନ୍ତ ରହିଛି। ଏକ ହଳ ସ୍ତ୍ରୀ ଓ ପୁରୁଷ ମୂଷା ୩ ବର୍ଷରେ ପ୍ରାୟ ୩୫୦ ନିୟୁତ ମୂଷା ସୃଷ୍ଟି କରିପାରନ୍ତି। ମୂଷାଙ୍କ ପାଟିରେ ଥିବା ଦାନ୍ତଗୁଡ଼ିକ ଅତି ମୁନିଆ। ଗୋଟିଏ ମୂଷା ବର୍ଷକୁ ପ୍ରାୟ ୧୦ କିଲୋଗ୍ରାମ ଖାଦ୍ୟଶସ୍ୟ ଖାଇଥାଏ। ମୂଷା ଛୋଟ ଛୋଟ ଗାତ ଭିତରେ ସହଜରେ ପଶିପାରେ।

ମୂଷାଙ୍କର ଆଘ୍ରାଣ ଶକ୍ତି ଅତି ପ୍ରଖର। ସେମାନେ ମଧ୍ୟ ପାଣିରେ ପହଁରିପାରନ୍ତି। ମୂଷାମାନେ ଦଳ ଭିତରେ ରୁହନ୍ତି। ମୂଷାଙ୍କୁ ମାରିବା ପାଇଁ ବ୍ୟବହୃତ ଥୋପକୁ ଏମାନେ ଜାଣିପାରନ୍ତି ନାହିଁ। କିନ୍ତୁ ଦଳ ଭିତରୁ ଜଣକୁ ମୃତ ଅବସ୍ଥାରେ ଦେଖିଲେ ସେମାନେ ଥୋପ ପ୍ରତି ସତର୍କ ହୁଅନ୍ତି। ମୂଷାମାନେ ସ୍ୱଭାବତଃ ନିଶାଚର। ମୂଷାମାନେ ଫସଲ କିଆରିରେ ଖାଦ୍ୟ ପାଇଲେ ବର୍ଷ ବର୍ଷ ରହିପାରନ୍ତି। ସେମାନେ ବାସଗୃହରେ ରହିବା ସହିତ, ଶସ୍ୟକ୍ଷେତ, ପନିପରିବାକ୍ଷେତ, ଫଳପୁଷ୍ପ ଉଦ୍ୟାନ ବଗିଚା, ଗୋଶାଳା, କୁକୁଡ଼ା ପାଳନ କେନ୍ଦ୍ର, ଚିକିତ୍ସାଳୟ, ବ୍ୟବସାୟ କେନ୍ଦ୍ର ଏବଂ ଖାଦ୍ୟ ପ୍ରକ୍ରିୟାକରଣ କଳ କାରଖାନାରେ କ୍ଷତି ଘଟାନ୍ତି।

**କ୍ଷତି କରିବାର ତରିକା:**

ମୂଷାମାନେ ଫସଲ କିଆରିରେ ମଞ୍ଜିର ଅଙ୍କୁରୋଦ୍‌ଗମ ପୂର୍ବରୁ ମଞ୍ଜିଗୁଡ଼ିକୁ ଖାଆନ୍ତି। ସେମାନେ ଉଦ୍ଭିଦର ଅଂଶ ଯଥା ପତ୍ର, କାଣ୍ଡ, ଚଅଁର, ସବୁଜ ଏବଂ ପରିପକ୍ୱ ଫଳଗୁଡ଼ିକୁ ଖାଆନ୍ତି। ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଏବଂ ଖାଦ୍ୟଦ୍ରବ୍ୟ ଗାତ ଭିତରେ ସାଇତି ରଖନ୍ତି। (କ୍ରମଶଃ...)

*-ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ: ୯୭୭୬୪୦୪୪୦୬*

“ରୋହିତ୍ ଶର୍ମା ଟେଷ୍ଟ ଓପନର୍ ଭାବେ ବୀରେନ୍ଦ୍ର ସେହ୍ୱାଗଙ୍କ ସ୍ଥାନ ନେଇପାରିବେ ବୋଲି ମୋର ବିଶ୍ୱାସ ରହିଛି।
– ବିରାଟ କୋହଲି, ଭାରତୀୟ ଦଳର ଅଧିନାୟକ



“ବୁଧବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜରୁ ଦକ୍ଷିଣ ଆଫ୍ରିକା ଯୁବ ଖେଳାଳିମାନେ ବହୁତ କିଛି ଶିଖିବାକୁ ପାଇବେ।
– ଫାଫ୍ ଡୁ ପ୍ଲେସି, ଦକ୍ଷିଣ ଆଫ୍ରିକା ଅଧିନାୟକ



## ସଂକ୍ଷେପରେ

### ବୟସ ଜାଲିଆତି ରୋକିବାକୁ ବୋର୍ଡର ୨୪ ଘଣ୍ଟିଆ ହେଲ୍ପଲାଇନ୍

ନୂଆଦିଲ୍ଲୀ,୧।୧୦(ପି.ଟି.): କ୍ରିକେଟରେ ବୟସ ଜାଲିଆତି ଏବେ ଉତ୍କଟ ସମସ୍ୟା ରୂପେ ଉଭା ହୋଇଛି। ଏହାକୁ ରୋକିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ୨୪/୭ ହେଲ୍ପ ଲାଇନ୍ ଜାରି କରିଛି। ପୂର୍ବରୁ ବୋର୍ଡ ଆଣ୍ଟି ଡୋପିଂ ହେଲ୍ପ ଲାଇନ୍ ମଧ ଜାରି କରିଥିଲା। ବିସିସିଆଇ ଆଣ୍ଟି ଡୋପିଂ ଓ ଆଣ୍ଟି-କରପଶନ କ୍ରିକେଟକୁ କଳଙ୍କ ମୁକ୍ତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛି। ଏବେ ବୟସ ଜାଲିଆତିକୁ ରୋକିବା ପାଇଁ ମଧ ପ୍ରୟାସ ଆରମ୍ଭ ହୋଇଛି। ବିସିସିଆଇର ଆଗାମୀ ୨୦୧୯- ୨୦ ଘରୋଇ ସେସନରେ ମ୍ୟାଚ୍ ଖେଳାଯାଉଥିବା ଭେନ୍ୟୁଗୁଡିକର ଡ୍ରେସିଂ ରୁମ୍‌ରେ ହେଲ୍ପ ଲାଇନ୍ ନମ୍ବର ଲିଖିତ ଏକ ବ୍ୟାନର ଲଗା ଯିବ। ବୟସ ଜାଲିଆତି ନେଇ ଯଦି କୌଣସି ଘଟଣା ସାମ୍ନାକୁ ଆସେ ତାହାଲେ ଯେକୌଣସି କ୍ରିକେଟର ବା ବ୍ୟକ୍ତି ଏହି ନମ୍ବର ମାଧ୍ୟମରେ ଯୋଗାଯୋଗ ରକ୍ଷା କରିପାରିବେ। ସୂଚନା ଦେଉଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବ ବୋଲି କୁହାଯାଇଛି।

### ବ୍ରାଥ୍‌ୱେଟଙ୍କୁ ଆଇସିସିର ସବୁଜ ସଙ୍କେତ



ଦୁବାଇ, ୧।୧୦ (ପି.ଟି.): ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କ୍ରେଗ୍ ବ୍ରାଥୱେଟ୍‌ଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବୋଲିଂ କରିବା ପାଇଁ ସବୁଜ ସଙ୍କେତ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମଙ୍ଗଳବାର ବ୍ରାଥୱେଟ୍‌ଙ୍କ ବୋଲିଂ ଶୈଳୀ ତ୍ରୁଟିଶୂନ୍ୟ ଥିବା କହିଛି। କିଙ୍ଗ୍‌ଷ୍ଟନରେ ଗତ ସେପ୍ଟେମ୍ବର ୨ରେ ଭାରତ ବିପକ୍ଷ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ଅବସରରେ ୨୬ ବର୍ଷୀୟ ଏହି ସାମୟିକ ଅଫ୍-ସ୍ପିନରଙ୍କ ବୋଲିଂ ଶୈଳୀରେ ତ୍ରୁଟି ଥିବାନେଇ ଆଇସିସି ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ବ୍ରାଥୱେଟ୍ ଗତ ୧୪ରେ ବ୍ରିଟେନସ୍ଥିତ ଲାଉଗବର୍ଗରେ ତାଙ୍କ ବୋଲିଂ ଶୈଳୀର ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ ବ୍ରାଥ୍‌ୱେଟ୍ ଆଇସିସିର ଧାର୍ଯ୍ୟ ମାପଦଣ୍ଡ ଅନୁଯାୟୀ ବୋଲିଂ କରିଥିବା ସ୍ପଷ୍ଟ ହୋଇଥିଲା। ସ୍ପିନର ବୋଲର ବୋଲିଂ ସମୟରେ ୧୫ ଡିଗ୍ରୀ ପର୍ଯ୍ୟନ୍ତ କହୁଣି ବଙ୍କା କରିପାରିବେ ବୋଲି ଆଇସିସି ମାନଦଣ୍ଡରେ ଉଲ୍ଲେଖ ରହିଛି।

■ ବିଜୟ ହଜାରେ ଟ୍ରଫି

### ତାମିଲନାଡୁକୁ ଜିତାଇଲେ କାର୍ତ୍ତିକ

ଜୟପୁର, ୧।୧୦ (ପି.ଟି.): ବିଜୟ ହଜାରେ ଟ୍ରଫିର ୬ଷ୍ଠ ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ କର୍ଣ୍ଣାଟକ ୭୪ ରନରେ ବେଙ୍ଗଲକୁ ପରାସ୍ତ କରିଛି। ଜୟପୁର ବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତାମିଲନାଡୁ ଅଧିନାୟକ ତଥା ଉଇକେଟ୍‌କିପର ଦିନେଶ କାର୍ତ୍ତିକ (୯୭ ରନ, ୬୨ ବଲ, ୮ଚୌକା, ୪ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ସାଙ୍ଗକୁ ବିଜୟ ଶଙ୍କର (୪୧) ଓ ଶାହରୁଖ ଖାଁ (୬୯)ଙ୍କ ଉପଯୋଗୀ ଇନିଂସ ବଳରେ ୫୦ ଓଭରରେ ୭ ଉଇକେଟ୍ ହରାଇ ୨୮୬ ରନ କରିଥିଲା। ବେଙ୍ଗଲ ପକ୍ଷରୁ ଅଶୋକ ଡିଣ୍ଡା ଓ ଆକାଶ ଦୀପ୍ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଶାହବାଜ ଅହମ୍ମଦ (୧୦୭)ଙ୍କ ଶତକ ସତ୍ତ୍ୱେ ବେଙ୍ଗଲ ୪୫.୩ ଓଭରରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ବାବା ଅପରାଜିତ, କ୍ରିଷ୍ଣାମୂର୍ତ୍ତି ବିଗ୍ନେଶ, ଟି. ନଟରାଜନ ଓ ମୁରୁଗାନ ଅଶ୍ୱିନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଚତୁର୍ଥ ମ୍ୟାଚ୍‌ରୁ ୪ର୍ଥ ବିଜୟ ସହ ତାମିଲନାଡୁ ୧୬ ପଏଣ୍ଟ ପାଇ ଗ୍ରୁପ୍-ସି'ର ଶୀର୍ଷ ସ୍ଥାନରେ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ଗୁଜରାଟ ୭ ଉଇକେଟ୍‌ରେ ରାଜସ୍ଥାନ (୧୬ ପଏଣ୍ଟ)କୁ ହରାଇ ଏହି ଗ୍ରୁପ୍‌ରେ ୨ୟ ସ୍ଥାନ ଲାଭ କରିଛି।

# ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ଆଜିଠାରୁ

ବିଶାଖାପାଟଣା,୧।୧୦(ପି.ଟି.)

ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ୱାଇ.ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରଥମ ଟେଷ୍ଟ ମ୍ୟାଚ୍। ଏହି ମ୍ୟାଚ୍‌ରେ ଦୁଇଟି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ବଦଳରେ ଦଳରେ ଅଭିଜ୍ଞ ରିଦ୍ଧିମାନ ଶାହାଙ୍କୁ ସାମିଲ କରାଯାଇଛି। ସେହିପରି ସୀମିତ ଓଭର କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିବା ତାରକା ଓପନର ରୋହିତ ଶର୍ମା ଟେଷ୍ଟରେ ପ୍ରଥମଥର ପାଇଁ ଇନିଂସ ଓପନ୍ କରି ନୂଆ ଜୀବନ ଆରମ୍ଭ କରିବେ। ଦୀର୍ଘ ୨୨ମାସ ପରେ ରିଦ୍ଧିମାନ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ଅଧିନାୟକ ବିରାଟ କୋହଲି ପନ୍ତଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ଘୋଷଣା କରିବା ପରେ ରିଦ୍ଧିମାନ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଥିଲା। ଟେଷ୍ଟରେ ରୋହିତ ଦିନିକିଆ ସଫଳତାକୁ ଦୋହରାଇବେ ବୋଲି ଟିମ୍ ମ୍ୟାନେଜମେଣ୍ଟ ଆଶା ରଖିଛି। ଅଭ୍ୟାସ ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ରନ୍ ସଂଗ୍ରହ କରିବାରେ ବିଫଳ ହେବା ପରେ ଏହି ପରୀକ୍ଷା ନିରୀକ୍ଷା କାମରେ ଆସିବ ବୋଲି ଆଶା କରାଯାଉଛି। ଦିନିକିଆ ଓ ଟି୨୦ରେ ଦମ୍ ଦେଖାଇଥିବା ରୋହିତ ଏଠାରେ ଶତକ ହାସଲ କଲେ ସେଭଳି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ଟେଷ୍ଟରେ ରୋହିତ ସଫଳ ହେବ ଓ ବହୁ ପରିମାଣରେ ରନ୍ ସଂଗ୍ରହ କରିବେ ବୋଲି ପୂର୍ବତନ କ୍ରିକେଟର ଯୁବରାଜ ସିଂ କହିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ରୋହିତ ମିଡଲ ଅର୍ଡରରେ ବ୍ୟାଟିଂ କରିପାରି ନ ଥିଲେ। ତେବେ ଖରାପ୍ ଫର୍ମ କାରଣରୁ ଲୋକେଶ ରାହୁଲ ଦଳରୁ ବାଦ୍ ପଡିବା ପରେ ରୋହିତ୍‌ଙ୍କୁ ଇନିଂସ ଓପନ କରିବାର ସୁଯୋଗ ମିଳିଛି। ଏହି ନିଷ୍ପତ୍ତି ଭାରତ ପାଇଁ ଆଶୀର୍ବାଦ ସ୍ୱରୂପ ହେବ ବୋଲି ଆଶା କରାଯାଉଛି।

ନେଟ ସେସନରେ ରୋହିତଙ୍କ ଉପରେ ସମସ୍ତଙ୍କ ନଜର ରହିଥିଲା ଓ ମଧ ଭଲ ଅଭ୍ୟାସ କରିଛନ୍ତି। ୨୭ଟି ଟେଷ୍ଟ ଖେଳି ରୋହିତ ଏପର୍ଯ୍ୟନ୍ତ ୩୯.୬୨ ହାରରେ ୧୫୮୫ ରନ ସଂଗ୍ରହ କରିଛନ୍ତି। ତେବେ ସୀମିତ ଓଭରରେ ସେ ୧୦,୦୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ





ନେଟ୍ସ ସେସନ୍‌ରେ ଚେତେଶ୍ୱର ପୂଜାରାଙ୍କୁ ବ୍ୟାଟିଂ ଟିପ୍ସ ଦେଉଛନ୍ତି ମୁଖ୍ୟ କୋଚ ରବି ଶାସ୍ତ୍ରୀ ।

## ଇନିଂସ ଓପନ୍ କରିବେ ରୋହିତ

କରିସାରିଛନ୍ତି। ରୋହିତଙ୍କୁ ବହୁତ ସୁଯୋଗ ଦିଆଯିବ ବୋଲି କୋହଲି ମ୍ୟାଚ୍ ପୂର୍ବରୁ କହିଛନ୍ତି। ସେ ରୋହିତଙ୍କୁ ସମର୍ଥନ ମଧ କରିଛନ୍ତି। ଯଦି ସେ ଓପନର ହିସାବରେ ସଫଳ ହୁଅନ୍ତି ତାହେଲେ ଟପ୍ ଅର୍ଡର ଆହୁରି ଶକ୍ତିଶାଳୀ ହେବ। ସ୍ୱାଭାବିକ ଖେଳ ପ୍ରଦର୍ଶନ କଲେ ସେ ସଫଳ ହେବେ ଓ ଭାରତୀୟ ବ୍ୟାଟିଂ ଅର୍ଡରର ରୂପ ବଦଳିଯିବ। ପନ୍ତ ଏବେ ଫର୍ମରେ ନ ଥିବାରୁ ରିଦ୍ଧିମାନଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଶାହା ଫିଟ୍ ଅଛନ୍ତି ଓ ସେ ବିଶ୍ୱର ଶ୍ରେଷ୍ଠ କିପର ବୋଲି କୋହଲି କହିଛନ୍ତି। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ ଦଳରେ ସାମିଲ ହୋଇଛନ୍ତି। ସେ ଗତ ଡିସେମ୍ବରରେ ଆଡିଲେଡ୍‌ରେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ସେ ମଧ ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଦଳରେ ସାମିଲ ହୋଇ ନ ଥିଲେ। ଭାରତ ଦୁଇ ଜଣ ଲେଖାଏ ଦ୍ରୁତ ବୋଲର ଓ ସ୍ପିନରଙ୍କୁ ଦଳରେ ସାମିଲ କରିଛି। ଯଦି ବଲ୍ ଟର୍ନ କରେ ତାହାଲେ ତୃତୀୟ ସ୍ପିନର ଭାବେ ହନୁମା ବିହାରୀ ଦାୟିତ୍ୱ ତୁଲାଇବେ।

ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଦଳ ପାଇଁ ଝଟ୍‌କା ସଦୃଶ ହୋଇଛି। ତେବେ ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଏହା ସତ୍ତ୍ୱେ ଦାୟିତ୍ୱ ସମ୍ଭାଳିବେ। ରବୀନ୍ଦ୍ର ଜାଡେଜା ଓ ଅଶ୍ୱିନ୍ ସ୍ପିନ୍ ବିଭାଗରେ ଦାୟିତ୍ୱ ସମ୍ଭାଳିବେ।

ନବଗଠିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଏହି ସିରିଜରେ ଫେଭରାଇଟ୍ ବିବେଚିତ ହେଉଛି। ୪ବର୍ଷ ତଳରେ ଦକ୍ଷିଣ ଆଫ୍ରିକା ଭାରତ ଆସି ୩-୦ରେ ଟେଷ୍ଟ ସିରିଜ ପରାଜୟବରଣ କରିଥିଲା। ଅଧିନାୟକ ଫାଫ୍ ଡୁପ୍ଲେସିଙ୍କ ସମେତ ୫ଜଣ ଖେଳାଳି ଏହି ଦଳରେ ସଦସ୍ୟ ରହିଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଓପନର ଏଡେନ ମାରକ୍ରାମ ଓ ଟେମ୍ବା ବଭୁମା ଭଲ ପ୍ରଦର୍ଶନ କରିଥିଲେ। ବଲ୍ ଟର୍ନ କଲେ ଏହି ଦୁଇ ବ୍ୟାଟ୍ସମ୍ୟାନ ଭଲ ଖେଳିବେ ବୋଲି ଆଶା କରାଯାଉଛି। ୩ ଦ୍ରୁତ ବୋଲର କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଲୁନ୍‌ଗି ଏନ୍‌ଗିଡି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବେ। ଆକାଶ ମେଘୁଆ ରହିବା ସହିତ ବେଳକୁ ବେଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ୩ ଦ୍ରୁତ ବୋଲର ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି।

ଏହି ସିରିଜରେ ବାଜିମାରିଲେ ଭାରତ ଘରୋଇ ପରିବେଶରେ କ୍ରମାଗତ ୧୧ତମ ସିରିଜ ଜିତି ରେକର୍ଡ କରିବ। ଦକ୍ଷିଣ ଆଫ୍ରିକାର ଏହି ୩ ଦ୍ରୁତ ବୋଲରଙ୍କ ପ୍ରତି ଭାରତୀୟ ବ୍ୟାଟ୍ସମ୍ୟାନ ସତର୍କତା ଅବଲମ୍ବନ କରିବେ ବୋଲି ଆଶା କରାଯାଉଛି।

## ପନ୍ତ ବାଦ୍, ରିଦ୍ଧିମାନଙ୍କୁ ସୁଯୋଗ

ବିଶାଖାପାଟଣା, ୧।୧୦ (ପି.ଟି.)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ସ୍ଥାନୀୟ ଡ. ୱାଇ.ଏସ୍. ରାଜଶେଖର ରେଡ୍ଡୀ କ୍ରିକେଟ୍ ଷ୍ଟାଡିୟମଠାରେ ଆରମ୍ଭ ହେବ। ଖରାପ ପ୍ରଦର୍ଶନ ଦେଇ ଗତି କରୁଥିବା ଯୁବ ଉଇକେଟ୍‌କିପର ରିଷଭ ପନ୍ତଙ୍କୁ ପ୍ରଥମ ଟେଷ୍ଟରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ବେଙ୍ଗଲର ରିଦ୍ଧିମାନ ଶାହ ପ୍ରଥମ ମ୍ୟାଚ୍‌ରେ ଖେଳିବେ ବୋଲି ଅଧିନାୟକ ବିରାଟ କୋହଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ଶାହଙ୍କୁ ଏହି ଅବସରରେ ବିଶ୍ୱର 'ଶ୍ରେଷ୍ଠ ଉଇକେଟ୍‌କିପର' ବୋଲି କୋହଲି ଅଭିହିତ କରିଛନ୍ତି। ୩୪ ବର୍ଷୀୟ ଶାହ ଆଘାତଜନିତ କାରଣ ଲାଗି ବହୁଦିନ ହେବ ଜାତୀୟ ଦଳରୁ ଦୂରେଇ ରହିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ତାଙ୍କୁ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ଉଭୟ ମ୍ୟାଚ୍‌ରେ ଉଇକେଟ୍‌ରକ୍ଷଣ ଦାୟିତ୍ୱ ପନ୍ତଙ୍କୁ ମିଳିବାରୁ ଶାହଙ୍କୁ ନିରାଶ ହେବାକୁ ପଡ଼ିଥିଲା।

'ହଁ ଶାହ ଫିଟ୍ ଓ ଫାଇନ୍ ରହିଛନ୍ତି। ଆମ ସହିତ ସେ ସିରିଜ ଆରମ୍ଭ କରିବେ। ତାଙ୍କ କିପିଂ ଦକ୍ଷତା ସମସ୍ତେ ଦେଖିଲା ଭଳି। ଯେତେବେଳେ ତାଙ୍କୁ ସୁଯୋଗ ମିଳିଛି ସେ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଆଘାତଜନିତ ସମସ୍ୟା ଲାଗି ସେ ଦଳରୁ ବାଦ୍ ପଡ଼ିଥିଲେ। ମୋ ମତରେ ସେ ବିଶ୍ୱର ଶ୍ରେଷ୍ଠ ଉଇକେଟ୍‌କିପର' ବୋଲି କୋହଲି ପ୍ରଥମ ଟେଷ୍ଟ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ଶାହ ୩୨ ଟେଷ୍ଟରୁ ୩୦.୬୩ ଆଭରେଜରେ ୧୧୬୪ ରନ୍ ସଂଗ୍ରହ କରିଛନ୍ତି। ଶେଷଥର ପାଇଁ ସେ ୨୦୧୮ ଜାନୁୟାରୀରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏହାପରେ ସେ କହୁଣିଜନିତ ଏବଂ ଆଙ୍ଗୁଠି ସମସ୍ୟା କାରଣରୁ ବାଦ୍ ପଡ଼ିଥିଲେ। ତାଙ୍କ ଅନୁପସ୍ଥିତିରେ ସୁଯୋଗ ପାଇଥିବା ଦିଲ୍ଲୀ ଉଇକେଟ୍‌କିପର ପନ୍ତ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଗୋଟିଏ ଲେଖାଏ ଶତକ ହାସଲ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏହାପରେ ୨୧ ବର୍ଷୀୟ ପନ୍ତ ଟେଷ୍ଟ ଫର୍ମାଟ୍‌ରେ ଭାରତ ପାଇଁ ପସନ୍ଦର ଉଇକେଟ୍‌କିପର ବନି ଯାଇଥିଲେ। କିନ୍ତୁ ନିକଟ ଅତୀତରେ ପନ୍ତଙ୍କ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।



■ ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ରିଦ୍ଧିମାନ ଶାହା, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ମହମ୍ମଦ ସାମି ଓ ଇଶାନ୍ତ ଶର୍ମା।

■ ଦକ୍ଷିଣ ଆଫ୍ରିକା: ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବଭୁମା, ଥେଉନିସ ଡି ବ୍ରୁଏନ, କ୍ୱିଣ୍ଟନ ଡି କକ୍, ଡିନ୍ ଏଲଗାର, ଜେବେର ହମ୍‌ଜା, କେଶବ ମହରାଜ, ଏଡେନ ମାରକ୍ରାମ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ୍ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ୍ ପିଟ୍, କାଗିସେ ରାବାଡ଼ା ଓ ରୁଡି ସେକେଣ୍ଡ।

ସମୟ: ୯.୩୦
ସ୍ଥାନ : ବିଶାଖାପାଟଣା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ସଙ୍ଗକାରା ଏମ୍‌ସିସି ଅଧ୍ୟକ୍ଷ

ଲଣ୍ଡନ,୧।୧୦(ପି.ଟି.)

ପୂର୍ବତନ ଶ୍ରୀଲଙ୍କା ଅଧିନାୟକ କୁମାର ସଙ୍ଗକାରା ଐତିହାସିକ ମେରିଲବୋନ କ୍ରିକେଟ କ୍ଲବ୍ (ଏମ୍‌ସିସି)ର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ସେ ପ୍ରଥମ ଅଣ ବ୍ରିଟିଶ ବ୍ୟକ୍ତି ଭାବେ ଏହି ହାଇପ୍ରୋଫାଇଲ ପଦରେ ନିଯୁକ୍ତି ପାଇଛନ୍ତି। ସେ ଆଗାମୀ ଏକ ବର୍ଷ ପାଇଁ ଏହି ପଦରେ ରହି ଦାୟିତ୍ୱ ନିର୍ବାହ କରିବେ। ଲଣ୍ଡନରେ ଗତ ମେ'ରେ ଅନୁଷ୍ଠିତ ଏମ୍‌ସିସି ବାର୍ଷିକ ସାଧାରଣ ବୈଠକରେ ଅଧ୍ୟକ୍ଷ ଆନ୍ଥୋନୀ ରେଫୋର୍ଡ ସାଙ୍ଗକାରାଙ୍କୁ ତାଙ୍କର ଉତ୍ତରାଧିକାରୀ ବୋଲି ଘୋଷଣା କରିଥିଲେ।

ଏହି ପଦରେ ନିଯୁକ୍ତ ହୋଇଥିବାରୁ ଆନନ୍ଦିତ ବୋଲି ସଙ୍ଗକାରା କହିଛନ୍ତି। କଠିନ ପରିଶ୍ରମ କରି ଏମ୍‌ସିସିର ମର୍ଯ୍ୟାଦା ଆହୁରି ବଢ଼ାଇବାକୁ ଚେଷ୍ଟା କରିବି ବୋଲି ସାଙ୍ଗକାରା କହିଛନ୍ତି। କ୍ରିକେଟର ପ୍ରଚାର, ପ୍ରସାର ପାଇଁ ଏମ୍‌ସିସି ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟ କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ମଧ ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛି। ସଙ୍ଗକାରାଙ୍କ କାର୍ଯ୍ୟକାଳରେ ଇଂଲଣ୍ଡ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ବିପକ୍ଷରେ



ଦୁଇଟି ଲେଖାଏ ଟେଷ୍ଟ ଖେଳିବ। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ମଧ ଦିନିକିଆ ସିରିଜ ଖେଳାଯିବ। ଏମ୍‌ସିସି ଅଧ୍ୟକ୍ଷ ପଦ ପାଇଁ ସାଙ୍ଗକାରା ହେଉଛନ୍ତି ଉପଯୁକ୍ତ ବ୍ୟକ୍ତି ବୋଲି ରେଫର୍ଡ କହିଛନ୍ତି। କ୍ରିକେଟକୁ ସେ ଭଲ ଭାବେ ବୁଝନ୍ତି ଓ କ୍ରିକେଟର ଶକ୍ତିକୁ ମଧ ସେ ଭଲ ଭାବେ ହୃଦୟଙ୍ଗମ କରନ୍ତି। ପ୍ରଥମ ଅଣ ବ୍ରିଟିଶ୍ ବ୍ୟକ୍ତି ଭାବେ ସେ ଏମ୍‌ସିସି ଅଧ୍ୟକ୍ଷ ପଦରେ ନିଯୁକ୍ତ ହୋଇଥିବାରୁ କ୍ରିକେଟରେ ଏକ ସକାରାତ୍ମକ ପ୍ରଭାବ ପଡିବ ବୋଲି ରେଫର୍ଡ ଆଶାବ୍ୟକ୍ତ କରିଛନ୍ତି। ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁଛି ବୋଲି ସେ ପଦ ଛାଡିବା ଅବସରରେ କହିଛନ୍ତି।

ଉଲ୍ଲେଖଥାଉ କି, ୪୧ ବର୍ଷୀୟ ସଙ୍ଗକାରା ୧୩୪ଟି ଟେଷ୍ଟ ଖେଳି ୧୨, ୪୦୦ ରନ ସଂଗ୍ରହ କରିଛନ୍ତି। ସେ ଏମ୍‌ସିସି ସହିତ ଦୀର୍ଘଦିନ ଧର ଜଡିତ ରହିଆସିଛନ୍ତି। ଏହି କ୍ଲବ ବିପକ୍ଷରେ ସେ ୨୦୦୨ରେ ଖେଳିଥିଲେ। ପୁଣି ସେ ଏମ୍‌ସିସି ତରଫରୁ ୨୦୦୫ରେ ଅନ୍ତର୍ଜାତୀୟ ଏକାଦଶ ବିପକ୍ଷରେ ଲର୍ଡ୍ସରେ ଏକ ସୁନାମି ରିଲିଫ୍ ମ୍ୟାଚ୍ ମଧ ଖେଳିଥିଲେ। ୨୦୧୧ରେ ସେ ଏମ୍‌ସିସି ସ୍ପିରିଟ ଅଫ୍ କ୍ରିକେଟ କାଉଡ୍ରିରେ ଏକ ସୁନ୍ଦର ଭାଷଣ ଦେଇଥିଲେ। ୨୦୧୨ରେ ତାଙ୍କୁ ଏମ୍‌ସିସିର ସମ୍ମାନଜନକ ଲାଇଫ୍ ମେମ୍ବରଶିପ୍ ପ୍ରଦାନ କରାଯାଇଥିଲା। ଏହି ବର୍ଷ ମଧ ସେ ଏମ୍‌ସିସି ୱାର୍ଲ୍ଡ କ୍ରିକେଟ କମିଟିରେ ଯୋଗଦେଇଥିଲେ ଓ କ୍ଲବର ସକ୍ରିୟ ସଦସ୍ୟ ରହିଥିଲେ। ମଙ୍ଗଳବାର ଏମ୍‌ସିସିର ନୂଆ ଅଧ୍ୟକ୍ଷ ରୂପେ ସଙ୍ଗକାରା ଯୋଗ ଦେଉଥିବାରୁ ଆମେ ବହୁତ ଖୁସି। ଏମ୍‌ସିସିର ପ୍ରଥମ ଅନ୍ତର୍ଜାତୀୟ ଅଧ୍ୟକ୍ଷ ମନୋନୀତ କରିଥିବାରୁ ଆମେ ଆନ୍ଥୋନୀ ରେଫର୍ଡଙ୍କୁ କୃତଜ୍ଞତା ଜଣାଉଛୁ ବୋଲି ଏମ୍‌ସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସମ୍ପାଦକ ଗେ ଲାଭେଣ୍ଡ କହିଛନ୍ତି।





ଜାତୀୟ ସବ୍‌ଜୁନିୟର ଖୋଖୋ ପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ ।

### ୩ ଖେଳାଳିଙ୍କୁ ଫାଓ ପକ୍ଷରୁ ଆର୍ଥିକ ପୁରସ୍କାର

କଟକ ଅଫିସ,୧।୧୦

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୩ଜଣ ପ୍ରତିଭାବାନ ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ ବୋଲି ମଙ୍ଗଳବାର ପ୍ରକାଶ କରାଯାଇଛି। ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଁ ୩ ଖେଳାଳିଙ୍କୁ ଫାଓ ପକ୍ଷରୁ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। କାଜାଖସ୍ତାନରେ ଅନୁଷ୍ଠିତ ୧୬ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଶିବ ପ୍ରସାଦ, ରଞ୍ଜନ ସୋରେନ ଓ ୧୮ବର୍ଷରୁ କମ୍ ସାଫ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିବା ଟଙ୍କଧର ବାଗ ଏହି ଆର୍ଥିକ ପୁରସ୍କାର ପାଇବେ ବୋଲି ଫାଓ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

## ଜାତୀୟ ସବ୍‌ଜୁନିୟର ଖୋଖୋ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ବୁଧବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ରାଞ୍ଚିଠାରେ ହେବାକୁଥିବା ୩୦ତମ ଜାତୀୟ ସବ୍‌ଜୁନିୟର ଖୋଖୋ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳ ଚୟନ ପାଇଁ ଓଡ଼ିଶା ଖୋଖୋ ଆସୋସିଏଶନ ପକ୍ଷରୁ ସପ୍ତାହେବ୍ୟାପୀ ପ୍ରଶିକ୍ଷଣ ଶିବିର ସେପ୍ଟେମ୍ବର ୨୪ରୁ ୩୦ ପର୍ଯ୍ୟନ୍ତ କେନ୍ଦୁଝର ଜିଲାର ନିଶାଗଡ଼ିଆ ସରକାରୀ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ଜାତୀୟ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିବା ଓଡ଼ିଶା ଖୋଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ। ଓଡ଼ିଶା ଦଳ(ବାଳିକା)- ଅନନ୍ୟା ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ଇତିଶ୍ରୀ ଖଟୋଇ, ସ୍ମରଣିକା ସାହୁ, ମୋନିକା ନାୟକ, ଖ୍ୟାନପ୍ରଭା ନାୟକ, ଜୟସ୍ମିତା ତରେଇ, ଶିବାନୀ ଗମାଙ୍ଗୋ, ଅର୍ଚ୍ଚନା ମାଝି, ଶୁଭଶ୍ରୀ ସିଂ, କେନ୍ଦୁ ମୋନିକା, ଦାସମତୀ ଯୋଡ଼ିଆ। କୋଚ୍:ଦେବୀ ପ୍ରସାଦ ଦାସ, ମ୍ୟାନେଜର: କୁନମୁନ୍ ବେହେରା। ବାଳକ-ଦେବାଶିଷ ନାୟକ, ସନ୍ତୋଷ କୁମାର ଗୁରୁ, ସୁନୀଲ ପାତ୍ର, କୁନା ବେହେରା, ବସନ୍ତ ମୁଖୀ, ପପୁ ମାରାଣ୍ଡି, ବିଶାଲ ଓରାମ, ଛନ୍ଦା ଚରଣ ଶବର, ବାବୁଲି ତପନ, ସେକ୍ ତୋହିତ, ଚନ୍ଦନ ଗୌଡ଼, କ୍ଷୀରୋଦ ବିଶ୍ୱାଳ। କୋଚ୍: ଚିନ୍ତାମଣି ପ୍ରଧାନ, ମ୍ୟାନେଜର: ପ୍ରକାଶ କୁମାର ବେଜ୍।

# କୋଲକାତାରେ ହେବ ଆଇପିଏଲ୍ ଖେଳାଳି ନିଲାମ

ନୂଆଦିଲ୍ଲୀ, ୧।୧୦ (ପି.ଟି.)

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସଂସ୍କରଣ ଲାଗି ଖେଳାଳି ନିଲାମ ପ୍ରକ୍ରିୟା କୋଲକାତାରେ ଡିସେମ୍ବର ୧୯ରେ ଅନୁଷ୍ଠିତ ହେବ। ପୂର୍ବ ଭାରତର ଏହି ବଡ଼ ସହର ପ୍ରଥମଥର ଲାଗି ଏହି ବ୍ୟୟବହୁଳ କ୍ରିକେଟ୍ ଲିଗ୍‌ର ଖେଳାଳି ନିଲାମ ପ୍ରକ୍ରିୟା ଆୟୋଜନ ପାଇଁ ସୁଯୋଗ ପାଇଛି। ପଶ୍ଚିମବଙ୍ଗର ରାଜଧାନୀ କୋଲକାତା ଆଇପିଏଲ୍ ଫ୍ରାଞ୍ଚାଇଜ୍ 'କୋଲକାତା ନାଇଟ୍ ରାଇଡର୍ସ'ର ଘରୋଇ ସହର ହୋଇଥିବାବେଳେ ବଲିଉଡ୍ ସୁପର୍ ଷ୍ଟାର୍ ଶାହରୁଖ ଖାଁ ଏହାର ମାଲିକ ରହିଛନ୍ତି। ଆଇପିଏଲ୍ ଖେଳାଳି ନିଲାମ ପ୍ରକ୍ରିୟା ପ୍ରତିବର୍ଷ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଆସୁଥିଲା। ୨୦୧୯ ଖେଳାଳି ନିଲାମୀରେ ପ୍ରତି ଫ୍ରାଞ୍ଚାଇଜ୍‌କୁ ୮୨ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ଅନୁମତି ପ୍ରଦାନ କରାଯାଇଥିଲା। କିନ୍ତୁ ୨୦୨୦ ସଂସ୍କରରେ ଏଥିରେ ବୃଦ୍ଧି ଘଟି ୮୫ କୋଟି ହୋଇଛି। ଫଳରେ ପ୍ରତି ଫ୍ରାଞ୍ଚାଇଜ ୮୫ କୋଟି ଟଙ୍କା ପର୍ଯ୍ୟନ୍ତ ଖେଳାଳି ନିଲାମୀ କରିପାରିବେ।



ଏକ ଭଦ୍ର ପନ୍ଥା ଦୁନିଆକୁ ଦୋହଲାଇ ପାରେ।
- ମହାତ୍ମା ଗାନ୍ଧୀ



■ ସରକାରଙ୍କୁ ବରିଷ୍ଠ ନାଗରିକଙ୍କ ଚିନ୍ତା

# ପ୍ରତି ବ୍ଲକ୍‌ରେ ହେବ ଡେ’ କେୟାର ସେଣ୍ଟର

ଭୁବନେଶ୍ୱର, ୧।୧୦(ବ୍ୟୁରୋ)

ବରିଷ୍ଠ ନାଗରିକଙ୍କ ପାଇଁ ଆଶ୍ରୟସ୍ଥଳୀ, ସ୍ୱାସ୍ଥ୍ୟସେବା, ସୁରକ୍ଷା ସାଙ୍ଗକୁ ନିଃସଙ୍ଗତା ଦୂର କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଆଗାମୀ ଦିନରେ ପ୍ରତି ଜିଲାରେ ଜରାନିବାସ ଓ ପୁନର୍ବାସ କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହ ପ୍ରତି ବ୍ଲକ୍‌ରେ ବୟସ୍କମାନଙ୍କ ନିମନ୍ତେ ‘ଡେ’ କେୟାର ସେଣ୍ଟର’ ପ୍ରତିଷ୍ଠା କରିବାକୁ ଯୋଜନା ରହିଥିବା ସୂଚନା ଦେଇଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

ଅନ୍ତର୍ଜାତୀୟ ବୟସ୍କ ଦିବସ ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ବିଭିନ୍ନ ଯୋଜନାରେ ରାଜ୍ୟର ୩୧ଲକ୍ଷ ବରିଷ୍ଠ ନାଗରିକ ଉପକୃତ ହେଉଥିବା କହିଥିଲେ। ସାମାଜିକ ସୁରକ୍ଷା ପେନ୍‌ସନ୍‌କୁ ସାର୍ବଜନୀନ କରାଯାଇ ସମସ୍ତ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଏଥିରେ ସାମିଲ କରାଯାଉଥିବା ବିଭାଗୀୟ ସଚିବ ଭାସ୍କରଜ୍ୟୋତି ଶର୍ମା କହିଥିଲେ। କାର୍ଯ୍ୟକ୍ରମରେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ପୋଲିସ୍ ପକ୍ଷରୁ ‘ସହାୟତା’ ନାମରେ ଏକ ନିଃଶୁଳ୍କ ଆପ୍ ଏବଂ ପ୍ରତି ରବିବାର ଅପରାହ୍ଣରେ ସବୁ ଥାନାରେ ସେମାନଙ୍କ ସମସ୍ୟା ସମ୍ପର୍କରେ ପୋଲିସ ଆଲୋଚନା କରୁଥିବା କହିଥିଲେ। ଭୁବନେଶ୍ୱରର ପ୍ରତି ୱାର୍ଡରେ ଗୋଟିଏ ଲେଖାଏ ‘ଡେ’ କେୟାର ସେଣ୍ଟର’ ସାଙ୍ଗକୁ ପାର୍କଗୁଡ଼ିକରେ ‘ଜିମ୍’ ଖୋଲାଯିବ ବୋଲି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠ ସଂଗଠକ ଭାବେ କଟକ ବରିଷ୍ଠ ମହାସଭା, ବିଭିନ୍ନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ରାୟଗଡାର ଗୋଲକନାଥ ବେହେରା, ଫୁଲବାଣୀର ଦେବାନନ୍ଦ ପାତ୍ର, ବଲାଙ୍ଗୀରର ନରସିଂହ ପ୍ରସାଦ ଗୁରୁ ଓ ବରିଷ୍ଠ ନାଗରିକଙ୍କୁ ସେବାରେ ବ୍ୟକ୍ତିଗତ ଉଦ୍ୟମ ପାଇଁ ଖୋର୍ଦ୍ଧା ଜିଲାର ନଗେନ୍ଦ୍ର ମିଶ୍ରଙ୍କୁ ‘ବୟୋଜ୍ୟେଷ୍ଠ ସମ୍ମାନ’ ପ୍ରଦାନ କରାଯାଇଥିଲା।



ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

- ■ ପ୍ରତି ଜିଲାରେ ଜରାନିବାସ
- ■ କଟକ ବରିଷ୍ଠ ମହାସଭା ଶ୍ରେଷ୍ଠ ସଂଗଠନ
- ■ ୪ଜଣଙ୍କୁ ‘ବୟୋଜ୍ୟେଷ୍ଠ ସମ୍ମାନ’

CUTTACK MUNICIPAL CORPORATION
ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ଆଇନ ସମ୍ପର୍କିତ ରାୟ ଦେବାର ଦେଢ଼ବର୍ଷ ପରେ ସୁପ୍ରିମକୋର୍ଟ ଏହାକୁ ଆଂଶିକ ଭାବେ ପ୍ରତ୍ୟାହାର କରିନେଇଛନ୍ତି। ଏହାସହ ଦେଶରେ ସମାନତା ଓ ଦେୱାନି ଅଧିକାର ପାଇଁ ଦଳିତମାନଙ୍କ ଲଢ଼େଇ ଅଦ୍ୟାବଧି ଶେଷ ହୋଇ ନ ଥିବା ଦର୍ଶାଇ ଉକ୍ତ ଆଇନରେ ଅଭିଯୁକ୍ତଙ୍କ ସ୍ୱତଃ ଗିରଫଦାରି ବ୍ୟବସ୍ଥାର ପୁନଃ ପ୍ରଚଳନ କରିଛନ୍ତି। ୨୦୧୮ ମାର୍ଚ୍ଚ ୨୦ରେ ଏସ୍‌ସି, ଏସ୍‌ଟି ନିର୍ଯାତନା ନିବାରଣ ଆଇନ, ୧୯୮୯କୁ ନେଇ ସୁପ୍ରିମକୋର୍ଟ ଏକ ରାୟ ଦେଇଥିଲେ। ଅଭିଯୋଗ ହେବା ପରେ ସରକାରୀ କର୍ମଚାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁଥିବା ବ୍ୟବସ୍ଥାକୁ ହଟାଇ ଦେଇ ଏହି ଆଇନର ଅପବ୍ୟବହାର ହେଉଥିବା ଦର୍ଶାଇଥିଲେ। ଏହାକୁ ନେଇ ସେତେବେଳେ ବହୁ ବିବାଦ ହୋଇଥିଲା। ଆଇନକୁ ଦୁର୍ବଳ କରିଦିଆଯାଇଛି ବୋଲି ଦଳିତ ସଙ୍ଗଠନଗୁଡ଼ିକ ପକ୍ଷରୁ ଭାରତ ବନ୍ଦ କରାଯାଇଥିଲା। ଚାରିଆଡ଼ୁ ଚାପ ପଡ଼ିବା ପରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ରାୟ ବିରୋଧରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ସେହିପରି ଉକ୍ତ ରାୟକୁ ପ୍ରଭାବହୀନ କରିବା ଲାଗି ପାର୍ଲାମେଣ୍ଟ ଆଇନରେ ସଂଶୋଧନ ଆଣିଥିଲା। ଜଷ୍ଟିସ୍ ଅରୁଣ ମିଶ୍ର, ଏମ୍.ଆର. ଶାହ ଏବଂ ବି.ଆର୍. ଗବାଲିଙ୍କୁ ନେଇ ଗତ ୧୩ରେ ଗଠିତ ଖଣ୍ଡପୀଠ କେନ୍ଦ୍ର ପିଟିଶନର ଶୁଣାଣି କରି ମଙ୍ଗଳବାର କହିଛନ୍ତି, ଦେଶରେ ଏସ୍‌ସି, ଏସ୍‌ଟି ବର୍ଗର ଲୋକେ ଏବେ ମଧ୍ୟ ଅସ୍ପୃଶ୍ୟତାକୁ ସାମ୍ନା କରୁଛନ୍ତି। ସମାନତା ପାଇଁ ସେମାନଙ୍କ ସଂଗ୍ରାମ ଶେଷ ହୋଇନାହିଁ। ଏସ୍‌ସି, ଏସ୍‌ଟିଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସମ୍ବିଧାନର ଅନୁଚ୍ଛେଦ ୧୫ରେ ବ୍ୟବସ୍ଥା ରହିଛି। ଏହାସତ୍ତ୍ୱେ ସେମାନେ ୭୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସାମାଜିକ ଦୁର୍ବ୍ୟବହାର ଓ ଭେଦଭାବର ଶିକାର ହେଉଛନ୍ତି। ଏହି ଆଇନରେ ଥିବା ନିୟମଗୁଡ଼ିକର ଅପବ୍ୟବହାର ଓ ମିଥ୍ୟା ମାମଲା ଦାଏରକୁ ନେଇ ଖଣ୍ଡପୀଠ କହିଛନ୍ତି, ଏହା ଜାତି ବ୍ୟବସ୍ଥା ଯୋଗୁ ନୁହେଁ, ବରଂ ମାନବିକ ବିଫଳତା। ପୂର୍ବରୁ ଏଫ୍‌ଆଇଆର୍ ଦାଏର ହେବା ଆଗରୁ ପୋଲିସ ତଦନ୍ତକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ସଦ୍ୟ ରାୟରେ ଏହାକୁ ହଟାଇ ଦିଆଯାଇଛି। ଫଳରେ ଏବେ ଗିରଫ ପୂର୍ବରୁ ଅନୁମତି ନେବା ଆବଶ୍ୟକ ନୁହେଁ। ୨୦୧୮ ମାର୍ଚ୍ଚ ୨୦ରେ ଦୁଇଜଣିଆ ଖଣ୍ଡପୀଠ ଦେଇଥିବା ବିବାଦୀୟ ରାୟକୁ ଗତ ସେପ୍ଟେମ୍ବର ୧୮ରେ ଶୀର୍ଷ ଅଦାଲତ ସମାଲୋଚନା କରିଥିଲେ। ସମ୍ବିଧାନର ମୂଳତତ୍ତ୍ୱ ବିରୋଧରେ କିପରି ରାୟ ଦିଆଯାଇ ପାରିବ ବୋଲି ପ୍ରଶ୍ନ କରିଥିଲେ। ଏହାସହ ସମାନତା ଆଣିବା ପାଇଁ ଆଇନାନୁସାରେ ନିର୍ଦ୍ଦିଷ୍ଟ ଭାବେ କେତେକ ନୂଆ ନିର୍ଦ୍ଦେଶନାମା ଜାରି କରିପାରନ୍ତି ବୋଲି ସଙ୍କେତ ଦେବା ସହ ରାୟ ସଂରକ୍ଷିତ ରଖିଥିଲେ।

## ପଶ୍ଚିମବଙ୍ଗରେ ଲାଗୁହେବ ଏନ୍‌ଆର୍‌ସି

**କୋଲକାତା, ୧।୧୦(ପି.ଟି.)**



**ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରାଉଛି ଟିଏମ୍‌ସି: ଶାହ**

ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି( ଜାତୀୟ ନାଗରିକ ପଞ୍ଜିକା) ଲାଗୁ କରାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ମଙ୍ଗଳବାର କହିଛନ୍ତି। ଏହା ପୂର୍ବରୁ ନାଗରିକତ୍ୱ ସଂଶୋଧନ ଆଇନ ପାସ୍ କରାଯାଇ ସମସ୍ତ ହିନ୍ଦୁ, ଶିଖ୍, ଜୈନ୍ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଏନ୍‌ଆର୍‌ସିରେ ସାମିଲ କରାଯିବ। ଏଠାରେ ଅନୁଷ୍ଠିତ ଏକ ସେମିନାର୍‌ରେ ଯୋଗଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏହା ପ୍ରକାଶ କରିଛନ୍ତି। ଆସାମରେ ଏନ୍‌ଆର୍‌ସି ଲାଗୁ କରାଯିବା ପରେ ପଶ୍ଚିମବଙ୍ଗରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ଟିଏମ୍‌ସି ସରକାର ଲୋକମାନଙ୍କୁ ବିଭ୍ରାନ୍ତ କରାଉଛି। ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। କିନ୍ତୁ କୌଣସି ହିନ୍ଦୁ, ଶିଖ୍, ଜୈନ୍ ଓ ବୌଦ୍ଧ ଧର୍ମର ଶରଣାର୍ଥୀଙ୍କୁ ଏନ୍‌ଆର୍‌ସିରୁ ବାଦ୍ ଦିଆଯିବ ନାହିଁ ବୋଲି ଶାହ ଆଶ୍ୱାସନା ଦେଇ କହିଛନ୍ତି। ସେମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବା ଲାଗି ବ୍ୟବସ୍ଥା କରାଯିବ। ଭାରତୀୟ ନାଗରିକଙ୍କ ଭଳି ସେମାନେ ସମସ୍ତ ଅଧିକାର ପାଇବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଦେଶର ସୁରକ୍ଷା ଲାଗି ସମସ୍ତ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ। ଏହି ଅବସରରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୂର୍ଣ୍ଣ ଭାବେ ଏହାକୁ ଭାରତର ଅଂଶବିଶେଷ କରିପାରିଥିବା ସେ କହିଛନ୍ତି। ଜନସଂଘର ପ୍ରତିଷ୍ଠାତା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଯୋଗୁ ପଶ୍ଚିମବଙ୍ଗ ଆଜି ଭାରତର ଅଂଶ ହୋଇପାରିଥିବା ଶାହ ଉଲ୍ଲେଖ କରିଛନ୍ତି।

## ୩୭୦ର ବୈଧତାକୁ ଚ୍ୟାଲେଞ୍ଜ୍

# ସାମ୍ବିଧାନିକ ପୀଠରେ ନଭେମ୍ବର ୧୪ରୁ ଶୁଣାଣି

**ନୂଆଦିଲ୍ଲୀ,୧।୧୦(ପି.ଟି.)**

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ ବିରୋଧରେ ଦାଏର ପିଟିଶନଗୁଡ଼ିକର ଶୁଣାଣି ନଭେମ୍ବର ୧୪ରୁ ଆରମ୍ଭ ହେବ। ଉଚ୍ଛେଦର ବୈଧତା ଓ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ସମସ୍ତ ଆବେଦନର ବିଚାର ୫ ଜଣିଆ ସାମ୍ବିଧାନିକ ପୀଠ କରିବେ। ସୁପ୍ରିମକୋର୍ଟ ମଙ୍ଗଳବାର ଏହା ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଏନ୍.ଭି. ରାମାନା କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ଜବାବୀ ସତ୍ୟପାଠ ଦାଖଲ କରିବା ପାଇଁ ୪ ସପ୍ତାହ ସମୟ ଦେଇଛନ୍ତି। ୨ ସପ୍ତାହରୁ ଅଧିକ ସମୟ ନ ଦେବା ପାଇଁ ଆବେଦନକାରୀମାନେ ଅନୁରୋଧ କରିଥିବାବେଳେ ଏହାକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ଏଥିସହ ୩୭୦ ଉଚ୍ଛେଦକୁ ଚ୍ୟାଲେଞ୍ଜ କରି କୌଣସି ନୂଆ ରିଟ୍ ପିଟିଶନ ଦାଏର କରାଯାଇ ପାରିବ ନାହିଁ ବୋଲି କଟକଣା ଜାରି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, କେନ୍ଦ୍ର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ନିଜ ନିଜ ସତ୍ୟପାଠ ଦାଖଲ ପାଇଁ ଉପଯୁକ୍ତ ସମୟ ଦିଆଯାଇଛି। ଜବାବୀ ସତ୍ୟପାଠ ଦାଖଲର ସପ୍ତାହେ ମଧ୍ୟରେ ପିଟିଶନରମାନେ ଜବାବ ଦାଖଲ କରିବେ। ପରେ ଶୁଣାଣି ଆରମ୍ଭ କରାଯିବ ବୋଲି ଜଷ୍ଟିସ୍ ଏସ୍.କେ. କୌଲ, ଆର. ସୁଭାଷ ରେଡ୍ଡୀ, ବି.ଆର. ଗବାଇ ଓ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ପ୍ରକାଶ ଯେ, ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଥିଲେ। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ସଜ୍ଜାଦ ଲୋନ୍‌ଙ୍କ ପିପୁଲ୍ସ କନ୍‌ଫରେନ୍ସ ଏବଂ ସିପିଏମ୍ ନେତା ମହମ୍ମଦ ୟୁସୁଫ୍ ତାରିଗାମୀଙ୍କ ସମେତ ଅନେକ ଦଳ ନେତା ଏହାକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ଶିବକୁମାରଙ୍କ ହାଜତ ମିଆଦ ୧୫ ଯାଏ ବଢ଼ିଲା

**ନୂଆଦିଲ୍ଲୀ, ୧।୧୦(ପି.ଟି.)**



ମନିଲଣ୍ଡରିଂ ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ଦ୍ୱାରା ଗିରଫ ହୋଇଥିବା କଂଗ୍ରେସ ନେତା ଶିବକୁମାରଙ୍କ ହାଜତ ମିଆଦକୁ ଦିଲ୍ଲୀ କୋର୍ଟ ମଙ୍ଗଳବାର ଅକ୍ଟୋବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ତିହାର ଜେଲରେ ତାଙ୍କୁ ଜେରା କରିବା ଲାଗି ତଦନ୍ତ ଅଧିକାରୀଙ୍କୁ ଅନୁମତି ମିଳିଛି। ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଇଡିର ଅନୁରୋଧ ରକ୍ଷାକରି ଶିବକୁମାରଙ୍କୁ ଅଧିକ ୧୪ ଦିନ ବିଚାର ବିଭାଗୀୟ ହାଜତକୁ ଯିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ୟୁପିରେ ଜୋର ଧରିଲା ଅଭିଯାନ

# ବାଂଲାଦେଶୀଙ୍କୁ ଚିହ୍ନଟ ଲାଗି ନିର୍ଦ୍ଦେଶ

**ଲକ୍ଷ୍ନୌ, ୧।୧୦(ପି.ଟି.)**

ଆସାମ ପରେ ଉତ୍ତରପ୍ରଦେଶ(ୟୁପି)ରେ ଏନ୍‌ଆର୍‌ସି(ଜାତୀୟ ନାଗରିକ ପଞ୍ଜିକା) ଲାଗୁ କରାଯିବ। ବେଆଇନ ଭାବେ ରହୁଥିବା ବାଂଲାଦେଶୀ ଶରଣାର୍ଥୀଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଓ.ପି. ସିଂ ଜିଲା ଶାଖାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ଗୃହ ବିଭାଗ ଏନେଇ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଡିଜିପିଙ୍କ ପକ୍ଷରୁ ସମସ୍ତ ଜିଲା ପୋଲିସ ମୁଖ୍ୟଙ୍କୁ ଚିଠି ଲେଖାଯାଇଛି। ବହୁ ବାଂଲାଦେଶୀ ବେଆଇନ ଭାବେ ରହିଆସୁଛନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ନିଖୋଜ ଥିବା ଚିଠିରେ ଦର୍ଶାଯାଇଛି। ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ରାଜ୍ୟରେ ବେଆଇନ ଭାବେ ରହୁଥିବା ବିଦେଶୀଙ୍କୁ ଚିହ୍ନଟ କରିବା ଜରୁରୀ ବୋଲି କୁହାଯାଇଛି। ଏଥିରେ ଏହା ରୁଟିନ୍ ଏକ୍ସରସାଇଜ୍ ବୋଲି ଦର୍ଶାଯାଇଥିବାବେଳେ ଏନ୍‌ଆର୍‌ସି ସହ କୌଣସି ସମ୍ପର୍କ ନ ଥିବା କୁହାଯାଇଛି। ରେଲୱେଷ୍ଟେଶନ, ବସ୍‌ଷ୍ଟାଣ୍ଡ, କଲୋନୀ, ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ବିଦେଶୀଙ୍କୁ ଚିହ୍ନଟ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବେଆଇନ ଭାବେ ରହୁଥିବା ଲୋକଙ୍କ କାଗଜପତ୍ର ଯାଞ୍ଚ କରାଯିବ ଓ ବେଆଇନ ଭାବେ ରହୁଥିବା ଲୋକଙ୍କୁ ପ୍ରଶ୍ରୟ ଦେଉଥିବା ଦଲାଲଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି।

## ‘ଆବଦ୍ଧ ନୁହେଁ ଆର୍‌ଏସ୍‌ଏସ୍’

**ନୂଆଦିଲ୍ଲୀ,୧।୧୦(ପି.ଟି.)**

ଆର୍‌ଏସ୍‌ଏସ୍‌କୁ କୌଣସି ଆଦର୍ଶର ବନ୍ଧନୀ ଭିତରେ ରଖାଯାଇ ପାରିବ ନାହିଁ। ସଂଘ କୌଣସି ‘ବାଦ’ରେ



ବିଶ୍ୱାସ କରେନାହିଁ। ଏହାର ମୂଳ ବିଚାର ହେଉଛି ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏହି ଚିନ୍ତାଧାରାକୁ ନେଇ ସାଲିସ କରାଯାଇ ପାରିବ ନାହିଁ। ଯେକୌଣସି ବିଷୟକୁ ସଂଘର ବିଚାର ବୋଲି କହିବା ଭୁଲ ବୋଲି ମଙ୍ଗଳବାର ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି। ଏବିଭିପିର ବରିଷ୍ଠ ନେତା ସୁନିଲ ଆମ୍ବେକରଙ୍କ ଲିଖିତ ‘ଆର୍‌ଏସ୍‌ଏସ୍ ଏକବିଂଶ ଶତାବ୍ଦୀ ପାଇଁ ଏକ ରୋଡ୍‌ମ୍ୟାପ୍’ ପୁସ୍ତକର ଉନ୍ମୋଚନ ଅବସରରେ ନୂଆଦିଲ୍ଲୀରେ ଭାଗବତ ଏହା ସ୍ପଷ୍ଟ କରିଛନ୍ତି। ଏପରି କି ଯେଉଁମାନେ ନିଜକୁ ହିନ୍ଦୁ ମନେକରନ୍ତି ନାହିଁ, ସେମାନଙ୍କୁ ମଧ୍ୟ ଆର୍‌ଏସ୍‌ଏସ୍ ନିଜର ବିବେଚନା କରେ ବୋଲି ଭାଗବତ କହିଛନ୍ତି।

## ୨୦ ଅନୁପ୍ରବେଶ ପଥରେ ବହୁସ୍ତରୀୟ ସୁରକ୍ଷା

# ଆତଙ୍କବାଦୀଙ୍କ ଗଳାବାଟ ବନ୍ଦ

**ଜମ୍ମୁ,୧।୧୦(ପି.ଟି.):** ଜମ୍ମୁ-କଶ୍ମୀର ସଂଲଗ୍ନ ଭାରତ-ପାକିସ୍ତାନ ସୀମା ଦେଇ ଆଉ ଆସିପାରିବେନି ସଶସ୍ତ୍ର ଆତଙ୍କବାଦୀ। ସେମାନଙ୍କ ଗଳାବାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦକରି ଦିଆଯାଇଛି। ସୁରକ୍ଷା ସଂସ୍ଥାଗୁଡ଼ିକ ଆତଙ୍କବାଦୀଙ୍କ ୨୦ଟି ଅନୁପ୍ରବେଶ ପଥକୁ ଚିହ୍ନଟ କରି ସେଠାରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଗୋଇନ୍ଦା ସୂଚନାନୁସାରେ କଶ୍ମୀର ଉପତ୍ୟକା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ର ଗୁଲମାର୍ଗ,



ବଣ୍ଡିପୋରା ଓ ବାରାମୁଲାର ବୋନିୟାର ଦେଇ ୬୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଅନୁପ୍ରବେଶ କରିସାରିଛନ୍ତି। ସେହିପରି ପୀର ପଞ୍ଜଲ ରେଞ୍ଜ୍‌ର ଦକ୍ଷିଣ ଅଞ୍ଚଳ ଦେଇ ୨୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ଆତଙ୍କବାଦୀ କଶ୍ମୀରକୁ ଆସିଛନ୍ତି। ଆତଙ୍କବାଦୀମାନେ ଅନୁପ୍ରବେଶ କରୁଥିବା କଠୁଆ, ସାମ୍ବା, ଜମ୍ମୁ, ରାଜୌରି, ପୁଞ୍ଚ ଆଦି ୨୦ଟି ପଥକୁ ଚିହ୍ନଟ କରାଯିବା ପରେ ବନ୍ଦ କରିଦିଆଯାଇଛି। ଅନୁପ୍ରବେଶ ରୋକିବା ପାଇଁ ସେଠାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଅନୁପ୍ରବେଶ ନିରୋଧୀ ପ୍ରତିବନ୍ଧକ ବ୍ୟବସ୍ଥା ସହ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ତର୍ଜାତୀୟ ସୀମା (ଆଇବି) ଏବଂ ଏଲ୍‌ଓସିରେ ସେନା ଓ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ବ୍ୟତୀତ ଗ୍ରାମ ପ୍ରତିରକ୍ଷା କମିଟି (ଭିଡିସି)କୁ ନେଇ ପ୍ରଥମ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ପୋଲିସକୁ ସକ୍ରିୟ କରାଯାଇଛି। ଅନେକ ସ୍ଥାନରେ ଚେକ୍‌ପଏଣ୍ଟ ଖୋଲାଯିବା ସହ ପାଟ୍ରୋଲିଂ ବଢ଼ାଇ ଦିଆଯାଇଛି। ସୀମାରେ ସନ୍ଦିଗ୍ଧ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ଥାନା ଓ ପୋଲିସ ପୋଷ୍ଟଗୁଡ଼ିକୁ ସତର୍କ କରାଯାଇଛି। ପାକିସ୍ତାନ ପଟୁ ହେଉଥିବା ଅନୁପ୍ରବେଶ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ସେନା ଏବଂ ବିଏସ୍‌ଏଫ୍ ଅଧିକାରୀମାନଙ୍କୁ ଏକ ବୈଠକରେ ଗୁରୁବାର ନିର୍ଦ୍ଦେଶ ଦେଇଥିଲେ। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଲଞ୍ଚ୍‌ପ୍ୟାଡ୍‌ରେ ଥିବା ଆତଙ୍କବାଦୀମାନେ ନଦୀ, ନାଳ, ଜଙ୍ଗଲ ଓ ଜନଶୂନ୍ୟ ଅଞ୍ଚଳ ଦେଇ ଅନୁପ୍ରବେଶ କରିବା ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ବାଟ ବନ୍ଦ କରାଯାଇଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।




"ଯଦି ତୁମେ ନିଜେ ନିଜର ଯତ୍ନ ନେବନି ତା'ହେଲେ କେହି ତୁମକୁ ସାହାଯ୍ୟ କରିବେନି। ଭଲ ଭାବରେ ଶୋଇବା, ଟ୍ରେନିଂ କରିବା ମୋ ସଫଳତାର ରହସ୍ୟ।
– କ୍ରିଷ୍ଟିଆନୋ ରୋନାଲ୍ଡୋ, ପର୍ତ୍ତୁଗାଲ ଷ୍ଟାର୍ ଫୁଟ୍‌ବଲ ଖେଳାଳି



"ଗତ ଆଇସିସି ବିଶ୍ୱକପ୍‌ରେ ଆମେ ଲଗାତର ୯ ମ୍ୟାଚ୍‌ରେ ଭଲ ଖେଳିଥିଲୁ। କିନ୍ତୁ ହଠାତ୍ ଆମକୁ ଟୁର୍ନାମେଣ୍ଟରୁ ବାହାର ହେବାକୁ ପଡ଼ିଥିଲା।
– ଯୁଜବେନ୍ଦ୍ର ଚହଲ, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ମାଉଣ୍ଟ ଏଲବୃଶ୍ ଆରୋହଣ ଅଭିମୁଖେ ଲିପିକା



**ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି):** ବରଗଡ଼ର ପର୍ବତାରୋହୀ ଲିପିକା ସେଠ୍ ୟୁରୋପ ମହାଦେଶର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବୃଶ୍ (୫,୬୪୨ ମିଟର/୧୮,୫୧୦ ଫୁଟ) ଆରୋହଣ ଅଭିଯାନରେ ବାହାରିଛନ୍ତି। ସେ ସାଥୀ ପର୍ବତାରୋହୀଙ୍କ ସହ ନିଜର ସମସ୍ତ ଔପଚାରିକତା ପୂରଣ କରି ବେସ୍ କ୍ୟାମ୍ପ(୩,୮୦୦ ମିଟର)ରେ ପହଞ୍ଚିଛନ୍ତି। ଲିପିକାଙ୍କର ଏଲବୃଶ ଆରୋହଣ ୧୦ ଦିନଧରି ଚାଲିବ। ଲିପିକାଙ୍କ ଗାଇଡ୍‌ଙ୍କ କହିବା ଅନୁସାରେ ବର୍ତ୍ତମାନ ପାଗ ଭଲ ଅଛି। ତେଣୁ ଦଳ ୩ କିମ୍ବା ୪ ମଧରାତ୍ରରେ ଏଲବୃଶ ଆରୋହଣରେ ବାହାରିବ। ଏହି ଅଭିଯାନ ପାଇଁ ଲିପିକାଙ୍କୁ ବରଗଡ଼ ଜିଲାର ବିକାଶ ଇନ୍‌ଷ୍ଟିଚ୍ୟୁଟ ୫୦,୦୦୦ଟଙ୍କାର ଆର୍ଥିକ ସାହାଯ୍ୟ କରିଥିବାବେଳେ ଏସିଆ ପାସିଫିକ୍ ହାବିଟାଟ ସୋସାଇଟି(ଏପିଏଚ୍‌ଏସ୍)ର ସେକ୍ରେଟାରି ଜେନେରାଲ ଡ. ୱିଲିୟମ ହେନେଜ ଅଭିଯାନର ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଲିପିକା ରାଜ୍ୟର ଜଣେ ଉଦୀୟମାନ ପର୍ବତାରୋହୀ। ସେ ପୂର୍ବରୁ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ(୫,୮୯୫) କୁ ସଫଳତାର ସହ ଆରୋହଣ କରି ସାରିଛନ୍ତି।

# ବେଲଜିୟମକୁ ହରାଇଲା ଭାରତ

ଆଣ୍ଟୱର୍ପ(ବେଲଜିୟମ), ୧।୧୦

ସମ୍ପ୍ରତି ବେଲଜିୟମ ଟୁର୍‌ରେ ଥିବା ଭାରତୀୟ ହକି ଦଳ ମଙ୍ଗଳବାର ଚମତ୍କାର ପ୍ରଦର୍ଶନ କରି ବିଶ୍ୱ ଏବଂ ୟୁରୋପିଆନ ଚାମ୍ପିୟନ ବେଲଜିୟମକୁ ୨–୧ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଏବଂ ସିମରନଜିତ ସିଂ ଏବଂ ବେଲଜିୟମ ପକ୍ଷରୁ ଅଧିନାୟକ ଫେଲିକ୍ସ ଡେନାୟେର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହାକୁ ମିଶାଇ ଭାରତ ଏହି ଟୁର୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି।

ବିଶ୍ୱର ୫ ନମ୍ବର ଦଳ ଭାରତ ଏବଂ ୨ ନମ୍ବର ବେଲଜିୟମ ମଧ୍ୟରେ ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଟୁର୍‌ର ୩ୟ ମ୍ୟାଚରେ ସ୍ପେନକୁ ୫–୧ ଗୋଲରେ ହରାଇଥିବା ଭାରତ ଦୃଢ଼ ଆତ୍ମବିଶ୍ୱାସର ସହ ବେଲଜିୟମକୁ ମୁକାବିଲା କରିଥିଲା। ବେଲଜିୟମକୁ ଏହାର ଘରୋଇ ପରିବେଶରେ କଡ଼ା ଟକ୍କର ଦେଇ ଆରମ୍ଭରୁ ଚାପରେ ରଖିଥିଲା ଭାରତ। ଭାରତୀୟ ଦଳକୁ ୧୦ମ ମିନିଟରେ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏହାକୁ ଅମିତ ଗୋଲରେ ପରିଣତ କରି ଭାରତକୁ ୧–୦ ଗୋଲରେ ଅଗ୍ରଣୀ କରାଇଥିଲେ। ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲା। ପରିବର୍ତ୍ତିତ ରଣନୀତିରେ ଏହି ଦଳ ଭାରତୀୟ ଗୋଲପୋଷ୍ଟ ଉପରେ ଘନଘନ ଆକ୍ରମଣ କରିଥିଲା। ମାତ୍ର ଡିଫେଣ୍ଡରଙ୍କ ମିଳିତ ପ୍ରଦର୍ଶନ ଏବଂ ଗୋଲକିପର ପି.ଆର. ଶ୍ରୀଜେଶଙ୍କ ଚମତ୍କାର ଷ୍ଟପ୍ ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ଅଗ୍ରଣୀ ରହିବାରେ ସଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ବେଲଜିୟମ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ଶ୍ରୀଜେଶଙ୍କ ବଦଳ ଗୋଲକିପର କ୍ରିଷ୍ଣନ ବି. ପାଠକ ଚମତ୍କାର ସେଭ୍ କରି ଦ୍ୱିତୀୟ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀକୁ ବଳବତ୍ତର ରଖିଥିଲେ।

ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ବେଲଜିୟମ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଅଧିନାୟକ ଫେଲିକ୍ସ ଡ୍ରାଗ୍ ଫ୍ଲିକ୍ ମାଧ୍ୟମରେ ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ସ୍ଥିତି ୧–୧ରେ ବରାବର ରହିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବିଜୟ ହାସଲ ପାଇଁ ଉଦ୍ୟମ ଜୋର୍‌ଦାର ହୋଇଥିଲା। ବିଶ୍ୱ ଚାମ୍ପିୟନ ବେଲଜିୟମ ଏକାଧିକ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲକିପର ପାଠକ ତାହାକୁ ଗୋଲରେ ପରିଣତ ହେବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ସୁଯୋଗ ଅପେକ୍ଷାରେ ଥିବା ଭାରତ ୫୨ତମ ମିନିଟରେ ଦଳଗତ ପ୍ରଦର୍ଶନ ଭିତ୍ତିରେ ସିମରନଜିତ ସିଂଙ୍କ ମାଧ୍ୟମରେ ଏକ ଗୋଲ ଦେଇ ପୁଣି ଅଗ୍ରଣୀ ହାସଲ କରିଥିଲା। ଅବଶିଷ୍ଟ ସମୟର ଖେଳ ଅତି ରୋମାଞ୍ଚକ ହୋଇଥିଲା। ବେଲଜିୟମ ପକ୍ଷରୁ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋର୍‌ଦାର କରାଯାଇଥିଲେ ହେଁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହ ତାହାକୁ ପ୍ରତିହତ କରିଥିଲେ। ଭାରତ ଓ ବେଲଜିୟମ ମଧ୍ୟରେ ଚଳିତ ଟୁର୍‌ର ଶେଷ ମ୍ୟାଚ ଗୁରୁବାର ଅନୁଷ୍ଠିତ ହେବ।



### ମନଦୀପ ସିଂଙ୍କ ୧୫୦ତମ ମ୍ୟାଚ

ମଙ୍ଗଳବାର ବେଲଜିୟମ ବିପକ୍ଷରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ ମନଦୀପ ସିଂ। ମ୍ୟାଚ ପୂର୍ବରୁ କୋଚ୍ ଗ୍ରାହାମ ରିଡ୍ ତାଙ୍କୁ ୧୫୦ ନମ୍ବର ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ପଞ୍ଜାବ ଜଳନ୍ଧରର ମନଦୀପ ୨୦୧୩ରେ ନୂଆଦିଲ୍ଲୀଠାରେ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ–୨ ଅବସରରେ ଜାତୀୟ ସିନିୟର ଦଳ ପକ୍ଷରୁ ପଦାର୍ପଣ କରିଥିଲେ। ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ ଯୋଗୁ ସେ ଭାରତୀୟ ହକି ଦଳର ଫରୱାର୍ଡ ଲାଇନ୍‌ରେ ସ୍ଥାନ ପାଇଥିଲେ। ୨୪ ବର୍ଷୀୟ ମନଦୀପ ୨୦୧୬ରେ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୮ରେ ବ୍ରେଡାଠାରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ସେହିବର୍ଷ ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ। ୨୦୧୬ରେ ଜୁନିୟର ହକି ବିଶ୍ୱକପ ବିଜୟୀ ଭାରତୀୟ ଦଳର ସେ ଜଣେ ପ୍ରମୁଖ ସଦସ୍ୟ ଥିଲେ।

### ମହିଳା ହକି: ଭାରତ-ବ୍ରିଟେନ ମ୍ୟାଚ ଡ୍ର

ଇଂଲଣ୍ଡର ମାର୍ଲୋଠାରେ ଅନୁଷ୍ଠିତ ଭାରତ–ଗ୍ରେଟ୍ ବ୍ରିଟେନ ମହିଳା ହକି ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ଦୁଇ ଦଳ ମଧ୍ୟରେ ଚତୁର୍ଥ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ।

■ ସିବିଏସ୍‌ଇ କ୍ଲଷ୍ଟର ଆଥଲେଟିକ୍ ଚାମ୍ପିୟନଶିପ୍

# ଶ୍ରେଷ୍ଠ ପ୍ରଦର୍ଶନ ସହ ଆଂଶିକାଙ୍କୁ ସ୍ୱର୍ଣ୍ଣ ପଦକ



ପଦକ ସହ ଆଂଶିକା ରାଉତରାୟ ।

ଭୁବନେଶ୍ୱର, ୧।୧୦(କ୍ରୀଡ଼ା ପ୍ରତିନିଧି)

ଛତିଶଗଡ଼ର ରାୟପୁରଠାରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ ଇଭେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ସମ୍ପ୍ରତି ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟୟନରତ ଆଂଶିକା ୧୨.୬୫ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରିଥିଲେ। ଏହା ଥିଲା ତାଙ୍କର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ। ପୂର୍ବରୁ ୧୧.୮୪ ମିଟର ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଆଂଶିକାଙ୍କ ମା' ହେଉଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଏବଂ ପିତା ପରମାନନ୍ଦ ରାଉତରାୟ। ରାୟପୁର ଇଭେଣ୍ଟରେ ଆଂଶିକାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିଲେ ହ୍ଲାଦିନୀ ସାହୁ। ଛତିଶଗଡ଼ର ଆଦିତ୍ୟବିର୍ଲା ସ୍କୁଲରେ ଅଧ୍ୟୟନରତ ହ୍ଲାଦିନୀ ୯.୯୧ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗିଥିଲେ। ସେହିପରି ପଶ୍ଚିମବଙ୍ଗର ଜି.ଡି. ଗୋଏଙ୍କା ପବ୍ଲିକ୍ ସ୍କୁଲ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କୋମଲ ବଜାଜ ୮.୧୪ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଜୀବନ ଏପରି ବିତାନ୍ତୁ, ଯେପରି କାଲି ଆପଣଙ୍କର ଶେଷ ଦିନ ଏବଂ ଶିକ୍ଷା ଗ୍ରହଣ କରନ୍ତୁ ଏପରି ଯେପରି ଆପଣ ଏଠି ସବୁଦିନ ରହିବାର ଅଛି।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଭତାର ଲାଗି ୩ଥର ଆବେଦନ କରି ନିରାଶ

**ଅତାବିରା,୧।୧୦(ଡି.ଏନ୍.ଏ.)-** କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ବୁଢ଼ାବୁଢ଼ି, ବିଧବା, ଦିବ୍ୟାଙ୍ଗମାନକର ଲାଗି ଭତା ଯୁଗେଇ ଦେଉଛନ୍। ହେଲେ କେହେନ୍‌ସି ନାଇଁ କେହେନ୍‌ସି କାରନ୍‌ରୁ ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ସଦର ଗାଁରେ। ଗାଁର ବିଧବା ମହିଲା ଉମା କଠାର(୬୨)। ଆପ୍‌ନେ ୩ ବଛର ତଲେ ଆରପାରକେ ଚାଲିଯାଇଛନ୍। ଉମା ବିଧବା ଭତା ପାଏବାର ଅଶ୍‌ରେ ପଁଚେତ୍‌ରେ ୩ ଥର ଆବେଦନ କରି ନିରାଶ ହେଇଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାୟକଙ୍କୁ ପଚରାଲରୁ ନିହାତି ଭାବେ ତାହାକୁ ଭତା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।

### ମେଧାବୀ ଛାତ୍ରୀଙ୍କ ବିୟୋଗ

**ସରଣ୍ଡା,୧।୧୦(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଚକୁଳି ଗ୍ରାମର ଜଣେ ମେଧାବୀ ଛାତ୍ରୀଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଦୀପିକା ମହାପାତ୍ର(୨୨)। ସେ ସରଣ୍ଡା ହାଇସ୍କୁଲରେ ମ୍ୟାଟ୍ରିକ ପାସ ପରେ ଗୋଡଭଗାରେ କଲେଜରେ ପଢୁଥିଲେ। ଗତ ଏପ୍ରିଲ ମାସରେ ତାଙ୍କ ଅଜାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଦୀପିକା ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ୧ମାସ ହେଲା ତାଙ୍କର ଚିକିତ୍ସା ଚାଲିଥିଲା ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତଦେହ ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଭାଇ ମହେଶ ମହାପାତ୍ର ମୁଖାଗ୍ନି ଦେଇଥିଲେ।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ଜାମଟିକ୍ରା,୧।୧୦(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ପତ୍ରାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ବିଶିଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଦେଈ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଶିକ୍ଷକ ନନ୍ଦିଘୋଷ ଭୁଏ ବୟସ୍କ ବ୍ୟକ୍ତିଙ୍କ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷୟିତ୍ରୀ ବବଲିରାଣୀ ଗଡତିଆ, ରବି ବାବୁ ପ୍ରମୁଖ ଯୋଗ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେଶ ପାଇଁ ଗୌରବ

**ବୌଦ୍ଧ,୧।୧୦(ସ୍ୱ.ପ୍ର.)**




ବୌଦ୍ଧ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ସମଗ୍ର ବିଶ୍ୱରେ ମଙ୍ଗଳାବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଥିବା ବେଳେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଟାଉନହଲ ପରିସରରେ ଆନ୍ତର୍ଜାତୀୟ ବିଶ୍ୱ ନାଗରିକ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବୌଦ୍ଧଜିଲା ବରିଷ୍ଠ ନାଗରିକ ମଞ୍ଚ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ପରିସରରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରି ଟାଉନହଲରେ ପହଞ୍ଚି ଥିଲା। ଏହି ଅବସରେ ବରିଷ୍ଠ ନାଗରିକ ସଦସ୍ୟମାନଙ୍କୁ ଆସନ ଓ ପ୍ରାଣାୟାମ ଅଭ୍ୟାସ କରାଯାଇଥିଲା। ପତଞ୍ଜଳି ଯୋଗପୀଠ ହରିଦ୍ୱାରର ମୁଖ୍ୟ ଯୋଗଶିକ୍ଷକ ଦେବାଶିଷ ପୁରୋହିତ ଯୋଗ ଅଭ୍ୟାସ କରାଇବା ସହିତ ପ୍ରତିଦିନ ଯୋଗକରିବାକୁ ଅନୁରୋଧ କରିଥିଲେ। ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦୀପ କୁମାର ଅମାତ୍ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଇଂ.ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ, ଆଇନଜୀବୀ ସୁଧୀର କର୍ଣ୍ଣ, ପ୍ରାକ୍ତନ ଶିକ୍ଷୟିତ୍ରୀ ପ୍ରମିଳା ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅଧାପକ ଡ. ଦିଲୀପ କୁମାର ଖୁଣ୍ଟିଆ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଭୂମିକା ଏବଂ ସେମାନଙ୍କ ପ୍ରତି ସମାଜର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବୌଦ୍ଧର ବରିଷ୍ଠ ନାଗରିକ ଚନ୍ଦ୍ର ଶେଖର ମିଶ୍ର ଏବଂ ଗୌରମୋହନ ମିଶ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ସଭାରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନାଗରିକମାନଙ୍କୁ ପରିଚୟ ପତ୍ର ଦେବା ପାଇଁ ଜଣାଇବା ପରେ ପୋଲିସ ପ୍ରଶାସନ ପକ୍ଷରୁ ଅକ୍ଟୋବର ମାସରେ ସମସ୍ତଙ୍କୁ ପରିଚୟପତ୍ର ଯୋଗାଇ ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ରାଓ ସମ୍ମତି ପ୍ରକାଶ କରିଥିଲେ। ସଭାରେ ବରିଷ୍ଠ ଶିକ୍ଷକ ହରପ୍ରସାଦ ମିଶ୍ର କବିତା ପାଠ କରିବା ସହିତ ସହରର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଗୀତଜ୍ଞ ସମୀର କୁମାର ସାହୁ ଭଜନ ମାଧମରେ ଏବଂ କଳାକାର ଭିକାରି ଚରଣ ସିଂହ କଳା ପ୍ରଦର୍ଶନ କରି ଦର୍ଶକମାନଙ୍କ ମନୋମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅଖିଳଚାନ୍ଦ ମହାପାତ୍ର, ସମ୍ପାଦକ ଅକ୍ଷୟ ମହାନ୍ତି, ଏନ୍‌ଏସି କର୍ମଚାରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀ ସହଯୋଗ କରିଥିଲେ।

# ଦର୍ଶକଙ୍କୁ ବିମୋହିତ କରୁଛି ରାବଣ ରାଜ

**ବିନିକା, ୧।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ୪୮ତମ ନବଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ଅବସରରେ ରାବଣ ରାଜ କାର୍ଯ୍ୟକ୍ରମ ସୋମବାର ରାତିରୁ ଆରମ୍ଭ ହୋଇଛି। ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ଆୟୋଜିତ ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ ଏବଂ ବିନିକା ଥାନା ଆଇଆଇସି କୁଶ ପାଣିଗ୍ରାହୀ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ରାବଣ ଦରବାରକୁ ପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଗନ୍ଧର୍ବ ମାହାର ଆମନ୍ତ୍ରିତ ହୋଇଥିଲେ। ସୋମବାର ରାବଣ ଦରବାରର ପ୍ରଥମ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ ଲଙ୍କାଧିପତି ରାବଣ କୁବେରଙ୍କୁ ସ୍ୱର୍ଣ୍ଣମୟୀ ଲଙ୍କାପୁର ସହିତ ପୁଷ୍ପକ ବିମାନ ମାଗିଛନ୍ତି। କୁବେରଙ୍କ ପ୍ରତିବାଦ ପରେ ରାବଣ ଅଳକାପୁର ଆକ୍ରମଣ କରି ସ୍ୱର୍ଣ୍ଣମୟୀ ଲଙ୍କାଗଡ ସହିତ ପୁଷ୍ପକ ବିମାନ ପ୍ରାପ୍ତି କରିବା ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା । ସେହିଭଳି ମଙ୍ଗଳବାର ବ୍ରହ୍ମର୍ଷି ବିଶ୍ୱାମିତ୍ରଙ୍କ ଅଯୋଧ୍ୟା ଗମନ ଓ ଦଶରଥଙ୍କ ଦ୍ୱାରା ଆତିଥ୍ୟ ଗ୍ରହଣ କରିବା ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଛି। ବିଳମ୍ବିତ ରାତ୍ରୀ ଯାଏଁ ରାବଣରାଜ୍ ଓ ରାଜ ଦରବାରରେ ନୃତ୍ୟାଙ୍ଗନାଙ୍କର ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରୁଛି । ରାବଣ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ହିମାଂଶୁ ଭୂଷଣ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି।



ପାତ୍ରମନ୍ତ୍ରୀଙ୍କ ସହ ଦରବାରରେ ଲଙ୍କାଧିପତି ରାବଣ ଓ ରାଜଅତିଥିମାନେ।



କବି କୁଟୀରରେ ପଦ୍ମଶ୍ରୀ ହଲଧର ନାଗଙ୍କ ସହିତ ଡାକ୍ତର ଦମ୍ପତି।

# କବି କୁଟୀରର ନବ କଳେବର କରିବେ ଡାକ୍ତର ଦମ୍ପତି

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ୍‌ର ପଦ୍ମଶ୍ରୀ ହଲଧର ନାଗଙ୍କ ପରିଚୟ କେବଳ ଜିଲା କିମ୍ବା ରାଜ୍ୟରେ ସୀମିତ ରହି ନାହିଁ । ଦେଶ ବିଦେଶରେ ହଲଧର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଛନ୍ତି। ତାଙ୍କ ସରଳ, ନିରାଡ଼ମ୍ବର ଜୀବନ ଅନନ୍ୟ। ଏହି ବିରଳ ପ୍ରତିଭା ଯେଉଁ ଘରେ ରହୁଛନ୍ତି, ତାହା ବି ଅତି ସାଧାରଣ କୁଟୀରଟିଏ। ତେବେ ଗତ କିଛିଦିନ ତଳେ ବରଗଡ଼ ସହରର ଡାକ୍ତର ଦମ୍ପତି ଡା. ସୁସ୍ମିତା ଦାଶ ଓ ଡା, ରାଜେଶ ତ୍ରିପାଠୀ ହଲଧରଙ୍କ କବି କୁଟୀରକୁ ଯାଇଥିଲେ। କୁଟୀରର ନବ କଳେବର କରିବା ପାଇଁ ଡାକ୍ତର ଦମ୍ପତି ଆଗ୍ରହ ପ୍ରକାଶ କରିବା ସହିତ ସେନେଇ ଯାହା ଅର୍ଥ ବିନିଯୋଗ ହେବ, ତାହା ସେମାନେ ନିଜ ହାତରୁ ଖର୍ଚ୍ଚ କରିବେ ବୋଲି ଘୋଷଣା କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ଡାକ୍ତର ଦମ୍ପତି ହଲଧରଙ୍କ ଘରକୁ ଯାଇଥିଲେ। କବି କୁଟୀରର ନବ କଳେବର ପାଇଁ ଭୂମି ପୂଜନ କରିଥିଲେ। ପଦ୍ମଶ୍ରୀ ହଲଧରଙ୍କ ପ୍ରତି ଡାକ୍ତର ଦମ୍ପତିଙ୍କ ଏଭଳି ମନୋଭାବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ବରିଷ୍ଠ ନାଗରିକଙ୍କ ପଦଧୌତ କଲେ ଅନ୍ତେବାସୀ

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ବାନପ୍ରସ୍ଥ ଓ ମାତୃଛାୟାରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ସଂଯୁକ୍ତ ଯୁବ ସଂଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାଯର୍ୟକ୍ରମରେ କୁଟୁରୁଟୁଆଁ କଲେଜର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟବକ୍ତା ଏବଂ ସୁରେଶ୍ୱରୀ ପଣ୍ଡା, ପ୍ରମୋଦିନୀ ସାହୁ, ଉମେଶ ବିଶ୍ୱାଳ, ତେଜରାଜ ପ୍ରଧାନ, ଜଗଦିଶ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭାପତି ସୁରେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିବାବେଳେ ଶ୍ରୀକାନ୍ତ କିଶୋର ଷଡ଼ଙ୍ଗୀ କାଯର୍ୟକ୍ରମ ସଂଯୋଜନା କରିଥିଲେ। ଲବଙ୍ଗ ସାହୁ ଓ ସନ୍ତୋଷିନୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦେବଦତ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ସହିତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମାତୃଛାୟାର ଅନ୍ତେବାସୀମାନେ ବରିଷ୍ଠ ନାଗରିକଙ୍କ ପଦଧୌତ କରି ଆଶିର୍ବାଦ ଲୋଡ଼ିଥିଲେ। ପାଣିମୋରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବରିଷ୍ଠ ନାଗରିକଙ୍କ ଦ୍ୱାରା ସର୍ବଧର୍ମ ପ୍ରାର୍ଥନା ପରିବେଷିତ ହୋଇଥିଲା। ସେହିପରି ୮ଯୋଡ଼ି ନବଦମ୍ପତିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇ ଥିବାବେଳେ ନିମନ୍ତ୍ରୀତ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତେଜରାଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ

# ସ୍ୱଚ୍ଛତାର ବାର୍ତ୍ତା ଦେଲେ ଅଧିକାରୀ

**ଭଟଲି,୧।୧୦(ଡି.ଏନ.ଏ.)**

ବରଗଡ଼ ଜିଲା ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଅଫିସର ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ସମ୍ପର୍କରେ ସଚେତନ କରିବା ସହ ବ୍ଲକରେ ଥିବା ସମସ୍ତ ବିଦ୍ୟାଳୟରେ କିପରି ସ୍ୱଚ୍ଛତା ରହିପାରିବ ସେ ନେଇ ଆହ୍ୱାନ ଦେଇଥିଲେ। ଏପରି କି ଛାତ୍ରୀଛାତ୍ରମାନଙ୍କୁ ନେଇ ଲୋକଙ୍କୁ ସ୍ୱଚ୍ଛତା ସଂକ୍ରାନ୍ତରେ ସଚେତନ କରାଇବାକୁ ବିଇଓ ସାହୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ସଫେଇ କାର୍ଯ୍ୟକ୍ରମ ସମାପ୍ତ ପରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା ।



ଭଟଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା, ଭେଡେନ ସେମିରେ

**ସୋହେଲା,୧।୧୦(ଡି.ଏନ୍.ଏ.)**

ବରଗଡ଼ ଜିଲା ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ଭେଡେନ ଏବଂ ବରଡୋଲ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଭେଡେନ ଦଳ ୩–୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଏନେଇ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଭେଡେନ ଦଳ ୩–୧ ଗୋଲରେ ବରଡୋଲକୁ ହରାଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚକୁ ରେଫରି ରଞ୍ଜୁ ଛତରିଆ, ଶ୍ରୀନିବାସ ରାଓ, ଶୁଭମ ପାତ୍ର ଓ ବିଜୟ ସାହୁ ପରିଚାଳନା କରିଥିଲେ।




ନିଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧଚକ୍ରର ସ୍ୱନକ୍ଷତ୍ର ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ନୀଳଚକ୍ର ସାହିତ୍ୟ ସଂସଦ, ବୌଦ୍ଧଚକ୍ରର ସ୍ୱନକ୍ଷତ୍ର ଉତ୍ସବ

**ବୌଦ୍ଧ,୧।୧୦(ସ୍ୱ.ପ୍ର.)**

ବୌଦ୍ଧ ଟାଉନହଲଠାରେ ନୀଳଚକ୍ର ସାହିତ୍ୟ ସଂସଦ ଓ ତ୍ରୈମାସିକ ସାହିତ୍ୟ ପତ୍ରିକା ବୌଦ୍ଧଚକ୍ରର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ସମାରୋହର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଡ. ନାରାୟଣ ସାହୁ, ଡ. ହୃଷୀକେଶ ମଲ୍ଲିକ, ପ୍ରଶାନ୍ତ କୁମାର ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ତଥା ମୁଖ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଡ. ନାରାୟଣ ସାହୁ, ଡ. ମଲ୍ଲିକ, ବିଦେଶୀ ନାୟକ, ଡ. ମହେଶ କୁମାର ଧଳ, ଡ. ଧରଣୀଧର ନାଥ, ରାଜୀବ କୁମାର ପାତ୍ର ପ୍ରମୁଖ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମାରୋହରେ ରାଜ୍ୟରୁ ୧୩ ଜଣ କୃତୀ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ଅଧିବେଶନରେ ଆୟୋଜିତ ସାହିତ୍ୟ ଆଲୋଚନାଚକ୍ରରେ ଓଡ଼ିଆ ସାହିତ୍ୟରେ ଆଞ୍ଚଳିକ ଭାଷାର ପ୍ରୟୋଜନ ବିଷୟରେ ଡ. ପୁରୁଷୋତ୍ତମ ମିଶ୍ର, ଗାଳ୍ପିକ ଆଦିତ୍ୟେଶ୍ୱର ମିଶ୍ର, ଡ.ଲକ୍ଷ୍ମୀନାରାୟଣ ଦାଶ ପ୍ରମୁଖ ଆଲୋଚନା କରିଥିଲେ। ସାନ୍ଧ୍ୟ ଅଧିବେଶନରେ ଲୋକନାଥ ମେହେରଙ୍କ ନିର୍ଦ୍ଦେଶନାରେ ୨ଟି ନାଟକ ମଞ୍ଚସ୍ଥ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ ଅଧିବେଶନରେ ଇ.ସଞ୍ଜୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଜ୍ଞାନଚାନ୍ଦ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ ସହିତ ସଭା ପରିଚାଳନା କରିଥିଲେ। ସଂସଦର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ, ଚନ୍ଦ୍ର ଶେଖର ପାଢୀ, ଶ୍ରୀନିବାସ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଗୋପାଳ ଅମାତ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପର୍ଯ୍ୟବେକ୍ଷଣକାରୀ ଦଳର ସଞ୍ଚୟନ କାର୍ଯ୍ୟକ୍ରମ ପରିଦର୍ଶନ

**ବୌଦ୍ଧ,୧।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ବିଭିନ୍ନ ବିଦ୍ୟାଳୟରେ ୨୦୧୫ରୁ ପ୍ରଚଳିତ ଶିଶୁ ସଞ୍ଚୟନ କାର୍ଯ୍ୟକ୍ରମର ତଦାରଖ ପାଇଁ ମଙ୍ଗଳାବର ଏକ ରାଜ୍ୟସ୍ତରୀୟ ପର୍ଯ୍ୟବେକ୍ଷଣ ଦଳ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ପ୍ରମୁଖ ସଚିବ ରବି ନାରାୟଣ ବହିଦାରଙ୍କ ନେତୃତ୍ୱରେ ଅନ୍ୟ ୨ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ବୌଦ୍ଧସ୍ଥିତ ଖଲିଆବଗିଚା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଲାସିଙ୍ଗା ଅଙ୍ଗନୱାଡି କେନ୍ଦ୍ର, ସରସରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରସରା ଅଙ୍ଗନଓାଡି କେନ୍ଦ୍ର ଆଦି ପରିଦର୍ଶନ କରି ବିଦ୍ୟାଳୟରେ ପଢୁଥିବା କୁନିକୁନି ପିଲାଙ୍କ ସଞ୍ଚୟ ମନୋବୃତ୍ତି ଦେଖି ଖୁସି ବ୍ୟକ୍ତ କରିଥିଲେ। ପିଲାମାନେ ନିଜ ପକେଟ ମନି ବା ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ପରିବାରର ବିଭିନ୍ନ ସଦସ୍ୟଙ୍କଠାରୁ ପାଉଥିବା ଟଙ୍କା ସଞ୍ଚୟ କରି ଉକ୍ତ ଜମାରାଶିରୁ ନିଜ ତଥା ପରିବାର ସଦସ୍ୟଙ୍କ ବିଭିନ୍ନ ଅତ୍ୟାବଶ୍ୟକ ଚାହିଦାକୁ ମେଣ୍ଟାଇବା ସହ ଜମାରାଶକୁ ବୀମାଭୁକ୍ତ କରିବା ହିଁ ସଞ୍ଚୟନ କାର୍ଯ୍ୟକ୍ରମର ଲକ୍ଷ୍ୟ। ପରିଦର୍ଶନକାରୀ ଦଳ ସଞ୍ଚୟ କରିବା ଏକ ମହତ ମନୋବୃତ୍ତି ଓ ଏହାକୁ ଜୀବନର ପରବର୍ତ୍ତୀ ମୁହୂର୍ତ୍ତରେ ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ପର୍ଯ୍ୟବେକ୍ଷଣକାରୀ ଦଳ ସରସରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସଞ୍ଚୟନ ଉପରେ ପର୍ଯ୍ୟବେସିତ ଏକ କଣ୍ଢେଇ ନାଚର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ପୂର୍ବତନ ଜିଲାପାଳ ମଧୁସୂଦନ ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାସ, ଜିଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କରୁଣାକର ଭୁଏ, ଜିଲା ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁର ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ।



ଅଧିକାରୀମାନେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରୁଛନ୍ତି।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କାନ୍ଥ ପଡ଼ି ମହିଳାଙ୍କ ମୃତ୍ୟୁ

**ପଦ୍ମପୁର,୧।୧୦(ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ବୋଡେନ ଥାନା ଅଧୀନ ଦହିତା ପଞ୍ଚାୟତ ଡଙ୍ଗାଛଂଆ ଗ୍ରାମରେ ସୋମବାର ରାତିରେ ଏକ ଘର କାନ୍ଥ ଭାଙ୍ଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କମଳା ବାଗ(୫୫)। ସୂଚନା ଯୋଗ୍ୟ, ସୋମବାର ବିଳମ୍ବିତ ରାତିରେ ଡଙ୍ଗାଛଂଆ ଗ୍ରାମରେ ପ୍ରବଳ ବର୍ଷା ହୋଇଥିଲା। ଏନେଇ କମଳାଙ୍କ ଘର କାନ୍ଥ ଭାଙ୍ଗି ପଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବୋଡେନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବୋଡେନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ମା' କଟଙ୍ଗୀ ବନ ସଂରକ୍ଷଣ ସମିତି ଗଠନ

**ପଦ୍ମପୁର,୧।୧୦(ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ବାଦୀକଟା ଗ୍ରାମରେ ମା' କଟଙ୍ଗୀ ବନ ସଂରକ୍ଷଣ ସମିତିର ଏକ ସାଧାରଣ ସଭା ଚନ୍ଦୁଲାଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଗ୍ରାମ ନିକଟସ୍ଥ ଜଙ୍ଗଲକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମବାସୀ ଉଦ୍ୟମ ଚଳାଇଛନ୍ତି। କାର୍ଯ୍ୟ ତଦାରଖ ପାଇଁ ବନ ସଂରକ୍ଷଣ ସମିତି ଗଠନ କରାଯାଇଛି। ଚଳିତ ବର୍ଷ ସମିତିର ସଭାପତି ଶିଳାଜିତ ସାହୁ, ଉପସଭାପତି ବେଦମତୀ ମହାନନ୍ଦ, ସମ୍ପାଦକ ବନପାଳ ରାଜେନ୍ଦ୍ର ସିଂ, କୋଷାଧ୍ୟକ୍ଷ ଜୟକୃଷ୍ଣ ନାୟକଙ୍କ ସହ ସଦସ୍ୟମାନେ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଗ୍ରାମର ଚାରିଆଡେ ସବୁଜ ବନାନୀ ସୃଷ୍ଟି କରିବା ପାଇଁ ନୂତନ ବନ ସଂରକ୍ଷଣ କମିଟି ପକ୍ଷରୁ ଘୋଷଣା କରାଯାଇଛି।

### ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ପାଇକମାଲ,୧।୧୦(ଡି.ଏନ.ଏ.):** ପାଇକମାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତିଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୨୨ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇ ରାସାୟନିକ ମୌଳିକଙ୍କ ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣରେ ପ୍ରଭାବ ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଆଦର୍ଶ ଅଗ୍ରୱାଲ, ଶୀବାନନ୍ଦ ପଟେଲ, ସନ୍ଧ୍ୟାରାଣୀ ଦାସ ଯଥା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଭୁବନେଶ୍ୱର ପ୍ରଧାନ, ଅର୍ଜୁନ ସାହୁ, ଅନିଲ କୁମାର କାଳିଆ ବିଚାରକ ଭାବେ ଯୋଗଦେଇଥିଲେ। ଜ୍ୟୋର୍ତିମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିଲୋଚନ ନାୟକ, ବବିତା ବେହେରା, ସୁଦାମ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

### ପାଇକମାଲରେ ବରିଷ୍ଠ ନାଗରିକ ଦିବସ ପାଳିତ

**ପାଇକମାଲ,୧।୧୦(ଡି.ଏନ.ଏ.):** ପାଇକମାଲସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଲ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ନନ୍ଦଲାଲ ତ୍ରିବେଦୀଙ୍କ ଅଧକ୍ଷତାରେ ସଂଘର ସମସ୍ତ ମହିଳା, ପୁରୁଷ ଯୋଗ ଦେଇଥିଲେ। ସମାଜରେ ବରିଷ୍ଠ ନାଗରିକମାନଙ୍କୁ ଉଚିତ୍ ସମ୍ମାନ ମିଳିପାରୁ ନାହିଁ। ତାଙ୍କୁ ଅଣଦେଖା କରାଯାଉଥିବାରୁ ସେମାନେ ଜରାନିବାସରେ ଆଶ୍ରୟ ନେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇବାକୁ ଅତିଥିମାନେ ମତପ୍ରକାଶ କରିଥିଲେ। ଆଲୋଚନାରେ ଯୁଧିଷ୍ଠିର ସାହୁ, ଜଗମୋହନ ତ୍ରିବେଦୀ, ସୁବାସ ସାହୁ, ଭାଗ୍ୟଧର ସାହୁ, ବଡ ସତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



ବରଗଡ଼ କୋର୍ଟ ସମ୍ମୁଖରେ ଓକିଲଙ୍କ ପିକେଟିଂ।



ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଫିସରେ ତାଲା ଝୁଲୁଛି।

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦାବି ପ୍ରସଙ୍ଗ

# ତୀବ୍ର ହେଲା ଓକିଲଙ୍କ ଆନ୍ଦୋଳନ

**ବରଗଡ଼ ଅଫିସ୍,୧।୧୦**

- କୋର୍ଟ, କଚେରି ଅଚଳ
- ପରିବହନ ଅଫିସ ବନ୍ଦ ହେଲା
- ଅର୍ଥନୈତିକ ଅବରୋଧ ଜାରି
- ୧୪ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲଙ୍କ ଆନ୍ଦୋଳନ ଦିନକୁ ଦିନ ଜୋର୍ ଧରି ବସିଛି। ଏହିକ୍ରମରେ ବରଗଡ଼ରେ ଜିଲା ଓକିଲ ସଂଘର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଓକିଲଙ୍କ ଆନ୍ଦୋଳନ ଯୋଗୁ ବିଭିନ୍ନ ସରକାରୀ କାର୍ଯ୍ୟ ଅଚଳ ହୋଇପଡ଼ିଛି।

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗତ ମାସ ୨୩ତାରିଖରୁ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଜିଲାପାଳଙ୍କ ଜରିଆରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ ସହ ଗତମାସ ୨୪ତାରିଖରୁ କାମ ବନ୍ଦ କରି ସଂଘ ଅର୍ଥନୈତିକ ଅବରୋଧ କରିଥିଲା। ଫଳରେ ଜିଲା କୋଷାଗାର, ତହସିଲ, ବ୍ଲକ, ରାଜସ୍ୱ ନୀରୀକ୍ଷକଙ୍କ ଅଫିସରେ ତାଲା ଝୁଲୁଛି। ସେହିପରି ବିଜେପୁର ଉପନିର୍ବାଚନ ଦୃଷ୍ଟିରୁ ପ୍ରଶାସନର ଅନୁରୋଧକ୍ରମେ ଜିଲାପାଳ ଅଫିସ ପରିସରସ୍ଥ ନିର୍ବାଚନ କାର୍ଯ୍ୟାଳୟ ଖୋଲା ରଖାଯାଇ ଥିବାବେଳେ ସେଠାକାର ଅନ୍ୟ ଅଫିସଗୁଡ଼ିକୁ ବନ୍ଦ କରି ଦିଆଯାଇଛି।

ଅପରପକ୍ଷେ ମଙ୍ଗଳବାରଠାରୁ ସ୍ଥାନୀୟ କୋର୍ଟ, ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ପିକେଟିଂ କରି ସଂଘର କାର୍ଯ୍ୟକର୍ତ୍ତା, ସଭ୍ୟବୃନ୍ଦ ବନ୍ଦ କରି ଦେଇଛନ୍ତି। ଫଳରେ କୋର୍ଟ ସମ୍ମୁଖରୁ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀମାନେ ଫେରିଯାଇ ଥିବାବେଳେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ମଧ୍ୟ କାମ ଠପ୍ ହୋଇଯାଇଛି। ଫଳରେ ଡ୍ରାଇଭିଂ ଲାଇସେନ୍ସ, ଲର୍ଣ୍ଣିଂ ଲାଇସେନ୍ସ ଏବଂ ପୂର୍ବ ନିର୍ଦ୍ଧାରୀତ ତାରିଖ ଅନୁଯାୟୀ ବାୟୋମେଟ୍ରିକ ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଦୂର ଦୂରାନ୍ତରରୁ ଆସିଥିବା ଲୋକ ନିରାଶରେ ଘରକୁ ଫେରି ଯାଉଥିବା ପରିଲକ୍ଷିତ ହୋଇଥିଲା।

ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ବଳବତ୍ତର ରଖିବା ପାଇଁ ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ସଂଘ ସଭାପତି ବେଲାଲସେନ ସରାଫ, ଉପସଭାପତି ସରୋଜ କୁମାର ତ୍ରିପାଠୀ, ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

## ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ



ସମଲେଶ୍ୱରୀଙ୍କ ଚନ୍ଦ୍ରଘଣ୍ଟା ବେଶ।

**ବରଗଡ଼ ଅଫିସ୍,୧।୧୦**

ଶାରଦୀୟ ନବରାତ୍ର ପୂଜନୋତ୍ସବରେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିର ଉତ୍ସବମୁଖର ହୋଇପଡ଼ିଛି। ପୂଜନୋତ୍ସବର ତୃତୀୟ ଦିବସ ମଙ୍ଗଳବାରରେ ମା' ସମଲେଶ୍ୱରୀ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ। ଦେବୀ ସମଲେଶ୍ୱରୀଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ କଲେ ପ୍ରେତବାଧାଦିରୁ ମୁକ୍ତି ମିଳେ ତଥା ଇହଲୋକ ପରଲୋକରେ କଲ୍ୟାଣ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ଦେବୀଙ୍କୁ ଦର୍ଶନ ପାଇଁ ସକାଳୁ ମନ୍ଦିର ପରିସରରେ ଭକ୍ତଙ୍କ ସମାଗମ ହୋଇଥିଲା।

■ ବିଭିନ୍ନ ବିଦ୍ୟାଳୟରେ ବରିଷ୍ଠ ନାଗରିକ ଦିବସ

## ଗୁରୁଙ୍କ ଆସନ ସର୍ବଦା ଉଚ୍ଚରେ

**ଭଟଲି,୧।୧୦(ଡି.ଏନ୍.ଏ.)**

ଗୁରୁ ହିଁ ସାକ୍ଷାତ ଈଶ୍ୱର । ଦୁନିଆରେ ବିଭିନ୍ନ ଜାତି, ଧର୍ମ ରହିଛି। ମାତ୍ର ଶିକ୍ଷକଙ୍କ କୌଣସି ଧର୍ମ ନ ଥାଏ । ସେ ସମସ୍ତ ଧର୍ମର ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ପ୍ରଦାନ କରିଥାଏ। ପୂର୍ବରୁ ପ୍ରଚଳିତ ଗୁରୁକୁଳ ଶିକ୍ଷାରୁ ଦେଖାଯାଉଛି ଯେ ଗୁରୁ କେତେ ମହାନ୍ । ତାଙ୍କର ଗୋଟିଏ ମୁଖ ନିଶୃତ ବାଣୀ କାଲି ହୁଏତ ଜଣେ ଛାତ୍ରୀ କିମ୍ୱା ଛାତ୍ରର ଦିଗ ପରିବର୍ତ୍ତନ କରିବା ସହିତ ଉଚ୍ଚ ସ୍ଥାନ ଅଳଙ୍କୃତ କରିବାରେ ସହାୟକ ହୋଇଥାଏ । ମାତାପିତା ଶିଶୁର ପ୍ରଥମ ଗୁରୁ ହୋଇପାରନ୍ତି, ମାତ୍ର ଶିକ୍ଷା ଗୁରୁଙ୍କ ସ୍ଥାନ ଜଣେ ଶିକ୍ଷାର୍ଥୀ ପାଇଁ ସର୍ବଦା ଉଚ୍ଚରେ ରହିଥାଏ ବୋଲି ମଙ୍ଗଳବାର ଭଟଲି ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ଅବସରରେ ମତପ୍ରକାଶ ପାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ରଥ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ସମସ୍ତ ଛାତ୍ରୀ ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶିକ୍ଷାକୁ ଉଚିତ ମାର୍ଗରେ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଶିକ୍ଷା ସହିତ ସହଶିକ୍ଷା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଶିକ୍ଷାର୍ଥୀମାନଙ୍କୁ ସର୍ବଗୁଣ ସମ୍ପନ୍ନା କଲେ ଶିକ୍ଷାର ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଆଚାର୍ଯ୍ୟଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ରିତାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୁଶନପୁରୀ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣମୋହନ ସାହୁ, ଭଟଲି ପ୍ରାଥମିକ ବିଦ୍ୟାଳୟରେ ଦିନବନ୍ଧୁ ନାଏକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

## ଟ୍ରେନରେ କଟି ଦାଦନ ଶ୍ରମିକ ମୃତ

**ବରଗଡ଼ ଅଫିସ୍,୧।୧୦:** ତାମିଲନାଡ଼ୁକୁ କର୍ମ ଅନ୍ୱେଷଣ ତଥା ଦାଦନ ଖଟିବା ପାଇଁ ଯିବା ବାଟରେ ସୋମବାର ବିଶାଖାପାଟଣା ନିକଟରେ ଟ୍ରେନରେ କଟି ବରଗଡ଼ ଜିଲାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ପଦ୍ମପୁର ଉପଖଣ୍ଡ ଚର୍ଦ୍ଦାପାଲି ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିଚାଡିହି ଗ୍ରାମର ପିଣ୍ଟୁ ମିର୍ଦ୍ଧା(୨୫)। ସୂଚନା ଅନୁଯାୟୀ, ପିଣ୍ଟୁ ଅଞ୍ଚଳର ଅନ୍ୟ ୬ଜଣଙ୍କ ସହିତ ତାମିଲନାଡ଼ୁକୁ କର୍ମ ଅନ୍ୱେଷଣରେ ରବିବାର ବାହାରିଥିଲେ। ସେମାନେ ସାଥୀ ହୋଇ ଟ୍ରେନରେ ଯାତ୍ରା କରୁଥିବାବେଳେ ବାଟରେ ପିଣ୍ଟୁଙ୍କୁ ବାନ୍ତି ହୋଇଥିଲା। ଫଳରେ ସେ ଟ୍ରେନ ଦ୍ୱାର ପାଖକୁ ଆସି ବାନ୍ତି କରୁଥିଲେ। ସେତିକିବେଳେ ସେ ଟ୍ରେନରୁ ପଡିଯାଇଥିଲେ। ଫଳରେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ଚର୍ଦ୍ଦାପାଲିକୁ ତାଙ୍କ ମୃତଦେହ ପହଞ୍ଚିବ ବୋଲି ଗ୍ରାମବାସୀ କହିଛନ୍ତି।



ମୃତ ପିଣ୍ଟୁ ମିର୍ଦ୍ଧା (ଫାଇଲ ଫଟୋ)




ବରଗଡ଼ର ବିକାଶ ମଲ୍ଟି ହସ୍ପିଟାଲରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ବରିଷ୍ଠ ନାଗରିକ ଦିବସରେ ସ୍ୱାସ୍ଥ୍ୟ ପରୀକ୍ଷା

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ର ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଗିରିଜା ଶଙ୍କର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବିକାଶ ମଲ୍ଟି ହସ୍ପିଟାଲ ପକ୍ଷରୁ ବରିଷ୍ଠ ନାଗରିକଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେଦାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଜାତୀୟ ବରିଷ୍ଠ ନାଗରିକ ସଂଘ ପରାମର୍ଶଦାତା କମିଟିର ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ଡି.ମୁରଲୀକ୍ରୀଷ୍ଣା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଜିଲା ବରିଷ୍ଠ ନାଗରିକ ସଂଘର ସାଂଗଠନିକ ସମ୍ପାଦକ ସୁରେନ୍ଦ୍ର ମୋହନ ଚାନ୍ଦ, ଭରତ ଭୂଷଣ ଦାଶ, କୃଷ୍ଣଚନ୍ଦ୍ର ନାଥ, ଶ୍ରୀମୁଖ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନକରେ ୨୪ଶହରୁ ଉର୍ଦ୍ଧ୍ୱ ସ୍କୁଲରେ ସଫେଇ ଅଭିଯାନ

**ବରଗଡ଼ ଅଫିସ୍,୧।୧୦:** ବରଗଡ଼ ଜିଲା ଶିକ୍ଷାବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀକୁ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ସ୍କୁଲ ପରିସରକୁ ସାମୂହିକ ସଫେଇ କରାଯାଇଥିଲା। ଜିଲାର ୨୪ଶହରୁ ଉର୍ଦ୍ଧ୍ୱ ସ୍କୁଲରେ ଦିନକରେ ଏହି ଅଭିଯାନ ଚାଲିଥିଲା । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପ୍ରତ୍ୟେକ ବ୍ଲକ ଶିକ୍ଷା ଅଧିକାରୀମାନେ ନିଜ କାର୍ଯ୍ୟାଳୟକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରିଥିଲେ । ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାରେ ପ୍ରଥମଥର ପାଇଁ ଆୟୋଜିତ ଏଭଳି ଏକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ସଫେଇ ଅଭିଯାନ।





ରାଜପୁର କ୍ଷତ୍ରିୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ରାଜପୁର କ୍ଷତ୍ରିୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ପଦ୍ମପୁର,୧।୧୦(ଡି.ଏନ.ଏ)**

ପଦ୍ମପୁର ରାମୋଜୀ କଲ୍ୟାଣ ମଣ୍ଡପଠାରେ ରାଜପୁର କ୍ଷତ୍ରିୟ ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା ପରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଯଶୋବନ୍ତ ସିଂହ ସଭାପତିତ୍ୱ କରିଥିଲେ। ବିପିନ ଠାକୁର, ଧୋବା ଠାକୁର ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜପୁର କ୍ଷତ୍ରୀୟ ସମାଜକୁ ସଂଗଠିତ ସହ ସଶକ୍ତି କରିବା ପାଇଁ ନେତୃ ମଣ୍ଡଳୀ ମତ ପ୍ରକାଶ କରିଥିଲେ। ଏହି ଅବସରରେ ରାଜପୁର କ୍ଷତ୍ରୀୟ ରାଧାମୋହନ ସିଂହ ଓ ପଦାର୍ଥ ବିଜ୍ଞାନୀ ଧନଞ୍ଜୟ ଠାକୁରଙ୍କୁ ସମ୍ମାନିତ କରାଯାଇଥିଲା। ହରି ସିଂହ, ସନ୍ତୋଷ ସିଂ ଠାକୁର, ପୂର୍ଣ୍ଣାନନ୍ଦ ଠାକୁର, ପ୍ରଫୁଲ୍ଲ ଠାକୁର, ଉପେନ୍ଦ୍ର ଠାକୁର ନୂଆଁଖାଇର ଉଦ୍ଦେଶ୍ୟ ଓ ସମାଜକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ। ରୂପେଶ ସିଂହ, ଭୂପେଶ ସିଂହ, ଧର୍ମେନ୍ଦ୍ର ସିଂହ, ଦିଲୀପ ସିଂହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବରଗଡ଼ରେ ସିବିଏସ୍‌ଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା

**ବରଗଡ଼ ଅଫିସ୍,୧।୧୦**

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ସିବିଏସ୍‌ଇ ସୁଦୂର ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଦ୍ୱିତୀୟ ଦିବସରେ ସଂସ୍କାର ଇଣ୍ଟରନେଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ, ମଣିପୁର, ସିକିମ, ମେଘାଳୟ ଆଦି ରାଜ୍ୟରୁ ଆସିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୧, ୧୪, ୧୭ ଏବଂ ୧୯ ବର୍ଷୀୟ ଏଭଳି ୪ଟି ବିଭାଗରେ ଏହି ପ୍ରତିଯୋଗିତା ଚାଲିଛି। ୧୯ବର୍ଷୀୟ ୧୫୦୦ ମିଟର ମୁକ୍ତଶୈଳୀ ଛାତ୍ରବର୍ଗରେ ପାର୍ଥତିୱାରୀ ପ୍ରଥମ, ଅନନ୍ତପ୍ରସାଦ ଦ୍ୱିତୀୟ, ସୋମୌ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ରୀବର୍ଗରେ ସ୍ନିଗ୍ଧା ଲାଲ ପ୍ରଥମ ଏବଂ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ଦ୍ୱିତୀୟ ହୋଇଥିଲେ । ୧୭ବର୍ଷୀୟ ୮୦୦ ମିଟର ମୁକ୍ତଶୈଳୀ ଛାତ୍ରବର୍ଗରେ ଅଭିଷେକ ବରୁଆ ପ୍ରଥମ, ସିଦ୍ଧାର୍ଥ ଦେଓରୀ



ସଂସ୍କାର ଇଣ୍ଟରନେଶନାଲ ସ୍କୁଲରେ ଚାଲିଥିବା ସିବିଏସଇ ପୂର୍ବାଞ୍ଚଳ ସନ୍ତରଣ ପ୍ରତିଯୋଗିତା।

ଦ୍ୱିତୀୟ, ପ୍ରତୀୟ ରାୟ ତୃତୀୟ, ରଜତ ଶୁଭ୍ର ସୁମନ୍ତ ଚତୁର୍ଥ, ବୋରନିଲ ଚୌଧୁରୀ ପଞ୍ଚମ ଏବଂ ତୁଷାର ଦେକା ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ରୀବର୍ଗରେ ବର୍ତା ଦୁର୍ତା ପ୍ରଥମ, ପ୍ରଥମା ବିଶ୍ୱାସ ଦ୍ୱିତୀୟ, ଅନ୍ୱେଷା ପରାସର ତୃତୀୟ, ଅଂଶୁମାଳୀ ଫୁକାନ ଚତୁର୍ଥ ଏବଂ ଆଯା ଶର୍ମା ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୧୪ବର୍ଷୀୟ ଶହେ ମିଟର ମୁକ୍ତଶୈଳୀ ଛାତ୍ରବର୍ଗରେ ସୋହମ ଘୋଷ ପ୍ରଥମ, ଖ୍ୟାତିମର ଘୋଘୋଇ ଦ୍ୱିତୀୟ, ଭୂପତି ବୁରାଗୋହେଁ ତୃତୀୟ, ଅଭିଷେକ ମଜୁମଦାର ଚତୁର୍ଥ, ମିରାନ କାକାଟି ପଞ୍ଚମ ଏବଂ ରୋହନ ଦୁତା ଷଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀବର୍ଗରେ ଶ୍ରୀଜିତା ଘୋଷ ପ୍ରଥମ, ଦିପନ୍ବିତା ଦାଶ ଦ୍ୱିତୀୟ, ନିଭରିତି ଚେରିୟାନ ଦୁର୍ତା ତୃତୀୟ, ବର୍ତା ଶତପଥୀ ଚତୁର୍ଥ, ଆକାଂକ୍ଷା ବୁରାଗୋହେଁ ପଞ୍ଚମ, ରିଶିକା ଦାସ ଷଷ୍ଠ ସ୍ଥାନ ଅଧିକାର କରିଥିଲେ । ୧୧ବର୍ଷୀୟ ୨୦୦ ମିଟର ଇଣ୍ଡିଭିଜୁଏଲ ମିଡ୍‌ଲେ ଛାତ୍ରବର୍ଗରେ ଆର୍ଯ୍ୟନ ଆଦିତ୍ୟ ଲୋହନ ପ୍ରଥମ, ଦେବୋଜିତ ଢେଙ୍କି ଦ୍ୱିତୀୟ, ପ୍ରଜ୍ଞାନ ଜ୍ୟୋତି ବୋରୋ ତୃତୀୟ, ସୌମଦିପ ଦେବନାଥ ଚତୁର୍ଥ, ଅନୁରାଗ ପାଉଲ ପଞ୍ଚମ, ବେଦାନ୍ତ ବର୍ମା ଷଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀବର୍ଗରେ ସୌର୍ଯ୍ୟା ଚୌଦାରାନା ପ୍ରଥମ, ଆକାଂକ୍ଷା ଦୋରେହା ଦ୍ୱିତୀୟ, ପ୍ରନୀତି ପଟେଲ ତୃତୀୟ, ପରିଧି ଗୋଗୋଇ ଚତୁର୍ଥ, ଆକାଂକ୍ଷା ଓ ସିଆ ରାଜପୁତ୍ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ୧୪ବର୍ଷୀୟ ୨୦୦ ମିଟର ଇଣ୍ଡିଭିଜୁଏଲ ମିଡ୍‌ଲେ ଛାତ୍ରବର୍ଗରେ ସୟାନ ଭୋମିକ୍ ପ୍ରଥମ, ସଞ୍ଜିବନ ଦାସ ଦ୍ୱିତୀୟ, ମନୋଜିତ ଢ଼େଙ୍କି ତୃତୀୟ, ପାର୍ଥ ଶ୍ରୀବାସ୍ତବ ଚତୁର୍ଥ, ଜନଂଜୟ ଜ୍ୟୋତି ହଜାରିକା ପଞ୍ଚମ, ମୀରା କ୍ରାନ୍ତୀ ଷଷ୍ଠ ସ୍ଥାନ ଅଧିକର କରିଥିବାବେଳେ ଛାତ୍ରୀବର୍ଗରେ ନିଭରାତୀ ଚେରିୟାନ ଦୁର୍ତା ପ୍ରଥମ, ସେହେନୀ ବେରା ଦ୍ୱିତୀୟ, ଅନୁସ୍କା ଗୋସ୍ୱାମୀ ତୃତୀୟ, ତ୍ରିସ୍ତା ବାନାର୍ଜୀ ଚତୁର୍ଥ, ଅନନ୍ତା ବିଜୟ ବାରଗିଆ ଓ ଅଧ୍ରୀଜା ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨ ଅକ୍ଟୋବର, ୨୦୧୯



ଏକ ଅଭାବୀ ଲୋକ ପାଇଁ ସବୁ ଜିନିଷ ଦୁନିଆରେ ପର୍ଯ୍ୟାପ୍ତ ଥାଏ, କିନ୍ତୁ ଜଣେ ଲୋଭୀ ପାଇଁ ନୁହେଁ।
- ମହାତ୍ମା ଗାନ୍ଧୀ



# ବରିଷ୍ଠ ନାଗରିକମାନେ ସମାଜ ପାଇଁ ସମ୍ପଦ

**ସୋନପୁର,୧।୧୦(ନି.ପ୍ର.)**

୨୦୧୭ ମସିହାରୁ ୨୦୩୦ ମଧ୍ୟରେ ୬୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୪୬ ପ୍ରତିଶତ ବୃଦ୍ଧି ହେବ ବୋଲି ଅନୁମାନ କରାଯାଏ। ଏହି ସଂଖ୍ୟା ବିଶ୍ୱର ଯୁବକମାନଙ୍କ ସଂଖ୍ୟା ଏବଂ ୧୦ବର୍ଷରୁ କମ୍ ଶିଶୁମାନଙ୍କ ସଂଖ୍ୟାଠାରୁ ଅଧିକ ହେବ। ଏହି ବରିଷ୍ଠ ନାଗରିକମାନେ ସମାଜ ପାଇଁ ବୋଝ ନୁହନ୍ତି, ବରଂ ସେମାନେ ସମାଜ ପାଇଁ ସମ୍ପଦ। ସେମାନେ କିପରି ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ର ଭଳି ପ୍ରତିଟି କ୍ଷେତ୍ରରେ ସମାନ ଅଧିକାର ଓ ସୁବିଧା ସୁଯୋଗ ପାଇବେ ସେଥିପ୍ରତି ସମସ୍ତେ ଯତ୍ନଶୀଳ ହେବା ଉଚିତ। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଅର୍ନ୍ତଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ଜିଲାସ୍ତରୀୟ ପାଳନ ଉତ୍ସବରେ ଅଧ୍ୟକ୍ଷତା କରି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ବୃଦ୍ଧାବସ୍ଥାରେ ଦେଖାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ତାର ଉପଚାର ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ଶିକ୍ଷାବିତ୍ ହରପ୍ରସାଦ ରଥ ସୁସ୍ଥ ଜୀବନ ଯାପନ ପାଇଁ ମାନସିକ ଶାନ୍ତି ନିହାତି ଆବଶ୍ୟକ ବୋଲି ଓ ଏଥିପାଇଁ ସତ୍‌ସଙ୍ଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟନାରାୟଣ ପାଢୀ ଏବଂ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଡି) ଡାକ୍ତର ନବକିଶୋର ବେହେରା ଏ ବର୍ଷର ବାର୍ତ୍ତା ବୟସଗତ ସମାନତା ଉପରେ ବିଶେଷ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଟିବି ଡାକ୍ତର ପଦ୍ମହଂସା ଦୋରା ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକ ଶିବ ନାରାୟଣ ସରାଫ, ଜୟପ୍ରକାଶ ମିଶ୍ର, କମଳଲୋଚନ ମହାନ୍ତି, କଲ୍ୟାଣ ପାଢୀ, ନିତ୍ୟାନନ୍ଦ ମାଝି, ସଦାନନ୍ଦ ମିଶ୍ର, ହଳଧର ଶତପଥୀ, ବିଘ୍ନରାଜ ପଣ୍ଡା, ମାଗୁଣି ସାହୁ, ରଘୁନାଥ ସାହୁ ଓ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ଏହି ଅବସରରେ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ମଞ୍ଚ ପରିଚାଳନା ସହ ସମସ୍ତ କାଯର୍ୟକ୍ରମକୁ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ ସାହୁ ପରିଚାଳନା କରିଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସାମାଜିକ ଅନୁଷ୍ଠାନ ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ, ଫାର୍ମାଶିଷ୍ଟ ତାରିଣୀ ପାତ୍ର ଓ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀମାନେ ଉପସ୍ଥିତ ଥିଲେ ।

ସେହିପରି ପଞ୍ଚାୟତ ସମିତି ସୋନପୁର ଏବଂ ପୌର ପରିଷଦ ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରମଣି ଦାଶ, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ବିଶି, ଶମ୍ଭୁଭୂଷଣ ପଣ୍ଡା ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବ୍ରଜମୋହନ ଦାନୀ ଯୋଗ ଦେଇଥିଲେ। ବିଡିଓ ରବିନ୍ଦ୍ର କୁମାର ପଟେଲ ସଭାରେ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଯୋଗ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସଚେତନତା କର୍ମଶାଳା, ହାସ୍ୟକବି ସମ୍ମିଳନୀ, କ୍ରୀଡା ପ୍ରତିଯୋଗିତା ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭେଷଜ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର କୁମାର ମେହେର ଓ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସଞ୍ଜିବ କୁମାର କର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ହାସ୍ୟ କବି ସମ୍ମିଳନୀରେ ଚନ୍ଦ୍ରାବତୀ ପାଣ୍ଡେ, ଅନୁପ୍ରୀୟ ମିଶ୍ର, ସ୍ୱପ୍ନେଶ୍ୱର ମିଶ୍ର, ଶରତ କୁମାର ମିଶ୍ର ଓ କୃପାସିନ୍ଧୁ ମହାକୁର ହାସ୍ୟ କବି ଭାବେ ଯୋଗ ଦେଇଥିଲେ। ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୋନପୁର ଶାଖା ପକ୍ଷରୁ ଆଧ୍ୟାତ୍ମିକ ସନ୍ଧ୍ୟା ପରିଚାଳନା କରାଯାଇଥିଲା। କ୍ରୀଡା ଶିକ୍ଷକ ରଘୁନାଥ ଥନାପତି କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ସୁମିତା ବାରିକ୍, ଅମରଜିତ ସାହୁ, କାର୍ଯ୍ୟକ୍ରମ ସହାୟିକା ମମି ମେହେର, ରତ୍ନୁରାଜ ବାଘ ଓ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ ।



ସୁବର୍ଣ୍ଣପୁରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ।

## ସଂକ୍ଷେପରେ

### ନିଶାର୍ଦ୍ଧରେ ଖଉଳ ବଳି

ସୋନପୁର,୧।୧୦(ନି.ପ୍ର.): ସେପ୍ଟେମ୍ବର ୨୮ ତାରିଖ ମହାଳୟାଠାରୁ ଆରମ୍ଭ ହୋଇଛି ସୋନପୁରର ପ୍ରସିଦ୍ଧ ବଳିଯାତ୍ରା। ଦୀର୍ଘ ୧୬ ଦିନ ବ୍ୟାପୀ ଏହି ଯାତ୍ରା ଚାଲିବ। ଆଧ୍ୟାତ୍ମିକ ପରମ୍ପରାର ପରିଚାୟକ ହେଉଛି ଏହି ବଳି ଯାତ୍ରା। ମଙ୍ଗଳବାର ବିଳମ୍ବିତ ରାତି ଚତୁର୍ଥୀ ତିଥିରେ ରହସ୍ୟମୟୀ ଖଉଳ ବଳି ଅନୁଷ୍ଠିତ ହୋଇଯାଇଛି। ରାତ୍ରିର ତୃତୀୟ ପ୍ରହରରେ ଏହି କାର୍ଯ୍ୟକ୍ରମ ଅତି ଗୋପନୀୟ ଭାବେ କରାଯାଇଥିଲା। ସମଲେଶ୍ୱରୀ ପୀଠରେ ବିଶେଷ ପୂଜା ପରେ ରାତିରେ ବରୁଆ ଖମ୍ବେଶ୍ୱରୀ ମନ୍ଦିରକୁ ଆସିଥିଲେ। ସେଠାରୁ ରାତି ଅଢ଼େଇଟାରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ନିକଟକୁ ଯାଇଥିଲେ। ନିଶାର୍ଦ୍ଧରେ ମନ୍ଦିର ନିକଟସ୍ଥ ପୋଖରି କୂଳରେ ଥିବା ଏକ ଶିମୁଳି ଗଛ ମୂଳରୁ କଥିତ ଖଉଳ ଗାତରୁ ବରୁଆ ନଖ ଦ୍ୱାରା ମାଟି ବାହାର କରିଥିଲା। ଖଉଳ ଗାତରୁ ମାଟି କାଢ଼ିବା ବିଶେଷ ପର୍ବକୁ ଖଉଳ ଫିଂଟା ବୋଲି କୁହାଯାଏ। ମାଟି କାଢ଼ିବା ପୂର୍ବରୁ ବରୁଆ ଖଉଳ ଗାତ ପାଖରେ ପୁରୋହିତଙ୍କ ଦ୍ୱାରା କଟା ଯାଇଥିବା ଯନ୍ତ୍ରରେ ଧାନମୁଦ୍ରାରେ ବସନ୍ତି। ଏହି ଯଜ୍ଞକୁଣ୍ଡ ବା ଖଉଳ ଗାତର ମାଟିକୁ ବଳିଯାତ୍ରା ସମୟରେ ବରୁଆ ଦେହରେ ଦେବୀ ପ୍ରବେଶ କରାଇବା ପାଇଁ ନାଭିରେ ସ୍ପର୍ଶ କରାଯାଏ। ଖଉଳ ଗାତରୁ କଳା, ଧଳା ଓ ଲାଲ ରଙ୍ଗର ମାଟି ବାହାରିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଖଉଳ ଗାତରୁ ଦୁଇଟି ମାଟି ପାତ୍ରରେ ମାଟି କାଢି ମା' ସମଲେଇ ଓ ମା' ଖମ୍ବେଶ୍ୱରୀଙ୍କ ମନ୍ଦିରକୁ ବରୁଆ ମାନେ ନିଅନ୍ତି। ଏହି ମାଟିକୁ ଆସନ୍ତା ବର୍ଷ ଯାତ୍ରା ସମୟରେ ବଳି ଭରେଇବା ପାଇଁ ବ୍ୟବହାର କରାଯାଏ। ଉକ୍ତ ମାଟିକୁ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପାଦ ତଳେ ଦୁଇ ପାର୍ଶ୍ୱରେ ରଖାଯାଏ। ମାଟି ଉଠାଯିବା ପରେ ବରୁଆକୁ ସ୍ଥାନୀୟ ଘାଟ ହନୁମାନ ପୋଖରୀକୁ ସେବାୟତମାନେ ଫିଙ୍ଗିଆନ୍ତି। ପରେ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ବୁଧବାର ଭୋର ସମୟରେ ଖୋଉଳ ବଳିନୃତ୍ୟ ଅନୁଷ୍ଠିତ ହେବ।

## ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ

**ବିନିକା, ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଏବଂ ସିଦ୍ଧାର୍ଥ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ସିଦ୍ଧାର୍ଥ କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜୁନିୟର ଓ ସବ୍ ଜୁନିୟର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜୁନିୟର ବର୍ଗରୁ ପ୍ରଗତିକା ମିଶ୍ର ପ୍ରଥମ, ଅର୍ପିତା ପଧାନ ଦ୍ୱିତୀୟ ଏବଂ ପ୍ରଦିପ୍ତା କର୍ମୀ ଓ ତ୍ରିସାରଣୀ ପଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସବ୍ ଜୁନିୟର ବର୍ଗରେ ଅନ୍ୱେଶ କୁମାର ପ୍ରଧାନ ପ୍ରଥମ, ଅନୁରାଗ ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସେହିଭଳି ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଜାରାମ ପଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କମ୍ବୁପାଣି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରେମରାଜ ପତି, ଭରତ ସାହୁ, ପଦ୍ମନାଭ ମାହାଣା, ମୁରଲୀ ପଧାନ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ ବୋଲି ଅଭିହିତ କରିଥିଲେ ।

## ବରିଷ୍ଠ ନାଗରିକ ଦିବସରେ ଯୋଗ ଶିବିର

**ତରଭା, ୧।୧୦(ଡି.ଏନ.ଏ.)**

ତରଭା ବ୍ଲକ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସକାଳେ ବରିଷ୍ଠ ନାଗରିକମାନେ କରିଥିବା ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ବିଛୁପାଲି ତପୋବନ ଆଶ୍ରମର ସ୍ୱାମୀ ତେଜୋମୟାନନ୍ଦ ଯୋଗଦେଇ କିପରି ସ୍ୱାସ୍ଥ୍ୟର ଯତ୍ନ ଯୋଗ ମାଧ୍ୟମରେ କିପରି ନେଇହେବ ତାହା ପ୍ରକାଶ କରିଥିଲେ । ପରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ସ୍ୱାସ୍ଥ୍ୟମେଳା ଆୟୋଜନ ହୋଇଥିଲା । ପରେ ବ୍ଲକ ପରିସରସ୍ଥ ସଭାଗୃହରେ ବରିଷ୍ଠ ନାଗରିକମାନଙ୍କ ଆଇନ ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ଡ.ଚିରଞ୍ଜିବି ପଧାନ, ଡ.ସୁଲଗ୍ନା ନେଗୀ, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ ସମ୍ମାନିତ ଅତିଥି ଓ ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୁଧିଷ୍ଠିର ଭୋଇ ପରିଚାଳନା କରିଥିଲେ । ଶେଷରେ ମାନଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଡୁଙ୍ଗୁରିପାଲି ଦୁର୍ଗାପୂଜା ଲାଗି ଶାନ୍ତି କମିଟି ବୈଠକ

## ଶୃଙ୍ଖଳିତ ପୂଜା ସମ୍ପନ୍ନ ଉପରେ ଗୁରୁତ୍ୱ

**ଡୁଙ୍ଗୁରିପାଲି, ୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପରିସରରେ ମଙ୍ଗଳବାର ଥାନା ଅଧିକାରୀ ନିରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଶାରଦୀୟ ଦୁର୍ଗାପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଦୁର୍ଗାପୂଜା କମିଟିର ସଭ୍ୟଙ୍କ ସହ ଚେରୁପାଲି ସେକସନ୍ ବିଦ୍ୟୁତ ବିଭାଗ ଯନ୍ତ୍ରୀ ବ୍ରହ୍ମାନନ୍ଦ ସାହୁ, ଥାନା ସବ୍‌ଇନ୍ସପେକ୍ଟର ଯଜାତି କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂଜା ସମୟରେ ବିଦ୍ୟୁତ୍ କାଟ ନ କରିବାକୁ ପୂଜା କମିଟି ସଦସ୍ୟମାନେ ମତ ରଖିଥିଲେ। ଥାନା ଅଧିକାରୀ ଦାସ ଶୃଙ୍ଖଳିତ ପୂଜା ସମ୍ପନ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂଜାଦିନ ମାନଙ୍କରେ ସାଉଣ୍ଡ ଲାଇଟ, ବିଦ୍ୟୁତ ପ୍ରତି ସତର୍କତା ଅବଲମ୍ବନ ଓ ଭସାଣୀ କାର୍ଯ୍ୟକ୍ରମ ରାତି ୧୦ଟା ପୂର୍ବରୁ ଶେଷ କରିବା, ମାଦକଦ୍ରବ୍ୟ ସେବନକୁ ବାରଣ ଓ ବାଣଫୁଟା ନିୟନ୍ତ୍ରଣ ଦିଗରେ ପୂଜା କମିଟିମାନେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ରାବଣ ପୋଡି କାର୍ଯ୍ୟକ୍ରମ ବେଳେ ଅଧିକ ସତର୍କତା ଅବଲମ୍ବନ ପାଇଁ ସେ ସହଯୋଗ କାମନା କରିଥିଲେ । ବୈଠକରେ ଡୁଙ୍ଗୁରିପାଲି ଆଜାଦ କ୍ଲବ, ବସ୍‌ଷ୍ଟାଣ୍ଡ ଜୟମାତାଦୀ ଦୁର୍ଗାପୂଜା କମିଟି, ଖୁଣ୍ଟପାଲି ଦୁର୍ଗାପୂଜା କମିଟି, ଲଛିପୁର ଦୁର୍ଗାପୂଜା କମିଟି, ଶୁଖା ଦୁର୍ଗାପୂଜା କମିଟିର ପ୍ରଦୀପ କୁମାର ମିଶ୍ର, ସୀତାରାମ ମେହେର, ବିଜୟାନନ୍ଦ ମିଶ୍ର, ଲକ୍ଷ୍ମଣ ମେହେର, ସୁନୀଲ ମିତ୍ତଲ, ଦେବପ୍ରସାଦ ପଣ୍ଡା, ମଣିଲାଲ ଶର୍ମା, ରୂପଧର ହାତୀ, ପି.କେ. ଯୋଶୀ, ବୀରେନ୍ଦ୍ର ବିଶ୍ୱାଳ, ହେମନ୍ତ ବିଶ୍ୱାଳ, କମ୍ବୁଲୋଚନ ବିଶ୍ୱାଳ, ସଦାନନ୍ଦ ସାହୁ, ସନ୍ତୋଷ କୁମାର ସାହୁ, କମଳ ପାଣ୍ଡେ, ରଞ୍ଜିତ ରଣା, ଭଜରାଜ ବାରିକ, ଦଶରଥ ବିଶ୍ୱାଳ, ପବିତ୍ର ମୋହନ ପାଣ୍ଡିଆ, ଅନଙ୍ଗଉଦୟ ଦାଶ, ମୁରାରୀମୋହନ ବେହେରା, ଲାଲମନ୍ ମେହେର, ଦେବପ୍ରସାଦ ପଣ୍ଡା ।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ମଙ୍ଗଳବାର ଷୋଡଶୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

## ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଉଲୁଣ୍ଡା, ୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆୟୋଜିତ ହୋଇଯାଇଛି ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ। ଉଲୁଣ୍ଡା ବିଡିଓ ନିଳାମ୍ବର ମହାନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମିତାଳି ମହାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଗୋଟେ ଦେଶ ଏବଂ ଜାତି ସମୃଦ୍ଧି ହେବାର ପ୍ରାକ ସୂଚନା ବୋଲି ପ୍ରକାଶ କରିଥିଲେ। ଉଲୁଣ୍ଡା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧୁନିକ ବିଶ୍ୱ ଗଠନରେ ବରିଷ୍ଠ ନାଗରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଦୁର୍ଗାଚରଣ ସାହୁ ଯୋଗଦେଇ ବୃଦ୍ଧ ସମୟରେ ସୁସ୍ଥ ରହିବାର ବିଭିନ୍ନ ଉପାୟ ଉପରେ ପରାମର୍ଶ ଦେଇଥିଲେ। ତେବେ ପ୍ରଚାର ପ୍ରସାର ଅଭାବ କାରଣରୁ କାର୍ଯ୍ୟକ୍ରମରେ ଆଶାନୁରୂପ ବରିଷ୍ଠ ନାଗରିକ ଯୋଗଦେଇ ନ ଥିଲେ। ଏ ନେଇ ବିଡିଓ ନୀଳାମ୍ବର ମହାନନ୍ଦଙ୍କୁ ଯୋଗାଯୋଗ କରାଯିବାରୁ ସେ କୌଣସି ଏକ ବୈଠକରେ ବ୍ୟସ୍ତ ଥିବା କହିଥିଲେ।



ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

### ବୀରମହାରାଜପୁର କଲେଜରେ ଅଧ୍ୟାପକ, ଅଭିଭାବକ ସମ୍ମିଳନୀ

## ଉତ୍ତମ ସମନ୍ୱୟରେ ଶିକ୍ଷାର ବିକାଶ ହେବ

**ଅମରପାଲି, ୧।୧୦ (ଡି.ଏନ.ଏ.)**

ଉତ୍ତମ ଶିଶୁ ଗୋଟିଏ ଅଞ୍ଚଳର ବିକାଶରେ ସହାୟକ ହୁଏ। ଶିକ୍ଷାର ବିକାଶ ପାଇଁ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଜରୁରୀ। ମଙ୍ଗଳବାର ଅପରାହ୍ନରେ ବୀରମହାରାଜପୁର କଲେଜ କନଫରେନ୍ସ ହଲରେ ଉକ୍ତ କଲେଜର ଅଧ୍ୟାପକ ଓ ଅଭିଭାବକ ସମ୍ମିଳନୀରେ ଉପସ୍ଥିତ ବ୍ୟକ୍ତିବିଶେଷ ମତ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ମୂରଲୀଧର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ଦୀନବନ୍ଧୁ ମେହେର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ହୋତା ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅଭିଭାବକମାନଙ୍କର ସୁଚିନ୍ତିତ ମତାମତ ଲୋଡିଥିଲେ। ଗତବର୍ଷରେ ହୋଇଥିବା ଯୁକ୍ତଦୁଇ ପରୀକ୍ଷା ଫଳାଫଳର ସମୀକ୍ଷା କରାଯାଇଥିଲା। ଯୁକ୍ତଦୁଇରେ ଶତକଡା ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ପିଲା ପାସ୍ କରିବା ସହିତ ପ୍ରଥମ ଶ୍ରେଣୀରେ ୫୨ଜଣ ପରୀକ୍ଷାର୍ଥୀଙ୍କ ଉତ୍ତୀର୍ଣ୍ଣ ହେବାକୁ ଏକ ସୁନ୍ଦର ତଥା ଶୈକ୍ଷିକ ବାତାବରଣ ଗଢ଼ି ଉଠିଥିବା କଥା କହିଥିଲେ। ଅଭିଭାବକମାନଙ୍କ ମଧ୍ୟରୁ ରତ୍ନଗୋପାଳ ସିଂ ଓ ଜଗ ଭୋଇ ଛାତ୍ରମାନଙ୍କ ଉତ୍ତମ ଚରିତ୍ର ଗଠନ ତଥା ଏକ ସୁସ୍ଥ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାକୁ ଓଡିଆ ବିଭାଗ ଅଧ୍ୟାପକ ପ୍ରକାଶ କୁମାର ସେଠ ପରିଚାଳନା କରିଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଯଜ୍ଞେଶ୍ୱର ବିଶି, ସଂସ୍କୃତ ଅଧ୍ୟାପକ ଡ. ଗୀତାଞ୍ଜଳି ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ସ୍ୱମତ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ବିଜୟ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ବୀରମହାରାଜପୁର କଲେଜରେ ଅଧ୍ୟାପକ ଓ ଅଭିଭାବକ ସମ୍ମିଳନୀରେ ଜଣେ ଅଭିଭାବକ ମତ ପ୍ରକାଶ କରୁଛନ୍ତି।

## ଆଇନ ସଚେତନତା, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ସୋନପୁର,୧।୧୦(ନି.ପ୍ର.)**

ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡିଆରଡିଏ ସଭାଗୃହରେ ଆୟୋଜିତ ସଚେତନତା ସଭାରେ ଜିଲା ଦୌରାଜଜ୍ ରାଜକୁମାର ସାହୁ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ଆଇନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ପରିବାର କୋର୍ଟର ବିଚାରପତି ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଜଜ୍ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ଜେଏମଏଫସି ଅଙ୍କିତା ଶର୍ମା, ପ୍ରିୟଦର୍ଶିନୀ କୁମ୍ଭାର, ପ୍ରତ୍ୟାଶା ରାୟ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡାକ୍ତର ରାଜକିଶୋର ମିଶ୍ର, ବ୍ରଜମୋହନ ଦାନୀ, ରାଧେଶ୍ୟାମ ପଣ୍ଡା, ଧୃବରାଜ ବାରିକ ଓ ଇନ୍ଦ୍ରମଣି ଦାଶ ଉପସ୍ଥିତ ଥିଲେ ।




ଆଇନ ସଚେତନତା ଶିବିରରେ ଜିଲା ଜଜ୍ ରାଜକୁମାର ସାହୁ ଓ ଅନ୍ୟ ଅତିଥି ବୃନ୍ଦ ।

# ହତ୍ୟାକାରୀକୁ ଧରୁନି ପୋଲିସ, ରାସ୍ତାରୋକୋ

**ଉଲୁଣ୍ଡା ୧।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ବ୍ରାହ୍ମଣିପାଲି ଗ୍ରାମର ସୁଶାନ୍ତ ନାଏକ ହତ୍ୟା ଘଟଣାକୁ ୭ ମାସ ବିତିଗଲାଣି। ବାରମ୍ବାର ଅଭିଯୋଗ ପରେ ବି ହତ୍ୟାକାରୀକୁ ଧରୁନି ପୋଲିସ। ଏଭଳି ଏକ ଅଭିଯୋଗ ନେଇ ମୃତକଙ୍କ ପରିବାର ଅଞ୍ଚଳର ଜନସାଧାରଣଙ୍କୁ ନେଇ ବୀରମହାରାଜପୁର – ସମ୍ବଲପୁର ରାଜ୍ୟ ରାଜପଥର ମହଦା ଛକଠାରେ ମଙ୍ଗଳବାର ରାସ୍ତା ଅବରୋଧ କରିଥିଲେ। ଅଭିଯୁକ୍ତଙ୍କୁ ପୋଲିସ ଆଶ୍ରୟ ଦେଉଥିବା ଅଭିଯୋଗ କରି ପୂର୍ବାହ୍ନ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଆନ୍ଦୋଳନକାରୀ ରାସ୍ତାରେ ବସି ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ଏଏସ୍‌ପି ରମେଶ ପାଣିଗ୍ରାହୀ, ଏସଡିପିଓ ଧିରଜ ଚୋପଦାର, ଆଇଆଇସି ପ୍ରଭା ଧନ, ପ୍ରଦୀପ କୁମାର ପଧାନ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ହତ୍ୟା ଅଭିଯୋଗର ତଦନ୍ତ ଜଣେ ଡିଏସ୍‌ପି ର୍ୟାଙ୍କର ଅଧିକାରୀଙ୍କୁ ଦିଆଯିବା ସହ ତଦନ୍ତକୁ ତ୍ୱରାନ୍ୱିତ କରାଯିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଏହି ମାମଲାରେ କେତେକଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ଜଣାପଡିଛି। ସୂଚନା ମୁତାବକ ଗତ ମାର୍ଚ୍ଚ ମାସ ୧୦ ତାରିଖ ଦିନ ବ୍ରାହ୍ମଣିପାଲି ଗ୍ରାମର ସୁଶାନ୍ତ ନାଏକ ସୋନପୁର ଥାନା ଅନ୍ତର୍ଗତ ପିପିଲିପାଲି ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ବାହାଘର ବରାତକୁ ଯାଇ ଘରକୁ ଆଉ ଫେରି ନ ଥିଲେ। ପରେ ମୃତକଙ୍କ ପରିବାର ତରଫରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିବା ବେଳେ ପିପିଲିପାଲି ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ନେଇ ସୋନପୁର ଥାନାରେ ଏକ ହତ୍ୟା ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସଫଳ ହୋଇନାହିଁ। ତେବେ ଏହି ବିଷୟ ନେଇ ଦୁଇଦିନ ପୂର୍ବରୁ ମୃତକଙ୍କ ସ୍ତ୍ରୀ ରଶ୍ମିତା ନାଏକ ଶ୍ୱଶୁରଙ୍କ ସହ ପୁନର୍ବାର ଅଭିଯୋଗ ପାଇଁ ଏସପିଙ୍କ ନିକଟକୁ ଯାଉଥିବା ବେଳେ କେତେକ ଦୁର୍ବୃତ୍ତ ବାଟରେ ଅଟକାଇ ବିଭିନ୍ନ ଧମକ ଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।



ବୀରମହାରାଜପୁର–ସମ୍ବଲପୁର ରାଜ୍ୟ ରାଜପଥର ମହଦା ଛକରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।

- ସତ୍ୟସାଇ ବାବା



## ସଂକ୍ଷେପରେ

### ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସରକାରୀ ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରସାଦ ଆଚାରୀଙ୍କୁ ସୋମବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୧୯୮୨ରୁ ୨୦୧୯ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ଲଡୁଗାଁ ହାଇସ୍କୁଲ ପରିସରଠାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ପାଢୀ, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ରାମ ପ୍ରସାଦ ସାହୁ, ତୁଳସିରାମ ସାହୁ, ନିରଞ୍ଜନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଆଚାରୀଙ୍କ ସ୍କୁଲ ପ୍ରତି ଥିବା ତ୍ୟାଗ ଓ ବଳିଷ୍ଠ ଯୋଗଦାନ ଅତୁଳନୀୟ ବୋଲି କହିଥିଲେ। ଆଶିଷ ରଞ୍ଜନ ପଟେଲ, ଲତିକା ଦୁରିଆ, ତିଲୋତ୍ତମା ନାଏକ, ରେଣୁକା ସାହୁ, ଅକ୍ଷୟ ନାଏକ, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ବୁଦ୍ଧିରାମ ନାଏକ ମଞ୍ଚ ପରିଚାଳନା କରିଥିଲେ।

# ରାମମନ୍ଦିର ସଦୃଶ ତୋରଣ ମୁଖ୍ୟ ଆକର୍ଷଣ

**ଭବାନୀପାଟଣା,୧।୧୦ (ଡି.ଏନ.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଭବାନୀପାଟଣା ସହର ସମେତ ଗାଁ ଗହଳି ଚଳଚଞ୍ଚଳ ହୋଇ ଉଠିଛି। ବିଶେଷ କରି ଭବାନୀପାଟଣାର ୧୧ଟି ସ୍ଥାନରେ ଶିଳ୍ପିମାନେ ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ତିଆରି କରୁଛନ୍ତି। କିଛି ପୂଜା ମଣ୍ଡପରେ ବାହାରୁ ମଧ୍ୟ ମୂର୍ତ୍ତିଗଢା କାରିଗର ଆସିଥିବା ଜଣାପଡିଛି । ଭବାନୀପାଟଣା ସହର ନକଟିଗୁଡା ପୂଜା କମିଟି ଦ୍ୱାରା ସ୍ଥାନୀୟ ଲାଖମରା ପଡିଆଠାରେ ଚଳିତବର୍ଷ ନବମ ବର୍ଷରେ ପହଞ୍ଚିଥିବା ବେଳେ ମା' ଦୁର୍ଗାଙ୍କ ନବରାତ୍ର ଆରମ୍ଭ ହୋଇଛି । ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ପାଇଁ ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା କରାଯାଇଛି। କଳସଯାତ୍ରାକୁ କମିଟି ସଭାପତି ସାମନ୍ତ ଖମାରୀ, ସମ୍ପାଦକ ଜଗଦିସ ନାଏକ, ସଦସ୍ୟ ବିରେନ୍ଦ୍ର ଖମାରୀ, ଭବାନୀଶଙ୍କର ନିଆଲ, ଅଙ୍କୁର ବାଗ, ଅନିଲ ନାଏକ, ତୁଫାନ୍ ଶଗଡିଆ ଏବଂ ସାଇ ଖମାରୀ ପ୍ରମୁଖ କର୍ମକର୍ତ୍ତାମାନେ ନେତୃତ୍ୱ ନେଇଥିଲେ। ରବିବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ନକଟିଗୁଡା ପୂଜା କମିଟି ଦ୍ୱାରା ଭୁବନେଶ୍ୱର ରାମ ମନ୍ଦିର ସଦୃଶ (୧୦୦ ଫୁଟ ପ୍ରସ୍ତ ଓ ୭୦ ଫୁଟ ଉଚ୍ଚତା) ମେଢ ଓ ତୋରଣ ନିର୍ମାଣ ହୋଇଛି । ଢେଙ୍କାନାଳ କାରିଗରମାନଙ୍କ ଦ୍ୱାରା ବେଶ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାରୁ ପ୍ରବଳ ଜନଗହଳି ହେଉଛି । ଚଳିତବର୍ଷ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଭୁବନେଶ୍ୱର ରାମ ମନ୍ଦିର ସଦୃଶ ତୋରଣ ସହ ମିନା ବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏତଦ୍ ବ୍ୟତିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବହୁ ସାଂସ୍କୃତିକ ଦଳ ସହ ଯୋଗାଯୋଗ କରାଯାଇଥିବା ନକଟିଗୁଡା ଦୁର୍ଗାପୂଜା କମିଟି ସଭାପତି ସାମନ୍ତ ଖମାରୀ ପ୍ରକାଶ କରିଛନ୍ତି । ଏଥି ସହିତ ଜିଲା ତଥା ଜିଲା ବାହାର ବହୁ ସାଂସ୍କୃତିକ ଦଳଙ୍କ ସହ ମହିଳା ଦଣ୍ଡନୃତ୍ୟ, ନୃତ୍ୟ ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ଝୋଟିପ୍ରତିଯୋଗିତା, ଭକ୍ତ ଓ ଜନସାଧାରଣଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି । ଏହି ପୂଜା ମଣ୍ଡପ ନିକଟରେ ଲାଖମରା ପର୍ବ ଓ ରାବଣ ପୋଡି ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜୁଛି। ସନ୍ଧ୍ୟା ହେଲେ ଉକ୍ତ ତୋରଣ ଭୁବନେଶ୍ୱର ରାମ ମନ୍ଦିରର ଭ୍ରମ ସୃଷ୍ଟି କରିଛି ଓ ଲୋକଙ୍କ ବେଶ ଭିଡ ଜମିବ ବୋଲି ଅଶା କରାଯାଉଛି । ୯ ଦିନ ଧରି ପ୍ରବଳ ଜନଗହଳି ସମ୍ଭାବନା ଥିବାରୁ କମିଟି ସଦସ୍ୟମାନେ ଶାନ୍ତିଶୃଙ୍ଖଳା କିପରି ରକ୍ଷା ହେବ ଓ ଦର୍ଶକମାନେ ଶାନ୍ତିରେ ପୂଜା ଦର୍ଶନ କରିବା ସହିତ ଅନ୍ୟାନ୍ୟ ସାଜସଜା ଓ ମିନାବଜାର ବୁଲି ଉପଭୋଗ କରିପାରିବେ ସେଥି ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଖମାରୀ ପ୍ରକାଶ କରିଥିଲେ।



ଭୁବନେଶ୍ୱର ରାମ ମନ୍ଦିର ସଦୃଶ ନିର୍ମିତ ତୋରଣ।



ମା' ଆସୁଛନ୍ତି

ନକଟିଗୁଡ଼ା ଦୁର୍ଗାପୂଜା

### ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଭବାନୀପାଟଣା, ୧।୧୦ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବୋର୍ଡା, ଡୁମୁରିଆ, ଗୁରୁଜୁଙ୍ଗା, ସେଁପୁର, କେନ୍ଦୁପାଟି, ବୋରଭଟ୍ଟା, କାମଠଣା, ମାଲଗାଁ, ଥୁଆପଦର ପଞ୍ଚାୟତରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ବର୍ଜନ ସମ୍ପର୍କିତ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଡୁମୁରିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଡିଓ ଶ୍ରୀଧର ପଣ୍ଡା, ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ସ୍ୱାସ୍ଥ୍ୟ କର୍ମୀ ଭୋଲେଶ୍ୱର ନାଏକ, ଶିକ୍ଷକ ଦୁର୍ଗା ଚରଣ ସାମଲ, ପିଇଓ ସିଦ୍ଧେଶ୍ୱର ଦେବ ପ୍ରମୁଖ ଯୋଗାଦେଇ ଥିଲେ। ସେହିଭଳି ବୋର୍ଡାଠାରେ ସରପଞ୍ଚ ରୀନାରାଣୀ ଜାଲଙ୍କ ନେତୃତ୍ୱରେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଶିକ୍ଷକ ନବୀନ ଭୋଇ, ନିରାକାର ଗହିର, ସମୀର ମହାପାତ୍ର, ଶିକ୍ଷୟିତ୍ରୀ ବନ୍ଦନା ଭୋଇ, ସୁନିଭା ମଞ୍ଜରୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଗୁରୁଜୁଙ୍ଗଠାରେ ସରପଞ୍ଚ ରୀନା ସାହୁ, କେନ୍ଦୁପାଟିରେ ସରପଞ୍ଚ ନାଗେଶ୍ୱର ବାଗ, ବୋରଭଟ୍ଟାରେ ସରପଞ୍ଚ ସ୍ୱରୂପାରାଣୀ ଗହିର, ସେଁପୁରରେ ସରପଞ୍ଚ ରାଜେଶ ପ୍ରାସାଦ ସାହୁଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଭୀମ ଭୋଇ ମେଡିକାଲ କଲେଜରେ ଗାନ୍ଧୀ ପାନୋରାମା

**ବଲାଙ୍ଗୀର ଅଫିସ, ୧।୧୦**

ଜାତିର ପିତା ମାହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ଅବସରରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ସେଣ୍ଟ୍ରାଲ ଲାଇବ୍ରେରୀରେ ମଙ୍ଗଳବାର ପୂର୍ବାହ୍ନରେ ଏକ ଆକର୍ଷକୀୟ କାର୍ଯ୍ୟକ୍ରମ ମହାତ୍ମା ଗାନ୍ଧୀ ପାନୋରାମା ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀଙ୍କ ଜୀବନ ସହ ଜଡିତ ବିଭିନ୍ନ ଘଟଣାବଳୀର ତଥ୍ୟ ସମ୍ବଳିତ ଦୃଶ୍ୟାବଳି ଓ ସୂଚନା ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର ଉଦ୍ଘାଟନ କରିଥିଲେ । କଲେଜର କମ୍ୟୁନିଟି ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଡା ମାନସୀ ପଣ୍ଡା ଓ ଲାଇବ୍ରେରୀ ଇନଚାର୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲାଇବ୍ରେରୀର ସମସ୍ତ ଷ୍ଟାଫ୍, କଲେଜ ଛାତ୍ରୀଛାତ୍ର ବିଶେଷ ସହଯୋଗ କରିଥିଲେ। ଲାଇବ୍ରେରୀ ରିଡିଂ ରୁମ୍ ଭିତରେ ଗାନ୍ଧୀଙ୍କ ବିଭିନ୍ନ ଫଟୋ, ବିଭିନ୍ନ ଘଟଣାର ତଥ୍ୟ, ସୂଚନା ପ୍ରଦାନ କରାଯାଇଥିଲା। ଏହି ଗାନ୍ଧୀ ପାନୋରାମା କାର୍ଯ୍ୟକ୍ରମରୁ ଛାତ୍ରୀଛାତ୍ରମାନେ ମହାତ୍ମା ଗାନ୍ଧୀଙ୍କ ବିଷୟରେ ବେଶ୍ କିଛି ଜାଣିପାରିଥିଲେ। ଏକ ନିଆରା ଢ଼ଙ୍ଗରେ କଲେଜରେ ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଖୁବ୍ ଉତ୍ସାହିତ ଥିଲେ। ଏହି କାର୍ଯ୍ୟକ୍ରମ ବେଶ ଶିକ୍ଷଣୀୟ ହୋଇଛି ବୋଲି ସେମାନେ ମତ ଦେଇଛନ୍ତି ।



ମହାତ୍ମା ଗାନ୍ଧୀ ପାନୋରାମା କାର୍ଯ୍ୟକ୍ରମରେ ମେଡିକାଲ କଲେଜ ଡିନ୍ ଓ ଡାକ୍ତରୀ ଛାତ୍ରୀଛାତ୍ର ।




ଖବରଦାତା ସମ୍ମିଳନୀରେ ବେସରକାରୀ କଲେଜ ଶିକ୍ଷକ ସଂଘର ସଦସ୍ୟମାନେ ।

### ବେସରକାରୀ କଲେଜ ଶିକ୍ଷକ ସଂଘର ଦାବି

## କଲେଜରେ ଅଧାପକମାନଙ୍କୁ ୭ ଘଣ୍ଟା ରହିବା ପ୍ରତ୍ୟାହାର କର

**ଭବାନୀପାଟଣା,୧।୧୦ (ଡି.ଏନ.ଏ.)**

ନିକଟରେ ରାଜ୍ୟ ସରକାର କଲେଜଗୁଡିକରେ ଅଧାପକମାନଙ୍କୁ ୭ ଘଣ୍ଟା ରହିବା ବାଧ୍ୟତାମୂଳକ କରିଥିବା ନିଷ୍ପତ୍ତିକୁ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହହାର କରିବାକୁ ଦାବି କରିଛି। ଏଥିସହ ବେସରକାରୀ କଲେଜର ଅଧାପକଙ୍କୁ ପ୍ରତି ହହେଉଥିବା ବିଭିନ୍ନ ପକ୍ଷପାତ ନୀତିକୁ ପ୍ରତ୍ୟାହହର କରି ସମାନ କାମକୁ ସମାନ ଦରମା ଦାବି କରିଛି। ୧।୬।୨୦୮ରୁ କଲେଜଗୁଡିକୁ ଅନୁଦାନ ନ ଦେବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ରବି ରାୟ ଭବାନୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଦାବି ପୂରଣ ନ କଲେ ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି କହିଥିଲେ। କର୍ଲାପଡା ପଞ୍ଚାୟତ ସମିତି କଲେଜରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ କଳାହାଣ୍ଡି ଜିଲା ଶାଖାର ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଛି। ଅଧାପକ ସତ୍ୟ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘ ସାଦାରଣ ସମ୍ପାଦକ ରବି ରାୟ, ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଡକ୍ଟର ଦୁଷ୍ମନ୍ତ ନାଏକ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣୟାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଡ. ଅଶ୍ୱିନୀ ସୁପକାର ଓ ନୂଆପଡା ଜିଲା ସଭାପତି ଡ. ହରେନ୍ଦ୍ର ପଣ୍ଡା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ପ୍ରତି ଉଦାସୀନତା ଓ ଅବହେଳା ସମ୍ପର୍କରେ ଆଲୋଚନା କରିଥିଲେ। ଅନଗ୍ରସର କେବିକେ ଜିଲାଗୁଡିକ ପାଇଁ ସ୍ୱତନ୍ତ୍ର ୩, ୫ ଓ ୭ ବର୍ଷରେ ଅନୁଦାନ ନୀତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାପକ ତଥା ସଂଘର ସଭାପତି ସତ୍ୟ ପଟ୍ଟନାୟକ, ପ୍ରଧାପକ ଶରତଚନ୍ଦ୍ର ପଣ୍ଡା ଓ ବିଭୂତି ଭୂଷଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲା ସାକାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଜିଲା ସଭାପତି ଭାବେ ତୁଳସୀ ଦାସ ପାଢୀ, ସମ୍ପାଦକ ସୁଶାନ୍ତ ପାଢୀ, କାର୍ଯ୍ୟକାରୀ ସଭାପତି ରଘୁନାଥ ମହାପାତ୍ର, ସଙ୍ଗଠନ ସମ୍ପାଦକ ବିନୋଦ ପଟ୍ଟନାୟକ, ଉପସଭାପତି ଭାବେ ଦିଲୀପ ଦାସ, ବସନ୍ତ ପଣ୍ଡା ଓ ଭୁବନ ଠାକୁର, ଯୁଗ୍ମ ସଂପାଦକ ଭାବେ ଆଦିତ୍ୟ ଖମାରୀ, ପ୍ରଦୀପ ମିଶ୍ର, ପ୍ରସନ୍ନ ସାହୁ, ଓ ସଞ୍ଜୟ ସିଂଙ୍କୁ ମନୋନୀତ କରାଯାଇଥିଲା।

## ବରିଷ୍ଠ ନାଗରିକ ଦିବସ ପାଳିତ

**କେସିଙ୍ଗା,୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳର ୪ଜଣ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ଭୀମସେନ ଶବର ବରିଷ୍ଠ ନାଗରିକଙ୍କ ଜୀବନି ଉପରେ ବିଭିନ୍ନ ବିଷୟକୁ ନେଇ ଉଦାହରଣ ଦ୍ୱାରା ଉପସ୍ଥିତ କର୍ମଚାରୀମାନଙ୍କୁ ବୁଝାଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଧର୍ମଗଡ ବ୍ଲକ ବିକ୍ରମଗୁଡାର ଶୋଭାବନ ରାଉଳ ଯୋଗଦେଇଥିଲେ। ନାଗରିକ କର୍ତ୍ତବ୍ୟ ପାଳନ ଓ ମୂଳମନ୍ତ୍ର, ବିଶିଷ୍ଠ ନାଗରିକଙ୍କ ଜୀବନି ଆଦି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଭାଇସଚେୟାରମ୍ୟାନ ରଜନୀକାନ୍ତ ପୋଢ଼ ଯୋଗଦେଇଥିଲେ। ଉତ୍ସବରେ ବ୍ଲକର ବନବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଉଦ୍ୟାନ ବିଭାଗ ସହ ବିଭିନ୍ନ ବିଭାଗ ସମସ୍ତ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଦିବସକୁ ବ୍ଲକର ବିଭୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ନିଶା ନିବାରଣ, ପରିବେଶ ସୁରକ୍ଷା ନେଇ ସଚେତନତା ରାଲି

**କର୍ଲାମୁଣ୍ଡା,୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ମଙ୍ଗଳବାର ଅନ୍ତଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନେ ପରିବେଶ ସୁରକ୍ଷା ଓ ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି ପାଇଁ ବ୍ଲକ ସଦର ରୁଗୁଡିପଡାଠାରୁ ଶିଶୁ ମନ୍ଦିର ଛକ ଯାଏଁ ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ପରେ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତ ସମିତି କର୍ଲାମୁଣ୍ଡା ପକ୍ଷରୁ ଆୟୋଜିତ ସଭାରେ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, କର୍ଲାମୁଣ୍ଡା ଏସବିଆଇ ଶାଖା ପରିଚାଳକ ପାରସନାଥ ପାଣିଗ୍ରହୀ, ମୋବାଇଲ ହେଲଥ୍ ୟୁନିଟର ଡାକ୍ତର ଧର୍ମରାଜ ସିଂ, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର, ବିଏସଇଓ ସସ୍ମିତା ପଟେଲ ପ୍ରମୁଖ ଯୋଗଦେଇ ଏହି ଦିବସର ତାପର୍ଯ୍ୟ ସହିତ ବରିଷ୍ଠ ନାଗରିକମାନଙ୍କ ପ୍ରତି ନିଜ ନିଜର ଦାୟିତ୍ୱ କର୍ତ୍ତବ୍ୟ କ'ଣ ରହିବା ଉଚିତ ସେ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମଧ୍ୟରୁ ଉପେନ୍ଦ୍ର ସାହୁ, ଲେଖମଣି ସାହୁ, ମୁରଲୀ ରଣା, ଶିବଭକ୍ତ ସାହୁ, କାଶିନାଥ ସାହୁ, ହୃଷୀକେଶ ଚୌଧୁରୀ, କମ୍ବୁ ରଣା, ଋଷଭ ନାଏକ ପ୍ରମୁଖଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଗୋବିନ୍ଦ ସାହୁ, କାମଦେବ ଭୋଇ, ରୁଦ୍ରପ୍ରସାଦ ଭୋଇ, ମୋହନଲାଲ ରଣା, ବାବା ଭଗବାନ ଦାସ, ଦିଲୀପ ରଣା, ଦୟାନିଧି ସାହୁ, ପଣ୍ଡିତ ପଧାନ, ଦଶରଥ ସାହୁ, ବୈକୁଣ୍ଠ ରଣା, ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଗାଁର ୮୩ ଜଣ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

**କଲମପୁର, (ଡି.ଏନ.ଏ.) :** କଲମପୁର ବ୍ଲକଠାରେ ମଧ୍ୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ୨୧ ଜଣ ବୃଦ୍ଧବୃଦ୍ଧାମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ସୁଚିତ୍ରା ନାଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, କଲମପୁର ବିଡିଓ ହୋମ ସାଗର ଭୋଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣାକର ବାଗ, ପ୍ରଗତି ସହାୟକ ଲକ୍ଷ୍ମଣ ହରିଜନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହେମନ୍ତ କୁମାର ସଗଡିଆ ଏବଂ ସମସ୍ତ ଗ୍ରାମପଞ୍ଚାୟତ ସମିତ ସଭ୍ୟାସଭ୍ୟ, ସରପଞ୍ଚ, ପିଇଓ, ଜିଆରଏସ୍ ଉପସ୍ଥିତ ଥିଲେ।

**ଭତ୍ତା ବଣ୍ଟନ, ସ୍ୱାସ୍ଥ୍ୟ ପରୀକ୍ଷା**

**କୋକସରା, (ଡି.ଏନ.ଏ.):** କୋକସରା ବ୍ଲକ ସଭାଗୃହଠାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ୨୨ଟି ପଞ୍ଚାୟତ ୨୮୪ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ କରାଯାଇଥିଲା। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦୀପକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣି ବାଗ, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, କାଉଡୋଲା ସରପଞ୍ଚ ଜମ୍ବୁବତୀ ସାହୁ, ବଡପୋଡାଗୁଡା ସରପଞ୍ଚ କସ୍ତୁରୀ ପୂଝାରୀ, ଓଲମା ସରପଞ୍ଚ ନନ୍ଦିତା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଳାଦ୍ରି ମେହେର, ସୁନ୍ଦର ନାଏକଙ୍କ ସମେତ ୨୨ଟି ପଞ୍ଚାୟତ ସମସ୍ତ ସରପଞ୍ଚ ଓ ପିଇଓ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସଙ୍କ ସମେତ ସାରଥି ସେନାପତି, ଶୁଭେନ୍ଦୁ ପଣ୍ଡା, ଅନୁସୟା ମାଝି ପ୍ରମୁଖ ବୃଦ୍ଧବୃଦ୍ଧାମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଘାସିରାମ ପାଢଯୋଷୀଙ୍କୁ ସମାଜ ସେବା ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଧର୍ମଗଡ ବିଧାୟକ ବାଗ ଓ ବ୍ଲକ ଅଧ୍ୟକ୍ଷା ବାଗ ମାନପତ୍ର ଦେଇ ସମ୍ମାନିତ କରିଥିଲେ।




କର୍ଲାମୁଣ୍ଡା ବରିଷ୍ଠ ନାଗରିକମାନେ ନିଶା ନିବାରଣ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ରାଲି କରୁଛନ୍ତି।




ଜରାସିଂହା କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥି।

## ଜରାସିଂହା କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧।୧୦(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତ ଦୁଇ କଲେଜରେ ମଙ୍ଗଳବାର ରେଡ୍ ରିବନ କ୍ଲବ ତରଫରୁ ଏଡ୍‌ସ ରୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନା ଓ ଅଧକ୍ଷ ବିମଳ କିଶୋର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁଥ୍ ରେଡକ୍ରସ କାଉନସେଲର ଦୁର୍ବାଦଳ ଘିଭେଲା ଯୋଗଦେଇ ଏହାର କାରଣ, ନିରାକରଣ ଓସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରୀ ଜଳମତୀ ମାଝୀ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପରିଶେଷରେ ଅଧାପକ ଗୋବିନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ଧୋବୋଇ ଚରଣ ପଟେଲ, ଅଚ୍ୟୁତ ରାମ ମେହେର, ବସନ୍ତ କୁମାର ମନହୀରା, ବସୁଦେବ ମେହେର, ଶୁଭଶ୍ରୀ ସାହୁ, ସୁନୀତା ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କାର୍ଯ୍ୟରେ ଅବହେଳା କରୁଥିବା ୨ ଶିକ୍ଷକ ନିଲମ୍ବିତ

ନୂଆପଡା ଅଫିସ,୧।୧୦- ସରକାର ବର୍ତ୍ତମାନ ବିଦ୍ୟାଳୟଗୁଡିକରେ ଶିକ୍ଷକମାନଙ୍କ ଶତପ୍ରତିଶତ ନିୟମିତ ଉପସ୍ଥାପନ କରିବାକୁ ଯାଞ୍ଚ ପ୍ରକ୍ରିୟା ଚାଲିଥିବାବେଳେ ଏଥିରେ ଅବହେଳା କରିଥିବା ଅଭିଯୋଗରେ କୋମନା ବ୍ଲକ ଚୌକପଡା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଧ୍ରୁବଚରଣ ଦଳେଇ ଏବଂ ଆନନ୍ଦ ଯାଦବଙ୍କୁ ନୂଆପଡା ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି । ଶିକ୍ଷକ ଦଳେଇ ଆଜିକୁ ଆଠ ଦିନ ହେବ ବିଦ୍ୟାଳୟରେ ଅନୌଚାରିକ ଭାବେ ଅନୁପସ୍ଥିତ ରହିଥିଲେ। ତାଙ୍କ ସ୍ଥାନରେ ବିଦ୍ୟାଳୟ ଅନ୍ୟ ଜଣେ ଶିକ୍ଷକ ଶଙ୍କର ଯାଦବ ମିଥ୍ୟା ଦସ୍ତଖତ ଦେଇ ଆସୁଥିଲେ। ଏହାକୁ କୌଶଳ କରି ଶିକ୍ଷାଧିକାରୀ ଧରିଥିବା ଜଣାପଡିଛି । ଆଗକୁ ଏହି ପ୍ରକ୍ରିୟା ପୁଣି ଚାଲିବ। ଏଥିରେ ଖିଲାପ କରୁଥିବା ଯେକୌଣସି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ କହିଛନ୍ତି ।

### ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକ ମୃତ

କୋମନା,୧।୧୦(ଡି.ଏନ.ଏ.)- ନୂଆପଡା ଜିଲା କୋମନାର ଜଣଙ୍କ ଘରେ ରଙ୍ଗ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋମନାସ୍ଥିତ ଜୁନାଗଡ ପଡାର ବୃନ୍ଦାବନ ରଣା (୨୫)। ସୂଚନା ଅନୁସାରେ ବୃନ୍ଦାବନ ରଙ୍ଗ କାମ କରୁଥିଲେ। ଏହି ସମୟରେ ସେ ସ୍ଲାପ୍ ଉପରକୁ କୌଣସି କାମ ପାଇଁ ଚଢି ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଯୁବକ ଜଣକ ଗୁରୁତର ଆହତ ହୋଇ ତଳେ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୋମନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଜିଲା ମେଡିକାଲକୁ ସ୍ଥାନାନ୍ତର ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଛେଳି, ମେଣ୍ଢା ପାଳନ ପ୍ରଶିକ୍ଷଣ ଶିବିର

ବୋଡେନ,୧।୧୦(ଡି.ଏନ.ଏ.)- ନୂଆପଡା ଜିଲା ବୋଡେନ ବ୍ଲକ ଜାତୀୟ ପ୍ରାଣୀଧନ ମିଶନ ସହାୟତାରେ ପ୍ରାଣି ଚିକିତ୍ସା କେନ୍ଦ୍ରଠାରେ ଛେଳି ଓ ମେଣ୍ଢା ପାଳନ ଦକ୍ଷତା ବୃଦ୍ଧି ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ୨୭ ତାରିଖଠାରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ନେଇ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ କୋମନା ବ୍ଲକ ଡ. ଦୟାସାଗର ଦୁରିଆ, ସିନାପାଲି ବ୍ଲକ ବିକାଶ ଚନ୍ଦ୍ର ସେଠୀ ଓ ବୋଡେନ ବ୍ଲକ ଦିପ୍ତିରଞ୍ଜନ ସ୍ୱାଇଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏଥିରେ ଖଇରା ପ୍ରାଣୀଧନ ନିରୀକ୍ଷକ ଟିକେରାମ ମାଝି ଏବଂ ଡମଝର ନିରିକ୍ଷକ ତୁଲସିରାମ ମାଝି ସହଯୋଗ କରିଥିଲେ।

# ସମାଜ ସଂସ୍କାର ପାଇଁ ବରିଷ୍ଠ ନାଗରିକମାନେ ମଙ୍ଗୁଆଳ

ନୂଆପଡା ଅଫିସ/ସିନାପାଲି/ଖଡ଼ିଆଳ, ୧।୧୦(ଡି.ଏନ.ଏ.)



ବରିଷ୍ଠ ନାଗରିକ ଦିବସ ପାଳନରେ ମଞ୍ଚାସୀନ ଅତିଥିମାନେ।

**ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ**

ଅଭିଜ୍ଞତା ମଣିଷକୁ ସିଦ୍ଧହସ୍ତ କରିଥାଏ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବିଭିନ୍ନ ଜିନିଷ ଉପରେ ନିଖୁଣ ପାରଙ୍ଗମତା ରହିଛି। ସେମାନଙ୍କ ଉଚିତ ମାର୍ଗଦର୍ଶନରେ ସମାଜ ଚାଲିଛି। ଏହାର ସଦୁପଯୋଗ ହେବା ଆବଶ୍ୟକ। ବରିଷ୍ଠ ନାଗରିକମାନେ ସମାଜ ସଂସ୍କାରର ମଙ୍ଗୁଆଳ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ନୂଆପଡା ଏନଏସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସଭାପତିତ୍ୱ କରିଥିବାବେଳେ ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ ମୁଖ୍ୟଅତିଥି, ଉପଜିଲାପାଳ ତରଣୀସେନ ନାଏକ, ଜିଲା ସାମାଜିକ ସୁରକ୍ଷାଧିକାରୀ ଗୋପଲକ୍ଷ୍ମୀ ହୋତା, ନୂଆପଡା ବରିଷ୍ଠ ନାଗରିକ ସଭାପତି କ୍ଷୀରୋଦ ନିବାସ ପଣ୍ଡା, ସାମାଜିକ କର୍ମୀ ପ୍ରମୋଦିନି ପଣ୍ଡା, ଟିମନ ବାରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଜୀବନର ବିଭିନ୍ନ ଅନୁଭୂତି ବଖାଣିଥିବାବେଳେ ସରକାରୀସ୍ତରରେ କିପରି ଅବହେଳା କରାଯାଉଛି ସେ ଉପରେ ମତ ରଖିଥିଲେ। ବରିଷ୍ଠ ନାଗରିକମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ସରକାର କ'ଣ ସବୁ ପଦକ୍ଷେପ ନେଉଛନ୍ତି ସେ ଉପରେ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବି.ବି. ଜଗତ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିବାବେଳେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଜିତ କୁମାର ଓତା ଯୋଗଦେଇ ଆଇନ ସମ୍ପର୍କିତ ଦିଗ ଉପରେ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ମ୍ୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ସାଲେଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଦମର ସମ୍ପାଦକ ଯାଜ୍ଞସେନୀ ମହାପାତ୍ରଙ୍କ ସହ ଏନଏସି ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ସିନାପାଲି ବ୍ଲକ ସଭା ଗୃହଠାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ସୁଧାଂଶ ଶେଖର ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରିଥିଲେ। ସିନାପାଲି ଥାନା ସବଇନ୍ସପେକ୍ଟର ଏସ ସାହା ଉପସ୍ଥିତ ରହି ବିଭିନ୍ନ ଆଇନ ଓ ତାଲୁକସ୍ତରୀୟ ଆଇନ ଉପରେ ପରାମର୍ଶ ଦେଇଥିଲେ। ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେନ୍ଦ୍ର ମେହେର ସଭାପତିତ୍ୱ କରି ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସାଦୁବାଦ ଜଣାଇବା ସହ ଦୀର୍ଘ ଜୀବନ କାମନା କରିଥିଲେ। ମୁଖ୍ୟଅତିଥି ଭାବେ ସିନାପାଲି ବ୍ଲକ ଅଧ୍ୟକ୍ଷା ତପସ୍ୱିନୀ ମାଝି, ସିନାପାଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣୀ ମେହେର, ବରିଷ୍ଠ ଆଇନଜୀବୀ ବୈଷମାୟନ ମେହେର, ସିନାପାଲି ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ବରିଷ୍ଠ ନାଗରିକ ଡ. ଅରିଗଞ୍ଜନ ଯୋଶୀ, ସିନାପାଲି ୧୪ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟ ପ୍ରିୟରଞ୍ଜନ ମେହେର, ବରିଷ୍ଠ ଶିକ୍ଷାବିତ ଉପେନ୍ଦ୍ର ଧାକଡ, ସିନାପାଲି ଗୋଷ୍ଠୀ ସାମାଜିକ ଅଧିକାରୀ ଦୁର୍ଯ୍ୟୋଧନ ବିଶି ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ରୂପେଶ ଚନ୍ଦ୍ର ମେହେର ପରିଚାଳନା କରିଥିଲେ। ସିନାପାଲି ଡବ୍ଲୁଇଓ ସୂର୍ଯ୍ୟକାନ୍ତ ଭୋଏ ଧନ୍ୟବାଦ ଅର୍ପଣ କରିଥିଲେ। ସିନାପାଲି ଅଞ୍ଚଳର ପ୍ରାୟ ୨୦୦ ବରିଷ୍ଠ ନାଗରିକମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା ।

ଖଡିଆଳର ଅଗ୍ରସେନ ଭବନ, ବ୍ଲକ କାର୍ଯ୍ୟାଳୟ ଓ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି । ଖଡିଆଳ ପଞ୍ଚାୟତ ସମିତି ସଭାଗୃହରେ ଖଡିଆଳ ବିଡିଓ ଉତ୍ତମ କୁମାର ବାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଯୋଗଦେଇଥିଲେ। ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଶିକ୍ଷାବିତ ବଳଭଦ୍ର ମହାଉତି ଓ ମୁଖ୍ୟବକ୍ତା ଭାବେ ମେଡିକାଲ ଅଫିସର ଡା. ଡି. ମହାନନ୍ଦ ଯୋଗଦେଇଥିଲେ। ସେହିପରି ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଡୋଳାମଣି ସିଂ ବାବୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ନୂଆପଡା ଏସପି ବିନିତ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ତାଲୁକସ୍ତରୀୟ ଆଇନସେବା ଅଧ୍ୟକ୍ଷ ତଥା ସବଜଜ୍ ଡ. ପ୍ରଦୀପ କୁମାର ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାରପତି ଶ୍ରଦ୍ଧା ମାଣ୍ଡୋଶିଆ, ଏସଡିପିଓ ବିରଞ୍ଚି ନାରାୟଣ ଦେହୁରୀ, ଡ. ଡି. ମହାନନ୍ଦ, ଓକିଲ ସଂଘ ସଭାପତି ତୁଳସୀ ତାଣ୍ଡି, ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ବିଡିଓ ଉତ୍ତମ ବାଗ, ଡ. ମେଜର ରାମଚନ୍ଦ୍ର ମିଶ୍ର, ଆଇନଜୀବୀ ସନ୍ତୋଷ ମିଶ୍ର, ଆଇନଜୀବୀ ରାମେଶ୍ୱର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ ।

## ଅଗ୍ରସେନ ଜୟନ୍ତୀ ପାଳିତ

ଜୁନାଗଡ,୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ରବିବାର ଅଗ୍ରସେନ ମହାରାଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜୁନାଗଡ ମାରୱାଡି ଯୁବା ମଞ୍ଚ, ମାରୱାଡି ମହିଳା ସମିତି ଓ ମାରୱାଡି ସମ୍ମିଳୀନ ପକ୍ଷରୁ ଅଗ୍ରସେନଙ୍କ ଜୟନ୍ତୀ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା କରାଯାଇ ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୁନାଗଡ ମାରୱାଡି ସମାଜ ସଭାପତି ମୁକେଶ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ବେଦ ପ୍ରକାଶ ଗୋଏଲ, ସମ୍ମାନିତ ଅତିଥି ମହିଳା ସମିତି ଅଧ୍ୟକ୍ଷା ରିତୁ ଅଗ୍ରୱାଲ, ଅଗ୍ରସେନ ଜୟନ୍ତୀ କମିଟି ସଭାପତି ଗୋପାଲ ମିତ୍ତଲ, ସମ୍ପାଦକ ଅମିତ ଗୁପ୍ତା, କୋଷାଧ୍ୟକ୍ଷ ପ୍ରଣବ ଗୋଏଲ, ପୂର୍ବତନ ସମାଜର ସଭାପତି ବଜରଙ୍ଗ ଖେମକା ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ଦେଇଥିଲେ। ସେହିପରି ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ଗତ ୪ ଦିନ ମହିଳାମାନଙ୍କ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସମାଜର ଛୋଟ ଝିଅପୁଅଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମଗୁଡିକରେ ସନ୍ତୋଷ ସିଙ୍ଘଲ, ରୁପେଶ ସିଙ୍ଘଲ, ବିକାଶ ଜୈନ, ନିଖିଳ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁଙ୍କ ବୈଜ୍ଞାନିକ କର୍ମକୁଶଳତା ବୃଦ୍ଧି ଉପରେ ଗୁରୁତ୍ୱ

### ଅଟଳ ଟିଙ୍କରିଙ୍ଗ ଲ୍ୟାବ୍ ଉଦ୍‌ଘାଟିତ

ନୂଆପଡା ଅଫିସ,୧।୧୦

ସ୍ଥାନୀୟ ଡୁମେରପାଣିସ୍ଥିତ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଅଟଳ ଟିଙ୍କରିଙ୍ଗ ଲ୍ୟାବୋରେଟରୀ ଉଦ୍‌ଘାଟିତ ହୋଇଯାଇଛି । ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୁଲାଲ ସାହୁ, ଲାଲାରାମ ସାହୁ, ଟିକେଶ୍ୱର ସାହୁ, ବୋଡେନ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଧାରମଣ ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ନିତିଆୟୋଗ ଦ୍ୱାରା ଅନୁଦାନପ୍ରାପ୍ତ ୧୦ ଲକ୍ଷ ଟଙ୍କାର ଲ୍ୟାବରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସମସ୍ତ ପ୍ରକାର ବିଜ୍ଞାନ ଉପକରଣ ଖଞ୍ଜାଯାଇଛି। ଏଥିରୁ ପିଲା କିପରି ସମସ୍ତ ପ୍ରକାର ବିଜ୍ଞାନ କୌଶଳ ଶିକ୍ଷା କରିପାରିବ। ନୂଆପଡା ଭଳି ଉପାନ୍ତ ବ୍ଲକ ଅଞ୍ଚଳରେ ବିଜ୍ଞାନ ପାଠପଢା ପ୍ରତି ଏହା ଏକ ଉପଯୋଗୀ ବ୍ୟବସ୍ଥା ବୋଲି ଅତିଥିମାନେ କହିଥିଲେ। ଏହା ଦ୍ୱାରା ପିଲାମାନଙ୍କ ବୈଜ୍ଞାନିକ କର୍ମକୁଶଳତା ବୃଦ୍ଧି ପାଇବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିବାବେଳେ ପ୍ରତିଭା ଦାସ ବିବରଣୀ ପାଠ କରିଥିଲେ। ଲାଲାରାମ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଏଠାରେ ଏକ ବିଜ୍ଞାନ କଂଗ୍ରେସ କର୍ମଶାଳା ହୋଇଥିଲା। ଏଥିରେ ୨୭ଜଣ ପିଲା ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଅଶୋକ ବେହେରା, ସୁଶାନ୍ତ କୁମାର ଯୋଷୀ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ।

## ପାଗଳା କୁକୁର କାମୁଡାରେ ୪ ଆହତ

ପର୍ଲା,୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳ ଅଧୀନ ଗୋଟମୁଣ୍ଡା ଗ୍ରାମରେ ମଙ୍ଗଳବାର ପାଗଳା କୁଲାକୁକୁର କାମୁଡାରେ ୪ଜଣ ଆହତ ହୋଇଥିବା ଜଣାପଡିଛି । ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ଉମାକାନ୍ତ ବାରିକ (୬୫), ନିରନ ବିଶ୍ୱାଳ (୪୨), ଚୁନି ବାଗ(୧୨), ଭବେଶ ଦଲେଇ (୧୦) । ଏହି ବ୍ୟକ୍ତିମାନେ କୌଣସି କାମରେ ଯାଉଥିବା ବେଳେ ରାସ୍ତା କଡରେ ଥିବା ଏକ ପାଗଳା କୁକୁର ଆକ୍ରମଣ କରିଥିଲା। ଆହତମାନଙ୍କୁ ଗ୍ରାମବାସୀ ଉଦ୍ଧାର କରିବା ସହ ଧର୍ମଗଡ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି।

## କଳାକାରଙ୍କୁ ଉତ୍ସାହିତ ପାଇଁ ନିଶାନ ବଜାଇଲେ ବିରୋଧୀ ଦଳ ନେତା

ଭବାନୀପାଟଣା,୧।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଷ୍ଟେଟ୍ରୁ ଛକଠାରେ ସୋମବାର ରାତିରେ ସ୍ଥାନୀୟ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ନିଶାନ ବଜାଇଥିଲେ। ଯାହାକୁ ନେଇ ଜିଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ରାତିରେ ଏହି କଳାକାରମାନେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପାଇଁ ନିଜ ବାଦ୍ୟ ସାମଗ୍ରୀ ଧରି ଅଭ୍ୟାସ କରୁଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ବିରୋଧୀ ଦଳ ନେତା ନାଏକ ଯାଉଥିବା ବେଳେ ସେଠାରେ ଅଟକି ରହି ସେମାନଙ୍କୁ ଉତ୍ସାହିତ କରିବା ପାଇଁ ନିଶାନ ମାଗି ବଜାଇଥିଲେ।



ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

## ଜୁନାଗଡ଼ରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

ଜୁନାଗଡ,୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସଂସ୍କୃତି ଭବନଠାରେ ମଙ୍ଗଳବାର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ବ୍ଲକ ବିଜେଡି ସଭାପତି ପ୍ରମୋଦ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ,ଏମଏସଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ବିଜେଡିକୁ ଶକ୍ତିଶାଳୀ କରିବାକୁ ହେଲେ ତୃଣମୂଳସ୍ତରରେ ସଭ୍ୟ ସଂଗ୍ରହ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ମହେଶ ସାହୁ, ବିଶ୍ୱନାଥ କର, ପ୍ରଦ୍ୟୁମ୍ନ ରାଉତ, ଟିଟେଁଗୁଡା ସରପଞ୍ଚ ସୁଧିରା ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛୋରିଆଗଡ ସମିତିସଭ୍ୟ ପ୍ରେମଲାଲ ନାଏକଙ୍କ ସମେତ ଅନେକ ବ୍ୟକ୍ତି ବିଜେଡିରେ ଯୋଗଦେଇଥିଲେ। ଏଥିରେ ଜୁନାଗଡ ବ୍ଲକ ଓ ଏନ୍ଏସିର ଶତାଧିକ ଦଳୀୟ ମହିଳା, ପୁରୁଷ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ

ନୂଆପଡା ଅଫିସ,୧।୧୦

ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲା ରକ୍ତଭଣ୍ଡାର ପକ୍ଷରୁ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ରକ୍ତଭଣ୍ଡାର ମୁଖ୍ୟ ଡା. ଲଳିତ ମୋହନ ବିଶି ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଡା. ବି. ବି. ଜଗତ, ଡିପିଏମ ବିଶ୍ୱମ୍ଭର ବେହେରା, ଜିଲା ଲେପ୍ରୋସି ଅଧିକାରୀ ଡା. ରାଧାରମଣ ବିରତିଆ, ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରକ୍ତଦାନର ଉପକାରୀତା ଏବଂ କିପରି ରକ୍ତଦାନକୁ ପ୍ରୋତ୍ସାହିତ କରାଯାଇ ପାରିବ ସେ ଉପରେ ଅତିଥିମାନେ ବୁଝାଇଲେ।



ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ଜଣଙ୍କୁ ପୁରସ୍କୃତ କରାଯାଉଛି।

ଏହି ଅବସରରେ ରକ୍ତଦାନ ଉପରେ ବିଶେଷ ଭୂମିକା ରଖିଥିବା ସ୍ୱେଚ୍ଛାସେବୀ ଓମପ୍ରକାଶ କଲାର, କିଶୋର କୁମାର ପରିଡା, ମନୋଜ କୁମାର ଡାଗା, ଶିକ୍ଷକ କୈଳାସ କୁମାର ନାଏକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ସ୍ଥାନୀୟ ବଟକୃଷ୍ଣ କଲେଜ ଅଫ ଫାର୍ମାସୀର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏଡିପିଏଚସିଓ ରୁକ୍ମଣୀ ବେହେରା, ଶରତ କୁମାର ବେଜୋ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଶିବାହାଲ ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ

ନୂଆପଡା ଅଫିସ,୧।୧୦

ନୂଆପଡା ଜିଲା କୋମନା ବ୍ଲକ ବିଶିବାହାଲସ୍ଥିତ ସୁନାଦେଇ ହାଇସ୍କୁଲରେ ଗାନ୍ଧିଜୀଙ୍କ ୧୫୦ଜୟନ୍ତୀ ଉପଲକ୍ଷେ ହାଇସ୍କୁଲ ଏବଂ ସିଆରପିଏଫ କ୍ୟାମ୍ପର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଭୁୟାଁ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ସିଆରପିଏଫ ବାଟାଲିୟନ ୨୧୬/ସିର ଇନ୍ସପେକ୍ଟର ଜରମ ସିଂ ରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ କିପରି ସ୍ୱଚ୍ଛତା ଉପରେ ସବୁବେଳେ ବିଶେଷ ଧ୍ୟାନ ଦିଆଯାଇ ପାରିବ ସେ ଉପରେ ମାର୍ଗଦର୍ଶନ ଦେଇଥିଲେ। ସ୍ୱଚ୍ଛତା ହିଁ ଜୀବନ ବୋଲି କହିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ସମେତ ଗାଁ ପରିବେଶ ସଫେଇ କରାଯାଇଥିଲା । ଛାତ୍ରୀଛାତ୍ର ଏବଂ ଯବାନମାନଙ୍କ ଦ୍ୱାରା ସଚେତନତା କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି, ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇ ସହଯୋଗ କରିଥିଲେ ।

## ନ୍ୟାଶନାଲ ହାଇସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ

ନୂଆପଡା ଅଫିସ,୧।୧୦

ନୂଆପଡା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ଅଧ୍ୟକ୍ଷ ଅସୀମ କୁମାର ଦଳବେହେରା ସଭାପତିତ୍ୱ କରିଥିବାବେଳେ ସିଜେଏମ ସଞ୍ଜୀବ କୁମାର ସାମନ୍ତ, ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଜୟ ପ୍ରକାଶ ନାୟକ, ଜେଏମଏଫସି ହବିବୁର ରହେମାନ ସିଦ୍ଦିକି, ଜେଏମଏଫସି ସୁମିତ ପାଣିଗ୍ରାହୀ, ଶିକ୍ଷାବିତ ଡ. ଶିବ ପ୍ରସାଦ ବେହେରା, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସତପଥୀ, ସୁକ୍ରୁ ଚରଣ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଶେଷ କରି ଏସିଡ୍ ପୀଡ଼ିତାଙ୍କ ଉପରେ ଆଇନରେ କ'ଣ ସବୁ ବ୍ୟବସ୍ଥା ରହିଛି ସେ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ଏସିଡ୍ ଫୋପାଡିଥିବା ଅଭିଯୁକ୍ତଙ୍କ ସକାଶେ କିପରି ଦଣ୍ଡବିଧାନ ରହିଛି ଏବଂ ପୀଡ଼ିତାଙ୍କୁ କ'ଣ ଆର୍ଥିକ ସହାୟତା ରହିଛି ସେ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହାକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅଜିତ କୁମାର ଓତା ପରିଚାଳନା କରିଥିଲେ । କୋର୍ଟ ଏବଂ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହାୟତା କରିଥିଲେ।


ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

### ସଡ଼କ ସୁରକ୍ଷା ନେଇ ସଚତନତା କାର୍ଯ୍ୟକ୍ରମ

## ଗୋଲାପ ଫୁଲ ଦେଇ ସଚେତନ କଲେ ଛାତ୍ରୀଛାତ୍ର

ନୂଆପଡା ଅଫିସ,୧।୧୦

ରାଜ୍ୟରେ ଏବେ ସଡକ ସୁରକ୍ଷା ଏବଂ ପରିବହନ ନିୟମ ଉପରେ ସଚେତନତା ଚାଲିଥିବାବେଳେ ବିଭିନ୍ନ ବିକଳ୍ପ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ନ୍ୟାଶନାଲ କଲେଜ ଛାତ୍ରୀଛାତ୍ରମାନେ ଗୋଟିଏ ପାଦ ଆଗକୁ ଆସି ନିୟମ ମାନି ଚଳୁଥିବା ଗାଡିଚାଳକମାନଙ୍କୁ ଗୋଲାପ ଫୁଲ ବାଣ୍ଟି ଚମକାଇ ଦେଇଛନ୍ତି । ଏହା ଗାଡି ଚାଳକମାନଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ନ୍ୟାଶନାଲ କଲେଜରେ ନ୍ୟାଶନାଲ ହାଇସ୍କୁଲର ଏନଏସଏସ ବିଭାଗ, ଜିଲା ପୋଲିସ ଏବଂ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ସଡକ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସପି ବିନୀତ କୁମାର ଅଗ୍ରୱାଲ ସଭାପତିତ୍ୱ କରିଥିବାବେଳେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା, ପ୍ରାଧ୍ୟାପକ କିଶୋର କୁମାର ବାରିକ, ସୁରେନ୍ଦ୍ର ମୋହନ ବାଗ, ଡ. ଗଜେନ୍ଦ୍ର ପ୍ରସାଦ ନାୟକ, ନୃସିଂହ ଚରଣ ସାହୁ, ଈଶ୍ୱର ପଟେଲ, ପ୍ରେମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସରକାରଙ୍କ ପରିବହନ ଅଧିନିୟମର ବିଭିନ୍ନ ଦିଗ ଉପରେ ଅତିଥମାନେ ବୁଝାଇବାବେଳେ ଏହାର ଅନୁପାଳନ କରିବା ସହ ସଚେତନତା ଆଣିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ର, ପୋଲିସ କର୍ମଚାରୀମାନଙ୍କ ଏକ ରାଲି ବାହାରି ସହରର ଏକତା ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଗାଡିଚାଳକମାନଙ୍କୁ ଅଟକାଇ ସଚେତନତା କରିଥିଲେ । କାର୍ଯ୍ୟକ୍ରମକୁ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡ, ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରକାଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।


ବାଇକ ଚାଳକଙ୍କୁ ଜଣେ ଛାତ୍ରୀ ଗୋଲାପ ଫୁଲ ଦେଇ ସଡ଼କ ସଚେତନତା ସୃଷ୍ଟି କରୁଛନ୍ତି



ସୁନା ରୁପା ପ୍ରକୃତ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସମ୍ପଦ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ନୂଆଁଖାଇ ଭେଟଘାଟରେ ସମ୍ମାନ ପ୍ରଦାନ

**ଗୁଡଭେଲା,୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଟାଉନହଲ୍‌ରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ ତୁଷୁରା ଯୁବା ମଞ୍ଚର ଅଧକ୍ଷ ମନୋଜ ଜୈନଙ୍କୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଲଧର ନାଗ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପିତ କରିବା ସହ ପ୍ରବଳ ଗ୍ରୀଷ୍ମ ଦିନରେ ଅମୃତଧାରା ମାଧମରେ ଲୋକଙ୍କୁ ଥଣ୍ଡା ଜଳ ଯୋଗାଇ ଦେବା ଆଦି ପାଇଁ ସେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା, ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରୁଷୁଡା ସରପଞ୍ଚ ସବିତା ବେହେରା ଓ ସମାଜସେବୀ ବୁଦ୍ଧଦେବ ନାଗଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କମେଣ୍ଟ ମାରୁଥିବା ଯୁବକଙ୍କୁ କାବୁ କରି ପୋଲିସ ଜିମାଦେବା ଘଟଣା

# ଶର୍ମିଷ୍ଠାଙ୍କୁ ସମ୍ମାନିତ କଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୧।୧୦**

ହାଇସ୍କୁଲରେ ପଢୁଥିବା ଦୁଇ ସାନ ଭଉଣୀ ଓ ତାଙ୍କ ସହାପାଠିନୀଙ୍କୁ ବାରମ୍ବାର କମେଣ୍ଟ ମାରି ହଇରାଣ କରୁଥିବା ଜଣେ ଉଦ୍ଧତ ଯୁବକଙ୍କୁ ବିଚ୍ ରାସ୍ତାରେ କାବୁ କରି ଟାଉନ୍ ଥାନାରେ ଜିମା ଦେଇଥିଲେ ସାହସୀ ଯୁକ୍ତତିନି କଲେଜ ଛାତ୍ରୀ ଶର୍ମିଷ୍ଠା ମିଶ୍ର। ମଙ୍ଗଳବାର ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ତାଙ୍କୁ ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧିତ କଲାବେଳେ ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର, ଅତିରିକ୍ତ ଏସ୍‌ପି ସୁବାସ ଜମାଦାର, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ ଶର୍ମିଷ୍ଠା ଏଭଳି ସାହସିକ ଓ ଉତ୍ତମ କାର୍ଯ୍ୟ ଜାରି ରଖିବେ ବୋଲି ଏସ୍‌ପି ମାଡକର ଆଶାପୋଷଣ କରିଥିଲେ। ସମ୍ମାନିତ ହେବା ପରେ ଶର୍ମିଷ୍ଠା ଖୁସି ପ୍ରକାଶ କରିବା ସହ ଏହା ତାଙ୍କୁ ଆହୁରି ଅଧିକ ସାହସ ପ୍ରଦାନ କରିଛି ବୋଲି କହିଛନ୍ତି।

ବଲାଙ୍ଗୀର ସାଲେପାଲି ନିବାସୀ ସୁଶୀଳ ମିଶ୍ରଙ୍କ ତିନି ଝିଅ ଭିତରୁ ବଡ ଝିଅ ହେଉଛନ୍ତି ଶର୍ମିଷ୍ଠା ମିଶ୍ର। ସେ ଦେଓଗାଁ ପଞ୍ଚାୟତ ସମିତି କଲେଜରେ ଯୁକ୍ତତିନି ଶେଷବର୍ଷ ଛାତ୍ରୀ ଭାବେ ପଢୁଛନ୍ତି। ତାଙ୍କର ଦୁଇ ସାନ ଭଉଣୀ ଲିପିଷ୍ଠା ଓ ଶ୍ରୁତିଷ୍ଠା ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲରେ ଅଧ୍ୟୟନରତ। ଦୁଇ ସାନ ଭଉଣୀ ତାଙ୍କ ସହପାଠିନୀଙ୍କ ସହ ସ୍କୁଲକୁ ପଢ଼ିବାକୁ ଗଲାବେଳେ ନିୟମିତ ଭାବେ ରାଜୀନଗରପଡାର ରଘୁନାଥ ଠାକୁର ଓ ତାଙ୍କ ଅନ୍ୟ ଦୁଇ ସାଙ୍ଗ ସେମାନଙ୍କୁ କମେଣ୍ଟ ମାରିବା ସହ ହଇରାଣ ହରକତ କରିଆସୁଥିଲେ। ଏନେଇ ଦୁଇ ସାନ ଭଉଣୀ ଘରେ ତାଙ୍କ ବାପାଙ୍କୁ ଅଭିଯୋଗ କରିଥିଲେ। ଫଳରେ କିଛିଦିନ ଧରି ଦୁଇ ସାନ ଝିଅ ସ୍କୁଲ ଯିବା ଆସିବା ବେଳେ ବାପା ସୁଶୀଳ ମିଶ୍ର ସେମାନଙ୍କ ସୁରକ୍ଷା ପାଇଁ ଯିବା ଆସିବା କରୁଥିଲେ। ତେବେ ଯେଉଁଦିନ ସୁଶୀଳ ଛାତ୍ରୀମାନଙ୍କ ସହ ଯାଇପାରୁ ନ ଥିଲେ ସେହିଦିନ ସେମାନଙ୍କ ସ୍କୁଲ ଯିବା ପ୍ରାୟ ବନ୍ଦ ହୋଇଯାଉଥିଲା। ଏହିପରି ଭାବେ ସେମାନଙ୍କ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେଲା। ଗତ ୨୬ ତାରିଖ ଦିନ ସ୍କୁଲ ଛୁଟିରୁ ଫେରୁଥିବା ଦୁଇ ସାନଭଉଣୀଙ୍କ ସହ ଅନ୍ୟ ସହାପାଠିନୀଙ୍କୁ ରଘୁନାଥ ଓ ତାଙ୍କ ସାଙ୍ଗ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ପରେ ଶର୍ମିଷ୍ଠା ସମ୍ପୃକ୍ତ ଉଦ୍ଧତ ଯୁବକଙ୍କୁ ପାନେ ଦେବେ ବୋଲି ସାହସ ବାନ୍ଧିଥିଲେ। ୨୭ ତାରିଖ ଦିନ ଛାତ୍ରୀମାନେ ସ୍କୁଲରୁ ଫେରୁଥିବାବେଳେ ସର୍କିଟ ହାଉସ ରାସ୍ତାର ବାଣିଜ୍ୟକର ଅଫିସ ଛକରେ ସମ୍ପୃକ୍ତ ତିନି ଯୁବକ ପୁଣି ଥରେ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବାବେଳେ ପଛରେ ଆସୁଥିବା ଶର୍ମିଷ୍ଠା ଦୌଡି ଯାଇ ଦୁର୍ବ୍ୟବହାରକାରୀ ରଘୁନାଥ ଠାକୁରଙ୍କୁ ଉତ୍ତମ ମଧ୍ୟମ ଦେଇ କାବୁ କରି ନେଇଥିଲେ। ଏହା ଦେଖି ତାଙ୍କର ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଏହାପରେ ସେଠାରେ ଲୋକଙ୍କ ଭିଡ ଜମି ଯାଇଥିଲା। ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ କାବୁ କରିଥିବା ରଘୁନାଥଙ୍କୁ ଧରି ଶର୍ମିଷ୍ଠା ମୁଖ୍ୟ ରାସ୍ତାରେ ଚଲାଇ ନେଇ ଟାଉନ୍ ଥାନାରେ ପୋଲିସ ଜିମା ଦେଇଥିଲେ। ଏହି ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ତାଙ୍କ ସାହସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।



ଏସ୍‌ପି ସନ୍ଦୀପ ମାଡକର ସାହସୀ ଶର୍ମିଷ୍ଠା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କଣ୍ଟାବାଞ୍ଜି ଷ୍ଟେଶନରେ ଟିକଟ ଚେକିଂ

# ୪ ଗିରଫ, ଜରିମାନା ଆଦାୟ

**କଣ୍ଟାବାଞ୍ଜି,୧।୧୦(ଡି.ଏନ.ଏ.)**

କଣ୍ଟାବାଞ୍ଜି ରେଳ ଷ୍ଟେଶନର ମଙ୍ଗଳବାର ଟିକେଟ ଚେକିଂ କରାଯାଇଛି। ୪ ଜଣଙ୍କୁ ଗିରଫ କରାଯାଇ ଜରିମାନା ଆଦାୟ କରାଯାଇଛି। ବିନା ଟିକେଟରେ ଯାତ୍ରା କରୁଥିବା ୧୦ଜଣ ଯାତ୍ରୀଙ୍କଠାରୁ ୩୮୦୫ଟଙ୍କା ଜରିମାନା ଆଦାୟ ହୋଇଛି। ବିନା ପ୍ଲାଟଫର୍ମ ଟିକେଟରେ ପ୍ରବେଶ କରିବା ଅଭିଯୋଗରେ ୪ଜଣ ଧରା ପଡିଥିଲେ। ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ତପନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆରପିଏଫ ଇନ୍ସପେକ୍ଟର ଦୀପକ କୁମାର, ଏଏସ୍‌ଆଇ ଏସ.କେ. ପଟେଲ, କନଷ୍ଟେବଲ ସୁନିଲ କୁମାର ଦାସ, ଭାଗୀରଥି ବିଶି, ଧୀରଜ ସିଂ, ଜିଆରପି ଫୋର୍ସ ସହଯୋଗ କରିଥିଲେ।

ଖୋଖୋ, କବାଡି ଚାମ୍ପିୟନଶିପ ଉଦ୍‌ଘାଟିତ

# ଭାଗ ନେଲେ ୧୪ ବ୍ଲକର ଖେଳାଳି

**କଣ୍ଟାବାଞ୍ଜି,୧।୧୦(ଡି.ଏନ.ଏ.)**

ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ମଙ୍ଗଳବାର ଜିଲା ସ୍କୁଲ୍ ସ୍ପୋର୍ଟ୍ସ ଆସୋସିଏଶନ ଏବଂ କଣ୍ଟାବାଞ୍ଜି ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପକ୍ଷରୁ ଜିଲାସ୍ତରୀୟ ଖୋଖୋ କବାଡି ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ, ଟିଟିଲାଗଡ, ପାଟଣାଗଡ, ବଲାଙ୍ଗୀର, ଆଗଲପୁର, ଲୋଇସିଂହା, ଦେଓଗାଁ, ଗୁଡଭେଲା, ପୁଇଁତଲା, ସଇଁତଲା, ବେଲପଡା, ଖପ୍ରାଖୋଲ ଆଦି ୧୪ଟି ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା, ଶ୍ରୀକର ମିଶ୍ର, ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ହାଇସ୍କୁଲର ପୂର୍ବତନ ଖେଳ ଶିକ୍ଷକ ସୁନିଲା ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଜିଲାସ୍ତରୀୟ ଖୋଖୋ କବାଡି ଚାମ୍ପିୟନଶିପ ଉଦ୍‌ଘାଟିତ।

# ବରିଷ୍ଠ ନାଗରିକ ଦିବସ





ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନେ (ବାମ)। ଲୋଇସିଂହାଠାରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ସଭାରେ ମଞ୍ଚାସୀନ ଅତିଥି।

**ଖପ୍ରାଖୋଲ, ୧।୧୦(ଡି.ଏନ.ଏ.)**

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବିଡିଓ ତରଣୀ ସୁନା ଅଧ୍ୟକ୍ଷତା କରିଥିଲେ। ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ପଞ୍ଚୁଦେବ ସାହୁ, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଥବୀର ଚରଣ ମେହେର, କବି ରାଜକିଶୋର ଭୋଇ, ଚୌବନ ବନଛୋର, ଜଗଦାନନ୍ଦ ବେହେରା, ନୀଳାମ୍ବର ପଧାନ, ଅରକ୍ଷିତ ମେହେର, ରାମ ମେହେର, କୁଞ୍ଜି ବିଶି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୋଗ ଗୁରୁ ହରିଭାଇ ଆର୍ଯ୍ୟନ ଓ ମଣ୍ଟୁ ମେହେର ପ୍ରମୁଖ ଯୋଗ ଓ ପ୍ରାଣାୟାମ ଶିଖାଇଥିଲେ। ଡାକ୍ତର ମୀନତୀ ହେମ୍ବ୍ରମ୍‌ଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ମୃତିରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରଜବନ୍ଧୁ ଠାକୁର, ଦିଲ୍ଲୀପ ସାହୁ, ସୌମ୍ୟ କିଶୋର ଜଏପୁରିୟା, ଅଶୋକ କୁମାର ଦାଶ, ରାମାନନ୍ଦ ବେହେରା ପ୍ରମୁଖ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

**ଲୋଇସିଂହା,(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନ ପକ୍ଷରୁ ସମାଜ ସେବା କ୍ଷେତ୍ରରେ ବରିଷ୍ଠ ନାଗରିକ ବିଭୂତଭୂଷଣ ସହାଣୀ ଓ କଳାକାର ଦଶ ହାତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ପରିସରରେ ଆୟୋଜିତ ସଭାରେ ବିଡିଓ ରାମଚନ୍ଦ୍ର ଖାଡିଆ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ବରିଷ୍ଠ ନାଗରିକମାନଙ୍କ ପାଇଁ ରହିଥିବା ସରକାରୀ ଯୋଜାନ ସମ୍ପର୍କରେ ଅବଗତ କରିଥିଲେ। ବିଭୂତିଭୂଷଣ ସହାଣୀ, ଗଜାନନ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମଞ୍ଜୁବାଳା ମେହେର, ସ୍ଥାନୀୟ ସରପଞ୍ଚ ସୁନୀଲ ଅଗ୍ରୱାଲ ମଞ୍ଚାସୀନ ଥିଲେ। ପରିବାର ଓ ସରକାରୀସ୍ତରରେ ଅସହାୟ ବରିଷ୍ଠ ନାଗରିକମାନେ ଯେପରି ଉପେକ୍ଷିତ ନ ହେବେ ସଥିପ୍ରତି ଯତ୍ନବାନ ରହିବାକୁ ଅତିଥି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବବର୍ଗଙ୍କୁ ସାମିଲ କରି ବରିଷ୍ଠ ନାଗରିକମାନଙ୍କୁ କିଭଳି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରାଯାଇଥାଏ ସେଦିଗରେ ସଚେତନ କରାଗଲେ ବରିଷ୍ଠ ନାଗରିକ ସୁରକ୍ଷିତ ରହିପାରିବେ ବୋଲି ପୂର୍ବତନ ସରପଞ୍ଚ ମହେରେ ମତବ୍ୟକ୍ତ କରିଥିଲେ। ସରୋଜ ବିଶ୍ୱାଳ ସଭା ସଂଯୋଜାନ କରିଥିବାବେଳେ ବିଏସଏସଓ ସ୍ନିଗ୍ଧାମୟୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାରଦୀୟ କ୍ରୀଡା ପ୍ରଶିକ୍ଷଣ ଶିବିର

**ଲାଠୋର,୧।୧୦ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଶ୍ରୀଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ କବାଡି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମ୍ପିତ ଭୋଇଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା, ଅଷ୍ଟମୁ ମାଝୀ, ରଞ୍ଜିତ ଭଇଁଷାଲ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ କ୍ରୀଡା ଶିକ୍ଷକ ପ୍ରଦୀପ ସାହୁ, ପ୍ରମୋଦ କୁମାର ବାଗ, ଶ୍ରୀରାମ ସାହୁ, ତରୁଣ ସାହୁ, ଦୋଳଗୋବିନ୍ଦ ମୁଣ୍ଡା, ଗମନି ନାଏକ, ସୂର୍ଯ୍ୟକାନ୍ତି ପଧାନ ଯୋଗ ଦେଇଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ବଙ୍ଗୋମୁଣ୍ଡା,୧।୧୦(ଡି.ଏନ.ଏ.)**

ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଉଚ୍ଚ ବିଦ୍ୟାଳୟର କର୍ମଚାରୀ ବାଲା ତାଣ୍ଡି ମଙ୍ଗଳବାର ଅବସର ନେଇଛନ୍ତି। ଏହି ଅବସରରେ ସ୍କୁଲରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ଭାସ୍କର ଆପତ ସଭାପତିତ୍ୱ କରିଥିଲେ। ମହେନ୍ଦ୍ର ମେହେର, ଉଗ୍ରସେନ ମେହେର, ଡମ୍ବରୁଧର ଭୋଇ, ପଣ୍ଟୁ ମେହେର, ନୃସିଂହ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତରଖାନାରେ କାମ କରିବା ଅଧିକାରକୁ ନେଇ ଓସ୍ରୁର ବିକ୍ଷୋଭ

**ବଲାଙ୍ଗୀର ଅଫିସ, ୧।୧୦**

ଓଡିଶା ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓସ୍ରୁ) ବଲାଙ୍ଗୀର ଶାଖା ପକ୍ଷରୁ ଡାକ୍ତରଖାନାରେ କାମ କରିବାର ଅଧିକାରକୁ ନେଇ ମଙ୍ଗଳବାର ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଦେବାଶିଷ ମିଶ୍ର ଓ ଜିଲା ସମ୍ପାଦକ ସୁରୁଲାଲ ମଟାରୀଙ୍କ ନେତୃତ୍ୱରେ ଓସ୍ରୁ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ୍ ସାମିଲ ହୋଇ ସରକାରଙ୍କ ହିଟଲରୀ ନିଷ୍ପତ୍ତି ବିରୋଧରେ ଗର୍ଜିଥିଲେ। ମେଡିକାଲ ରିପ୍ରେଜେଣ୍ଟେଟିଭ୍‌ମାନଙ୍କୁ କାମ କଲାବେଳେ ଡାକ୍ତରଖାନାରେ ଗିରଫ କରାଯାଉଥିବା ଘଟଣାର ଘୋର ନିନ୍ଦା କରିଥିଲେ। ପ୍ରତ୍ୟେକ ସରକାରୀ ଯୋଜନାର ସିଂହଭାଗ ଟଙ୍କା ଆତ୍ମସାତ୍ କରାଯାଉଥିବା ଅଭିଯୋଗ କରିଥିଲେ। ନିରାମୟ ଯୋଜନାରେ ୫ ଶହରୁ ଊର୍ଦ୍ଧ୍ୱ ଔଷଧ ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ କେବଳ ୮୦ରୁ୯୦ଟି ଔଷଧ ସରକାରୀ ଡାକ୍ତରଖାନାମାନଙ୍କରେ ଦିଆଯାଉଛି ଓ ତାହା ନିମ୍ନମାନର ବୋଲି ଅଭିଯୋଗ କରାଯାଇଥିଲା। ବଲାଙ୍ଗୀରର ୧୫୦ରୁ ଊର୍ଦ୍ଧ୍ୱ ଏମ୍‌ଆର ତାଙ୍କର ସାମ୍ବିଧାନିକ କର୍ମକ୍ଷେତ୍ରରେ କାମ କରିବାର ଅଧିକାରକୁ ନେଇ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେଇଥିଲେ। ଦଲାଲଙ୍କ ନାମରେ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ମାନଙ୍କ ଉପରେ ଚାଲିଥିବା ଗିରଫଦାରୀ ବନ୍ଦ କରିବା ଦାବି କରିଥିଲେ। ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜରେ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ମାନେ ଯେପରି ଅତି କମରେ ଏକ ଘଣ୍ଟା ବୃତ୍ତିଗତ କାମ ସମ୍ପାଦନ କରିପାରିବେ ସେନେଇ ଓଡିଶା ଉଚ୍ଚ ନ୍ୟାୟାଳୟ ୨୦୧୬ ମସିହାରେ ଦେଇଥିବା ମଧ୍ୟବର୍ତ୍ତି କାଳୀନ ଆଦେଶକୁ ଲାଗୁ କରିବାକୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ ସହ ଆଲୋଚନା ମଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସ୍ରୁ ରାଜ୍ୟ ଉପସଭାପତି ଅନିରୁଦ୍ଧ ମହାପାତ୍ର, ରାଜ୍ୟ କମିଟି ସଭ୍ୟ ସତ୍ୟ ରଥ, ଜିଲା ଉପସଭାପତି ଅମିତ ରାଉତ, ଲୋପନ ମିଶ୍ର, ଅଶ୍ୱିନୀ ରାଉତ ଉପସ୍ଥିତ ଥିଲେ।




ଓସ୍ରୁ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# ପ୍ରାପ୍ୟ ଦାବିରେ ରେଞ୍ଜ ଅଫିସ ଘେରିଲେ କର୍ମଚାରୀ

**ଲୋଇସିଂହା,୧।୧୦(ଡି.ଏନ.ଏ)**

ଲୋଇସିଂହା ରେଞ୍ଜରେ 'ଆମ ଜଙ୍ଗଲ ଯୋଜାନ'ରେ ନିୟୋଜିତ ଜଗୁଆଳି ଓ ଆନିମେଟରଙ୍କୁ ଦୀର୍ଘମାସର ପ୍ରାପ୍ୟ ମିଳିନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାପ୍ୟ ଦାବିରେ ଏହି କର୍ମଚାରୀମାନେ ସ୍ଥାନୀୟ ରେଞ୍ଜ ଅଫିସକୁ ମଙ୍ଗଳବାର ଘେରାଉ କରିଛନ୍ତି। ଲୋଇସିଂହାରେ ଆଡେନ ଡୁଙ୍ଗରୀ, ଧଉଁରାଦାଦର, ଛାଏଛାପର ଫରେଷ୍ଟ ବିଟ୍‌ରେ କାର୍ଯ୍ୟରତ ଜଗୁଆଳି ଏବଂ ବିଭିନ୍ନ ଗ୍ରାମ୍ୟ ଜଙ୍ଗଲରେ ଆନିମେଟର କାର୍ଯ୍ୟ କରୁଛନ୍ତି। ହେଲେ ଧଉଁରାଦାଦରରେ ଆମ ଜଙ୍ଗଲ ଯୋଜନାରେ ନିୟୋଜିତ ଜଗୁଆଳି ଧ୍ରୁବ କୁମାର ବିଶ୍ୱାଳ ଦୀର୍ଘମାସ ହେଲା ପ୍ରାପ୍ୟ ପାଇନାହାନ୍ତି। ତାଙ୍କ ଅଭିଯୋଗ ମୁତାବକ ୨୦୧୮ ନଭେମ୍ବର ଓ ଡିସେମ୍ବର ଓ ଚଳିତ ବର୍ଷ ଜାନୁୟାରୀ ଓ ଫେବୃୟାରୀ ମାସର ଫାଉଚର କରି ସ୍ଥାନୀୟ ଫରେଷ୍ଟର ତାଙ୍କ ପ୍ରାପ୍ୟକୁ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି। ସେହିପରି ଆନିମେଟର ଗିରିଧାରୀ ବିଶ୍ୱାଳଙ୍କ ୨୫ ମାସ, ଦୌଣାଚାର୍ଯ୍ୟ ନାଏକଙ୍କ ୩୦ ମାସ, ବାସୁଦେବ ରାଏଙ୍କ ୨୯ ମାସ, ଭେଲମଣୀ ବଗର୍ତ୍ତିଙ୍କ ୨୮ ମାସର ପ୍ରାପ୍ୟ ମିଳିନି। ଏପରି ଭାବେ ବହୁ ଆନିମେଟରଙ୍କ ମାସ ମାସର ପ୍ରାପ୍ୟ ବାକି ରହିଛି। ଅପରପକ୍ଷେ ନର୍ସରୀ ସ୍ଥାପନ ପାଇଁ ଭଡା ସୂତ୍ରରେ ଜମି ଦେଇଥିବା ଭାଲୁପାଲି ଗାଁର ମନରଞ୍ଜନ ବାବୁ ମଧ୍ୟ ୨୦୧୭ରୁ ଲିଜ୍ ଟଙ୍କା ପାଇନାହାନ୍ତି। ଏପରିକି ତାଙ୍କ ଜମିରୁ ଚାରା ଉଠା ଯାଇ ନ ଥିବାରୁ ତାହା ଗଛରେ ପରିଣତ ହୋଇଯାଇଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ଦାୟିତ୍ୱ ବୁଝୁଥିବା ସ୍ଥାନୀୟ ଫରେଷ୍ଟର ଖଗେଶ୍ୱର ଜେନାଙ୍କ ଜୁଲାଇରୁ ଜିଲା ମୁଖ୍ୟାଳୟକୁ ବଦଳି ହୋଇଯାଇଛି। ଫଳରେ ପ୍ରାପ୍ୟ ନ ପାଇ କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣି ରେଞ୍ଜ ଅଫିସ ଘେରାଉ କରିଥିଲେ। ଏ ସମ୍ପର୍କରେ ରେଞ୍ଜ ଅଫିସର ରାଜକିଶୋର ନଏକଙ୍କୁ ପଚାରିବାରୁ ଅଭିଯୋଗ ସ୍ୱୀକାର କରିଛନ୍ତି। ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।



ରେଞ୍ଜ ଅଫିସ ଘେରିଛନ୍ତି କର୍ମଚାରୀ।

# ଦେବକୁଁ ସାହାଯ୍‌ର ହାତ୍ ବଢ଼ାଲା ପରଶାସନ

**ଲାଠୋର, ୧।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର ଗାଁରେ ନିଜର ଲାଗେଲେସର ଘରେ ଆଶ୍ରେ ନେଇଥିବାର ଦେବ ମାଝିକୁଁ ବ୍ଲକ ପରଶାସନ ସାହାଯ୍‌ର ହାତ୍ ବଢ଼େଇଛେ। ଖପ୍ରାଖୋଲ ବିଡିଓ ତରଣୀ ସୁନା ଦେବକୁଁ ନଗତ ୨୦ ହଜାର ଟଁକା ସାହାଯ୍ ଦେଇଛନ୍।

ସୂଚନା ଅନ୍‌ସାରେ ଦେବ ମାଝିକଁର ମୂଳ ଘର ହେଉଛେ ନୂଆପଡ଼ା ଜିଲାରେ। ହେଲେ ସେଠାନେ ତାକର ଜମିବାଡ଼ି, ସଁପତି ବଲି କିଛି ନାଇଁ। ସେଥିରଲାଗି ସେ ନୂଆପଡ଼ା ଛାଡ଼ି ଲାଠୋରରେ ଝନେ ଲାଗେଲେସର ଘରେ କୁଟୁମବସିଆ ଆଶ୍ରେ ନେଇଛନ୍। ଦେବ ଲାଠୋରରେ ଗୁଟେ ହୋଟେଲରେ କାମ କରବାର ସଂଗେ ଅନେକ ସମିଆରେ ଅଭାବ ଅନାଟନ ଲାଗି ଦାଦନ ଯାଇ କୁଟୁମ ପୁଷୁଥିଲେ। ମାଏକିନା ଭାରତୀ(୨୫) ଆର ୩ ପୁଓ ସୁଶାନ୍ତ(୬), ମହେନ୍ଦ୍ର(୩) ଆର ମନୁ(୧)କେ ନେଇ ତାକର ସଁସାର ଥିଲା। ହେଲେ ଦଇବ ସବୁ ଉଲଟପାଲଟ କରିଦେଲା। ଆଏଜ୍‌କେ ୩ ମାସ ତଲେ ଭାରତୀକୁଁ କର୍କଟ ରୋଗ୍ ହେଇଥିବାର ଜନା ପଡ଼ିଥିଲା। ବୁର୍ଲାରେ ଚିକିଛା ହେବାର ଅବସ୍ତାରେ ତାକର ମୁରତ୍ତୁ ହେଇଥିଲା। ଏନ୍‌ତାଥି ଦେବ ଉପେ ଶୂଇନ୍ ହେଇ ନିଜର ବଛରକିଆ ପୁଓ ମନୁକେ ସେଠାନେ ଗୁଟେ ନିସନ୍ତାନି ଦମ୍ପତିକେ ଦାନ କରିଦେଇଥିଲେ। ଇ ଦୁଖ୍ ନାଇଁ ଯାଉନୁ ମଝିଆଁ ପୁଓ ମହେନ୍ଦ୍ରର ଦିହିପା ଖରାପ ହେଇଥିଲା। ଦେବ ପୁଓକେ ଗଲା ସେପ୍ଟେମ୍ବର ୧୧ ତାରିଖ୍ ଚିକିଛା ଲାଗି ବଲାଙ୍ଗୀର ଡାକ୍ତରଖାନାରେ ଭରତି କରିଥିଲେ। ହେଲେ ସେଠାନେ ତାକର ମୁରତ୍ତୁ ହେଇଥିଲା। ଟଁକା ପଏସା ଅଭାବୁ ଦେବ ପୁଓର ଶବକେ ନେଇ ନାଇଁପାରି କରି ଦିନ୍‌ଯାକ ଡାକ୍ତରଖାନାରେ ଜୁଗି ରହିଥିଲେ। ଇ ଦୁଖଦ୍ ଘଟନାର ଖବର ପାଇ ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଂଗଠନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ଦେବକେ ସାହାଯ୍‌ର ହାତ୍ ବଢ଼େଇଥିଲା। ଏହେଦେ ଦେବ ଗୁଟେ ବଲି ପୁଓର ମୁହୁଁ ଚାହିଁ ଲାଠୋରରେ ଗୁଟେ ହୋଟେଲରେ କାମ୍ କରବାର ସଂଗେ ବାପ୍ ପୁଓ ଦୁଖେସୁଖେ ଚଲୁଛନ୍। ହେଲେ ପୁଓକେ ପାଠ୍‌ପଢ଼େଇ ଭଲ ମୁନୁଷ୍‌ଟେ କରି ଗଢ଼ିପାରବାର ତାକର ଦମ୍ ନାଁଇଁ। ଯେନ୍‌ଥିରଲାଗି ସେ ପୁଓ ସୁଶାନ୍ତକେ କେହେନ୍‌ସି ଗୁଟେ ଆଶ୍ରମରେ ଛାଡ଼ିଦେବାକେ ଚାହୁଁଛନ୍। ହେଲେ ସେଥିରଲାଗି ବାଟଘାଟ ନାଇଁ ପାଏବାର ବଲି ସେ ଦୁଖିତ ହେଇ କହିଛନ୍। ଇ ଘଟନା ବାବ୍‌ଦେ ବଲାଙ୍ଗୀର ଜିଲାପାଳ ଖବର ପାଏଲାରୁ ଖପ୍ରାଖୋଲ ବିଡିଓକୁଁ ଦେବକୁଁ ସାହାଯ୍ ଯୁଗେଇ ଦେବାକେ ନିରଦେଶ ଦେଇଥିଲେ। ଜିଲାପାଳକଁର ନିରଦେଶରେ ଖପ୍ରାଖୋଲ ବିଡିଓ ତରଣୀ ସୁନା ଆର ଲାଠୋର ସରପଞ୍ଚ ପ୍ରବିଣ କୁମାର ଅଗ୍ରୱାଲ ଦେବ ରହୁଥିବାର ଲାଗେଲେସର ଘରେ ପୁହୁଁଚି ତାହାକୁ ୨୦ ହଜାର ଟଁକା ନଗଦ ସାହାଯ୍ ଦେବାର ସଂଗେ ମା' ଛେଉଁଡ୍ ସୁଶାନ୍ତକେ ଥଇଥାନ କରବାର ପରତିଶ୍ରୁତି ଦେଇଥିବାର ଜନାପଡ଼ିଛେ।



ଖପ୍ରାଖୋଲ ବିଡିଓ ତରଣୀ ସୁନା ଦେବ ମାଝିକୁଁ ସାହାଯ୍ ଟଁକା ଦେଉଛନ୍।



ଶ୍ରଦ୍ଧାରୁ ଶାନ୍ତି ସୃଷ୍ଟି ହୁଏ। ଆତ୍ମ ସମୀକ୍ଷା କର, ନିରାଡ଼ମ୍ବର ହୁଅ। ବିବେକ ଓ ବିଚାର ଅସ୍ତ୍ରକୁ ପାଖେ ପାଖେ ରଖ। ତୁମର ବିଜୟ ସୁନିଶ୍ଚିତ।
- ସତ୍ୟସାଇ ବାବା

## ସଂକ୍ଷେପରେ

### ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୧।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ସରକାରୀ ହାଇସ୍କୁଲ ସହକାରୀ ଶିକ୍ଷକ ପ୍ରସାଦ ଆଚାରୀଙ୍କୁ ସୋମବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୧୯୮୨ରୁ ୨୦୧୯ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ। ଲଦୁଗାଁ ହାଇସ୍କୁଲ ପରିସରଠାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ପାଢୀ, ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷକ ସୁଧୀର କୁମାର ପଣ୍ଡା, ସମ୍ମାନିତ ଅତିଥି ରାମ ପ୍ରସାଦ ସାହୁ, ତୁଳସିରାମ ସାହୁ, ନିରଞ୍ଜନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଆଚାରୀଙ୍କ ସ୍କୁଲ ପ୍ରତି ଥିବା ତ୍ୟାଗ ଓ ବଳିଷ୍ଠ ଯୋଗଦାନ ଅତୁଳନୀୟ ବୋଲି କହିଥିଲେ। ଆଶିଷ ରଞ୍ଜନ ପଟେଲ, ଲତିକା ଦୁରିଆ, ତିଲୋତ୍ତମା ନାଏକ, ରେଣୁକା ସାହୁ, ଅକ୍ଷୟ ନାଏକ, ସ୍କୁଲ ଶିକ୍ଷକ ଶକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ବୁଦ୍ଧିରାମ ନାଏକ ମଞ୍ଚ ପରିଚାଳନା କରିଥିଲେ।

# ରାମମନ୍ଦିର ସଦୃଶ ତୋରଣ ମୁଖ୍ୟ ଆକର୍ଷଣ

**ଭବାନୀପାଟଣା,୧।୧୦ (ଡି.ଏନ.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଭବାନୀପାଟଣା ସହର ସମେତ ଗାଁ ଗହଳି ଚଳଚଞ୍ଚଳ ହୋଇ ଉଠିଛି। ବିଶେଷ କରି ଭବାନୀପାଟଣାର ୧୧ଟି ସ୍ଥାନରେ ଶିଳ୍ପୀମାନେ ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ତିଆରି କରୁଛନ୍ତି। କିଛି ପୂଜା ମଣ୍ଡପରେ ବାହାରୁ ମଧ୍ୟ ମୂର୍ତ୍ତିଗଢ଼ା କାରିଗର ଆସିଥିବା ଜଣାପଡିଛି । ଭବାନୀପାଟଣା ସହର ନକଟିଗୁଡା ପୂଜା କମିଟି ଦ୍ୱାରା ସ୍ଥାନୀୟ ଲାଖମରା ପଡିଆଠାରେ ଚଳିତବର୍ଷ ନବମ ବର୍ଷରେ ପହଞ୍ଚିଥିବା ବେଳେ ମା' ଦୁର୍ଗାଙ୍କ ନବରାତ୍ର ଆରମ୍ଭ ହୋଇଛି । ଚଳିତବର୍ଷ ନବରାତ୍ର ଦୁର୍ଗାପୂଜା ପାଇଁ ସନ୍ଧ୍ୟାରେ ଏକ କଳସ ଶୋଭାଯାତ୍ରା କରାଯାଇଛି। କଳସଯାତ୍ରାକୁ କମିଟି ସଭାପତି ସାମନ୍ତ ଖମାରୀ, ସମ୍ପାଦକ ଜଗଦିସ ନାଏକ, ସଦସ୍ୟ ବିରେନ୍ଦ୍ର ଖମାରୀ, ଭବାନୀଶଙ୍କର ନିଆଲ, ଅକୁର ବାଗ, ଅନିଲ ନାଏକ, ତୁଫାନ୍ ଶଗଡିଆ ଏବଂ ସାଇ ଖମାରୀ ପ୍ରମୁଖ କର୍ମକର୍ତ୍ତାମାନେ ନେତୃତ୍ୱ ନେଇଥିଲେ। ରବିବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ଚଳିତବର୍ଷ ନକଟିଗୁଡା ପୂଜା କମିଟି ଦ୍ୱାରା ଭୁବନେଶ୍ୱର ରାମ ମନ୍ଦିର ସଦୃଶ (୧୦୦ ଫୁଟ ପ୍ରସ୍ଥ ଓ ୭୦ ଫୁଟ ଉଚ୍ଚତା) ମେଢ ଓ ତୋରଣ ନିର୍ମାଣ ହୋଇଛି । ଢେଙ୍କାନାଳ କାରିଗରମାନଙ୍କ ଦ୍ୱାରା ବେଶ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାରୁ ପ୍ରବଳ ଜନଗହଳି ହେଉଛି । ଚଳିତବର୍ଷ ଲୋକଙ୍କୁ ଆକର୍ଷିତ କରିବା ପାଇଁ ଭୁବନେଶ୍ୱର ରାମ ମନ୍ଦିର ସଦୃଶ ତୋରଣ ସହ ମିନା ବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି । ଏତଦ୍ ବ୍ୟତିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବହୁ ସାଂସ୍କୃତିକ ଦଳ ସହ ଯୋଗାଯୋଗ କରାଯାଇଥିବା ନକଟିଗୁଡା ଦୁର୍ଗାପୂଜା କମିଟି ସଭାପତି ସାମନ୍ତ ଖମାରୀ ପ୍ରକାଶ କରିଛନ୍ତି । ଏଥି ସହିତ ଜିଲା ତଥା ଜିଲା ବାହାର ବହୁ ସାଂସ୍କୃତିକ ଦଳଙ୍କ ସହ ମହିଳା ଦଣ୍ଡନୃତ୍ୟ, ନୃତ୍ୟ ପ୍ରତିଯୋଗିତା, ମହିଳାଙ୍କ ମଧ୍ୟରେ ଝୋଟିପ୍ରତିଯୋଗିତା,



ଭୁବନେଶ୍ୱର ରାମ ମନ୍ଦିର ସଦୃଶ ନିର୍ମିତ ତୋରଣ।




ଭକ୍ତ ଓ ଜନସାଧାରର୍ଣଙ୍କୁ ବେଶ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି । ଏହି ପୂଜା ମଣ୍ଡପ ନିକଟରେ ଲାଖମରା ପର୍ବ ଓ ରାବଣ ପୋଡି ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜୁଛି। ସନ୍ଧ୍ୟା ହେଲେ ଉକ୍ତ ତୋରଣ ଭୁବନେଶ୍ୱର ରାମ ମନ୍ଦିରର ଭ୍ରମ ସୃଷ୍ଟି କରିଛି ଓ ଲୋକଙ୍କ ବେଶ ଭିଡ ଜମିବ ବୋଲି ଅଶା କରାଯାଉଛି । ୯ ଦିନ ଧରି ପ୍ରବଳ ଜନଗହଳି ସମ୍ଭାବନା ଥିବାରୁ କମିଟି ସଦସ୍ୟମାନେ ଶାନ୍ତିଶୃଙ୍ଖଳା କିପରି ରକ୍ଷା ହେବ ଓ ଦର୍ଶକମାନେ ଶାନ୍ତିରେ ପୂଜା ଦର୍ଶନ କରିବା ସହିତ ଅନ୍ୟାନ୍ୟ ସାଜସଜା ଓ ମିନାବଜାର ବୁଲି ଉପଭୋଗ କରିପାରିବେ ସେଥି ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଖମାରୀ ପ୍ରକାଶ କରିଥିଲେ।

ନକଟିଗୁଡ଼ା ଦୁର୍ଗାପୂଜା

### ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ଭବାନୀପାଟଣା, ୧।୧୦ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ସୋମବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବୋର୍ଡା, ଡୁମୁରିଆ, ଗୁରୁଜୁଙ୍ଗା, ସେଁପୁର, କେନ୍ଦୁପାଟି, ବୋରଭଟ୍ଟା, କାମଠଣା, ମାଲଗାଁ, ଥୁଆପଦର ପଞ୍ଚାୟତରେ ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ବର୍ଜନ ସମ୍ପର୍କିତ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଡୁମୁରିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଡିଓ ଶ୍ରୀଧର ପଣ୍ଡା, ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ସ୍ୱାସ୍ଥ୍ୟ କର୍ମୀ ଭୋଲେଶ୍ୱର ନାଏକ, ଶିକ୍ଷକ ଦୁର୍ଗା ଚରଣ ସାମଲ, ପିଇଓ ସିଦ୍ଧେଶ୍ୱର ଦେବ ପ୍ରମୁଖ ଯୋଗଦେଇ ଥିଲେ। ସେହିଭଳି ବୋର୍ଡାଠାରେ ସରପଞ୍ଚ ରୀନାରାଣୀ ଜାଲଙ୍କ ନେତୃତ୍ୱରେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଶିକ୍ଷକ ନବୀନ ଭୋଇ, ନିରାକାର ଗହିର, ସମୀର ମହାପାତ୍ର, ଶିକ୍ଷୟିତ୍ରୀ ବନ୍ଦନା ଭୋଇ, ସୁନିଭା ମଞ୍ଜରୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ। ଗୁରୁଜୁଙ୍ଗଠାରେ ସରପଞ୍ଚ ରୀନା ସାହୁ, କେନ୍ଦୁପାଟିରେ ସରପଞ୍ଚ ନାଗେଶ୍ୱର ବାଗ, ବୋରଭଟ୍ଟାରେ ସରପଞ୍ଚ ସ୍ୱରୂପାରାଣୀ ଗହିର, ସେଁପୁରରେ ସରପଞ୍ଚ ରାଜେଶ ପ୍ରାସାଦ ସାହୁଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଆଟିଗାଁ, ତଳମଲା ପଞ୍ଚାୟତରେ ବେଆଇନ ଜଳକର ଆଦାୟ

# ଉପଜିଲାପାଳଙ୍କଠାରେ ଚାଷୀ ଫେରାଦ

**ଜୁନାଗଡ,୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ଓ ତଳମଲା ପଞ୍ଚାୟତରେ ଇନ୍ଦ୍ରାବତୀ କେନାଲର ଜଳକର ବେଆଇନ ଭାବେ ଆଦାୟ କରାଯାଉଥିବା ନେଇ ସ୍ଥାନୀୟ ଚାଷୀମାନେ ଧର୍ମଗଡ ଉପଜିଲାପାଳଙ୍କଠାରେ ସୋମବାର ଫେରାଦ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରା ନ ଯାଏ ଆସନ୍ତା ୩ ତାରିଖରେ ହାତୀନଦୀ ପୋଲ ୨୬ ନଂ. ଜାତୀୟ ରାଜପଥ ଉପରେ ନିଜ ପରିବାରବର୍ଗଙ୍କ ସହ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ରର ଏକ ନକଲ ସେମାନେ କଳାହାଣ୍ଡି ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଜୁନାଗଡ ତହସିଲଦାର, ଇନ୍ଦ୍ରାବତୀ ବାମ କେନାଲ ନିର୍ବାହୀ ଯନ୍ତ୍ରୀଙ୍କୁ ଦେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଛୋରିଆଗଡ ବ୍ରାଞ୍ଚ କେନାଲର ପାଣି ତଳମୁଣ୍ଡରେ ଥିବା ଆଟିଗାଁ ଓ ତଳମଲା ପଞ୍ଚାୟତକୁ ପହଞ୍ଚିପାରୁନାହିଁ। ଛୋରିଆଗଡ ବ୍ରାଞ୍ଚ କେନାଲର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଫଳକୁ କିଛି ପ୍ରଭାବଶାଳୀ, ମୁଷ୍ଟିମେୟ ବ୍ୟକ୍ତି କଂକ୍ରିଟ ବାଡ କରି ଅବରୋଧ କରିଥିବାରୁ ତଳମୁଣ୍ଡକୁ ଠିକ ଭାବେ ପାଣି ପହଞ୍ଚିପାରୁନାହିଁ। ଫଳରେ ଉଭୟ ପଞ୍ଚାୟତର ୭ ଶହ ହେକ୍ଟର ଚାଷ ଜମି ପାଣି ଅଭାବରୁ ଏବେ ଧାନ ଫସଲ ମରିବାକୁ ବସିଲାଣି। ଇନ୍ଦ୍ରାବତୀ କେନାଲ ଯୋଗେ ଜଳ ଯୋଗାଣର ଦୀର୍ଘ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରତିବର୍ଷ ଏହି ସମସ୍ୟା ଦେଖାଦେଇଥାଏ। ବିଭାଗୀୟ ଅଧିକାରୀ ଓ ପ୍ରଶାସନର ଅବହେଳା ଯୋଗୁ ଛୋରିଆଗଡ ବ୍ରାଞ୍ଚ କେନାଲରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଫଲ୍ କୁ ଅବରୋଧ କରିବା ଓ ବ୍ୟକ୍ତିଗତ ଆଉଟଲେଟମାନ କରିବା ଯଥା ମହିଭର ଛକ, ପିଳିକିଆ ବଜାର ଛକ, କଳିଆକୁଣ୍ଡଲ ଛକ, ମୁଣ୍ଡିଗୁଡା ଛକ ଓ କେଲିଆ ଛକରେ ବେଆଇନ ଭାବରେ କରାଯାଇଥିବା ପୋଲ ଯୋଗୁ ତଳମୁଣ୍ଡକୁ ପାଣି ପହଞ୍ଚିପାରୁନାହିଁ। ତଳମୁଣ୍ଡରେ ଥିବା ଉକ୍ତ ୨ଟି ପଞ୍ଚାୟତର ଚାଷଙ୍କ ପାଇଁ ଦୁଃଖର କାରଣ ପାଲଟିଛି। ଅନ୍ୟପକ୍ଷରେ କେନାଲରେ ଠିକ ଭାବେ ପାଣି ଆସୁ ନ ଥିବାବେଳେ ଗତ ୨୬ ବର୍ଷ ହେଲା ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ୨ଟି ପଞ୍ଚାୟତର ଜଳ ପାଉ ନ ଥିବା ଚାଷୀଙ୍କଠାରୁ ବେଆଇନ ଭାବେ ଜଳକର ଆଦାୟ କରାଯାଉଛି। ଏପରିକି ବାରମ୍ବାର ଅଞ୍ଚଳର ଚାଷୀମାନେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ, ପ୍ରଶାସନଠାରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ।

# ବରିଷ୍ଠ ନାଗରିକ ଦିବସ ପାଳିତ

**କେସିଙ୍ଗା,୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ସଭାଗୃହରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳର ୪ଜଣ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କେସିଙ୍ଗା ବିଡିଓ ଭୀମସେନ ଶବର ବରିଷ୍ଠ ନାଗରିକଙ୍କ ଜୀବନି ଉପରେ ବିଭିନ୍ନ ବିଷୟକୁ ନେଇ ଉଦାହରଣ ଦ୍ୱାରା ଉପସ୍ଥିତ କର୍ମଚାରୀମାନଙ୍କୁ ବୁଝାଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଧର୍ମଗଡ ବ୍ଲକ ବିକ୍ରମଗୁଡାର ଶୋଭାବନ ରାଉଳ ଯୋଗଦେଇଥିଲେ। ନାଗରିକ କର୍ତ୍ତବ୍ୟ ପାଳନ ଓ ମୂଳମନ୍ତ୍ର, ବିଶିଷ୍ଟ ନାଗରିକଙ୍କ ଜୀବନି ଆଦି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଭାଇସଚେୟାରମ୍ୟାନ ରଜନୀକାନ୍ତ ପୋଢ଼ ଯୋଗଦେଇଥିଲେ। ଉତ୍ସବରେ ବ୍ଲକର ବନବିଭାଗ, କୃଷି ବିଭାଗ, ଶିକ୍ଷା ବିଭାଗ, ଉଦ୍ୟାନ ବିଭାଗ ସହ ବିଭିନ୍ନ ବିଭାଗ ସମସ୍ତ କର୍ମଚାରୀମାନେ ଯୋଗଦାନ କରିଥିଲେ। ଏହି ଦିବସକୁ ବ୍ଲକର ବିଭୁ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।




ଖବରଦାତା ସମ୍ମିଳନୀରେ ବେସରକାରୀ କଲେଜ ଶିକ୍ଷକ ସଂଘର ସଦସ୍ୟମାନେ ।

### ବେସରକାରୀ କଲେଜ ଶିକ୍ଷକ ସଂଘର ଦାବି

# କଲେଜରେ ଅଧ୍ୟାପକମାନଙ୍କୁ ୭ ଘଣ୍ଟା ରହିବା ପ୍ରତ୍ୟାହାର କର

**ଭବାନୀପାଟଣା,୧।୧୦ (ଡି.ଏନ.ଏ.)**

ନିକଟରେ ରାଜ୍ୟ ସରକାର କଲେଜଗୁଡିକରେ ଅଧ୍ୟାପକମାନଙ୍କୁ ୭ ଘଣ୍ଟା ରହିବା ବାଧ୍ୟତାମୂଳକ କରିଥିବା ନିଷ୍ପତ୍ତିକୁ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ତୀବ୍ର ବିରୋଧ କରିଛି। ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହହାର କରିବାକୁ ଦାବି କରିଛି। ଏଥିସହ ବେସରକାରୀ କଲେଜର ଅଧ୍ୟାପକଙ୍କୁ ପ୍ରତି ହହେଉଥିବା ବିଭିନ୍ନ ପକ୍ଷପାତ ନୀତିକୁ ପ୍ରତ୍ୟାହାହର କରି ସମାନ କାମକୁ ସମାନ ଦରମା ଦାବି କରିଛି। ୧।୬।୨୦୮ରୁ କଲେଜଗୁଡିକୁ ଅନୁଦାନ ନ ଦେବା ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ରବି ରାୟ ଭବାନୀପାଟଣାଠାରେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଦାବି ପୂରଣ ନ କଲେ ସଂଘ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି କହିଥିଲେ। କର୍ଲାପଡା ପଞ୍ଚାୟତ ସମିତି କଲେଜରେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ କଳାହାଣ୍ଡି ଜିଲା ଶାଖାର ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଛି। ଅଧ୍ୟାପକ ସତ୍ୟ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାସଂଘ ସାଧାରଣ ସମ୍ପାଦକ ରବି ରାୟ, ରାଜ୍ୟ ବେସରକାରୀ କଲେଜ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଡକ୍ଟର ଦୁଷ୍ମନ୍ତ ନାଏକ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣୟାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଡ. ଅଶ୍ୱିନୀ ସୁପକାର ଓ ନୂଆପଡା ଜିଲା ସଭାପତି ଡ. ହରେନ୍ଦ୍ର ପଣ୍ଡା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶିକ୍ଷା ପ୍ରତି ଉଦାସୀନତା ଓ ଅବହେଳା ସମ୍ପର୍କରେ ଆଲୋଚନା କରିଥିଲେ। ଅନଗ୍ରସର କେବିକେ ଜିଲାଗୁଡିକ ପାଇଁ ସ୍ୱତନ୍ତ୍ର ୩, ୫ ଓ ୭ ବର୍ଷରେ ଅନୁଦାନ ନୀତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧ୍ୟାପକ ତଥା ସଂଘର ସଭାପତି ସତ୍ୟ ପଟ୍ଟନାୟକ, ପ୍ରଧ୍ୟାପକ ଶରତଚନ୍ଦ୍ର ପଣ୍ଡା ଓ ବିଭୂତି ଭୂଷଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲା ସାକାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଜିଲା ସଭାପତି ଭାବେ ତୁଳସୀ ଦାସ ପାଢୀ, ସମ୍ପାଦକ ସୁଶାନ୍ତ ପାଢୀ, କାର୍ଯ୍ୟକାରୀ ସଭାପତି ରଘୁନାଥ ମହାପାତ୍ର, ସଙ୍ଗଠନ ସମ୍ପାଦକ ବିନୋଦ ପଟ୍ଟନାୟକ, ଉପସଭାପତି ଭାବେ ଦିଲୀପ ଦାସ, ବସନ୍ତ ପଣ୍ଡା ଓ ଭୁବନ ଠାକୁର, ଯୁଗ୍ମ ସଂପାଦକ ଭାବେ ଆଦିତ୍ୟ ଖମାରୀ, ପ୍ରଦୀପ ମିଶ୍ର, ପ୍ରସନ୍ନ ସାହୁ, ଓ ସଞ୍ଜୟ ସିଂଙ୍କୁ ମନୋନୀତ କରାଯାଇଥିଲା।

# ନିଶା ନିବାରଣ, ପରିବେଶ ସୁରକ୍ଷା ନେଇ ସଚେତନତା ରାଲି

**କର୍ଲାମୁଣ୍ଡା,୧।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ମଙ୍ଗଳବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକମାନେ ପରିବେଶ ସୁରକ୍ଷା ଓ ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି ପାଇଁ ବ୍ଲକ ସଦର ରୁଗୁଡିପଡାଠାରୁ ଶିଶୁ ମନ୍ଦିର ଛକ ଯାଏଁ ବିଭିନ୍ନ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ପରେ ରାଜିବ ଗାନ୍ଧୀ ସେବାକେନ୍ଦ୍ରଠାରେ ପଞ୍ଚାୟତ ସମିତି କର୍ଲାମୁଣ୍ଡା ପକ୍ଷରୁ ଆୟୋଜିତ ସଭାରେ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, କର୍ଲାମୁଣ୍ଡା ଏସବିଆଇ ଶାଖା ପରିଚାଳକ ପାରସନାଥ ପାଣିଗ୍ରହୀ, ମୋବାଇଲ ହେଲଥ୍ ୟୁନିଟର ଡାକ୍ତର ଧର୍ମରାଜ ସିଂ, ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତି କୁମାର, ବିଏସଇଓ ସସ୍ମିତା ପଟେଲ ପ୍ରମୁଖ ଯୋଗଦେଇ ଏହି ଦିବସର ତାପର୍ଯ୍ୟ ସହିତ ବରିଷ୍ଠ ନାଗରିକମାନଙ୍କ ପ୍ରତି ନିଜ ନିଜର ଦାୟିତ୍ୱ କର୍ତ୍ତବ୍ୟ କ'ଣ ରହିବା ଉଚିତ ସେ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମଧ୍ୟରୁ ଉପେନ୍ଦ୍ର ସାହୁ, ଲେଖମଣି ସାହୁ, ମୁରଲୀ ରଣା, ଶିବଭକ୍ତ ସାହୁ, କାଶିନାଥ ସାହୁ, ହୃଷୀକେଶ ଚୌଧୁରୀ, କମ୍ବୁ ରଣା, ଋଷଭ ନାଏକ ପ୍ରମୁଖଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ଗୋବିନ୍ଦ ସାହୁ, କାମଦେବ ଭୋଇ, ରୁଦ୍ରପ୍ରସାଦ ଭୋଇ, ମୋହନଲାଲ ରଣା, ବାବା ଭଗବାନ ଦାସ, ଦିଲୀପ ରଣା, ଦୟାନିଧି ସାହୁ, ପଣ୍ଡିତ ପଧାନ, ଦଶରଥ ସାହୁ, ବୈକୁଣ୍ଠ ରଣା, ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଗାଁର ୮୩ ଜଣ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

**କଲମପୁର, (ଡି.ଏନ.ଏ.) :** କଲମପୁର ବ୍ଲକଠାରେ ମଧ୍ୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ୨୧ ଜଣ ବୃଦ୍ଧବୃଦ୍ଧାମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ସୁଚିତ୍ରା ନାଏକ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ କଲମପୁର ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, କଲମପୁର ବିଡିଓ ହୋମ ସାଗର ଭୋଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କରୁଣାକର ବାଗ, ପ୍ରଗତି ସହାୟକ ଲକ୍ଷ୍ମଣ ହରିଜନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହେମନ୍ତ କୁମାର ସଗଡିଆ ଏବଂ ସମସ୍ତ ଗ୍ରାମପଞ୍ଚାୟତ ସମିତ ସଭ୍ୟାସଭ୍ୟ, ସରପଞ୍ଚ, ପିଇଓ, ଜିଆରଏସ୍ ଉପସ୍ଥିତ ଥିଲେ।

**ଭତ୍ତା ବଣ୍ଟନ, ସ୍ୱାସ୍ଥ୍ୟ ପରୀକ୍ଷା**

**କୋକସରା, (ଡି.ଏନ.ଏ.):** କୋକସରା ବ୍ଲକ ସଭାଗୃହଠାରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ୨୨ଟି ପଞ୍ଚାୟତ ୨୮୪ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଛି। ବ୍ଲକ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ କରାଯାଇଥିଲା। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦୀପକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ସବ୍ୟାରାଣି ବାଗ, ଟେମରା ସମିତି ସଭ୍ୟ ରାଜେନ୍ଦ୍ର ନାଏକ, କାଉଡୋଲା ସରପଞ୍ଚ ଜମ୍ବୁବତୀ ସାହୁ, ବଡପୋଡାଗୁଡା ସରପଞ୍ଚ କସ୍ତୁରୀ ପୂଝାରୀ, ଓଲମା ସରପଞ୍ଚ ନନ୍ଦିତା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଳାଦ୍ରି ମେହେର, ସୁନ୍ଦର ନାଏକଙ୍କ ସମେତ ୨୨ଟି ପଞ୍ଚାୟତ ସମସ୍ତ ସରପଞ୍ଚ ଓ ପିଇଓ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ଶିବିରରେ ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସଙ୍କ ସମେତ ସାରଥି ସେନାପତି, ଶୁଭେନ୍ଦୁ ପଣ୍ଡା, ଅନୁସୟା ମାଝି ପ୍ରମୁଖ ବୃଦ୍ଧବୃଦ୍ଧାମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଘାସିରାମ ପାଙ୍ଗଯୋଷୀଙ୍କୁ ସମାଜ ସେବା ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ଧର୍ମଗଡ ବିଧାୟକ ବାଗ ଓ ବ୍ଲକ ଅଧ୍ୟକ୍ଷା ବାଗ ମାନପତ୍ର ଦେଇ ସମ୍ମାନିତ କରିଥିଲେ।




କର୍ଲାମୁଣ୍ଡା ବରିଷ୍ଠ ନାଗରିକମାନେ ନିଶା ନିବାରଣ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ରାଲି କରୁଛନ୍ତି।




ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**ଜୁନାଗଡ,୧।୧୦ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଙ୍ଗଳବାର ଜୁନାଗଡ ବ୍ଲକ ସଭାଗୃହଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜୁନାଗଡ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସଏସଓ) ତୁଷାର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ,ଏମ୍‌ପି ପ୍ରତିନିଧି ମୁକେଶ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର, ମୁଖ୍ୟ କିରାଣୀ ବିଶ୍ୱନାଥ ପ୍ରଧାନ, ସିପି ସୋମେନ୍ଦ୍ର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ସିର୍ଦ୍ଧେଶ୍ୱର ମେହେର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ କନିଷ୍ଠ କିରାଣୀ ସନ୍ଧ୍ୟାରାଣୀ ବାଡାତ୍ୟା ଓ ଡିଇଓ ଚନ୍ଦ୍ର ଶେଖର ମାଝି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୁନାଗଡ ସହରର ଅନେକ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।



ଆପଣଙ୍କୁ ମାନବିକତା ଉପରେ ବିଶ୍ୱାସ ହରାଇବା ଉଚିତ ନୁହେଁ । ମାନବିକତା ଏକ ସମୁଦ୍ର, ଯଦି ସମୁଦ୍ରର କିଛି ବୁନ୍ଦା ପାଣି ଖରାପ ହୋଇଯାଏ ତେବେ ପୂରା ସମୁଦ୍ର ଖରାପ ହୋଇଯାଏ ନାହିଁ । - ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପିଏଲ୍ କଲେଜରେ ଆଲୋଚନାଚକ୍ର

**ଟିକ୍ରାପଡା, ୧।୧୦(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ପଦ୍ମଲୋଚନ ମହାବିଦ୍ୟାଳୟରେ ଆଧୁନିକ ଯୁଗରେ ମହାତ୍ମା ଗାନ୍ଧୀଙ୍କ ଜୀବନ ଦର୍ଶନର ଆବଶ୍ୟକତା ଶୀର୍ଷକ ଆଲୋଚନା ଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପରାଶର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଅଧାପକ ଅଭୟ କୁମାର ଚୌଧୁରୀ, ଜୟକୃଷ୍ଣ ସାହୁ, ଲୋକନାଥ ବେହେରା, ଆଶୁତୋଷ ରାଜପଲିଆ, ଅନ୍ତର୍ଯ୍ୟାମୀ ରାଜପଲିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସରୋଜ ଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଝରବାହାଲିରେ ନାଗବାଚା ଯାତ୍ରା

**ଟିକ୍ରାପଡା,୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ ଝରବାହାଲିଠାରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ନାଗବାଚା ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି । ଗୁରୁ ଚନ୍ଦ୍ରଭାନୁ ବଗର୍ତ୍ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁନାଧର ଚନ୍ଦନ ପୂଜକ ଦାୟିତ୍ୱ ତୁଲାଇଥିଲେ । କାଳିଶୀଙ୍କ ଶରୀରରେ ଲାଛବୁଢ଼ା, ଚଣ୍ଡି, ସମଲାଇ, ସାତବହନି, ବନଦୁର୍ଗା, ମହାଦେବ, ହନୁମାନ ପ୍ରଭୃତି ଦେବୀ ଦେବତାଙ୍କ ଆବିର୍ଭାବ କରାଯାଇଥିଲା । ଦେବୀ ଦେବତାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଶ୍ରଦ୍ଧାଳୁମାନେ ଦେବତାଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

### ଲୋଇସିଂହା କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ଲୋଇସିଂହା,୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଯୁକ୍ତ ତିନି ଓଡିଆ, ଅର୍ଥଶାସ୍ତ୍ର ଓ ଇତିହାସ ବିଭାଗର ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତ୍ରିବିକ୍ରମ ଦାସଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅଧାପକ ସନ୍ତୋଷ ଦାସ ଓ ସନ୍ତୋଷସିଂ ଲାଲ ଉପସ୍ଥିତ ନବଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ।

### ଭାଗବତ ସତ୍‌ସଙ୍ଗ ମହୋତ୍ସବ ପ୍ରସ୍ତୁତି

**ଲୋଇସିଂହା,୧।୧୦ (ଡି.ଏନ.ଏ.):**ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିରରେ ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୩ ଦିନଧରି ୭୪ ତମ ଭାଗବତ ସତସଙ୍ଗ ମହୋତ୍ସବ ଅନୁଷ୍ଠିତ ହେବ। ଉଦ୍ଧବ ତ୍ରିପାଠୀ, ଗିରିଧାରୀ ମିଶ୍ର, ପରକ୍ଷିତ ଦାସ, ମାନଭଞ୍ଜନ ଦାସ ପ୍ରମୁଖ ପ୍ରବଚନ ଦେବେ। ଏ ନେଇ ଏକ ପ୍ରସ୍ତୁତି ବୈଠକରେ ନକୁଳ ପଧାନ ଅଧକ୍ଷତା କରିଥିଲେ। ଏହି ଅବସରରେ ଭିକାରୀ ତ୍ରିପାଠୀ, ସମ୍ପତି ପଧାନ, ସୁବଳ ସାହୁ, ସୁନ୍ଦରମଣି ପଧାନ, ସମ୍ପତି ମହନୀରା, ଅଜାମିଳ ପଧାନ, ଅମର ପଧାନ, ଯୋଗାନନ୍ଦ ତ୍ରିପାଠୀ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠିତ ହୋଇଛି। ଚିନ୍ତାମଣୀ ତ୍ରିପାଠୀ, ଅକ୍ଷୟ ତ୍ରିପାଠୀ, ଶ୍ରୀଧର ମିଶ୍ର, ରଘୁନାଥ ମିଶ୍ର ପ୍ରମୁଖ ଉପଦେଷ୍ଟା କମିଟିରେ ରହିଛନ୍ତି।

### ରାଧାଶ୍ୟାମ ଆଞ୍ଚଳିକ ଡିଗ୍ରୀ କଲେଜରେ ଆଲୋଚନାଚକ୍ର

# ଗାନ୍ଧୀପନ୍ଥୀ ଯୁବଶକ୍ତି ହିଁ ଦେଶର ଭାଗ୍ୟ ବଦଳାଇଦେବେ

**ବଲାଙ୍ଗୀର ଅଫିସ/ପୁଇଁତଲା, ୧।୧୦ (ଡି.ଏନ୍.ଏ.)**



ବିଲେଇସର୍ଡା ରାଧାଶ୍ୟାମ ଡିଗ୍ରୀ କଲେଜର ଆଲୋଚନାଚକ୍ରରେ ଜଣେ ଛାତ୍ରୀ ବକ୍ତବ୍ୟ ରଖୁଛନ୍ତି ।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲାଇସର୍ଡାସ୍ଥିତ ରାଧାଶ୍ୟାମ ଆଞ୍ଚଳିକ ଡିଗ୍ରୀ କଲେଜ ପକ୍ଷରୁ ମଙ୍ଗଳବାର ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଯୁବଶକ୍ତି ଓ ଗାନ୍ଧୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ରାମଶରଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ ସ୍ତମ୍ଭକାର ଓ ଆଡଭୋକେଟ୍ ଜୟକୃଷ୍ଣ ସାହୁ, ଆଲୋଚକଭାବେ ବିଲେଇସର୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପୁରୁଷୋତ୍ତମ ଭଞ୍ଜ, ବୀରେନ୍ଦ୍ର କୁମାର ଝାଙ୍କର, ଲୁହାସିଂହା ସର୍ବୋଦୟ ବିଦ୍ୟାପୀଠର ଯୁବ ଶିକ୍ଷକ ଅଶ୍ୱିନୀ କୁମାର ଷଡଙ୍ଗୀ, ଲୋଇସିଂହା ମହାତବ ହାଇସ୍କୁଲର ହିନ୍ଦୀ ଶିକ୍ଷକ ଭକ୍ତଚରଣ ନାଏକ ଯୋଗଦାନ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଗାନ୍ଧୀପନ୍ଥୀ ଯୁବଶକ୍ତି ହିଁ ଭାରତର ଆଗାମୀ ଭବିଷ୍ୟତ ଓ ସେମାନେ ଦେଶର ଭାଗ୍ୟ ପରିବର୍ତ୍ତନ କରିଦେଇପାରିବେ ବୋଲି କହିଥିଲେ । ମୁଖ୍ୟଅତିଥି ସ୍ତମ୍ଭକାର ସାହୁ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ମହତବାଣୀ ଅହିଂସା ଓ ସଦ୍‌ଭାବନା ଆଜି ସମଗ୍ର ବିଶ୍ୱ ପାଇଁ ଅମୂଲ୍ୟ ସମ୍ପଦ ବୋଲି କହିଥିଲେ । ଭାରତକୁ ଦାରିଦ୍ର୍ୟରୁ ମୁକ୍ତ କରିବାର ଅସଲ ଶକ୍ତି ଯୁବକମାନଙ୍କ ଭିତରେ ରହିଛି ଓ ସେମାନେ ଏହା ଗାନ୍ଧୀଙ୍କ ପଥ ଅନୁସରଣ କରି ହାସଲ କରିପାରିବେ ବୋଲି ସେ କହିଥିଲେ । ଗାନ୍ଧୀଙ୍କ ଜୀବନର ବହୁ ରୋମାଞ୍ଚକର କଥା ସେ ଛାତ୍ରୀଛାତ୍ରଙ୍କୁ କହିଥିଲେ । ଆଜିର ଯୁବକଙ୍କ ସ୍ୱପ୍ନ ଓ ଆଦର୍ଶ କିଭଳି ହେବା ଉଚିତ୍ ସେ କହିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଭଞ୍ଜ ତାଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କ ସତ୍ୟନିଷ୍ଠତା କିଭଳି ପିଲାଦିନରୁ ବିକଶିତ ହୋଇଥିଲା କହିଥିଲେ । ଅନ୍ୟ ଆଲୋଚକମାନେ ମଧ୍ୟ ଗାନ୍ଧୀଙ୍କ ଜୀବନୀ ଓ ଆଦର୍ଶ ଉପରେ କହି ଯୁବକଙ୍କ ଭୂମିକା ଉପରେ କହିଥିଲେ ।

ଏହି ଅବସରରେ ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ପ୍ରସାର ପାଇଁ ଲୋଇସିଂହା ମହତାବ ହାଇସ୍କୁଲ ହିନ୍ଦୀ ଶିକ୍ଷକ ଭକ୍ତ ଚରଣ ନାଏକ ଓ ମହାବିଦ୍ୟାଳୟ ଛାତ୍ର ବବଲୁ ପାଣିଗ୍ରାହୀଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ଛାତ୍ରୀ ଅରୁଣିମା ବିଶ୍ୱାଳ, ରଶ୍ମି ବିଶ୍ୱାଳ ଓ ଲିପା ବିଶ୍ୱାଳ ମହାତ୍ମା ଗାନ୍ଧୀଙ୍କ ଉପରେ କହିଥିଲେ । ସଭାପତୀୟ ଅଭିଭାଷଣରେ ଅଧକ୍ଷ ରାମଶରଣ ପଧାନ ଗାନ୍ଧୀ ବିଚାର ଉପରେ କହିଥିଲେ । ଗାନ୍ଧିଜୀଙ୍କ ଜୀବନୀ ଉପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ର ବବଲୁ ପାଣିଗ୍ରାହୀ, ସୁବର୍ଣ୍ଣ କୁମ୍ଭାର, ସୁଶାନ୍ତ ସା, ଗଗନ ରଣା, ପ୍ରଭାତ ବିଶ୍ୱାଳ, ଛାତ୍ରୀ ପୁଷ୍ପାଞ୍ଜଳି ବୁଢ଼ିଆ, ରଶ୍ମିତା ବିଶ୍ୱାଳ, ସୁବାସ ନାଗ, ରଞ୍ଜିତା ଭୋଇ, ଦୀପକ କୁମାର ବିଶ୍ୱାଳ, ପ୍ରତିମା ବାଗ, ସାଗରିକା ଜେନା, ସୋନାଲି ନନ୍ଦ, ସ୍ୱାଗତିକା ପଧାନ, ପ୍ରଭୁଦତ୍ତ ପାତ୍ର, ଅମର ଦନ୍ତା, ଅରୁଣିମା ବିଶ୍ୱାଳ, ଲିପା ବିଶ୍ୱାଳ, ସୁମିନି ସଲମା, ଅଞ୍ଜନ ବିଶ୍ୱାଳ, ଗାୟତ୍ରୀ ବେହେରା, ମିନେଶ୍ୱରୀ ସ୍ୱାଇଁ, ବାସବ ନାଏକ, ସୁଶାନ୍ତ ସ୍ୱାଇଁ, ଭୂମିସୁତା ଘିବେଲା, ପ୍ରିୟଙ୍କା ପଣ୍ଡା, ଯାଜ୍ଞସେନୀ ବିଶ୍ୱାଳ, ଶିବାନୀ ମନହୀରା ଓ ନିତ୍ୟାନନ୍ଦ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜିତ ମିଶ୍ର ପରିଚାଳନା କରିଥିଲେ । ଶେଷରେ କଲେଜର ରାଜନୀତି ବିଜ୍ଞାନ ଅଧାପକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ କଲେଜର ପ୍ରଦୀପ କୁମାର ବାରିକ, ନାରାୟଣ ମହାକୁର, ହରେକୃଷ୍ଣ ସେଠ୍, ଦାମୋଦର ପଧାନ, ଚିତ୍ତ ରଞ୍ଜନ ରଣା, ସୁଶୀଳ ମହାକୁର, ସନ୍ଦୀପ ପଧାନ, ଅକାଶ ପଧାନ, ଦୂରାନ୍ତକ ସାହୁ, ରମେଶ ଚନ୍ଦ୍ର ପଧାନ, ସେବତୀ ପଧାନ, ରାଧାକାନ୍ତ ଗଡତ୍ୟା ସହଯୋଗ କରିଥିଲେ ।



### ଦେଓଗାଁ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ

**ଦେଓଗାଁ,୧।୧୦(ଡି.ଏନ.ଏ.)**

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ରଙ୍କ ସଂଯୋଜନା ଓ ବିଡିଓ ବେର୍ଣ୍ଣାଦେତ ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ରୀନା ମେହେର, ଉପାଧକ୍ଷ ରାଜୁ ବାଗ ଯୋଗ ଦେଇଥିଲେ । ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁଶାନ୍ତ କୁମାର ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏ ଅବସରରେ ସାଲେପାଲିର ବରିଷ୍ଠ ନାଗରିକ କ୍ଷମାନିଧି ମେହେର, ଜରାସିଂହାର ଗୋପବନ୍ଧୁ ମିଶ୍ର, ସିକୁଆଁର ପବିତ୍ର ପଧାନ, ହାତିସରାର ଜୟକୃଷ୍ଣ ଗଡତ୍ୟା ଓ କୁତୁର୍ଲାର ମୁରଲୀଧର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଲେପାଲି ଜଗତବନ୍ଧୁ ବିଶ୍ୱନିକେତନ ତଥା ଗ୍ରାମମଙ୍ଗଳ ପାଠାଗାର ତରଫରୁ ବାର୍ଦ୍ଧକ୍ୟ ଆବାସରେ ମଧ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି।

# ଠକେଇ ଅଭିଯୋଗ, ଭାଜପା ନେତା ଗିରଫ

**ଟିଟିଲାଗଡ଼, ୧।୧୦ (ଡି.ଏନ.ଏ.)**



ଗିରଫ ଚେୟାରମ୍ୟାନ ବାଗ ।

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ଜଣେ ବ୍ୟବସାୟୀଙ୍କୁ ଠକେଇ କରି ଅର୍ଥ ଆତ୍ମସାତ ଏବଂ ଧମକ ଦେବା ମାମଲାରେ ପୋଲିସ ନଗର ଭାଜପା ସଭାପତି ଚେୟାରମ୍ୟାନ ବାଗଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାତଜକୁ ପଠାଇ ଦିଆଯାଇଛି। ଚେୟାରମେନଙ୍କ ଗିରଫ ନେଇ ସ୍ଥାନୀୟ ଏସ୍‌ଡିଜେଏମଙ୍କ ଦ୍ୱାରା ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଟିଟିଲାଗଡ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କ ପକ୍ଷରୁ ଜାରି ସୂଚନା ଅନୁଯାୟୀ ଗତ ତା ୪।୧।୨୦୧୬ରିଖରେ ସହରର ବ୍ୟବସାୟୀ ରାମଲାଲ ଜୈନଙ୍କ ଘରେ ଚୋରି ହୋଇଥିଲା। ରାମଲାଲଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ଦାଏର କରିଥିଲା। ହେଲେ ପୋଲିସ ତଦନ୍ତରେ କୌଣସି ସୁଫଳ ମିଳି ନ ଥିଲା। ଚୋରି ସାମଗ୍ରୀ ଉଦ୍ଧାର ପାଇଁ ଚେୟାରମ୍ୟାନ ସମ୍ପୃକ୍ତ ବ୍ୟବସାୟୀଙ୍କୁ ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ରାମଲାଲ ତା୩୦।୮।୧୬ରିଖରେ ୧୦ହଜାର ଟଙ୍କା ନଗଦ ଏବଂ ଚେକ ଜରିଆରେ ୧ ଲକ୍ଷ ୪୦ ହଜାର ଟଙ୍କା, ତା୧୬।୯।୧୬ରିଖରେ ୧ ଲକ୍ଷ ୫୦ ହଜାର ଟଙ୍କା ନଗଦ ଏବଂ ୧ ଲକ୍ଷ ୫୦ ହଜାର ଟଙ୍କା ଚେକ ପ୍ରଦାନ କରିଥିଲେ। ଏହିପରି ମୋଟ ୪ ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ ସୁଦ୍ଧା ରାମଲାଲଙ୍କ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ଚେୟାରମେନ ବାଗ ସଫଳ ହୋଇ ନ ଥିଲେ। ଏହି ପରିସ୍ଥିତିରେ ଚୋରି ସାମଗ୍ରୀ ଉଦ୍ଧାର ନ ହେବାରୁ ରାମଲାଲ ଟଙ୍କା ଫେରସ୍ତ ମାଗିଥିଲେ। ଟଙ୍କା ଫେରାଇବାକୁ ଅକ୍ଷମ ଚେୟାରମ୍ୟାନ ବାଗ ତାଙ୍କ ବାପାଙ୍କ ନାମରେ ଥିବା ୧୦ ଡିସିମିଲ ଜମି ରାମଲାଲଙ୍କ ନାମରେ ଡିସେମ୍ବର ୨୦୧୮ ମଧ୍ୟରେ ରେଜିଷ୍ଟ୍ରି କରିବେ ଅନ୍ୟଥା ଡିସେମ୍ବର ୨୦୧୮ ମଧ୍ୟରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ନୋଟାରିଙ୍କଠାରେ ଏକ ଲିଖିତ ଚୁକ୍ତିନାମା କରିଥିଲେ। ଧାର୍ଯ୍ୟ ଅବଧି ପରେ ଅଭିଯୁକ୍ତ ଚେୟାରମ୍ୟାନ ରାମଲାଲଙ୍କ ନାମରେ ଜମି ରେଜିଷ୍ଟ୍ରି କରି ନ ଥିଲେ। ଏ ନେଇ ପଚାରିବାରୁ ସେ ରାମଲାଲଙ୍କୁ ଜୀବନରେ ମାରି ଦେବାକୁ ଧମକଚକମ ଦେଉଥିଲେ। ରାମଲାଲଙ୍କ ଅଭିଯୋଗକୁ ଭିତ୍ତି କରି ଟିଟିଲାଗଡ ଥାନାରେ ଦଫା ୪୨୦, ୫୦୬ରେ ପୋଲିସ ଏକ ମାମଲା (ନଂ.୨୭।୪।୨୦୧୯)ରୁଜୁ କରିଥିଲା। ଏହି ଘଟଣାରେ ଟିଟିଲାଗଡ ଏସ୍‌ଡିଜେଏମଙ୍କ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା।

# ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

**ଟିଟିଲାଗଡ଼, ୧।୧୦ (ଡି.ଏନ.ଏ.)**



ମନ୍ତ୍ରୀ ଟୁକୁନି ସାହୁ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରୁଛନ୍ତି ।

ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ସାମାଜିକ ସଂଗଠନ ରାଜଜ୍ୟୋତି ସେବା ସମିତି, ଟିଟିଲାଗଡ ପକ୍ଷରୁ ସ୍ଥାନୀୟ ରାଜ କନୱର ପାର୍କଠାରେ ବରିଷ୍ଠ ନାଗରିକ ସମାବେଶ ତଥା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ଟିଟିଲାଗଡ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଶ୍ୱିନୀ ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରୁ ପଲିଥିନ ମୁକ୍ତ ସହର, ଚାରାରୋପଣ ଆଦି ସଚେତନବାର୍ତ୍ତା ପ୍ଲାକାର୍ଡ ସହ ବରିଷ୍ଠ ନାଗରିକମାନେ ପାର୍କ ପରିସରରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ନାଗରିକ କବି ଭିକାରୀ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ପିତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଗୌରୀଶଙ୍କର ତ୍ରିପାଠୀ, ପୂର୍ବତନ ନଗରପାଳ ପ୍ରଦୀପ ମହାରଣା, ଆଇନଜୀବୀ ବାଞ୍ଛାନିଧି ହୋତା, ଜଗଦୀଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜାମ୍ବର ମଲ୍ଲ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ରାଜଜ୍ୟୋତି ସେବା ସମିତି ଅଧକ୍ଷ ଦୀପକ ସାହୁ, ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଘନଶ୍ୟାମ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିବୃନ୍ଦ ୧୯୪୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ବିଶିଷ୍ଟ ମହିଳା ସମାଜସେବୀ ଅଞ୍ଜଳି ବେହେରାଙ୍କ ଜନ୍ମଦିନକୁ କେକ କାଟି ପାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଡ. ବିନୋଦ ବିହାରୀ ଜାଲ, ଡ. ଯୁଗଳ କିଶୋର ଷଡଙ୍ଗୀ, ଗୋବିନ୍ଦ ନାମଦେବ, ବିଶ୍ୱମ୍ଭର ଠାକୁର, ଈଶ୍ୱର ଜୈନ, ସେବକଚରଣ ଦାଶ, ନୀଳମଣି ସାହୁ, ଶୁକଦେବ ଯୋଷୀ, ଶିବ ବେହେରା ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ସେହିପରି ଟିଟିଲାଗଡ ପୌର ପରିଷଦ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସମାବେଶରେ ବରିଷ୍ଠ ନାଗରିକ ରାଧାକୃଷ୍ଣ ପଟ୍ଟନାୟକ, ଗୋବିନ୍ଦ ନାମଦେବ, ହରିଶଙ୍କର ଥପା, ନୀଳମଣି ସାହୁ, ରାଜ ନାଗ, ସୁଦର୍ଶନ ଭୋଇ, ସଦାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ବିଡିଓ ମୋତିଲାଲ ସୁଲିଆ, ଏବିଡିଓ ମହେନ୍ଦ୍ର ପ୍ରଧାନୀ, ବରିଷ୍ଠ କିରାଣି ଗୋପାଳ ହୋତା, ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ବରିଷ୍ଠ ସରପଞ୍ଚ ଦୟାରାମ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।

### ଗଜଲକ୍ଷ୍ମୀ ପୂଜା ଶୁଭସ୍ତମ୍ଭ ସ୍ଥାପନ

**ଲୋଇସିଂହା,୧।୧୦(ଡି.ଏନ.ଏ.)**

ଲୋଇସିଂହାସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାର ନିକଟସ୍ଥ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜାକମିଟି ସଭାପତି ବବଲୁ ଦଲାଇ, ଉପସଭାପତି ବିଭୂପ୍ରସାଦ ବେହେରା, ସମ୍ପାଦକ କୁନା ଭୋଇ, ସହସମ୍ପାଦକ ନିବାଶ ମହାରଣାଙ୍କ ସମେତ ସଭ୍ୟ ବାବଲୁ କଦମ, ଗଙ୍ଗରାଜ ବିଶି, ଟିକୁ ଦଲାଇ, ବ୍ରଜମୋହନ ବିଷୋଇ ପ୍ରମୁଖଙ୍କ ଉପସ୍ଥିତିରେ ପୂଜକ ଶଙ୍କର ବେଜ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ।

# ଗୁଡଭେଲାରେ ବରିଷ୍ଠ ନାଗରିକ ଦିବସ

**ଗୁଡଭେଲା,୧।୧୦(ଡି.ଏନ.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଅଶୋକଚନ୍ଦ୍ର ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଞ୍ଚଳର ୨୧ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିଛନ୍ତି। ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମସ୍ତ ସୁଯୋଗ ସୁବିଧା ବିଷୟରେ ବିଡିଓ ରାମବିଲାଶ ମଙ୍ଗରାଜ ଅବଗତ କରାଇଥିଲେ । କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ପରିଚାଳନା କରିଥିବା ବେଳେ ବିଏସଏସଓ ଦୀପକ ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ତୁଷୁରା ଏନଏସିର କାଉନସିଲରମାନେ ଉପସ୍ଥିତ ଥିଲେ ।



ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଉଛି।

# ବରିଷ୍ଠ ନାଗରିକମାନେ ଆମର ସମ୍ପତ୍ତି

**ମୁରିବାହାଲ, ୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତି ପକ୍ଷରୁ ମଙ୍ଗଳବାର ବ୍ଲକ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ୧୮ଜଣ ପ୍ରତିଭାଧାରୀ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁରିବାହାଲ ବିଡିଓ ଶିପକ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବରିଷ୍ଠ ନାଗରିକମାନେ ଆମର ସମ୍ପତ୍ତି। କୌଣସିମତେ ସେମାନଙ୍କୁ ଅବହେଳା କରାଯିବା ଉଚିତ ନୁହେଁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଏମପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା, ବ୍ଲକର ମୁଖ୍ୟ କିରାଣି ବୀରେନ୍ଦ୍ର କୁମାର ରାୟ, ଓଡିଶା ଜୀବିକା ମିଶନର ସାହାର ବିଶୋଇ, ବ୍ରଜମୋହନ ସ୍ୱାଇଁ, ନିର୍ବାହୀ ଅଧିକାରୀ ମଦନମୋହନ ପାଇକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୧୮ ଜଣ ବରିଷ୍ଠ ନାଗରିକଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ତ୍ରିଲୋଚନ ବାଗ, ରାଜକିଶୋର ସିଂ ବାବୁ, ଅବିନାଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।




ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

### ବଲାଙ୍ଗୀର ଏମ୍‌ପିଙ୍କ ଜୁନିୟର ଓ ଡିଗ୍ରୀ ମହାବିଦ୍ୟାଳୟ ପରିଦର୍ଶନ

# ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ

**ମୁରିବାହାଲ, ୧।୧୦ (ଡି.ଏନ.ଏ.)**




ମୁରିବାହାଲ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମୁରିବାହାଲ ଜୁନିୟର କଲେଜ ଓ ଡିଗ୍ରୀ ମହାବିଦ୍ୟାଳୟକୁ ସୋମବାର ପରିଦର୍ଶନ କରିଥିଲେ। ଏହି ଉପଲକ୍ଷେ ଜୁନିୟର ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ ଓ ଡିଗ୍ରୀ କଲେଜର ଅଧକ୍ଷା ସରୋଜ କୁମାର ନାୟକଙ୍କ ଅଧକ୍ଷତାରେ ପୃଥକ ୨ଟି ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏମ୍‌ପି ସିଂଦେଓ ଯୋଗଦେଇ ଦେଶର ବିକାଶରେ ଛାତ୍ରୀଛାତ୍ରମାନଙ୍କର ଦାୟିତ୍ୱ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, ଜିଲା ଭାଜପା ଉପସଭାପତି ଲକ୍ଷ୍ମଣ ବାଗ, ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଜିଲା ପରିଷଦ ସଭ୍ୟ ସ୍ମୃତିଧାରା ମହାପାତ୍ର, ହସିତା ବେହେରା, ଶିକ୍ଷା ବିଭାଗର ପ୍ରତିନିଧି ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଉଭୟ କଲେଜ ପକ୍ଷରୁ ଏମପିଙ୍କୁ କଲେଜର ବିକାଶ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସମ୍ପନ୍ନ ପରେ ମୁରିବାହାଲ ଖବରଦାତା ସଂଘ ପକ୍ଷରୁ ଏମପିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ଏକ ନୂତନ କୋଠା ନିର୍ମାଣ ପାଇଁ ସଂଘ ସଭାପତି ଭଗବାନ ମହାନ୍ତି, ଉପସଭାପତି ନିମାଇଁଚରଣ ବଘାର ଓ ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁରଙ୍କର ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଛାତ୍ରଙ୍କୁ ବିଦ୍ୟାଳୟରୁ ତଡ଼ି ଦେଲେ ଶିକ୍ଷକ

**ରାଉରକେଲା ଅଫିସ,୧।୧୦-** ଜଣେ ୧୦ମ ଛାତ୍ରଙ୍କ ସାଧାରଣ ଭୁଲ ପାଇଁ ବିଦ୍ୟାଳୟରୁ ତଡି ଦିଆଯାଇଥିବା ଅଭିଯୋଗ ହୋଇଛି। ବେଆଇନ ଭାବେ ଛାତ୍ରଙ୍କୁ ବିଦ୍ୟାଳୟରୁ ବାହାର କରାଯିବା ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏ ନେଇ ମଙ୍ଗଳବାର ପୂର୍ବାହ୍ନରେ ଏକ ପ୍ରତିନିଧି ଦଳ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଡେଲି ମାର୍କେଟ ନିକଟସ୍ଥ ରାଷ୍ଟ୍ରୀୟ ବିଦ୍ୟାଳୟରେ ପାଠ ପଢନ୍ତି ଏମଡି ଆତସ। ମାସକ ପୂର୍ବେ କୌଣସି କାରଣରୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ସହ ତାଙ୍କର ମନାନ୍ତର ହୋଇଥିଲା। ଯାହାକୁ ନେଇ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଛାତ୍ର ଜଣଙ୍କୁ ବିଦ୍ୟାଳୟରୁ ତଡି ଦେଇଛନ୍ତି। ଆଗକୁ ବୋର୍ଡ ପରୀକ୍ଷା। ବିଦ୍ୟାଳୟ ଆସିବାକୁ ଦିଆଯାଉନି ଏହି ଛାତ୍ରଙ୍କୁ। ଜଣେ ୧୦ ଶ୍ରେଣୀ ଛାତ୍ରଙ୍କୁ ଏଭଳି ଛୋଟ କାରଣ ପାଇଁ ବିଦ୍ୟାଳୟରୁ ତଡି ଦେବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏପରିକି ଜିଲା କଂଗ୍ରେସ ପକ୍ଷରୁ ମଧ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ତାଙ୍କ ମା ରୁବି ଖାତୁନ ଏନେଇ ଗତ ମାସାଧିକ ହେବ ବିଭିନ୍ନ ଅଧିକାରୀଙ୍କ ନିକଟକୁ ଧାଉଁଥିବା ବେଳ ପୁଅ ବିଦ୍ୟାଳୟକୁ ଫେରି ପାରୁନି। ଏପରି ଅବସ୍ଥାରେ ମଙ୍ଗଳବାର ପରିବାର ଓ ସମ୍ପର୍କୀୟ ରାଉରକେଲା ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

### ଦଶହରା ବୋନସ, ବେତନ ଚୁକ୍ତିନାମା ଦାବି

# ବିଶ୍ରା ଛକରେ ଗଣବିକ୍ଷୋଭ

**ରାଉରକେଲା ଅଫିସ, ୧।୧୦**

ଆଗାମୀ ଦଶହରା ପୂଜା ବୋନସ ଓ ନୂତନ ବେତନ ଚୁକ୍ତିନାମା ସମ୍ପୂର୍ଣ୍ଣ କରିବା ଦାବି ନେଇ ମଙ୍ଗଳବାର ବିଶ୍ରା ଛକରେ ରାଉରକେଲା ମଜଦୁର ସଂଘ (ଆର୍‌ଏମ୍‌ଏସ୍) ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ମିଳିତ ଭାବେ ଗଣବିକ୍ଷୋଭ କରାଯାଇଛି। ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ଗତ ୨୦୧୫ ମସିହାରୁ ଆର୍‌ଏସ୍‌ପି ପକ୍ଷରୁ ବୋନସ ପରିମାଣ କମାଇ ଦିଆଯାଇଥିବା ଅଭିଯୋଗ କରାଯାଇଛି। ୨୦୧୫ରେ ୯ହଜାର ଟଙ୍କା, ୨୦୧୬ରେ ୧୦ ହଜାର, ୨୦୧୭ରେ ୧୧ହଜାର ଏବଂ ୨୦୧୮ରେ ମାତ୍ର ୧୩ହଜାର ଟଙ୍କା ବୋନସ ପ୍ରଦାନ କରାଯାଇଥିଲା। ତାହା ପୁଣି ପୂଜାର ମଧଭାଗରେ କିମ୍ବା ପୂଜା ପରେ ପ୍ରଦାନ କରାଯାଉଥିଲା। ଫଳରେ କର୍ମଚାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏହାସହ ନୂତନ ବେତନ ଚୁକ୍ତିନାମାର ଅବଧି ଗତ ୧।୧।୨୦୧୭ରୁ ଆରମ୍ଭ ହୋଇଥିଲେ ମଧ ଏହାକୁ ବର୍ତ୍ତମାନ ଯାଏ କାର୍ଯ୍ୟକାରୀ କରାଯାଇନାହିଁ। ଏପରିକି ଏନଜେସିଏସ ଚୁକ୍ତିନାମାରେ ହୋଇଥିବା ସେଲ ପେନସନ ସ୍କିମ ମଧ କାର୍ଯ୍ୟକାରୀ ହୋଇ ନ ଥିବା ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ସଂଘର ନେତା ମାନେ ଅଭିଯୋଗ କରିଛନ୍ତି। ଏପରିକି କର୍ମଚାରୀମାନେ ରହୁଥିବା ଘରର ଘରଭଡ଼ା,ବିଦ୍ୟୁତ ଭଡା, ପାଣି ଭଡା ଅନ୍ୟାୟ ଭାବେ ବଢ଼ାଯାଉଛି। ଭଡ଼ା ବଢୁଥିବା ସ୍ଥଳେ ବାସଗୃହ ମରାମତି ହେଉନାହିଁ। ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟ ଓ ବିଦ୍ୟାମନ୍ଦିରର ଅବସ୍ଥା ନ କହିବା ଭଲ ବୋଲି ଅଭିଯୋଗ ହୋଇଛି। ଏହି ସବୁ ସମସ୍ୟା ଓ ଅସୁବିଧା ଥିବା ବେଳେ ଆର୍‌ଏସ୍‌ପିର ସ୍ୱୀକୃତପ୍ରାପ୍ତ ୟୁନିୟନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଉପରୋକ୍ତ ସମସ୍ୟାର ସମାଧାନ କରିବା ସହ ତୁରନ୍ତ ବୋନସ ପ୍ରଦାନ କରିବା ନେଇ ମଙ୍ଗଳବାର ସନ୍ଧ୍ୟାରେ ଗଣବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ବୃତ୍ତିପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ, ୧।୧୦**

ହୀରାକୁଦ କଲୋନୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବିଦୁସ୍ମିତା ପଣ୍ଡାଙ୍କୁ ସାମାଜିକ ସଙ୍ଗଠନ ଆଭା ଅନ୍ୱେଷା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତି ଆର୍ତ୍ତତ୍ରାଣ ଜେନା ମଙ୍ଗଳବାର ବିଦ୍ୟାଳୟକୁ ଯାଇ ମୁନସିପାଲିଟି ଲେବେଲରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀ ବିଦୁସ୍ମିତାଙ୍କୁ ପୁରସ୍କୃତ କରିଥିଲେ। ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଙ୍କୁର ବାଳା ପଟ୍ଟନାୟକ, ଏସ୍‌ଏମ୍‌ସି ର ସଭାପତି ମିନତୀ ଡାଲୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଦ୍ୟାଳୟ କୁନି କୁନି ପିଲାଙ୍କୁ ଅନୁଷ୍ଠାନର ସଭାପତି ଜେନା ମିଷ୍ଟାନ୍ନ ବଣ୍ଟନ କରିଥିଲେ।



ଆଭା ଅନ୍ୱେଷା ଅନୁଷ୍ଠାନର ସଭାପତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।





ପଲ୍ଲିଶ୍ରୀ ମେଳାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

## ସବୁଜ ବନାନୀ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

**ପଲ୍ଲିଶ୍ରୀ ମେଳା**

**ରାଉରକେଲା ଅଫିସ ୧।୧୦**

ଜିଲା ପ୍ରଶାସନ ଓ ୱାଇଏମ୍‌ଏଫ୍‌ଆଇ ପକ୍ଷରୁ ପଲ୍ଲିଶ୍ରୀ ମେଳା ମଣ୍ଡପରେ ସବୁଜ ବନାନୀ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂସ୍କୃତି ଅଧିକାରୀ ଅନିଲ କୁମାର କେରକେଟା, ଓଏଲ୍‌ଏମ୍ ଅଧିକାରୀ ସାମୁଏଲ ଟପ୍ପୋ, ୱାଇଏମ୍‌ଏଫ୍‌ଆଇର ଚେୟାରମ୍ୟାନ ଇଂ. ନଳିନୀକାନ୍ତ ଧର, ମୀରା ଦାସ, ମିନାକ୍ଷୀ ଧର, ଲିପ୍ସା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ରଚିତ ବିଷୟବସ୍ତୁ ଉପରେ କଳାକାର ବାପି ପଲାଇ, ଦେବସ୍ମିତା, ଲିପ୍ସିତା ଓ ନମିତା ପ୍ରମୁଖ ସୁନ୍ଦର ଅଭିନୟ ପ୍ରଦର୍ଶନ କରି ବୃକ୍ଷ ରୋପଣ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଦାସ ଓ ଅନୁରାଧା ପଟ୍ଟନାୟକ ସଂଯୋଜନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବେଟି ବଚାଓ, ବେଟି ପଢ଼ାଓ, ଶିଶୁ ଶ୍ରମିକ ଓ ମହିଳା ଚାଲାଣ, ନିଷିଦ୍ଧ ପ୍ଲାଷ୍ଟିକ୍, ସ୍ୱଚ୍ଛ ଭାରତ ଓ ସଡକ ସୁରକ୍ଷା ସମ୍ପର୍କରେ ମଧ୍ୟ ଅନୁରୂପ ସଚେତନତା କାର୍ଯ୍ୟକ୍ରମ ମେଳା ସ୍ଥଳରେ ଆୟୋଜନ କରାଯାଇଥିଲା।

### ବସ୍ତିଆ ସ୍ମୃତି ସଦନରେ ସୁରେନ୍ଦ୍ର ନାଥଙ୍କ ଶ୍ରାଦ୍ଧବାର୍ଷିକୀ

**ରାଉରକେଲା ଅଫିସ, ୧।୧୦**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ୧୭ତମ ଶ୍ରାଦ୍ଧଦିବସ ବସ୍ତିଆ ସ୍ମୃତି ସଦନ ପ୍ରେକ୍ଷାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ନ୍ୟାସର ଅଧକ୍ଷ ହେମନ୍ତ ମିଶ୍ର ମଙ୍ଗଳବାର ସକାଳେ ବେଦବ୍ୟାସ ଘାଟରେ ତିଳତର୍ପଣ କରିଥିଲେ। ଏହାସହ ଅନୁଷ୍ଠିତ ଉତ୍ସବରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଫଟୋଚିତ୍ରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ସଭାରେ ସଭାପତି ମିଶ୍ର ସୁରେନ୍ଦ୍ରନାଥଙ୍କ ନିରାଡମ୍ବର ଜୀବନଶୈଳୀ ଓ ବୈପ୍ଳବିକ ଚିନ୍ତାଧାରା ଉପରେ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ନୟନେନ୍ଦୁ ମିଶ୍ର, ଦେବେନ୍ଦ୍ର ମିଶ୍ର, ମନମୋହନ ରଥ, ବାଉରୀବନ୍ଧୁ ସାହୁ ପ୍ରମୁଖ ସ୍ୱର୍ଗତ ଦ୍ୱିବେଦୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏହି ସ୍ମୃତି ସଭାରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମନୋଜ କର, ତରୁଣକାନ୍ତି ଘୋଷ, ରାଜକିଶୋର ବେହେରା, ହେମନ୍ତ ପ୍ରଧାନ ଓ ଦେବେନ୍ଦ୍ର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସର ଭବନରେ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ପାଳନ

**ରାଉରକେଲା ଅଫିସ ୧।୧୦**

ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସର ମଧରେ ବିଶ୍ୱ ବୟୋଜ୍ୟେଷ୍ଠ ଦିବସ ଅନୁଷ୍ଠାନର ସଭାପତି ଇଂ. ଅଭୟ ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ଅନୁଷ୍ଠାନର ୪୩ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିମା ନାୟକ ଏବଂ ସାଥୀ ମିଶି ସଙ୍ଗୀତ ଗାନ କରିଥିଲେ। ସଭାପତି ଅଭୟ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ନେଇ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ସମ୍ପାଦକ କପିଳେଶ୍ୱର ମହାରଣା ଅନୁଷ୍ଠାନର ଭିତ୍ତିଭୂମିର ଅଭାବ ଥିବା ଦର୍ଶାଇଥିଲେ। ମୁଖ୍ୟଅତିଥି ସାଂସଦ ଓରାମ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ଏହା ଏକ ଅନନ୍ୟ ଅନୁଷ୍ଠାନ ଏବଂ ବୟୋଜ୍ୟେଷ୍ଠ ନାଗରିକ ମାନଙ୍କ ପାଇଁ ସରକାରୀ ସ୍ତରରେ ବହୁ ବ୍ୟବସ୍ଥା ଥିବା ପ୍ରକାଶ କରିଥିଲେ। ଏହାସହ ସାଂସଦ ଓରାମ ବୟୋଜ୍ୟେଷ୍ଠ ସଦସ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସଭାରେ ଅନିରୁଦ୍ଧ ଦାସ, କିଶୋର ନନ୍ଦ, ଧନଞ୍ଜୟ ଦାସ, ଶତ୍ରୁଘ୍ନ ଜେନା ଅରବିନ୍ଦ ପାତ୍ର ମଞ୍ଚାସୀନ ଥିଲେ। ଏହି ସଭାକୁ ପ୍ରେମାନନ୍ଦ ସାମଲ ପରିଚାଳନା କରିଥିବା ବେଳେ ସୁବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଧରଣୀଧର ସାମଲ, ବିଷ୍ଣୁଚରଣ ନାୟକ, ପ୍ରଫୁଲ୍ଲ ସିଂ, ମୀନା ପାତ୍ର, ପ୍ରତିମା ନାୟକ, ବିରଜା ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।





ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ବୟସ୍କ ଦିବସ ପାଳନ ଅବସରରେ ଉପସ୍ଥିତ କର୍ମକର୍ତ୍ତା।

## ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ବୟସ୍କ ଦିବସ

**ରାଉରକେଲା ଅଫିସ,୧।୧୦**

ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଆମ୍ବାଗାନ ଠାରେ ଥିବା ସରୋବର କୋର୍ଟ ପରିସରରେ ବିଶ୍ୱ ବୟସ୍କ ଦିବସ ସବିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଦ୍ୟୁତପ୍ରଭା ସାମନ୍ତରାୟଙ୍କ ସୁଲଳିତ ଭଜନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା। କାର୍ଯ୍ୟକ୍ରମରେ ଡାକ୍ତର ପଙ୍କଜ ନନ୍ଦ ଅତିଥି ରୂପେ ଯୋଗ ଦେଇ ବୟସ୍କ ବ୍ୟକ୍ତିଙ୍କ ମାନସିକ ଅବସାଦ ଜନିତ ସମସ୍ୟା ଓ ଏହାର ନିରାକରଣ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ପୂର୍ବତନ ଉପଜିଲାପାଳ ମହେନ୍ଦ୍ର ପଟ୍ଟନାୟକ ବରିଷ୍ଠ ବ୍ୟକ୍ତିଙ୍କ ଅନୁଭୂତିର ମହତ୍ୱକୁ ପ୍ରତିପାଦନ କରିବାକୁ ଯାଇ ମହାଭାରତର ବ୍ୟାଖ୍ୟାନ କରିଥିଲେ। ବିଜୟଲକ୍ଷ୍ମୀ ପଟ୍ଟନାୟକ ଏହି ଅବସରରେ ବୟସ୍କଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠ କରିଥିଲେ। ଆଇଜିଏଚର ପୂର୍ବତନ ନିର୍ଦ୍ଦେଶକ ଡାକ୍ତର ଜି.ଏନ ସାହୁ, ନିଜ ଅନୁଭୂତିରୁ ବୟସ୍କଙ୍କ ଯତ୍ନ ବାବଦରେ ବହୁ ଉଦାହରଣ ଦେଇଥିଲେ। ଏହି ଅବସରରେ ବିଦ୍ୟୁତପ୍ରଭା ସାମନ୍ତରାୟ ଯୋଗ ଓ ପ୍ରଣାୟମ ନେଇ ଆଲୋଚନା କରିଥିଲେ। ସଙ୍ଗତା ପରିଡା ଓ ପ୍ରତାପ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ପ୍ରମୋଦ ମହାନ୍ତି, ସୁବାଶ ମହାପାତ୍ର, ସୁପ୍ରିୟା ମହାନ୍ତି, ସାବିତ୍ରୀ ଦାସ, ପ୍ରଣତି ସାହୁ, ଇନ୍ଦିରା ମହାନ୍ତି, ରଶ୍ମିତା ସାହୁ, ଜ୍ୟୋତି ମହାପାତ୍ର, ମଞ୍ଜୁବାଳା ମହାପାତ୍ର, ନିଳାମ୍ବର ଆଚାର୍ଯ୍ୟ, ସୋମନାଥ ମିଶ୍ର, ଗଣେଷ ସାହୁ ଓ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନମିତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ୨ ଦିନିଆ ପ୍ରାଦେଶିକ ଜ୍ଞାନବିଜ୍ଞାନ ମେଳା ନେଇ ପ୍ରସ୍ତୁତି

**ରାଉରକେଲା ଅଫିସ,୧।୧୦**

ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡିଶା ପକ୍ଷରୁ ଊନବିଂଶ ପ୍ରାଦେଶିକ ଜ୍ଞାନ ବିଜ୍ଞାନ ମେଳା ଆସନ୍ତା ୨ରୁ ଆରମ୍ଭ କରାଯିବ। ଏହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସେକ୍ଟର-୬ ଠାରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଭାଗରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥି ପୂର୍ବରୁ ଶିଶୁ ବିଦ୍ୟାମନ୍ଦିର ସ୍ତରରେ ଯେଉଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏଥିରେ ଉପକୃତ ପ୍ରତିଭାଗୀ (ବିଭାଗ ସ୍ତରରେ ୧ ସମ୍ଭାଗ ସ୍ତରରେ କୃତକାର୍ଯ୍ୟ) ଏଥିରେ ଭାଗ ନେବେ। ଏଥିରୁ ୧୫୭ଟି ବିଜ୍ଞାନ ପ୍ରକଳ୍ପ, ୮୧ଟି ଗଣିତ, ବିଜ୍ଞାନ ପ୍ରଶ୍ନ ମାଳାରେ ୨୩ଟି ଟିମ, ବୈଦିକ ଗଣିତରେ ୨୩ଜଣ, ଆଚାର୍ଯ୍ୟ ପତ୍ର ବାଚନରେ ୨୭, ବିଜ୍ଞାନ ପ୍ରଶ୍ନୋତ୍ତରରେ ୫୯, ଗଣିତ ପ୍ରୟୋଗ ଓ ଚାର୍ଟ ପ୍ରଦର୍ଶନରେ ୪୯, ସଂସ୍କୃତି ଜ୍ଞାନ ଓ ଗଳ୍ପ କଥନରେ ୩୨ଜଣ ଏହି କାର୍ଯ୍ୟକ୍ରମରେ ଭାଗ ନେବେ। ଆୟୋଜିତ ବିଜ୍ଞାନ ମେଳାରେ ବହୁ ବରେଣ୍ୟ ଅତିଥି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏଭଳି ସୂଚନା ପ୍ରଦାନ କରିଛନ୍ତି।





ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ମାଉସୀ ଘରକୁ ଆସିଥିବା ନାବାଳକ ନିଖୋଜ

**ରାଉରକେଲା ଅଫିସ, ୧।୧୦**

ସୁଦୂର ଗୁଜରାଟରୁ ପାଠ ପଢ଼ିବାକୁ ରାଉରକେଲା ନିଜ ମାଉସୀ ଘରକୁ ଆସିଥିବା ଜଣେ ନାବାଳକ ଗତ ୨୭ ତାରିଖରୁ ନିଖୋଜ ହୋଇଥିବା ସୂଚନା ମିଳିଛି। ଏ ନେଇ ନାବାଳକଙ୍କ ମା’ ପୁଷ୍ପା ଗୁପ୍ତା ଗତ ୨୯ ତାରିଖରେ ପୁଅ ନିଖୋଜ ଥିବା ନେଇ ପ୍ଲାଣ୍ଟସାଇଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୩୦୫/୧୯) ରୁଜୁ କରି ନାବାଳକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ ଗୁଜରାଟ ରାଜ୍ୟର ସୁରଟ ସହରେ ସଞ୍ଜୟ ଗୁପ୍ତା ଓ ପୁଷ୍ପା ଗୁପ୍ତା ସପରିବାର ରହନ୍ତି। ଗତ ୧୭ ତାରିଖ ତାଙ୍କ ପୁଅ କୁନାଲ ଗୁପ୍ତା(୧୧)କୁ ରାଉରକେଲା ନୂତନ ବସଷ୍ଟାଣ୍ଡ ନିକଟରେ



ନିଖୋଜ କୁନାଲ ଗୁପ୍ତା (ଫାଇଲ ଫଟୋ)

ଥିବା ସାନଭଉଣୀ ଘରକୁ ପାଠ ପଢ଼ିବା ପାଇଁ ପଠାଇଥିଲେ। ତେବେ କୁନାଲ ଏଠାରେ ଭଲ ଲାଗୁ ନ ଥିବା ଏବଂ ତାଙ୍କୁ ଏଠାରୁ ନେଇଯିବା ପାଇଁ ନିଜ ବଡଭାଇଙ୍କୁ କହିଥିବା ଏତାଲାରେ ଉଲ୍ଲେଖ ରହିଛି। ଏହାସହ ବଡଭାଇ ଅନ୍ତତଃ ଦୀପାବଳି ପର୍ଯ୍ୟନ୍ତ ରାଉରକେଲାରେ ରହିବା ପାଇଁ କୁନାଲକୁ କହିଥିଲେ। ତେବେ ଗତ ୨୭ ତାରିଖ କୁନାଲ ଖେଳିବାକୁ ଯାଉଛି ବୋଲି କହିବା ସହ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଏଣେତେଣେ ଖୋଜାଖୋଜି କରିବା ପରେ ମଧ କୁନାଲକୁ ପାଇ ନ ଥିଲେ। ଫଳରେ ବାଧ୍ୟ ହୋଇ କୁନାଲର ମା’ ବାପା ଙ୍କୁ ଏ ନେଇ ଖବର ଦେଇଥିଲେ। କୁନାଲ ମା’ ବାପା ଆସିବା ପରେ ଗତ ୨୯ ତାରିଖରେ ମା’ ପୁଷ୍ପା ଗୁପ୍ତା ନାବାଳକ ପୁଅ ନିଖୋଜ ଥିବା ନେଇ ପ୍ଲାଣ୍ଟସାଇଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାସହ ପୁଅ ଘରୁ ଯିବା ସମୟରେ ଏକ ଲାଲ ରଙ୍ଗର ଟିସାର୍ଟ ପିନ୍ଧି ଥିବା ସୂଚନା ଦେଇଥିଲେ। ପ୍ଲାଣ୍ଟସାଇଟ ପୋଲିସ କୁନାଲକୁ ଖୋଜିବା ପାଇଁ ଉଦ୍ୟମ ଜାରି ରଖିଛି।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ

**ରାଉରକେଲା ଅଫିସ ୧।୧୦**

ଆର୍‌ଏସ୍‌ପିର ଇସ୍ପାତ ଜେନେରାଲ ହସପିଟାଲର ରକ୍ତ ସଂଗ୍ରହ କେନ୍ଦ୍ର ଠାରେ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ଏସ୍.ଏସ୍.ପତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡା.ଆର୍.କେ.ବେହେରା, ଡା.ପ୍ରତିଭା ଷଡ଼ଙ୍ଗୀ, ଆଇଏମ୍‌ଏର ଅଧକ୍ଷ ଡା. ଆର୍.ଆର୍ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ଭାରତୀୟ ଯୁବ ହଷ୍ଟେଲ ଆସୋସିଏସନ ଏବଂ ରକ୍ତଧାରା ଭଳି ପ୍ରମୁଖ ସାମାଜିକ ଅନୁଷ୍ଠାନଗୁଡ଼ିକର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଯୁବ ହଷ୍ଟେଲ ଆଶୋସିଏସନର ନିରଞ୍ଜନ ସାମଲ ଓ ରକ୍ତଧାରାର ଅଧକ୍ଷ ଅନୁପମ ଗୁପ୍ତା ପ୍ରମୁଖଙ୍କ ସମେତ ଉଭୟ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ। ଉଦଘାଟନୀ ଉତ୍ସବରେ ୨୦୧୯ ମସିହା ନିମନ୍ତେ ନିୟମିତ ଭାବେ ରକ୍ତଦାନ କରୁଥିବା ୧୦ଜଣଙ୍କ ସମେତ ରାଉରକେଲା ରକ୍ତଦାନ ଦଳ ଓ ଏମରଜେନସି ରକ୍ତଦାନ ଦଳକୁ ଅତିଥିମାନେ ଉପହାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଡେପୁଟି ଡାଇରେକ୍ଟର ଡା. ଏମ୍.ସୋରେନ ସଞ୍ଚାଳନ କରିଥିଲେ।





ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଜଣେ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଉଛି।



ସୁନା ରୁପା ପ୍ରକୃତ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହିଁ ସବୁଠୁ ବଡ଼ ସମ୍ପଦ।

- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ



### ନୂଆଁଖାଇ ଭେଟଘାଟରେ ସମ୍ମାନ ପ୍ରଦାନ

**ଗୁଡଭେଲା,୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଟାଉନହଲ୍‌ରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟରେ ତୁଷୁରା ଯୁବା ମଞ୍ଚର ଅଧକ୍ଷ ମନୋଜ ଜୈନଙ୍କୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ହଳଧର ନାଗ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ପ୍ରଶାସନ ନିକଟରେ ଉପସ୍ଥାପିତ କରିବା ସହ ପ୍ରବଳ ଗ୍ରୀଷ୍ମ ଦିନରେ ଅମୃତଧାରା ମାଧମରେ ଲୋକଙ୍କୁ ଥଣ୍ଡା ଜଳ ଯୋଗାଇ ଦେବା ଆଦି ପାଇଁ ସେ ସମ୍ମାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିହାର ରଞ୍ଜନ ବେହେରା, ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ତୁଷୁଡା ସରପଞ୍ଚ ସବିତା ବେହେରା ଓ ସମାଜସେବୀ ବୁଦ୍ଧଦେବ ନାଗଙ୍କୁ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କମେଣ୍ଟ ମାରୁଥିବା ଯୁବକଙ୍କୁ କାବୁ କରି ପୋଲିସ ଜିମାଦେବା ଘଟଣା

# ଶର୍ମିଷ୍ଠାଙ୍କୁ ସମ୍ମାନିତ କଲେ ଏସ୍‌ପି

**ବଲାଙ୍ଗୀର ଅଫିସ, ୧।୧୦**

ହାଇସ୍କୁଲରେ ପଢୁଥିବା ଦୁଇ ସାନ ଭଉଣୀ ଓ ତାଙ୍କ ସହପାଠିନୀଙ୍କୁ ବାରମ୍ବାର କମେଣ୍ଟ ମାରି ହଇରାଣ କରୁଥିବା ଜଣେ ଉଦ୍ଧତ ଯୁବକଙ୍କୁ ବିଚ୍ ରାସ୍ତାରେ କାବୁ କରି ଟାଉନ୍ ଥାନାରେ ଜିମା ଦେଇଥିଲେ ସାହସୀ ଯୁକ୍ତତିନି କଲେଜ ଛାତ୍ରୀ ଶର୍ମିଷ୍ଠା ମିଶ୍ର। ମଙ୍ଗଳବାର ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ତାଙ୍କୁ ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ସମ୍ବର୍ଦ୍ଧିତ କଲାବେଳେ ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର, ଅତିରିକ୍ତ ଏସ୍‌ପି ସୁବାସ ଜମାଦାର, ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମଧ ଶର୍ମିଷ୍ଠା ଏଭଳି ସାହସିକ ଓ ଉତ୍ତମ କାର୍ଯ୍ୟ ଜାରି ରଖିବେ ବୋଲି ଏସ୍‌ପି ମାଡକର ଆଶାପୋଷଣ କରିଥିଲେ । ସମ୍ମାନିତ ହେବା ପରେ ଶର୍ମିଷ୍ଠା ଖୁସି ପ୍ରକାଶ କରିବା ସହ ଏହା ତାଙ୍କୁ ଆହୁରି ଅଧିକ ସାହସ ପ୍ରଦାନ କରିଛି ବୋଲି କହିଛନ୍ତି ।

ବଲାଙ୍ଗୀର ସାଲେପାଲି ନିବାସୀ ସୁଶୀଳ ମିଶ୍ରଙ୍କ ତିନି ଝିଅ ଭିତରୁ ବଡ ଝିଅ ହେଉଛନ୍ତି ଶର୍ମିଷ୍ଠା ମିଶ୍ର । ସେ ଦେଓଗାଁ ପଞ୍ଚାୟତ ସମିତି କଲେଜରେ ଯୁକ୍ତତିନି ଶେଷବର୍ଷ ଛାତ୍ରୀ ଭାବେ ପଢୁଛନ୍ତି । ତାଙ୍କର ଦୁଇ ସାନ ଭଉଣୀ ଲିଟିଷ୍ଠା ଓ ଶ୍ରୁତିଷ୍ଠା ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲରେ ଅଧ୍ୟୟନରତ । ଦୁଇ ସାନ ଭଉଣୀ ତାଙ୍କ ସହପାଠିନୀଙ୍କ



ଏସ୍‌ପି ସନ୍ଦୀପ ମାଡକର ସାହସୀ ଶର୍ମିଷ୍ଠା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ସହ ସ୍କୁଲକୁ ପଢ଼ିବାକୁ ଗଲାବେଳେ ନିୟମିତ ଭାବେ ରାଜୀନଗରପଡାର ରଘୁନାଥ ଠାକୁର ଓ ତାଙ୍କ ଅନ୍ୟ ଦୁଇ ସାଙ୍ଗ ସେମାନଙ୍କୁ କମେଣ୍ଟ ମାରିବା ସହ ହଇରାଣ ହରକତ କରିଆସୁଥିଲେ । ଏନେଇ ଦୁଇ ସାନ ଭଉଣୀ ଘରେ ତାଙ୍କ ବାପାଙ୍କୁ ଅଭିଯୋଗ କରିଥିଲେ । ଫଳରେ କିଛିଦିନ ଧରି ଦୁଇ ସାନ ଝିଅ ସ୍କୁଲ ଯିବା ଆସିବା ବେଳେ ବାପା ସୁଶୀଳ ମିଶ୍ର ସେମାନଙ୍କ ସୁରକ୍ଷା ପାଇଁ ଯିବା ଆସିବା କରୁଥିଲେ । ତେବେ ଯେଉଁଦିନ ସୁଶୀଳ ଛାତ୍ରୀମାନଙ୍କ ସହ ଯାଇପାରୁ ନ ଥିଲେ ସେହିଦିନ ସେମାନଙ୍କ ସ୍କୁଲ ଯିବା ପ୍ରାୟ ବନ୍ଦ ହୋଇଯାଉଥିଲା । ଏହିପରି ଭାବେ ସେମାନଙ୍କ ପାଠ ପଢ଼ାରେ ବ୍ୟାହତ ସୃଷ୍ଟି ହେଲା । ଗତ ୨୬ ତାରିଖ ଦିନ ସ୍କୁଲ ଛୁଟିରୁ ଫେରୁଥିବା ଦୁଇ ସାନଭଉଣୀଙ୍କ ସହ ଅନ୍ୟ ସହପାଠିନୀଙ୍କୁ ରଘୁନାଥ ଓ ତାଙ୍କ ସାଙ୍ଗ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହି ଘଟଣା ପରେ ଶର୍ମିଷ୍ଠା ସମ୍ପୃକ୍ତ ଉଦ୍ଧତ ଯୁବକଙ୍କୁ ପାନେ ଦେବେ ବୋଲି ସାହସ ବାନ୍ଧିଥିଲେ । ୨୭ ତାରିଖ ଦିନ ଛାତ୍ରୀମାନେ ସ୍କୁଲରୁ ଫେରୁଥିବାବେଳେ ସର୍କିଟ ହାଉସ ରାସ୍ତାର ବାଣିଜ୍ୟକର ଅଫିସ ଛକରେ ସମ୍ପୃକ୍ତ ତିନି ଯୁବକ ପୁଣି ଥରେ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବାବେଳେ ପଛରେ ଆସୁଥିବା ଶର୍ମିଷ୍ଠା ଦୌଡି ଯାଇ ଦୁର୍ବ୍ୟବହାରକାରୀ ରଘୁନାଥ ଠାକୁରଙ୍କୁ ଉତ୍ତମ ମଧ୍ୟମ ଦେଇ କାବୁ କରି ନେଇଥିଲେ । ଏହା ଦେଖି ତାଙ୍କର ସହଯୋଗୀମାନେ ଫେରାର ହୋଇଯାଇଥିଲେ । ଏହାପରେ ସେଠାରେ ଲୋକଙ୍କ ଭିଡ ଜମି ଯାଇଥିଲା । ଶର୍ମିଷ୍ଠାଙ୍କ ପିତା ସୁଶୀଳ ମିଶ୍ର ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏହାପରେ କାବୁ କରିଥିବା ରଘୁନାଥଙ୍କୁ ଧରି ଶର୍ମିଷ୍ଠା ମୁଖ୍ୟ ରାସ୍ତାରେ ଚଲାଇ ନେଇ ଟାଉନ୍ ଥାନାରେ ପୋଲିସ ଜିମା ଦେଇଥିଲେ । ଏହି ଘଟଣା ସହରବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା । ତାଙ୍କ ସାହସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା ।

# ନବରାତ୍ର ପୂଜା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବେଲପାହାଡ଼,୧।୧୦ (ଡି.ଏନ୍.ଏ.)**

ମା' ଜଗତଜନନୀଙ୍କ ନବରାତ୍ର ପୂଜା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବାଟମଙ୍ଗଳା ଓ ନବଦୁର୍ଗା ମନ୍ଦିରରେ ସକାଳୁ ରାତି ଯାଏ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବିଶେଷକରି ସନ୍ଧ୍ୟା ଆଳତି ସମୟରେ ଶ୍ରଦ୍ଧାଳୁଙ୍କ ବେଶି ଭିଡ଼ ଜମୁଛି। ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପୂର୍ବକ ମନ୍ଦିର ବେଢ଼ାରେ ଦୀପ ଜଳାଉଛନ୍ତି। ଗତ ରବିବାର ନବଦୁର୍ଗା ଓ ବାଟମଙ୍ଗଳା ମନ୍ଦିରରେ ମା' ଶୈଳପୁତ୍ରୀଙ୍କ ପୂଜା ଏବଂ ସୋମବାର ମା' ବ୍ରହ୍ମଚାରିଣୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ମା' ଚନ୍ଦ୍ରଘଣ୍ଟାଙ୍କ ପୂଜା ସମ୍ପନ୍ନ ହୋଇଛି। ପୂର୍ବବର୍ଷ ଭଳି ବାଟମଙ୍ଗଳା ମନ୍ଦିରରେ ସମ୍ପୂଟ ଚଣ୍ଡୀଯଜ୍ଞ ସହିତ ନବାରାତ୍ର ପୂଜା ଚାଲିଛି। ଏଥିରେ ମୁଖ୍ୟ ପୂଜକ ପଣ୍ଡିତ ପ୍ରଦୀପ ମିଶ୍ରଙ୍କ ସମେତ ୨୧ ଜଣ ପଣ୍ଡିତ ପୂଜାର୍ଚ୍ଚନା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବୁଲୁ ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା ସମୟରେ ମନ୍ତ୍ରପାଠ ଓ ଘଣ୍ଟବାଦ୍ୟରେ ମନ୍ଦିର ପରିସର ଭକ୍ତିଭାବରେ ପୂରିଉଠୁଛି। ଆସନ୍ତା ବୁଧବାର ମା' କୁଷ୍ମାଣ୍ଡା ଦେବୀଙ୍କ ପୂଜା ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଶୁକ୍ରବାରଠାରୁ ଗୁମାଡ଼େରା, ଫାଟକ, ଷ୍ଟେଶନ ଓ ଟିଆର୍‌ଏଲ୍ ଜୁବୁଲିହଲ୍ ସ୍ଥିତ ପୂଜା ମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଶିଳ୍ପୀମାନେ ଅହୋରାତ୍ର ପରିଶ୍ରମ କରି ମୂର୍ତ୍ତି ତିଆରି କାର୍ଯ୍ୟରେ ନିମଗ୍ନ ରହିଛନ୍ତି। ମଣ୍ଡପ ଓ ତୋରଣ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସାରିବା ପାଇଁ ପ୍ରୟାସ ଚଳାଇଛନ୍ତି।



ବାଟମଙ୍ଗଳା ମନ୍ଦିରରେ ନବରାତ୍ର ପୂଜା ଚାଲିଛି।

# ପାନପୋଷ ସେତୁ ସମସ୍ୟା ନେଇ କଂଗ୍ରେସ ପ୍ରତିନିଧି ଦଳଙ୍କ ଦାବିପତ୍ର

**ରାଉରକେଲା ଅଫିସ,୧। ୧୦**

ଜରାଜୀର୍ଣ୍ଣ ପାନପୋଷ ସେତୁ ନେଇ ଜିଲା କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଉଦବେଗ ପ୍ରକାଶ କରିଛନ୍ତି। ସେତୁ ଉପର ଦେଇ ଯାତାୟାତ କରୁଥିବା ଭାରିଯାନ କିପରି ସୁରୁଖୁରୁରେ ଚାଲିପାରିବ ସେନେଇ ମଙ୍ଗଳବାର ଜିଲା ସଭାପତି ରବି ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇ ଥିଲା ଯେ, କେବେ ସୁଦ୍ଧା ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମଣ କାର୍ଯ୍ୟ ଶେଷ ହେବ ସେନେଇ କାହା ପାଖରେ ନିର୍ଦ୍ଦିଷ୍ଟ ଉତ୍ତର ନାହିଁ। ଏପରି ଅବସ୍ଥାରେ ପୁରୁଣା ସେତୁର ସ୍ଥାୟିତ୍ୱ ନେଇ ଆଶଂକା ସୃଷ୍ଟି ହୋଇଛି। ସେତୁ ନିକଟରୁ ପାନପୋଷ ଛକ ୮୦୦ମିଟର ରାସ୍ତା ଅବସ୍ଥା ଅତ୍ୟନ୍ତ ବିପଦ ସଙ୍କୁଳ ହୋଇପଡିଛି। ପ୍ରବଳ ଧୂଳି ଧୂଆଁରେ



ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି କଂଗ୍ରେସ ପ୍ରତିନିଧି ମଣ୍ଡଳୀ।

ପଥଚାରି ଅତିଷ୍ଠ ହେଉଛନ୍ତି। ଅସରାଏ ବର୍ଷା ହେଲେ ପରିସ୍ଥିତି ଅଣାୟତ ହୋଇ ପଡୁଛି। ମରାମତି ନେଇ ଏନଏଚ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ପାଳନ କରୁନାହାଁନ୍ତି। ଯାହାକୁ ନେଇ ଅନେକ ଘଟଣା ଦୁର୍ଘଟଣା ଲାଗି ରହିଛି ବୋଲି ରାୟ ପ୍ରକାଶ କରିଥିଲେ। ବହୁ ସମୟରେ ଦିନଯାକ ଗାଡି ରାଜରାସ୍ତା ଉପରେ ଛିଡା ହୋଇରହୁଛି। ଜରୁରି କାମରେ ଯାତାୟତ କରୁଥିବା ଆମ୍ବୁଲାନ୍ସ ଓ ବିଦ୍ୟାଳୟ ବସ ଯତାୟତ କରିପାରୁନି। ଏଭଳି ଅବସ୍ଥା ଆଉ କେତେ ଦିନ ଲାଗି ରହିବ ସେ ନେଇ ରାୟ ପ୍ରଶ୍ନ ଉଠାଇଥିଲେ। ଷ୍ଟିଲ ସିଟି ଓ ମହାନଗର ରାଉରକେଲା ଅବସ୍ଥା ଯଦି ଏଭଳି ଅପରିବର୍ତ୍ତିତ ରୁହେ ତେବେ ଜିଲା କଂଗ୍ରେସ ବାଧ୍ୟ ହୋଇ ଆନ୍ଦୋଳନ ଡାକରା ଦେବ ବୋଲି ରାୟ ଏଥିରେ ପ୍ରକାଶ କରିଥିଲେ। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଅଜିତ ସାମଲ, ସବିର ହୁସେନ, ସୋମନାଥ ପଣ୍ଡା, ଦୁଃଶା ନାୟକ, ରମେଶ ଗୁପ୍ତା, ସୌମ୍ୟ ନାୟକ, ଧର୍ମେନ୍ଦ୍ର ସିଂ, ବନମାଳି ବିଶୋଇ, ବରିୟମ ସିଂ ଓ ସନ୍ଦିପନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

**କୋଲାବିରା,୧।୧୦(ଡି.ଏନ୍.ଏ.)**

କୋଲାବିରା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ କୋଲାବିରାଠାରେ ପାଳିତ ହୋଇଯାଇଛି। ପ୍ରଥମେ କୋଲାବିରା ହସ୍‌ପିଟାଲ ଛକଠାରୁ ବରିଷ୍ଠ ନାଗରିକଙ୍କ ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ରାଜୀବଗାନ୍ଧୀ ସେବା କେନ୍ଦ୍ରଠାରେ ପହଞ୍ଚିଲା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଜ୍ଞାସୌରଭ ଶୋଭା ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ସେଠ୍ ସଂଯୋଜନା କରିଥିବାବେଳେ ଅବସରପ୍ରାପ୍ତ ସ୍କୁଲ ଅଣୁ ନିରୀକ୍ଷକ ତୁଳେଶ୍ୱର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ବରିଷ୍ଠ ନାଗରିକଙ୍କ ମଧ୍ୟରେ ବୀରେନ୍ଦ୍ର ମହାପାତ୍ର, ଅଶୋକ ବେହେରା, ନକୁଳ



ସଭାରେ ମଞ୍ଚାସୀନ ଅତିଥିମାନେ।

ମିଶ୍ର, ଶୁଭେନ୍ଦୁ ଦାଶ, ଭୁବନେଶ୍ୱର ସାହୁ, କରୁଣାକର ସେଠ୍, ଗୋଲାପ ଚନ୍ଦ୍ର ପଟେଲ, ଚେତାନନ୍ଦ ପଟେଲ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ଦିବସର ତାତ୍ପର୍ଯ୍ୟ ତଥା ବୟୋଜ୍ୟେଷ୍ଠମାନଙ୍କ ଜୀବନଶୈଳୀ, ବଞ୍ଚିବାର ଧାରା ସମ୍ବନ୍ଧେ ବକ୍ତବ୍ୟ ରଖିଥିଲେ। ଭାଲୁମାଲ ଗ୍ରାମର ହରିହର ନାଏକ ଏବଂ ତରେଇକେଲା ଗ୍ରାମର ପଶାୟତ ବାବୁ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା, ସେମାନଙ୍କର କର୍ତ୍ତବ୍ୟ, ନିଜର ଅଧିକାର ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଇଥିଲା। ଏଥିରେ ସୋଢ଼ାମାଲ ଗ୍ରାମର ପରିକ୍ଷିତ ବାହୁକ, ରେଙ୍ଗାଲପାଲି ଗ୍ରାମର ନିରଞ୍ଜନ କରାଲି ଓ ଅନାଦି ମହାପାତ୍ର ଅଂଶ ଗ୍ରହଣ କରିଥିଲେ।

# ପୌର ନିର୍ବାହୀ ଅଧିକାରୀଙ୍କୁ ଭାଜପାର ସ୍ମାରକପତ୍ର

**ବେଲପାହାଡ଼,୧।୧୦ (ଡି.ଏନ୍.ଏ.)**

ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ହଡ଼ପ କରିଥିବା ଅଭିଯୋଗ କରି ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବେଲପାହାଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଭାଜପା ମଣ୍ଡଳ ସଭାପତି ତପନକାନ୍ତ ଜେନା, ରମେଶ ଜୟସ୍ୱାଲ, ଟିକିନା ଧଳ, ମଞ୍ଜରୀ ପୃଷ୍ଟି ଓ ଆରତୀ ରାୟଙ୍କ ସମେତ ଅନେକ କର୍ମୀ ହାତରେ ଝଣ୍ଡା ଓ ବ୍ୟାନର ଧରି ପୌର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହଡ଼ପ କରାଯାଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟ ସରକାରଙ୍କ ଯୋଜନା ଭାବରେ ପ୍ରଚାର କରାଯାଉଥିବା, ଗୋଟିଏ ପରିବାରର ୨ରୁ ୩ ଜଣ ସଦସ୍ୟଙ୍କୁ ପକ୍କାଘର ଦିଆଯାଉଥିବା, କାର୍ଯ୍ୟାଦେଶ ଦେବାରେ ଅର୍ଥ କାରବାର ହେଉଥିବା ଏବଂ କାର୍ଯ୍ୟାଦେଶକୁ ନିୟମ ଅନୁଯାୟୀ ବଣ୍ଟନ କରାଯାଉ ନ ଥିବା ଆଦି ଅଭିଯୋଗ କରାଯାଇଛି। ସେହିପରି ୧୦୮ ଆମ୍ବୁଲାନ୍ସ ସେବା, ସୁକନ୍ୟା ସମୃଦ୍ଧି ଯୋଜନା ଓ ଟଙ୍କିକିଆ ଚାଉଳ ଆଦି କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟ ସରକାର ନିଜ ନାମରେ ନାମିତ କରିବାର ଅପଚେଷ୍ଟା କରିଆସିଥିବା ଅଭିଯୋଗ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।



ଭାଜପା କର୍ମୀ ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଫୁଟପାଥ ବ୍ୟବସାୟୀଙ୍କଠାରୁ ବଟି ଆଦାୟ କରୁଛନ୍ତି ଆରଏସପି ଅଧିକାରୀ

# କଂଗ୍ରେସ ପକ୍ଷରୁ ଗଣବିକ୍ଷୋଭ

**ରାଉରକେଲା ଅଫିସ, ୧।୧୦**

ଆର୍‌ଏସ୍‌ପି ଇଷ୍ଟେଟ ବିଭାଗରେ କାର୍ଯ୍ୟରତ ଜଣେ କନିଷ୍ଠ ଅଧିକାରୀଙ୍କ ଅନିୟମିତତା ବିରୋଧରେ ମଙ୍ଗଳବାର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଛି। ତୁରନ୍ତ ତାଙ୍କୁ ଏହି ପଦରୁ ଅପସାରଣ କରିବାକୁ ବହୁ କଂଗ୍ରେସ ନେତା ଦାବି କରିଛନ୍ତି। ଏହି ଅଧିକାରୀଙ୍କ ନାମରେ ଅଭିଯୋଗ କରି ଦଳର ନେତା କହିଛନ୍ତି ଯେ, ତାଙ୍କ ପଦକ୍ଷେପ ଅସହ୍ୟ ହେଲାଣି। ଫୁଟପାଥରେ ବସି ପେଟପାଟଣା ଚଳାଉଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ ସମ୍ପୃକ୍ତ ଅଧିକାରୀ ନାଲି ଆଖି ଦେଖାଇବା ସହ ବଟି ଆଦାୟ କରୁଥିବା ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ। ଏନେଇ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଜର୍ଜଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜବରଦଖଲକାରୀଙ୍କୁ ପୋତ୍ସାହିତ କରୁଥିବା ଏହି ଅଧିକାରୀ ପରବର୍ତ୍ତୀ ସମୟରେ ଏମାନଙ୍କ ଠାରୁ ବଟି ଦାବି କରୁଛନ୍ତି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ। ଏଭଳି କୁତ୍ସିତପ୍ରଥା କେବେ ଆର୍‌ଏସପି ଇଷ୍ଟେଟ କାର୍ଯ୍ୟାଳୟରେ ଶୁଣାଯାଇ ନ ଥିଲା। ଏଭଳି ବେଆଇନ କାର୍ଯ୍ୟ ସାଧାରଣରେ ତାଙ୍କୁ ନିନ୍ଦିତ କରିଛି ବୋଲି କୁହାଯାଇ




ଆର୍‌ଏସପି ଇଷ୍ଟେଟ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ଥିଲା। ଯାହା ଅସହନୀୟ ବୋଲି ପ୍ରତିନିଧି ମଣ୍ଡଳୀ ପ୍ରକାଶ କରିଥିଲେ। ଗରିବ ଅସହାୟ କ୍ଷୁଦ୍ର ବ୍ୟବସାୟୀ ପେଟପାଟଣା ପାଇଁ କ୍ୟାବିନ ଖଣ୍ଡେ କିମ୍ବା ପାଲ ଟାଣି ବ୍ୟବସାୟ କରୁଥିବା ବେଳେ ଏମାନଙ୍କୁ କର୍ତ୍ତୃପକ୍ଷ ଉତ୍କୋଚ ମାଗିବା ନିର୍ଲଜପଣିଆ ବୋଲି ପୂର୍ବ ବିଧାୟକ ତିର୍କୀ ଖବରଦାତାଙ୍କୁ କହିଥିଲେ। ଆରଏସପି ଲ୍ୟାଣ୍ଡ ବିଭାଗରେ ଏଭଳି ଅସାଧୁ ଅଧିକାରୀ ରହିଲେ କମ୍ପାନୀ ବଦନାମ ହେବା ସାର ହେବ। ଏଣୁ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବେଆଇନ କାର୍ଯ୍ୟ କଳାପ ଉପରେ ତଦନ୍ତ ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ। ଆରଏସପି କର୍ତ୍ତୃପକ୍ଷଙ୍କ ମୂଲ୍ୟବାନ ଜମି ମାଫିଆଙ୍କ କବଳକୁ ଚାଲିଯାଉଥିବା ବେଳେ ଫୁଟପାଥ ବ୍ୟବସାୟୀଙ୍କ ଉପରେ ଦାଉ ସାଧିବା ଅତ୍ୟନ୍ତ ଅନ୍ୟାୟ ଘଟଣା। ଏପରି ଅବସ୍ଥାରେ ସମ୍ପୃକ୍ତ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ନେଇ ପ୍ରତିବାଦର ସ୍ୱର ଉଠିଛି। ଏହାକୁ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେବା ଆବଶ୍ୟକ। ଭେଣ୍ଡିଂ ଜୋନ ମାଧ୍ୟମରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଥଇଥାନ କରି ଏମାନଙ୍କ ଠାରୁ ନିୟାମାନୁଷାରେ ଭଡା ଆଦାୟ କରାଗଲେ କାହାର ଆପତି ରହିବ ନାହିଁ। ଏହା ଦ୍ୱାରା ଆରଏସ୍‌ପି କର୍ତ୍ତୃପକ୍ଷ ରେଭିନ୍ୟୁ ପାଇବା ସହ ବ୍ୟବସାୟୀ ଥଇଥାନ ହୋଇ ପାରିବେ। ସେହିଭଳି ଆରଏସ୍‌ପି ଅଧିକୃତ ଅଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ପାଣି, ବିଜୁଳି, ରାସ୍ତା ଓ ପରିମଳ ସୁବିଧା ଯୋଗାଇ ଦେବାକୁ ଏଥିରେ ଦାବି କାରାଯାଇ ଥିଲା।ଏଥିରେ ତିର୍କୀଙ୍କ ସହ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ ନେତା ପ୍ରଶାନ୍ତ ସେଠୀ, କୈଳାସ ସାହୁ ଓ ସଂଜୟ ପଣ୍ଡା. ପ୍ରମୁଖ ଉପସ୍ଥିତ ଥିଲେ।



ଜୀବନ ଏପରି ବିତାନ୍ତୁ, ଯେପରି କାଲି ଆପଣଙ୍କର ଶେଷ ଦିନ ଏବଂ ଶିକ୍ଷା ଗ୍ରହଣ କରନ୍ତୁ ଏପରି ଯେପରି ଆପଣ ଏଠି ସବୁଦିନ ରହିବାର ଅଛି।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଗଞ୍ଜେଇ ଜବତ: ଜଣେ ଗିରଫ

**ହେମଗିର, ୧।୧୦ (ଡି.ଏନ.ଏ)-** ଅବକାରୀ ବିଭାଗର ଅତର୍କିତ ଚଢ଼ାଉ ଯୋଗୁ ଗଞ୍ଜେଇ ଜବତ ହେବା ସହ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ହେମଗିର ଥାନା ଅନ୍ତର୍ଗତ ବଲବସପୁର ଗ୍ରାମର ଫିଟିଙ୍ଗ ପଡାରେ ଥିବା ସୁଶିଲ ପଧାନ (୪୨)ଙ୍କ ଘରେ ଚଢ଼ାଉ କରି ଏକ କିଲୋ ସାତ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏହି ଚଢ଼ାଉ ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡାଙ୍କ ନିର୍ଦ୍ଦେଶରେ ହୋଇଥିବା ବେଳେ ଏଥିରେ ଇନ୍ସପେକ୍ଟର ସତ୍ୟଜିତ ଖଟୁଆ ସହ ସୁଧିର କୁମାର ସାହୁ ତଥା ଅନ୍ୟାନ୍ୟ ଅବକାରୀ କର୍ମଚାରୀ ସାମିଲ ଥିଲେ। ଏନେଇ ଏକ ମାମଲା (ନଂ. ୪୯/୧୯) ରୁଜୁ କରାଯାଇଛି।

### ବ୍ଲକସ୍ତରୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର

**ଲହୁଣୀପଡା, ୧।୧୦ (ଡି.ଏନ.ଏ)-** ଲହୁଣୀପଡା ରାଜୀବ ଗାନ୍ଧୀ ସେବା ସଦନଠାରେ ସୋମବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ବ୍ଲକ ସ୍ତରୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଓ ପ୍ରଶିକ୍ଷଣ ଶିବିରକୁ ବ୍ଲକ ଅଧକ୍ଷ ପଣ୍ଡିତଚରଣ ମୁଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଡିଓ ଧାନାଇଚରଣ ଟୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଶାନ ଯୋଗଦେଇଥିଲେ। କର୍ମଶାଳା ଓ ତାଲିମ ଶିବିର ସମ୍ପର୍କରେ ଭାରପ୍ରାପ୍ତ ଏପିଓ ବିଜୟ କୁମାର ଦାଶ ସୂଚନା ଦେଇଥିଲେ । ୨୦୨୦-୨୧ ଆର୍ଥିକ ବର୍ଷ ନିମନ୍ତେ ଯୋଜନା ଓ ଶ୍ରମ ଅଟକଳ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ଏହି କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି । ଏବଂ ଏହି କମିଟିରେ ପୂର୍ବତନ ସରପଞ୍ଚ, ୱାର୍ଡ ସଭ୍ୟ, ମେଟ କୃଷକ ସାଥିଙ୍କ ମଧରେ ଯିଏ ହେଲେ ତିନିଜଣ ରହିବେ। ଜିଆରଏସଙ୍କ ନେତୃତ୍ୱରେ ଏହି କାର୍ଯ୍ୟ କରାଯିବ। ଯେମିତିକି ଏମଜିଏନଆରଇଜିଏସ ଯୋଜନାରେ ଗ୍ରାମାଞ୍ଚଳରେ ମାଟି ରାସ୍ତା କରାଯାଇଛି । ଆବଶ୍ୟକ ସ୍ଥଳେ ସ୍ଥାନରେ ମୋରମ ପକାଯାଇଥିଲା । କିନ୍ତୁ ଏହି ନୂତନ ଯୋଜନା ଅନୁଯାୟୀ ରାସ୍ତାରେ ମଧ ମେଟାଲ ପକାଇ ପାରିବେ ଯାହାକି ଆଗାମୀ ଦିନରେ ଉକ୍ତ ରାସ୍ତାଟି ପିଚୁ ରାସ୍ତାରେ ପରିଣତ କରାଯାଇ ପାରିବ ବୋଲି ସୂଚନା ଦେଇଥିଲେ । ଏ ସମ୍ପର୍କରେ ସରପଞ୍ଚ, କାର୍ଯ୍ୟନିର୍ବାହୀ, ଜିଆରଏସଙ୍କ ମିଳିତ ଉଦ୍ୟମରେ ଯୋଜନା ଓ ଶ୍ରମ ଅଟକଳ ପ୍ରସ୍ତୁତ କରାଯାଇ ପାରିବ ଏଥିପାଇଁ ସହକାରୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାଯର୍ୟକ୍ରମରେ ଲହୁଣୀପଡା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଏବଂ କନିଷ୍ଠଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ ।

# ବ୍ଲକ କାର୍ଯ୍ୟାଳୟରେ ଅବ୍ୟବସ୍ଥା

**ନୂଆଗାଁ, ୧।୧୦ (ଡି.ଏନ.ଏ)**

**ନୂଆଗାଁ**
- ବ୍ଲକରେ ଶତକଡା ୫୦ ଭାଗ କର୍ମଚାରୀ ଅଭାବ
- ଭାଜପା ପକ୍ଷରୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସ୍ମାରକପତ୍ର

ରାଜ୍ୟ ପଞ୍ଚାୟତରାଜ, ନଗର ଉନ୍ନୟନ ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ନୂଆଗାଁ ବ୍ଲକ ଗସ୍ତ ଅବସରରେ ମନ୍ତ୍ରୀ ମେନମେନା ଓ ସୋରଡା ଗ୍ରାମଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀଙ୍କ ଏହି ସରକାରୀ ଗସ୍ତ ବେଶ ସଫଳ ମଧ ହୋଇଥିବା ଦେଖାଯାଇଥିଲା। ତେବେ ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ସମୟରେ ନୂଆଗାଁ ବ୍ଲକ ଭାଜପା ପକ୍ଷରୁ ମନ୍ତ୍ରୀ ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଜିଲା ସମ୍ପାଦକ ଅରୁଣ କୁମାର ପାଣିଗ୍ରାହୀ, ନୂଆଗାଁ ବ୍ଲକ (କ) ଜିଲା ପରିଷଦ ସଭ୍ୟ ଇଦ୍ରିଶ କୁଲା, ନୂଆଗାଁ ବ୍ଲକ ଭାଜପାର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ଦାସ, ମହିଳା ମୋର୍ଚ୍ଚା ସଭାପତି ଶାନ୍ତିଲତା ଗଞ୍ଜୁ, ବ୍ଲକ ସଭାପତି ଜଗତପାଲ ଅହିର, ଯୁବ ମୋର୍ଚ୍ଚା ସଭାପତି ଏମଡି ଇବ୍ରାହିମ୍, ପରିକ୍ଷିତ ସାହୁ, ଅଜିତ ତ୍ରିପାଠୀ, ମୁକେଶ ସାହୁ ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ବ୍ଲକ କାର୍ଯ୍ୟାଳୟରେ ଚାଲିଥିବା ବିଭିନ୍ନ ଅବ୍ୟବସ୍ଥା ନେଇ ଅଭିଯୋଗ ଆଣିଥିଲେ। ପ୍ରାଥମିକତା ଭିତିରେ ନୂଆଗାଁ ବ୍ଲକରେ କର୍ମଚାରୀ ଅଭାବକୁ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବ୍ଲକରେ ୨୦ଟି ପଞ୍ଚାୟତ ଥିବାବେଳେ ସେଠାରେ ପ୍ରତି ପଞ୍ଚାୟତରେ ଜଣେ ଲେଖାଏଁ ନିର୍ବାହୀ ଅଧିକାରୀ ଓ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ରହିବା ଦରକାର। ହେଲେ ଉକ୍ତ ବ୍ଲକରେ ଶତକଡା ୫୦ ଭାଗ କର୍ମଚାରୀ ଅଭାବ ଅଛନ୍ତି। ଦୁଇଟି ତିନୋଟି ପଞ୍ଚାୟତରେ ଜଣେ ଲେଖାଏଁ ନିର୍ବାହୀ ଅଧିକାରୀ ରହୁଥିବା ବେଳେ କନିଷ୍ଠ ଯନ୍ତ୍ରୀମାନେ ମଧ ଅନୁରୂପ ଭାବେ କାର୍ଯ୍ୟରତ ଅଛନ୍ତି। ଏପରିକି ଉକ୍ତ ବ୍ଲକରେ ଜଣେ କନିଷ୍ଠ ଯନ୍ତ୍ରୀ ୪ରୁ ୫ଟି ପଞ୍ଚାୟତର ଦାୟୀତ୍ୱରେ ରହୁଛନ୍ତି। ସରକାରୀ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଓ କାର୍ଯ୍ୟକରିବାର ଇଚ୍ଛା ନ ଥିବାରୁ ନୂଆଗାଁ ଭଳି ଆଦିବାସୀ ବହୁଳ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ କାର୍ଯ୍ୟ ଠିକ ଭାବରେ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଏଭଳି ନାନାଦି ସମସ୍ୟା ଦେଇ ଗତି କରୁଥିବା ଉକ୍ତ ବ୍ଲକ ପ୍ରତି ମନ୍ତ୍ରୀ ଦୃଷ୍ଟି ଦେବାକୁ ସେମାନେ ଉଲ୍ଲେଖ କରିଛନ୍ତି। ସେହିଭଳି ଗତ ୨୭ ତାରିଖ ନୂଆଗାଁ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନାଁକୁ କାଟି ମିଛ ବିଜ୍ଞାପନ ଦେଇ ଆଦର୍ଶ ସଂଘୀୟ ବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବା ବିରୋଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ସବୁକୁ ରାଜ୍ୟ ସରକାର ବିଜୁ ପକ୍କାଘର ଯୋଜନାରେ ହେଉଛି ବୋଲି କହି ଲୋକଙ୍କୁ ଭ୍ରମିତ କରୁଛନ୍ତି। ରାଜ୍ୟ ସରକାର ଏଠି କେନ୍ଦ୍ରୀୟ ଯୋଜନାକୁ ହଡପ କରି ନାଁ ବଦଳାଇ ବାହା ବାହା ନେବାକୁ ବସିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ରାଜ୍ୟ ସରକାର ହୀନ ରାଜନୀତିରୁ ନିବୃତ ରହି କେନ୍ଦ୍ର ସରକାରଙ୍କ ଅନୁଦାନକୁ ସ୍ୱୀକାର କରିବା ସହ ସମସ୍ତ ବିଜ୍ଞପ୍ତି ଓ ବିଜ୍ଞାପନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲେଖିବା ସହ ନିର୍ମାଣ ହେଉଥିବା ପକ୍କା ଘରରେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବୋଲି ଲେଖିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନୂଆଗାଁ ବ୍ଲକ ବିଡିଓଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ନୂଆଗାଁ ଭାଜପା ପକ୍ଷରୁ ଅରୁଣ ପାଣିଗ୍ରାହୀ, ପରିକ୍ଷିତ ସାହୁ, ଇଦ୍ରିଶ କୁଲା, ଜଗତପାଳ ଅହିର, ପ୍ରସନ୍ନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ପାଠଚକ୍ର

**ଲେଫ୍ରିପଡା,୧।୧୦(ଡି.ଏନ.ଏ)**

ଲେଫ୍ରିପଡା ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରମଣି ପଟେଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଶ୍ୱିନୀ କୁମାର ନାଏକ, କ୍ଷିତେଶ୍ୱର ସା, ପ୍ରଫୁଲ୍ଲ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ୨୨ଗୋଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପରେ ରାସାୟନିକ ଉପାଦାନ ମାନଙ୍କର ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣ ଉପରେ ପ୍ରଭାବ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ପାଠଚକ୍ରରେ ସୁର୍ଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଭୂମିକା ପଟେଲ ମନୋନୀତ ହୋଇଥିଲେ। ଆଗାମୀ ଜିଲାସ୍ତରୀୟ ପାଠଚକ୍ରରେ ଲେଫ୍ରିପଡା ବ୍ଲକ୍ ପକ୍ଷରୁ ମନୋନୀତ ଛାତ୍ରୀ ଭୂମିକା ଭାଗ ନେବେ ବୋଲି ବ୍ଲକ୍ ଶିକ୍ଷା ପ୍ରଶାସନ ପକ୍ଷରୁ ଜଣାପଡଛି। ପାଠଚକ୍ର କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଏବଂ ଗାଇଡ୍ ଶିକ୍ଷକ ଭାଗ ନେଇଥିଲେ।



ପାଠଚକ୍ରରେ ବ୍ଲକ ଶିକ୍ଷା ଅଧିକାରୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଡୁଡାଲଗା ମଙ୍ଗଳା ମନ୍ଦିରରେ ନବଦିନାତ୍ମକ ପୂଜା



ମନ୍ଦିର ପରିସରରେ ଘଟ ସ୍ଥାପନ କରୁଛନ୍ତି ଭକ୍ତ ।

**ବଡ଼ଗାଁ, ୧।୧୦ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା ଗ୍ରାମରେ ଥିବା ମା' ମଙ୍ଗଳା ମନ୍ଦିରରେ ସୋମବାରଠାରୁ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ରବିବାର ମନ୍ଦିର କମିଟି ସଭାପତି ଦିବ୍ୟଲୋଚନ ଜେନା, ହିମାଂଶୁ ବେହେରା, ଜଗଦିଶ ମୁଦୁଲି, ଫକୀର ଜେନା, ସନ୍ତୋଷ ମାଝୀ, ତ୍ରିନାଥ ପାତ୍ର, ସୁଧିର ନାଏକ ଓ ଜନାର୍ଦ୍ଦନା ପୁରୋହିତ ୯ଜଣ କଳସ ଶୋଭାଯାତ୍ରା କରିବା ପରେ ମନ୍ଦିରରେ ଘଟ ସ୍ଥାପନ କରାଯାଇଥିଲା । ଚଳିତ ବର୍ଷ ଦିବ୍ୟଲୋଚନ ଜେନା କର୍ତ୍ତା ଓ ଦିବ୍ୟଲୋଚନ ମିଶ୍ର ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜା ୮ ତାରିଖ ସମାପନ ହେବ। ସୂଚନାଯୋଗ୍ୟ ଯେ, ୨୦୦୫ ମସିହାରେ ମନ୍ଦିର ପ୍ରତିଷ୍ଠା ହେବାଠାରୁ ପ୍ରତିବର୍ଷ ନବଦିନାତ୍ମକ ପୂଜା ହୋଇ ଆସୁଛି।

## ବରିଷ୍ଠ ନାଗରିକ ଦିବସ ପାଳିତ

**ବାଲିଶଙ୍କରା, ୧।୧୦ (ଡି.ଏନ.ଏ)–** ବାଲିଶଙ୍କରା ବ୍ଲକର ଅନ୍ତରାଷ୍ଟ୍ରୀୟ ବରିଷ୍ଠ ନାଗରିକଙ୍କ ଦିବସ ବିଡିଓ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଯାଇଛି। ଏଥିରେ ବ୍ଲକର ୧୯ ପଞ୍ଚାୟତର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଏହି ଉତ୍ସବରେ ୯୮ଜଣ ବରିଷ୍ଠ ନାଗରିକମାନେ ଆସି ପଞ୍ଜିକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ମଧ୍ୟ ନେଇଥିଲେ । ସେହିପରି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ ଡକାଇ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ଭୂମିକା ଓ ଅବଦାନ ଭିତରେ କୁଇଜ ପ୍ରତିଯୋଗିତା କରାଯାଇଥିଲା । ସ୍ୱାସ୍ଥ୍ୟ ପରୀକ୍ଷାରେ ଡା. ପ୍ରାଙ୍କିଳ କୁଜୁର, ଡା. କିଶନ କୁମାର ସାହୁ, ଡା. କୃଷ୍ଣ ଚନ୍ଦ୍ର ସରାଫ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ମୁଖ୍ୟଅତିଥି ରୂପେ ବିଡିଓ ଅଭିମନ୍ୟୁ ବେହେରା, ସମ୍ମାନୀୟ ଦିନବନ୍ଧୁ ସାଏ, ପ୍ରଦୀପ ନନ୍ଦ, କୁଞ୍ଜବିହାରୀ ପଟେଲ ଉପସ୍ଥିତ ରହିଥିଲେ।

■ ବୁଲେଟ ଗାଡି ଋଣ କରାଇଦେବା ପ୍ରଲୋଭନ

## ୪୫ ହଜାର ଟଙ୍କା ଠକେଇ: ଅଭିଯୁକ୍ତ ଗିରଫ

**ବେଦବ୍ୟାସ, ୧।୧୦ (ଡି.ଏନ.ଏ.)**

ବୁଲେଟ ଗାଡ଼ି ଋଣ କରାଇଦେବା ପ୍ରଲୋଭନ ଦେଖାଇ ୪୫ ହଜାର ଟଙ୍କା ଠକେଇ ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ରାଉରକେଲା ସେକ୍ଟର ୬ର ଭବତିପାଲି ନିବାସୀ ଜିତୁ ଓରଫ ଜିତେନ୍ଦ୍ର ଆପଟ (୨୪)। ପୋଲିସ ସୂଚନାନୁଯାୟୀ, ଜିତେନ୍ଦ୍ର ଆପଟଙ୍କ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଚୁଙ୍ଗିମାଟି ବସ ପ୍ରତୀକ୍ଷାଳୟ ନିକଟରେ ଏକ ଜେରକ୍ସ ଦୋକାନ ଥିଲା। ଅଭିଯୋଗକାରୀ ଚୁଙ୍ଗିମାଟି ନିବାସୀ ମହେନ୍ଦ୍ର ଏକ୍କା ଏକ ବୁଲେଟ ଗାଡି ଋଣ କରିବା ନିମନ୍ତେ ପାନକାର୍ଡ ଆବଶ୍ୟକ ହେଉଥିବାରୁ ଅଭିଯୁକ୍ତଙ୍କ ଜେରକ୍ସ ଦୋକାନକୁ ଯାଇ କହିଥିଲେ। ହେଲେ ଅଭିଯୁକ୍ତ ପାନକାର୍ଡ ବନାଇ ଦେବି ଓ ବୁଲେଟ ଗାଡି ମଧ ଋଣ କରିଦେବି ପ୍ରଲୋଭନ ଦେଖାଇ ବିଭିନ୍ନ ସମୟରେ ଅଭିଯୋଗକାରୀଙ୍କଠାରୁ ପ୍ରାୟ ୪୫ ହଜାର ଟଙ୍କା ଠକି ନେଇଯାଇଥିଲେ।



ଜିତେନ୍ଦ୍ର ଆପଟ।

ଅଭିଯୋଗକାରୀ ବୁଲେଟ ଗାଡ଼ି କିଣିବା ନେଇ ସାଙ୍ଗ ରୋହିତ କୁମାର ବକ୍ସଲାଙ୍କୁ ଜଣାଇଥିଲେ। ଫଳରେ ରୋହିତ ନିଜ ବ୍ୟାଙ୍କ ଖାତାରୁ ୫ହଜାର ଟଙ୍କା ୩।୯।୨୦୧୯ରେ ଅଭିଯୁକ୍ତଙ୍କ ବ୍ୟାଙ୍କ ଖାତାରେ ଜମା କରିଥିଲେ। ଅଭିଯୋଗକାରୀଙ୍କଠାରୁ ୨୧।୯।୨୦୧୯ରେ କଲୁଙ୍ଗାକରତ କଳ ଛକରୁ ୨୦ ହଜାର ଟଙ୍କା ଓ ୨୪।୯।୨୦୧୯ରେ ବେଦବ୍ୟାସ ଛକରୁ ନଗଦ ୨୦ ହଜାର ଏମିତି ମୋଟ ୪୫ ହଜାର ଟଙ୍କା ଠକି ନେଇଥିଲେ। ହେଲେ ବୁଲେଟ ଗାଡି ଋଣ କରିବାରେ ବିଳମ୍ୱ ହେବାରୁ ସେ ବାରମ୍ବାର ଅଭିଯୁକ୍ତଙ୍କୁ ଅନୁରୋଧ କରିଥିଲେ। ବିଫଳ ହେବାରୁ ଅଭିଯୋଗକାରୀ ବ୍ରାହ୍ମଣୀତରଙ୍ଗ ଥାନାରେ ମଙ୍ଗଳବାର ଠକେଇ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା (ନଂ. ୨୩୯/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ଏକ ମୋବାଇଲ ଓ ବ୍ୟାଙ୍କ ପାସ ବୁକ ଜବତ କରିଛି।



ବଣାଇରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ବରିଷ୍ଠ ନାଗରିକ ଦିବସରେ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା

**ବଣାଇ, ୧।୧୦(ସ୍ୱ.ପ୍ର.)**

ବଣାଇଠାରେ ମଙ୍ଗଳବାର ଆନ୍ତର୍ଜାତିକ ବରିଷ୍ଠନାଗରିକଦିବସମହାସମାରୋହରେ ପାଳିତ ହୋଇଯାଇଛି। ବଣାଇ ପଞ୍ଚାୟତ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ରାଜାଧରଣୀଧର ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ପରେ ଆୟାଜିତ ଏକ ଉତ୍ସବରେ ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର ବିଭୂତୀ ଭୂଷଣ ପାତ୍ର, ରାଜାଧରଣୀଧର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ସାଏ, ବଣାଇଗଡ଼ ସରପଞ୍ଚ ବସନ୍ତ ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସରକାର କରୁଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ବୁଝାଇଥିଲେ। ସେହିପରି ପାଲା ଗାୟକ ଖଗେଶ୍ୱର ବାରିକ ତାଙ୍କ ସାଥି ହୃଦାନନ୍ଦ ବେହେରା ଦାଶକାଠିଆ ପରିବେଷଣ କରିଥିଲେ। ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ମାଗଣା ଚିକିତ୍ସା ଶିବିର ଓ ଔଷଧ ବିତରଣ କରାଯାଇଥିଲା। ଅତିଥି ମାନେ ବରିଷ୍ଠ ନାଗରିକଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସହ ତାଙ୍କ ପାଇଁ ବିଭିନ୍ନ ଯୋଜନାରେ ମିଳୁଥିବା ଭତ୍ତା ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟ ମାନଙ୍କ ଦ୍ୱାରା ଅୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସହକାରୀ ଯନ୍ତ୍ରୀ ଭୀମଚରଣ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଅନୁପମା ନାଗ, ରୁକମଞ୍ଜରୀ ସିହ୍ନ, ବଣାଇ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ନଗେନ୍ଦ୍ର ଦାଶ ସହାୟତା କରିଥିଲେ। ଶେଷରେ ରାଜାଧରଣୀଧର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ରୀଛାତ୍ର ଶୃଙ୍ଖଳିତ, ସହନଶୀଳତା ହେବା ଜରୁରୀ

**ଲେଫ୍ରିପଡା,୧।୧୦(ଡି.ଏନ.ଏ)**

ବିଦ୍ୟାଳୟର ଛାତ୍ରୀଛାତ୍ର ଶୃଙ୍ଖଳା, ସହନଶୀଳତା ଏବଂ ସହିଷ୍ଣୁତା ହୋଇ ବିଦ୍ୟା ଅଧ୍ୟୟନ କଲେ ନିଶ୍ଚିତ ଭାବେ ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ କହିଛନ୍ତି। ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗିରିଙ୍ଗକେଲା କେଶବ ଚନ୍ଦ୍ର ପୃଷେଠ୍ ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ଏବଂ ପ୍ରେକ୍ଷାଳୟ ଉଦ୍‌ଘାଟନୀ ଉତ୍ସବରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ଟପ୍ପୋ ଯୋଗଦେଇ ଏହି ମତାମତ ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ, ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ସନ୍ଦରଗଡ ଜିଲା ଯୁବ ବିଜୁଜନତା ଦଳର ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପୃଷେଠ୍ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟାସଭ୍ୟ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ନବନିର୍ମିତ ଅତିରିକ୍ତ ଗୃହ ଏବଂ ପ୍ରେକ୍ଷାଳୟ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତୃଘ୍ନ ମିଶ୍ର ବିବରଣୀ ପଠନ କରି ମୁଖ୍ୟଅତିଥିଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଭବ୍ୟସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସୁନ୍ଦରଗଡ ଜିଲା ଖୋ ଖୋ ଚାମ୍ପିୟନଶିପ୍ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରେ ସଫଳତା ଅର୍ଜନ କରିଥିବା ଛାତ୍ରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ପରିଚାଳନା ସଭ୍ୟ ତଥା ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ଗୁର୍ଲିହାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।



ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଉଛି।

## ବ୍ଲକସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ସମାରୋହ

**ଲେଫ୍ରିପଡା,୧।୧୦(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ବୈଠକ ଗୃହରେ ବ୍ଲକ୍‌ସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲେଫ୍ରିପଡା ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇବା ଦିଗରେ ସଚେତନ ହେବା ପାଇଁ ରାଲି କରାଯାଇ ଗ୍ରାମରେ ପରିକ୍ରମା କରାଯାଇଥିଲା। ଆୟୋଜିତ ବୈଠକରେ ବୟସ୍କ ମହିଳାଙ୍କ ଦ୍ୱାରା କେକ୍ କଟାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଜଣାଇବା ସକାଶେ ସଚେତନ କରିବା କ୍ଷେତ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ



ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ନେଇ ଏକ ତର୍କ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଜୁନିୟର ଗ୍ରୁପ୍‌ରେ ପ୍ରଥମ ଭାବେ ସୁର୍ଗଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚନା ପ୍ରଧାନ ମନୋନୀତ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଅମ୍ରିତା ବେହେରା, ତୃତୀୟ ସ୍ଥାନରେ ଜୟରାମ ଉଚ୍ଚ ବିଦ୍ୟାଳୟର ଛାତ୍ର ଅକ୍ଷରିତ୍ ମିଂଜ, ଚତୁର୍ଥ ସ୍ଥାନରେ ଗିରିଙ୍ଗକେଲା ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ର ବିଦ୍ୟା ବାଗ୍ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଛଟେନପାଲିର ଛାତ୍ରୀ କିରଣ ସୁନାନୀ ମନୋନୀତ ହୋଇଥିଲେ। ସେହିପରି ସିନିୟର ଗ୍ରୁପ୍‌ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପଲ୍ଲବୀ ସିଂ ପ୍ରଥମ ସ୍ଥାନ ହୋଇଥିଲେ। ସିପିଜିପି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନିନୀ ମହାନନ୍ଦିଆ ଦ୍ୱିତୀୟ, ଗିରିଙ୍ଗକେଲା କେସିପି ଉଚ୍ଚ ବିଦ୍ୟାଳୟର ଛାତ୍ର ସଞ୍ଜୟ ପ୍ରଧାନ ତୃତୀୟ, ସର୍ଗିପାଲି ଉଚ୍ଚ ବିଦ୍ୟାଳୟର ଛାତ୍ର ଜଗନ ଓରାମ୍ ଚତୁର୍ଥ ଏବଂ ଜୟରାମ ହାଇସ୍କୁଲ ଲେଫ୍ରିପଡାର ଛାତ୍ର ଅମନ ରାଜା ଆଲାମ୍ ପଞ୍ଚମ ସ୍ଥାନରେ ମନୋନୀତ ହୋଇଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉପସ୍ଥିତ ହୋଇଥିବା ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ପ୍ରଶାସନ ପକ୍ଷରୁ ମାଗଣା ଚିକିତ୍ସା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧରଣୀଧର ପ୍ରଧାନ, ପ୍ରଭାସ ନାଏକ, ରୋହିତ ପଟ୍ଟନାୟକ,ସିଇଓ ରବିଶଙ୍କର ଭିତ୍ରିଆ ପ୍ରମୁଖ ବ୍ଲକ୍ କର୍ମଚାରୀ ପରିଚାଳନା ଦିଗରେ ସକ୍ରିୟ ସହଯୋଗ କରିଥିଲେ।